# ଧରିତ୍ରୀ
DHARITRI

ଗୁରୁବାର, ମେ ୨୧/୨୦୨୦ (୨୦ ପୃଷ୍ଠା) | Thursday, May 21/2020

୪୬ଶ ଭାଗ ୧୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସୋସିଆଲ ମିଡିଆରେ ନୋରା ଆକ୍ଟିଭ୍**

ବଲିଉଡ୍‌ର ଡାନ୍ସିଂ କୁଇନ୍ ନୋରା ଫତେହି ଲକ୍‌ଡାଉନ ସମୟରେ ଘରେ ରହି ସୋସିଆଲ୍ ମିଡିଆରେ ବେଶ୍ ଆକ୍ଟିଭ୍ ଅଛନ୍ତି। ତାଙ୍କର ଏକ ଭିଡିଓ ଏବେ ଚର୍ଚ୍ଚାକୁ ଆସିଛି।

୦୯

୨୦

**ବିସିସିଆଇ ଅର୍ଥର ଠିକଣା ଉପଯୋଗ ହୋଇନାହିଁ**

ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡକୁ ବିସିସିଆଇ ଦେଇଥିବା ୫ ଲକ୍ଷ ଡଲାରର ଠିକଣା ଉପଯୋଗ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି ମହାନ୍ ଫାଷ୍ଟ ବୋଲର ମାଇକେଲ ହୋଲ୍ଡିଂ ।



# ବର୍ତ୍ତିଲା ଓଡ଼ିଶା

## ଝଡ଼ବର୍ଷାରେ ଉପକୂଳ ବେହାଲ

### ସୁନ୍ଦରବନରେ ସ୍ଥଳଭାଗ ଛୁଇଁଲା 'ଅମ୍ଫନ୍'



ବାତ୍ୟା ଅମ୍ଫନ୍ ପ୍ରଭାବରେ ବୁଧବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିକୁ ମାଡି ଆସିଛି ଜୁଆର।



ବାତ୍ୟା ସମୟରେ ବାଲେଶ୍ୱର ଜିଲା ବସ୍ତା-ବାଲିଆପାଳ ରାସ୍ତାରେ ଗଛ ପଡି ଅବରୋଧ ହୋଇଛି। (ଅଧିକ ଖବର ଓ ଫଟୋ: ପୃଷ୍ଠା-୩, ୧୦)

■ ପାରାଦୀପରେ ୧୦୬ କି.ମି. ପବନ
■ କାନ୍ଥ ପଡ଼ି ଶିଶୁର ଜୀବନ ଗଲା
■ ବାଲେଶ୍ୱର, ଜଗତ୍‌ସିଂହପୁରରେ ୨ ମୃତ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ 'ଅମ୍ଫନ୍' ପ୍ରକୋପରୁ ବର୍ତ୍ତିଯାଇଛି ଓଡ଼ିଶା। ବର୍ଷକ ପରେ ଫନୀର କ୍ଷତ ଶୁଖି ନ ଥିଲା ବେଳେ ଅମ୍ଫନ୍ ଭଳି ଆଉ ଏକ ବିପତ୍ତି ରାଜ୍ୟବାସୀଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ପବନର ବେଗ କମ୍ ଥିବା ଯୋଗୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଝଡ଼ ମହାବାତ୍ୟା ରୂପ ନେଇଥିଲେ ମଧ୍ୟ ଉପକୂଳକୁ ଆସିବାବେଳକୁ ଧୀରେ ଧୀରେ ପ୍ରକୋପ ହ୍ରାସ ପାଇବାରେ ଲାଗିଥିଲା। ଓଡ଼ିଶା ଉପକୂଳରୁ ପ୍ରାୟ ଦେଢ଼ ଶହ କି.ମି. ଦୂର ଦେଇ ଗତି କରିଥିବାରୁ ଧନଜୀବନ ରକ୍ଷା ପାଇଯାଇଛି ବୋଲି ପାଣିପାଗ ବିଶେଷଜ୍ଞ ମତ ଦେଇଛନ୍ତି। ବୁଧବାର ପାହାନ୍ତାରୁ ବାତ୍ୟା ପ୍ରକୋପ ଆରମ୍ଭ ହୋଇଥିଲା। ସୁ ସୁ ଗର୍ଜନ କରି ସ୍ଥଳଭାଗ ଆଡକୁ ମାଡ଼ିଆସିଥିଲା। ଅମ୍ଫନ୍ ଯେତେ ନିକଟତର ହେଉଥିଲା ଏହାର ପ୍ରଭାବ ସେତେ ଭୟଙ୍କର ହେବାରେ ଲାଗିଥିଲା। ଝଡ଼ବର୍ଷା ଆରମ୍ଭ ହେବା ଫଳରେ ଉପକୂଳ ବେହାଲ ହୋଇପଡିଛି। ବାତ୍ୟା ଗତିପଥ ପୂର୍ବ ସୂଚନା ଅନୁଯାୟୀ ଠିକ୍ ରହିବା ଯୋଗୁ ଓଡ଼ିଶା ଉପରେ ଏହାର ପ୍ରଭାବ ସେତେଟା ପଡ଼ି ନ ଥିଲା। କେତେକ ସ୍ଥାନରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ସହ ଚାଳଘର ନଷ୍ଟ ହୋଇଛି। ତେବେ କ୍ଷୟକ୍ଷତି ପରିମାଣ ଅଧିକ ହୋଇ ନ ଥିବା ଜଣାପଡ଼ିଛି। ଗୋଟିଏ ପଟେ କରୋନା ମହାମାରୀ ସହ ରାଜ୍ୟବାସୀ ଲଢୁଥିବାବେଳେ ଅନ୍ୟପଟେ ବାତ୍ୟା ଭୟ ଉପକୂଳବାସୀଙ୍କ ନିଦ ହଜାଇ ଦେଇଥିଲା। ଅମ୍ଫନ୍ ଅପସରି ଯାଇଥିବାରୁ ସମୁଦ୍ରକୂଳିଆ ଜିଲାର ଲୋକମାନେ ଆଶ୍ୱସ୍ତ ହୋଇଛନ୍ତି।

ସାମୁଦ୍ରିକ ଝଡ଼ 'ଅମ୍ଫନ୍' ବୁଧବାର ଅପରାହ୍ନରେ ପଶ୍ଚିମବଙ୍ଗର ସୁନ୍ଦରବନ ଦେଇ ଅତିକ୍ରମ କରିଛି। ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ଘଣ୍ଟା ପ୍ରତି ୧୬୫ରୁ ୧୮୫ କି.ମି. ଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ପକ୍ଷରୁ ସୂଚନା ଦିଆଯାଇଛି। ଝଡ଼ ଧୀରେ ଧୀରେ ଦୁର୍ବଳ ହୋଇଥିଲେ ହେଁ ଏହାର ପ୍ରଭାବରେ ପଶ୍ଚିମବଙ୍ଗରେ ବହୁ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି।

ଏହି ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳଠାରୁ ୧୨୦ କି.ମି. ଦୂର ଉତ୍ତର, ଉତ୍ତର-ପଶ୍ଚିମ ଦିଗ ଦେଇ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଆଡକୁ ☞ପୃଷ୍ଠା-୪

# ହଜାରେ ଟପିଲା ଆକ୍ରାନ୍ତ ସଂଖ୍ୟା

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)/ ଭବାନୀପାଟଣା (ସ୍ୱ.ପ୍ର.)**

**ଆଉ ଜଣେ ମୃତ, ରାଜ୍ୟରେ ମୃତ୍ୟୁ ସଂଖ୍ୟା ୬**

■ ରାଜ୍ୟରେ ପୁଣି ୮୫ ପଜିଟିଭ୍ ଚିହ୍ନଟ
■ ମାଲକାନଗିରିରେ ପ୍ରବେଶ କଲା କରୋନା
■ ମାସକ ପରେ କଳାହାଣ୍ଡିରେ ସଂକ୍ରମିତ ଚିହ୍ନଟ



ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଯାଇଛି। ନୂଆ ୮୫ଜଣ ଚିହ୍ନଟ ହେବାପରେ ମୋଟ ପଜିଟିଭ୍ ସଂଖ୍ୟା ୧୦୬୩କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟର ଆଉ ଗୋଟିଏ ଜିଲାରେ କରୋନା ପ୍ରବେଶ କରିଛି। ମାଲକାନଗିରିରେ ପ୍ରଥମଥର ୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ୨୪ ଜିଲାରେ କରୋନା ସଂକ୍ରମିତ ହୋଇଛି। ତେବେ ନୂଆ ସଂକ୍ରମିତଙ୍କ ମଧ୍ୟରୁ ବୌଦ୍ଧରେ ସର୍ବାଧିକ ୨୮ଜଣ ଚିହ୍ନଟ ହୋଇଥିବାବେଳେ ପୁରୀରେ ୧୧, କଳାହାଣ୍ଡି ୧୧, କଟକ ୯, ଖୋର୍ଦ୍ଧା ୭, ଗଞ୍ଜାମ ୬, ଯାଜପୁର ୬, କେନ୍ଦ୍ରାପଡ଼ା ୨, ବାଲେଶ୍ୱର, ଢେଙ୍କାନାଳ ଓ କନ୍ଧମାଳରେ ଜଣେ ଲେଖାଏ ରହିଛନ୍ତି। ୮୨ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୩ ଲୋକାଲ କେସ୍ ରହିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୭୪ ନୂଆ ଆକ୍ରାନ୍ତଙ୍କ ତଥ୍ୟ ଦିଆଯାଇଥିବାବେଳେ ଓ କଳାହାଣ୍ଡି ଜିଲାପାଳ ଅନ୍ୟ ☞ପୃଷ୍ଠା-୪

## କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପ୍ରବାସୀଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ/ଓଡଗାଁ, ୨୦।୫(ସ୍ୱ.ପ୍ର.)**

■ ତେଲ ଲଗାଇବାବେଳେ ଟଳି ପଡିଲେ

ନୟାଗଡ ଜିଲା ଓଡଗାଁ ଥାନା ବାହାଡାଝୋଲା ବାଳିକା ଉଚ୍ଚ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଜଣେ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଜକୃଷ୍ଣ ବେହେରା (୩୨), ଘର ନୂଆଗାଁ ଥାନା ହରିପୁର ଗାଁରେ। ଭଜକୃଷ୍ଣ ତାମିଲନାଡୁରୁ ଆସିଥିଲେ। ବୁଧବାର ଜଳଖିଆ ଖାଇ ବିଶ୍ରାମ ନେଇଥିଲେ। ପରେ ସ୍ନାନ କରିବା ପାଇଁ ତେଲ ଲଗାଇବାବେଳେ ହଠାତ୍ ଟଳି ପଡିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ମୃତଦେହ ଗାଁକୁ ପଠାଯାଇଥିଲା। ହେଲେ ଗାଁ ଲୋକେ ଶ୍ମଶାନରେ ମୃତଦେହ ସଂସ୍କାର କରାଇ ଦେଇ ନ ଥିଲେ। ସେମାନଙ୍କ ଯୁକ୍ତି ଥିଲା ଭଜକୃଷ୍ଣ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ତାଙ୍କର ସ୍ୱାବ୍ ଟେଷ୍ଟ ହୋଇ ନ ଥିଲା। ସେ କରୋନାରେ ପୀଡିତ କି ନୁହେଁ ଡାକ୍ତର ବିନା ବ୍ୟବଚ୍ଛେଦରେ କିପରି ଜାଣିଲେ। ବ୍ୟବଚ୍ଛେଦ ନ କଲେ ଗାଁ ଶ୍ମଶାନରେ ମୃତଦେହ ସଂସ୍କାର ହୋଇ ପାରିବନି। ନୂଆଗାଁ ବିଡିଓ ଓ ତହସିଲଦାର, ଓଡଗାଁ ଥାନା ଏବଂ ବାହାଡାଝୋଲା ଫାଣ୍ଡି ☞ପୃଷ୍ଠା-୪

# କୋଣାର୍କ ହେବ ସୂର୍ଯ୍ୟନଗରୀ

**ସୌରଶକ୍ତିରେ ପରିଚାଳିତ ହେବ ସମ୍ପୂର୍ଣ୍ଣ ସହର**



■ ସୌର ଆଲୋକରେ ଆଲୋକିତ ହେବ ସୂର୍ଯ୍ୟ ମନ୍ଦିର
■ ୨୫ କୋଟିର ସୌର ପ୍ରକଳ୍ପ ପାଇଁ ଅନୁଦାନ ଦେବ କେନ୍ଦ୍ର
■ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବ 'ଓରେଡା'

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ଅର୍କକ୍ଷେତ୍ର କୋଣାର୍କର ବିକାଶ ଲାଗି କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସୂର୍ଯ୍ୟ ମନ୍ଦିର ସମେତ ସହରକୁ ସମ୍ପୂର୍ଣ୍ଣଭାବେ ସୌରଚାଳିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ବୁଧବାର ଘୋଷଣା କରିଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜକୁମାର ସିଂହ କହିଛନ୍ତି, କୋଣାର୍କର ସୂର୍ଯ୍ୟ ମନ୍ଦିର ଓ ସହରକୁ ସୂର୍ଯ୍ୟନଗରୀ ଭାବେ ବିକଶିତ କରାଯିବ। ପ୍ରାଚୀନ ସୂର୍ଯ୍ୟ ମନ୍ଦିରରେ ଆଧୁନିକ ପ୍ରଣାଳୀରେ ସୌରଶକ୍ତିର ବ୍ୟବହାର ଦ୍ୱାରା ଏକ ଅପୂର୍ବ ସମନ୍ୱୟ ସୃଷ୍ଟିହେବ। ସୂର୍ଯ୍ୟଙ୍କ କିରଣରେ ସୂର୍ଯ୍ୟମନ୍ଦିର ଆଲୋକିତ ହେବ। ଯୋଜନା ଅଧୀନରେ ☞ପୃଷ୍ଠା-୪

# ୨୫ରୁ ଘରୋଇ ବିମାନ ସେବା

**ନୂଆଦିଲ୍ଲୀ,୨୦।୫**

ଦେଶ ମଧ୍ୟରେ କରୋନା ପ୍ରଭାବ କମୁ ନ ଥିବାରୁ ବର୍ତ୍ତମାନ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ଉଡାଣ ବନ୍ଦ ରହିଛି। ଏଭଳି ସ୍ଥିତିରେ ମେ ୨୫ରୁ ଦେଶରେ ବିମାନ ସେବା ଧୀରେ ଧୀରେ ସ୍ୱାଭାବିକ ହେବାକୁ ଯାଉଛି। ସୋମବାରଠାରୁ ଲୋକେ ବିମାନ ସେବା ପାଇବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର ଟୁଇଟ୍ କରିଛନ୍ତି। ସେବା ଆରମ୍ଭ ନେଇ ବିମାନବନ୍ଦର ଏବଂ ସେବା ଯୋଗାଣକାରୀ କମ୍ପାନୀଗୁଡିକୁ ବର୍ତ୍ତମାନ ଅବଗତ କରାଯାଉଛି। ବିମାନ ଯାତ୍ରୀଙ୍କ ଲାଗି ମନ୍ତ୍ରଣାଳୟ ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେଜ୍ୟୁର(ଏସ୍‌ଓପି) ଜାରି କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମାର୍ଚ୍ଚ ଶେଷ ଭାଗରୁବିମାନସେବାକୁବନ୍ଦରଖାଯାଇଛି।

# ଡବ୍ଲ୍ୟୁଏଚ୍‌ଓ କାର୍ଯ୍ୟନିର୍ବାହୀ ବୋର୍ଡ ଅଧ୍ୟକ୍ଷ ହେଲେ ହର୍ଷବର୍ଦ୍ଧନ



**ନୂଆଦିଲ୍ଲୀ,୨୦।୫**

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କାର୍ଯ୍ୟନିର୍ବାହୀ ବୋର୍ଡର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବର୍ତ୍ତମାନ ଅଧ୍ୟକ୍ଷ ଥିବା ଜାପାନର ଡ. ହିରୋକି ନାକାଟାନିଙ୍କ ସ୍ଥାନରେ ସେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିବେ। ଡବ୍ଲ୍ୟୁଏଚ୍‌ଓ ହେଉଛି ଜାତିସଂଘର ଏକ ସ୍ୱତନ୍ତ୍ର ସଂସ୍ଥା ଯାହା ବିଶ୍ୱ ଜନସ୍ୱାସ୍ଥ୍ୟର ଦାୟିତ୍ୱ ନେଇଥାଏ। ଏହାର କାର୍ଯ୍ୟନିର୍ବାହୀ ବୋର୍ଡରେ ୩୪ ଜଣ ସଦସ୍ୟ ଅଛନ୍ତି। ମଙ୍ଗଳବାର ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀରେ ଭାରତର ପ୍ରତିନିଧି ହର୍ଷବର୍ଦ୍ଧନଙ୍କୁ ଅଧ୍ୟକ୍ଷ ନିଯୁକ୍ତ କରିବା ପ୍ରସ୍ତାବରେ ୧୯୪ଟି ସଦସ୍ୟ ରାଷ୍ଟ୍ର ସ୍ୱାକ୍ଷର କରିଥିଲେ। ସେ ୩ ବର୍ଷ ପାଇଁ ଏହି ପଦବୀରେ ରହିବେ। ଗତବର୍ଷ ଡବ୍ଲ୍ୟୁଏଚ୍‌ଓର ଦକ୍ଷିଣ-ପୂର୍ବ ଏସିଆ ସଂଗଠନ ଏହା ଘୋଷଣା କରିଥିଲା।

# ୟୁପିଏସ୍‌ସି ପରୀକ୍ଷା ଘୁଞ୍ଚିଲା

■ ଜୁନ୍ ୫ ବୈଠକରେ ପରବର୍ତ୍ତୀ ନିଷ୍ପତ୍ତି

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ହେବାକୁ ଥିବା ସମସ୍ତ ପରୀକ୍ଷା ଓ ସାକ୍ଷାତ୍‌କାରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଯାଇଛି। ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଉଠିବା ପରେ ବୁଧବାର ଆୟୋଗ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍‌ରେ ବିଭିନ୍ନ କଟକଣା ଲାଗିଥିବାରୁ ପରୀକ୍ଷା ଆୟୋଜନ କରିବା ସମ୍ଭବପର ନୁହେଁ ବୋଲି କୁହାଯାଇଛି। ଏହି ପର୍ଯ୍ୟାୟ ଲକ୍‌ଡାଉନ୍ ସରିବା କ୍ଷଣି ପରିସ୍ଥିତିର ସମୀକ୍ଷା କରି ପରୀକ୍ଷା ଆୟୋଜନ ନେଇ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ। ଜୁନ୍ ୫ରେ ହେବାକୁ ଥିବା ଆୟୋଗର ପରବର୍ତ୍ତୀ ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବ। କରୋନା ପାଇଁ ଗତ ଦୁଇମାସ ହେଲା ବାତିଲ ହୋଇଥିବା ୟୁପିଏସ୍‌ସିର ବିଭିନ୍ନ ପରୀକ୍ଷା ଓ ସାକ୍ଷାତକାର ପାଇଁ ନୂଆ ତାରିଖ ପ୍ରକାଶ ପାଇବ। ଏ ସମ୍ପର୍କରେ ଆବେଦନକାରୀମାନେ ୟୁପିଏସ୍‌ସିର ୱେବ୍‌ସାଇଟ୍‌ରେ ସମ୍ପୂର୍ଣ୍ଣ ତଥ୍ୟ ପାଇପାରିବେ ବୋଲି ସୂଚନା ଦିଆଯାଇଛି।


**ଆଜିର ସମ୍ପାଦକୀୟ**

କଫକାରକ ଖାଦ୍ୟ


# ଶ୍ରମ ଆଇନରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୨୦।୫**

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନବିରୋଧୀ ସ୍ୱେଚ୍ଛାଚାରୀ ପଦକ୍ଷେପ ଏବଂ ରାଜ୍ୟ ସରକାରମାନଙ୍କ ପକ୍ଷରୁ ଶ୍ରମ ଆଇନରେ କରାଯାଇଥିବା ପରିବର୍ତ୍ତନର ପ୍ରତିବାଦରେ ୧୦ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ମେ ୨୨ରେ ଦେଶବ୍ୟାପୀ ବନ୍ଦପାଳନ ପାଇଁ ଆହ୍ୱାନ ଦେଇଛନ୍ତି। ଆଇନରେ ଏହି ସଂଶୋଧନ ଯୋଗୁ ଶ୍ରମିକମାନେ ଅଧିକ ନିଷ୍ଠୁର ଓ କ୍ରୂର ଶୋଷଣର ଶିକାର ହେବେ ବୋଲି ଶ୍ରମ ସଙ୍ଗଠନଗୁଡ଼ିକ ସମାଲୋଚନା କରିଛନ୍ତି। ୨୦୧୪ ପରଠାରୁ ଭାରତର ଶ୍ରମ ଆଇନଗୁଡ଼ିକୁ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପୁରାତନ, ଜଟିଳ ଓ ପ୍ରତିବନ୍ଧକ ବୋଲି ଦର୍ଶାଇ କେନ୍ଦ୍ର ସରକାର ସେଥିରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ନାନା ପ୍ରକାର ପଦକ୍ଷେପ ନେଉଛନ୍ତି। ଶିଷ୍ଟ ଭାଷାରେ ଏହାକୁ 'ଶ୍ରମ ଆଇନ ସଂସ୍କାର' ବୋଲି ଅଭିହିତ କରାଯାଉଥିବାବେଳେ ବର୍ତ୍ତମାନର ଆଇନରେ ସଂଶୋଧନ, ନୂଆ ଆଇନ ପ୍ରଣୟନ, ନୂଆ ଆଇନର କାର୍ଯ୍ୟକାରିତା, ଆଇନର ସଂହିତାକରଣ (କୋଡିଫିକେଶନ୍) ଓ ଆଡ୍‌ଭାଇଜରି ସମ୍ପର୍କିତ ପ୍ରସଙ୍ଗ, ମଡେଲ୍ ବିଲ୍ ☞ପୃଷ୍ଠା-୪

## ଘଣ୍ଟାକୁ ଶହେ ବର୍ଷ ପଛକୁ ଘୁଞ୍ଚାଇଦେବ

**ଅର୍ଥନୀତି ଉପରେ କୋଭିଡ୍-୧୯ ଲକ୍‌ଡାଉନ୍‌ର ପ୍ରଭାବ ଆଳରେ ଶ୍ରମ ଆଇନକୁ ଉଚ୍ଛେଦ କରାଯାଇ ପାରିବ ନାହିଁ।**



### ସ୍ଥାୟୀ ବ୍ୟବସ୍ଥାର ପୂର୍ବ ଲକ୍ଷଣ

ଶ୍ରମ ଆଇନରେ ପରିବର୍ତ୍ତନ ସାମୟିକ ମନେହେଉଥିଲେ ହେଁ ସେଗୁଡ଼ିକୁ ଆଗକୁ ଘଟିବାକୁ ଥିବା ଅନେକ ଘଟଣାର ପୂର୍ବ ଲକ୍ଷଣ ବୋଲି ଧରିବାକୁ ହେବ। କାରଣ ଏହା ଥରେ ଆରମ୍ଭ ହେଲେ ତାକୁ ଚିରସ୍ଥାୟୀ ଭାବେ କାର୍ଯ୍ୟକାରୀ କରିବାକୁ ଅଧିକ ସମୟ ଲାଗିବ ନାହିଁ। ସରକାରମାନେ ଏଭଳି ଉପାୟ ଆପଣାଇବା ପାଇଁ ଯଥାର୍ଥ ବୋଲି ଯୁକ୍ତି ବାଢ଼ିବେ, ଯାହା ଘଣ୍ଟାକୁ ୧୦୦ ବର୍ଷ ପଛକୁ ଘୁଞ୍ଚାଇଦେବ। ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇବା ପାଇଁ ପୁଞ୍ଜି ଆକର୍ଷଣ ଓ ନିଯୁକ୍ତି ସୃଷ୍ଟି ଲାଗି ଏଭଳି ପଦକ୍ଷେପ ଜରୁରୀ ବୋଲି ସରକାର ଓ ଫ୍ୟାକ୍ଟ୍ରିଗୁଡ଼ିକ ଦାବି କରିବେ। କିନ୍ତୁ ବାସ୍ତବରେ ଏପରି ପଦକ୍ଷେପ ଶ୍ରମିକମାନଙ୍କ ମୌଳିକ ଅଧିକାର ଓ ମାନବାଧିକାର ଉପରେ ହସ୍ତକ୍ଷେପ କରିବ। ଶ୍ରମ ଆଇନରେ ଏପରି ପରିବର୍ତ୍ତନ ଫଳରେ ବଡ଼ ଧରଣର ପୁଞ୍ଜିନିବେଶ ଆସିବ ଓ ଶିଳ୍ପକୁ ପ୍ରୋତ୍ସାହନ ମିଳିବ କିମ୍ବା ନିଯୁକ୍ତି ସୃଷ୍ଟି ହେବ ବୋଲି କିଛି ସମ୍ଭାବନା ନାହିଁ। ଶ୍ରମ ଅଧିକାର ହେଉଛି ମାନବାଧିକାର। ରାଜ୍ୟଗୁଡ଼ିକ ନିଜ ସାମ୍ବିଧାନିକ ଉତ୍ତରଦାୟିତ୍ୱ ଓ ପ୍ରତିଶ୍ରୁତିବଦ୍ଧତାକୁ ତ୍ୟାଗ କରିପାରିବେ ନାହିଁ, ଯାହାକି ଶ୍ରମିକମାନଙ୍କୁ ସ୍ୱାଧୀନତା, ସୁରକ୍ଷା ପ୍ରଦାନ କରି ସମ୍ମାନଜନକ ସ୍ଥିତିରେ କାର୍ଯ୍ୟ କରିବାର ସୁଯୋଗ ଦେଉଥିବା କୋଭେନାଣ୍ଟ ଅନ୍ ସିଭିଲ୍ ଆଣ୍ଡ ପଲିଟିକାଲ୍ ରାଇଟ୍ସ, ଇଣ୍ଟରନ୍ୟାଶନାଲ କୋଭେନାଣ୍ଟ ଅନ୍ ଇକୋନୋମିକ୍, ସୋସିଆଲ ଆଣ୍ଡ କଲ୍‌ଚରାଲ ରାଇଟ୍ସ ସମେତ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ)ର କେତେକ ଚୁକ୍ତିରେ ଉଲ୍ଲେଖ କରାଯାଇଛି।

**ୟୁପି କଂଗ୍ରେସ ସଭାପତି ଗିରଫ**
କଂଗ୍ରେସ ପଠାଇଥିବା ବସ୍‌ରେ ଦାଦନ ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ଅନୁମତି ଦେବା ଦାବିରେ ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ କୁମାର ଲାଲୁ ଧାରଣାରେ ବସିଥିବାବେଳେ ତାଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ମାଥୁର, ବିବେକ ବଂଶଲ ଏବଂ ମନୋଜ ଦୀକ୍ଷିତ ମଧ୍ୟ ଗିରଫ ହୋଇଛନ୍ତି।

# ପଶ୍ଚିମବଙ୍ଗରେ ଅମ୍ଫନ କମ୍ପନ


ବାତ୍ୟାରେ ଦକ୍ଷିଣ ୨୪ ପ୍ରଗଣା ଜିଲାର ବଖାଲିଠାରେ ଥିବା କକ୍ଷୁବେରିଆ ଜେଟୀ ଭୁଶୁଡ଼ି ପଡ଼ିଛି।

- ୩ ମୃତ, ୫ ହଜାରରୁ ଅଧିକ ଘର ଭାଙ୍ଗିଲା
- ବ୍ୟାପକ କ୍ଷୟକ୍ଷତି
- ୩.୩ ଲକ୍ଷ ସ୍ଥାନାନ୍ତର

**କୋଲକାତା,୨୦।୫**

ଅତି ଭୀଷଣ ସାମୁଦ୍ରିକ ବାତ୍ୟା ଅମ୍ଫନ ବୁଧବାର ଅପରାହ୍ନରେ ପଶ୍ଚିମବଙ୍ଗର ଦୀଘାଠାରେ ସ୍ଥଳଭାଗ ଛୁଇଁବା ପରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଅମ୍ଫନ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ୧୬୦ରୁ୧୭୦ କି.ମି. ବେଗରେ ପବନ ବହିବା ସହ ମଝିରେ ମଝିରେ ପବନର ବେଗ ୧୯୦ କିଲୋମିଟରରେ ପହଞ୍ଚିଥିଲା। ସମୁଦ୍ରରେ ୩ରୁ ୫ ମିଟର ଉଚ୍ଚର ଜୁଆର ଉଠିଥିଲା। ବାତ୍ୟାରେ ୫ ହଜାରରୁ ଅଧିକ ଘର ଭାଙ୍ଗିଥିବା ବେଳେ ୩ ଜଣଙ୍କ ମୃତ୍ୟୁ ହୋଇଛି। ସ୍ଥଳଭାଗ ଛୁଇଁବା ପରେ ୪ ଘଣ୍ଟା ଧରି ବାତ୍ୟା ଅମ୍ଫନ ତାଣ୍ଡବ ରଚିଥିଲା। ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅନେକ ଗଛ ଉପୁଡ଼ିପଡିବା ସହ ପବନ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ମୋଡ଼ି ଦେଇଛି। ବର୍ଷାଜଳ ଓ ଜୁଆର ଯୋଗୁ ସହରର ଖାଲୁଆ ଅଞ୍ଚଳ ଓ ଉପକୂଳବର୍ତ୍ତୀ ଗାଁଗୁଡ଼ିକ ଜଳାର୍ଣ୍ଣବ ହୋଇଯାଇଛି। ଅମ୍ଫାନ ପ୍ରଭାବରେ କୋଲକାତାରେ ପ୍ରବଳ ବର୍ଷା ସାଙ୍ଗକୁ ଗଛ ଉପୁଡ଼ିପଡ଼ିବାରୁ ବିଦ୍ୟୁତ ସରବରାହ ବନ୍ଦ ହେବା ସହ ଅନେକ ଅଞ୍ଚଳରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କୋଲକାତାର କେତେକ ବିଲ୍ଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି। ବତ୍ୟା ନଦିଆ ଓ ମୁର୍ଶିଦାବାଦ ଜିଲା ଅତିକ୍ରମ କରି ବାଂଲାଦେଶରେ ମଧ୍ୟ ବ୍ୟାପକ କ୍ଷତି ଘଟାଇଛି।

ସାମୁଦ୍ରିକ ବାତ୍ୟା ଅମ୍ଫନ ସ୍ଥଳଭାଗ ଛୁଇଁବା ପୂର୍ବରୁ ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଅଞ୍ଚଳରୁ ପାଖାପାଖି ୩.୩ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀ (ଏନ୍‌ଡିଆର୍‌ଏଫ୍) ମୁଖ୍ୟ ଏସ୍.ଏନ୍. ପ୍ରଧାନ ଏହି ସୂଚନା ଦେଇଛନ୍ତି। ବାତ୍ୟା ପ୍ରଭାବରେ ସମୁଦ୍ରରେ ୪ରୁ ୬ ମିଟର ଉଚ୍ଚର ଜୁଆର ଉଠିବାକୁ ଥିବାରୁ ଏହାର ମୁକାବିଲା ପାଇଁ ଉଦ୍ଧାରକାରୀ ଦଳ ଓ ପ୍ରଶାସନ ପ୍ରସ୍ତୁତ ରହିଛନ୍ତି। ଓଡ଼ିଶା ଓ ପଶ୍ଚିମବଙ୍ଗରେ ଏନ୍‌ଡିଆର୍‌ଏଫ୍‌ର ମୋଟ ୪୧ଟି ଟିମ୍‌କୁ ମୁତୟନ କରାଯାଇଛି। ପଶ୍ଚିମବଙ୍ଗର ୬ଟି ଜିଲାରେ ୧୯ଟି ଟିମ୍‌କୁ ମୁତୟନ କରାଯାଇଥିବାବେଳେ ୨ଟିକୁ ରିଜର୍ଭ ରଖାଯାଇଛି।

## ବାଂଲାଦେଶରେ ୨୦ ଲକ୍ଷ ସ୍ଥାନାନ୍ତର

**ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସେନା ମୁତୟନ**

**ଢାକା,୨୦।୫(ପି.ଟି.)**

ସାମୁଦ୍ରିକ ବାତ୍ୟା ଅମ୍ଫନ ବୁଧବାର ଅପରାହ୍ଣରେ ପଶ୍ଚିମବଙ୍ଗର ଦୀଘା ଓ ବାଂଲାଦେଶର ହାତିଆ ଦ୍ୱୀପ ମଧ୍ୟରେ ସ୍ଥଳଭାଗ ଛୁଇଁବା ପରେ ତାଣ୍ଡବ ରଚିଛି। ବାତ୍ୟାର ମୁକାବିଲା ଲାଗି ବାଂଲାଦେଶ ସରକାର ଉପକୂଳବର୍ତ୍ତୀ ଅଞ୍ଚଳରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ରଖିଛନ୍ତି। ଏଥିପାଇଁ ୧୩,୨୪୧ ବାତ୍ୟା ଆଶ୍ରୟସ୍ଥଳ ଖୋଲାଯାଇଛି। ବାତ୍ୟା ମୁକାବିଲା ଓ ଉଦ୍ଧାର କାର୍ଯ୍ୟରେ ସେନାର ତିନି ବାହିନୀକୁ ମୁତୟନ କରାଯାଇଛି। ଅମ୍ଫନ ଅତି ଭୀଷଣ ବାତ୍ୟା ହୋଇଥିବାରୁ ବ୍ୟାପକ କ୍ଷୟକ୍ଷତି କରିବା ଆଶଙ୍କା କରାଯାଉଛି। ୨୦୦୭ରେ ବାଂଲାଦେଶରେ 'ସିଡର' ବାତ୍ୟାରେ ୩୫୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

ବାତ୍ୟା ପ୍ରଭାବରୁ ଲୋକଙ୍କ ଧନଜୀବନର ସୁରକ୍ଷା ପାଇଁ ସମସ୍ତ ସମ୍ଭାବ୍ୟ ପ୍ରସ୍ତୁତି କରାଯାଇଥିବା ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଲାଗି ନୌସେନା ୨୫ଟି ଜାହାଜକୁ ମୁତୟନ କରିଛି। ଦୁଇଟି ପାଟ୍ରୋଲ ବିମାନ ଓ ଦୁଇ ହେଲିକପ୍ଟରକୁ ପ୍ରସ୍ତୁତ କରି ରଖାଯାଇଛି। ସ୍ଥଳସେନା ପକ୍ଷରୁ ୧୮,୪୦୦ ରିଲିଫ ପ୍ୟାକେଟ ପ୍ରସ୍ତୁତ କରାଯିବା ସହ ୭୧ଟି ମେଡିକାଲ ଟିମ୍ ଗଠନ କରାଯାଇଛି। ୧୪୫ ବିପର୍ଯ୍ୟୟ ପରିଚାଳନା ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବା ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି। ବାୟୁସେନା ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସାମିଲ ହେବା ସହ କ୍ଷୟକ୍ଷତିର ଆକଳନ କରିବ। ଏଥିପାଇଁ ଏହାର ୬ଟି ପରିବହନ ବିମାନ ଓ ୨୨ଟି ହେଲିକପ୍ଟରକୁ ପ୍ରସ୍ତୁତ କରି ରଖାଯାଇଛି। ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବାକୁ ଥିବା ୧୦ଟି ଉପକୂଳବର୍ତ୍ତୀ ଜିଲାକୁ ବିପଦ ସଙ୍କେତ ୧୦ରେ ରଖାଯାଇଛି। ଅମ୍ଫନ ସୁନ୍ଦରବନରେ ସ୍ଥଳଭାଗ ଛୁଇଁଥିବାରୁ ବ୍ୟାପକ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସମ୍ଭାବନା ରହିଛି।



## ବେଙ୍ଗାଲୁରୁରେ ପ୍ରଚଣ୍ଡ ଶବ୍ଦ

**ଲୋକେ ଛାନିଆ ତଦନ୍ତ କରୁଛି ପୋଲିସ**

**ନୂଆଦିଲ୍ଲୀ,୨୦।୫(ପି.ଟି.)**

ବୁଧବାର ଅପରାହ୍ଣ ୧ଟା ୨୦ ମିନିଟ୍। ସାରା ବେଙ୍ଗାଲୁରୁ ସହରରେ ଶୁଭିଲା ପ୍ରଚଣ୍ଡ ଶବ୍ଦ। ଶବ୍ଦ ଶୁଣି ଲୋକେ ଛାନିଆ ହୋଇଗଲେ। କେଉଁଠୁ ଏହି ଶବ୍ଦ ଆସିଲା ଜଣାପଡିଲାନି। ଏହା ଭୂମିକମ୍ପ, ଘଡ଼ଘଡ଼ି ନା ବିମାନ ଶବ୍ଦ କେହି କହିପାରୁନାହାନ୍ତି। ଶବ୍ଦ କେଉଁଠୁ ଆସିଲା ତାହାର ତଦନ୍ତ କରାଯାଉଛି ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ଭାସ୍କର ରାଓ କହିଛନ୍ତି। ଉକ୍ତ ଅଞ୍ଚଳରେ ଯୁଦ୍ଧବିମାନ ସେହି ସମୟରେ ଉଡୁଥିଲା କି ନାହିଁ ଜଣାଇବାକୁ ବାୟୁସେନାକୁ କୁହାଯାଇଛି।

ଏହା ଭୂକମ୍ପ ବୋଲି କେତେଜଣ ସନ୍ଦେହ କରୁଥିବାବେଳେ ଯୁଦ୍ଧବିମାନର 'ସୋନିକ୍ ବୁମ୍' ହୋଇଥାଇପାରେ ବୋଲି ଅନ୍ୟ କେତେଜଣ ଅନୁମାନ କରୁଛନ୍ତି। ତେବେ ଉକ୍ତ ସମୟରେ ବାୟୁସେନାର କୌଣସି ବିମାନ ବେଙ୍ଗାଲୁରୁ ଉପରେ ଉଡୁ ନ ଥିଲା ବୋଲି ଏହାର ପ୍ରଶିକ୍ଷଣ କମାଣ୍ଡ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି। ଏଏସ୍‌ଟିଇ ଏବଂ ହାଲ୍ ପରୀକ୍ଷାମୂଳକ ଉଡାଣ କରାଇଥାଇପାରନ୍ତି ବୋଲି ମଧ୍ୟ ସନ୍ଦେହ କରାଯାଉଛି। ଭୂକମ୍ପକୁ ମଧ୍ୟ ଖଣ୍ଡନ କରାଯାଇଛି। କାରଣ ସିସ୍‌ମୋମିଟରରେ ଭୂପୃଷ୍ଠରେ କମ୍ପନ ହେବାର କୌଣସି ସୂଚନା ନାହିଁ। ଏହା ସମ୍ପୂର୍ଣ୍ଣ ଅଜଣା ପ୍ରଚଣ୍ଡ ଶବ୍ଦ ବୋଲି କର୍ନାଟକ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି। ସାମୁଦ୍ରିକ ଝଡ଼ ପ୍ରବାହିତ ହେଉଥିବାରୁ ଗରମ ଓ ଥଣ୍ଡା ପବନ ପରସ୍ପର ମଧ୍ୟରେ ଧକ୍କା ହୋଇ ଶୂନ୍ୟସ୍ଥାନ ସୃଷ୍ଟି କରିବା ଯୋଗୁ ଏଭଳି ଶବ୍ଦ ହୋଇଥିବା ଅନ୍ୟ କେତେଜଣ ସନ୍ଦେହ କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି।

## ଆତଙ୍କବାଦୀଙ୍କ ଗୁଳିରେ ୨ ଯବାନ ଶହୀଦ

ଶ୍ରୀନଗର,୨୦।୫: ଜମ୍ମୁ-କଶ୍ମୀରର ଶ୍ରୀନଗର ଉପକଣ୍ଠ ପଣ୍ଡାଚ ଅଞ୍ଚଳରେ ବୁଧବାର ଆତଙ୍କବାଦୀଙ୍କ ଗୁଳିମାଡ଼ରେ ବିଏସ୍‌ଏଫ୍‌ର ୨ ଜଣ ଯବାନ ଶହୀଦ ହୋଇଛନ୍ତି। ପିକେଟିଂ କରୁଥିବା ଯବାନଙ୍କ ଉପରକୁ ମୋଟରସାଇକେଲରେ ଆସିଥିବା ଆତଙ୍କବାଦୀ ଗୁଳି ଚଳାଇଥିଲେ। ଆହତ ଦୁଇ ଯବାନଙ୍କୁ ସୌରାସ୍ଥିତ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପହଞ୍ଚିବା ପୂର୍ବରୁ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୩୯,୨୯୭ | ୨୭,୫୮୯ | ୧୦,୩୧୮ | ୧,୩୯୦ |
| ତାମିଲନାଡୁ | ୧୩,୧୯୧ | ୭,୨୨୧ | ୫,୮୮୨ | ୮୮ |
| ଦିଲ୍ଲୀ | ୧୧,୦୮୮ | ୫,୭୨୦ | ୫,୧୯୨ | ୧୧୭୬ |
| ତେଲଙ୍ଗାନା | ୧,୬୬୧ | ୬୧୦ | ୧,୦୧୩ | ୩୮ |
| କେରଳ | ୬୬୭ | ୧୬୧ | ୫୦୨ | ୪ |
| ଉତ୍ତରପ୍ରଦେଶ | ୪,୯୨୬ | ୧,୮୮୫ | ୨,୯୧୮ | ୧୨୩ |
| ଆନ୍ଧ୍ରପ୍ରଦେଶ | ୨,୫୬୦ | ୮୪୩ | ୧,୬୬୪ | ୫୩ |
| ରାଜସ୍ଥାନ | ୫,୯୫୨ | ୨,୪୩୬ | ୩,୩୭୩ | ୧୪୩ |
| ମଧ୍ୟପ୍ରଦେଶ | ୫,୭୩୫ | ୨,୭୩୪ | ୨,୭୩୪ | ୨୬୭ |
| କର୍ଣ୍ଣାଟକ | ୧,୪୬୨ | ୮୬୪ | ୫୫୬ | ୪୧ |
| ଗୁଜରାଟ | ୧୨,୫୩୯ | ୬,୫୭୧ | ୫,୨୧୯ | ୭୪୯ |
| ହରିୟାଣା | ୯୯୩ | ୩୩୧ | ୬୪୮ | ୧୪ |
| ଜମ୍ମୁ-କଶ୍ମୀର | ୧,୩୯୦ | ୬୯୪ | ୬୭୮ | ୧୮ |
| ପଶ୍ଚିମବଙ୍ଗ | ୩,୧୦୩ | ୧,୭୧୪ | ୧,୧୩୫ | ୨୫୩ |
| ପଞ୍ଜାବ | ୨,୦୦୫ | ୧୭୩ | ୧,୭୯୪ | ୩୮ |
| ଓଡ଼ିଶା | ୧,୦୫୨ | ୭୦୩ | ୩୪୩ | ୬ |
| ବିହାର | ୧,୫୭୯ | ୧,୦୨୨ | ୫୪୮ | ୯ |
| ଉତ୍ତରାଖଣ୍ଡ | ୧୨୨ | ୬୮ | ୫୩ | ୧ |
| ଆସାମ | ୧୭୧ | ୧୧୫ | ୪୯ | ୪ |
| ଚଣ୍ଡିଗଡ଼ | ୨୦୨ | ୬୩ | ୧୩୬ | ୩ |
| ଲଦାଖ | ୪୩ | | ୪୩ | - |
| ହିମାଚଳ ପ୍ରଦେଶ | ୧୦୪ | ୪୯ | ୪୮ | ୪ |
| ଆଣ୍ଡାମାନ ଓ ନିକୋବର | ୩୩ | | ୩୩ | - |
| ଛତିଶଗଡ଼ | ୧୦୦ | ୪୧ | ୫୯ | - |
| ଗୋଆ | ୫୦ | ୪୩ | ୭ | - |
| ପୁଡୁଚେରୀ | ୨୩ | ୧୩ | ୧୦ | - |
| ଝାଡ଼ଖଣ୍ଡ | ୨୪୮ | ୧୧୮ | ୧୨୭ | ୩ |
| ମଣିପୁର | ୨୦ | ୧୮ | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | | ୧ | - |
| ତ୍ରିପୁରା | ୧୭୩ | ୫୭ | ୧୧୬ | - |
| ମୋଟ | ୧,୧୧,୬୦୨ | ୬୨,୯୫୩ | ୪୫,୨୧୬ | ୩,୪୨୬ |

https://www.covid19india.org ତଥ୍ୟ ଅନୁଯାୟୀ(ବୁଧବାର ରାତି ୧୦ଟା ସୁଦ୍ଧା)


ଉତ୍ତର ପ୍ରଦେଶର ଦାଦ୍ରିସ୍ଥିତ ଏକ ଶିବିରରେ ଦାଦନ ଶ୍ରମିକ ପରିବାର।

## ଦାଦନଙ୍କୁ ୨ ମାସ ମାଗଣା ଖାଦ୍ୟଶସ୍ୟ

- ଯୋଜନାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ
- ଉପକୃତ ହେବେ ୮ କୋଟି ଶ୍ରମିକ

**ନୂଆଦିଲ୍ଲୀ,୨୦।୫(ଆଇଏଏନ୍‌ଏସ୍)**

କରୋନା ମହାମାରୀର ମୁକାବିଲା ପାଇଁ ସାରା ଦେଶ ଲକ୍‌ଡାଉନରେ ରହିଥିବାରୁ କାମଧନ୍ଦା ହରାଇ ପ୍ରବାସୀ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧା ଓ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। 'ଆତ୍ମନିର୍ଭର ଭାରତ' ପ୍ୟାକେଜରେ ପ୍ରବାସୀ ଶ୍ରମିକ ତଥା ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଦାଦନ ଶ୍ରମିକଙ୍କୁ ଦୁଇମାସ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦେବା ନିମନ୍ତେ ଯୋଜନାକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ଯୋଜନାରେ ମେ' ଓ ଜୁନ୍ ଦୁଇମାସ ଦାଦନ ଶ୍ରମିକ ପରିବାରକୁ ମୁଣ୍ଡପିଛା ମାସିକ ୫ କିଲୋଗ୍ରାମ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଏଥିରେ ପାଖାପାଖି ୮ କୋଟି ଦାଦନ ଓ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଶ୍ରମିକ ଉପକୃତ ହୋଇପାରିବେ ବୋଲି ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ସରକାରଙ୍କ ଉପରେ ୨,୯୮୨.୨୭ କୋଟି ଟଙ୍କାର ଅତିରିକ୍ତ ସବ୍‌ସିଡି ବୋଝ ପଡ଼ିବ। ଏହାବ୍ୟତୀତ ଖାଦ୍ୟଶସ୍ୟ ପରିବହନ, ହସ୍ତାନ୍ତର, ଡିଲର ମାର୍ଜିନ ଆଦିକୁ ହିସାବକୁ ନେଲେ ଆଉ ୧୨୭.୨୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଆକ୍ରାନ୍ତଙ୍କ ସଂଖ୍ୟା ୫୦ ଲକ୍ଷ ଉପରେ

- ୩.୨୫ ଲକ୍ଷରୁ ଅଧିକ ଜୀବନ ଗଲାଣି
- ଆମେରିକାରେ ୧୫.୭୩ ଲକ୍ଷ ସଂକ୍ରମିତ
- ସୁସ୍ଥ ହେଲେଣି ୧୯.୮୦ ଲକ୍ଷ
- ଜଟିଳ ହେଉଛି ରୁଷିଆ, ବ୍ରାଜିଲ ସ୍ଥିତି



**ୱାଶିଂଟନ/ମସ୍କୋ/ ବ୍ରାଜିଲିଆ,୨୦।୫**

ବିଶ୍ୱରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୁଧବାର ୫୦ ଲକ୍ଷ ଟପିଛି। ଏଥିସହ ୩ ଲକ୍ଷ ୨୫ ହଜାରରୁ ଉର୍ଦ୍ଧ୍ୱ ଜୀବନ ଏହି ମହାମାରୀରେ ଗଲାଣି। ଗତ ୨୪ ଘଣ୍ଟାରେ ୩୫ ହଜାରରୁ ଅଧିକ ନୂଆ ମାମଲା ସାମ୍ନାକୁ ଆସିବା ଗମ୍ଭୀର ସ୍ଥିତିକୁ ସୁଚାଉଛି। କେବଳ ଆମେରିକାରେ ୧୫.୭୩ ଲକ୍ଷ ଲୋକ କରୋନା ସଂକ୍ରମିତ ହୋଇଛନ୍ତି। ଏଠାରେ ମୃତ୍ୟୁସଂଖ୍ୟା ୯୩,୭୦୫କୁ ବୃଦ୍ଧି ପାଇଛି। ବୁଧବାର ୩ ହଜାରରୁ ଉର୍ଦ୍ଧ୍ୱ ନୂଆ ମାମଲା ଏଠାରେ ଦେଖିବାକୁ ମିଳିଥିବା ବେଳେ ୧୭୨ ଜଣ ପ୍ରାଣ ହରାଇଛନ୍ତି। ଏଥିସହ ରୁଷିଆ ଓ ବ୍ରାଜିଲରେ ଉଗ୍ର ସଂକ୍ରମଣ ଯୋଗୁ ପରିସ୍ଥିତି ଜଟିଳ ରୂପ ଧାରଣ କରିଛି। ରୁଷିଆ ସର୍ବାଧିକ କରୋନା ଆକ୍ରାନ୍ତ ଦେଶ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବାବେଳେ ସ୍ପେନ୍ ତୃତୀୟ ଓ ବ୍ରାଜିଲ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ବ୍ରିଟେନ, ଇଟାଲୀ, ଫ୍ରାନ୍ସ, ଜର୍ମାନୀ ଆଦି ଦେଶ ରହିଛନ୍ତି। ଯଦିଓ ୧୯.୮୦ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି ସଫଳ ଔଷଧ ବାହାରି ନ ଥିବାରୁ ଲୋକଙ୍କ ମନରେ ଆତଙ୍କ ସୃଷ୍ଟିହୋଇଛି।

ରୁଷିଆରେ ୩.୦୮ ଲକ୍ଷ କରୋନା ରୋଗୀ ଥିବାବେଳେ ମୃତ୍ୟୁସଂଖ୍ୟା ୨,୯୭୨କୁ ବୃଦ୍ଧିପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୮,୭୬୪ ନୂଆ ମାମଲା ନଜରକୁ ଆସିଥିବା ବେଳେ ୧୩୫ ଜଣଙ୍କ ମୃତ୍ୟୁ ହୋଇଛି। ସେହିଭଳି ସ୍ପେନ୍‌ରେ ୨.୭୮ ଲକ୍ଷରୁ ଅଧିକ ସଂକ୍ରମିତ ରହିଛନ୍ତି। ଏଠାରେ ୨୭,୭୭୮ ବ୍ୟକ୍ତିଙ୍କ ଜୀବନ ଯାଇଛି। ବ୍ରାଜିଲ ବହୁ ପଛରେ ଥିବାବେଳେ ଏବେ ତାଲିକାର ଚତୁର୍ଥ ସ୍ଥାନକୁ ଚାଲିଆସିଛି। ଏଠାରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ୨.୭୧ ଲକ୍ଷରୁ ଅଧିକ ରହିଛି। ୧୭,୯୮୩ଜଣ ଏଠାରେ ମହାମାରୀର ଶିକାର ହୋଇ ପ୍ରାଣ ହରାଇଛନ୍ତି। ବ୍ରିଟେନରେ ଦ୍ୱିତୀୟ ସର୍ବାଧିକ ମୁଣ୍ଡ ଗଡ଼ିଛି। ୨.୪୮ ଲକ୍ଷରୁ ଅଧିକ ଲୋକଙ୍କୁ ଏଠି କରୋନା ଭୂତାଣୁ କାବୁକରି ରଖିଥିବା ବେଳେ ୩୫,୩୪୧ ଜୀବନ ଗଲାଣି।

## ୟୁପି ସୀମାରୁ ଫେରିଲା କଂଗ୍ରେସ ବସ୍

**ଦାଦନଙ୍କୁ ଆଣିବା ପାଇଁ ମିଳିଲାନି ଅନୁମତି**

ଜୟପୁର,୨୦।୫ (ପି.ଟି.): ଲକ୍‌ଡାଉନ ଯୋଗୁ ଅଟକି ରହିଥିବା ଶ୍ରମିକମାନଙ୍କୁ ଫେରାଇ ଆଣିବା ଲାଗି କଂଗ୍ରେସ ଦଳ ପକ୍ଷରୁ ପାଖାପାଖି ୪୦୦ ବସ୍ ପଠାଯାଇଥିଲା। ଉତ୍ତରପ୍ରଦେଶ ସରକାର ପ୍ରବେଶ ଅନୁମତି ନ ଦେବାରୁ ବସ୍‌ଗୁଡ଼ିକ ରାଜସ୍ଥାନ-ୟୁପି ସୀମାରୁ ଫେରିଛନ୍ତି। ଏବେ ରାଜନୀତି କରିବା ସମୟ ନୁହେଁ ବରଂ ଲୋକଙ୍କୁ ସାହାଯ୍ୟ କରିବା ସମୟ। ତେଣୁ କଂଗ୍ରେସ ପଠାଇଥିବା ବସ୍‌କୁ ଶ୍ରମିକ ନେବା ଲାଗି ଅନୁମତି ଦେବାକୁ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଅନୁରୋଧ କରିଥିଲେ। ଅନେକ ଶ୍ରମିକ ଶହ ଶହ କିଲୋମିଟର ଚାଲି ଘରକୁ ଫେରୁଥିବା ସତ୍ତ୍ୱେ ରାଜନୈତିକ ଦ୍ୱନ୍ଦ୍ୱ ଯୋଗୁ କଂଗ୍ରେସ ପଠାଇଥିବା ବସ୍ ସୀମାରେ ୨୪ ଘଣ୍ଟା ଧରି ଅପେକ୍ଷା କରିବା ପରେ ଶ୍ରମିକ ନ ଆଣି ଫେରିଛି।



ଡେରାଡୁନରୁ ବିହାର ଯାଉଥିବା ଟ୍ରେନରେ ଘରକୁ ଫେରୁଛନ୍ତି ପ୍ରବାସୀ।

## କାର୍ବନ ନିର୍ଗମନ ୧୭% କମିଛି

**ଲକ୍‌ଡାଉନର ପ୍ରଭାବ**



**ନୂଆଦିଲ୍ଲୀ,୨୦।୫(ପି.ଟି.)**

କରୋନା ମହାମାରୀର ମୁକାବିଲା ଲାଗି ବିଭିନ୍ନ ଦେଶ ଲକ୍‌ଡାଉନରେ ରହିଥିବାରୁ ଏହାର ସୁଫଳ ପରିବେଶ ଉପରେ ପଡ଼ିଛି। ଏହା ପ୍ରଭାବରେ ଏପ୍ରିଲରେ ବିଶ୍ୱ ସ୍ତରରେ କାର୍ବନ ନିର୍ଗମନ ୧୭ ପ୍ରତିଶତ ହ୍ରାସ ପାଇଛି। ଏହି ମାସରେ ଭାରତରେ କାର୍ବନ ନିର୍ଗମନ ୨୬ ପ୍ରତିଶତ ହ୍ରାସ ପାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି। ବ୍ରିଟେନର ନ୍ୟାଶନାଲ କ୍ଲାଇମେଟ ଚେଞ୍ଜ୍ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ସାରା ବିଶ୍ୱରେ କାର୍ବନ ନିର୍ଗମନ ଗତବର୍ଷ ଏହି ସମୟ ତୁଳନାରେ ଯଥେଷ୍ଟ ହ୍ରାସ ପାଇଥିବାବେଳେ ବର୍ଷ ଶେଷ ବେଳକୁ ଏହା ୪.୪ରୁ ୮ ପ୍ରତିଶତ ହ୍ରାସ ପାଇପାରେ ବୋଲି ଆକଳନ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସର୍ବାଧିକ ବାର୍ଷିକ କାର୍ବନ ନିର୍ଗମନ ହ୍ରାସ ବୋଲି ଗବେଷକମାନେ ମତ ଦେଇଛନ୍ତି। ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଆମେରିକାରେ ଗତ ମାସରେ କାର୍ବନ ନିର୍ଗମନ ୩୧.୬ ପ୍ରତିଶତ ହ୍ରାସ ପାଇଥିବାବେଳେ ବ୍ରିଟେନରେ ୩୦.୭ ଏବଂ ଚାଇନାରେ ୨୩.୯ ପ୍ରତିଶତ ହ୍ରାସ ପାଇଥିବା ଅଧ୍ୟୟନରୁ ଜଣାପଡିଛି।

କୋଭିଡ୍-୧୯ ଜନିତ ଲକ୍‌ଡାଉନବେଳେ ଏପ୍ରିଲ ୭ରେ ବିଶ୍ୱସ୍ତରରେ ଦୈନିକ ନିର୍ଗମନ ୧୭ ପ୍ରତିଶତ ବା ୧୭ ନିୟୁତ ଟନ୍ ଅଙ୍ଗାରକାମ୍ଳ ହ୍ରାସ ପାଇଥିଲା। ଏହି ହ୍ରାସ ପାଇବାର ସବୁଠୁ ବଡ଼ କାରଣ ହେଲା ପରିବହନ ସେବା ବନ୍ଦ। ସଡ଼କ ପରିବହନ ହ୍ରାସ ଯୋଗୁ ୪୩ ପ୍ରତିଶତ ଅଙ୍ଗାରକାମ୍ଳ କମିଥିବାବେଳେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ଯୋଗୁ ୧୯ ପ୍ରତିଶତ, ଶିଳ୍ପ ପାଇଁ ୨୫ ଓ ବିମାନ ଚଳାଚଳ ବନ୍ଦ ପାଇଁ ୧୦ ପ୍ରତିଶତ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଛି। ଫଳରେ ବର୍ଷ ଶେଷ ବେଳକୁ ବିଶ୍ୱରେ ନିର୍ଗମନ ପରିମାଣ ୪ରୁ ୭ ପ୍ରତିଶତ ହ୍ରାସ ପାଇବା ଆକଳନ କରାଯାଇଛି। ତେବେ ଗୋଟିଏ ବର୍ଷ ନିର୍ଗମନ କମିଗଲେ ଜଳବାୟୁ ପରିବର୍ତ୍ତନରେ ବିଶେଷ କିଛି ପ୍ରଭାବ ପଡ଼ିବ ନାହିଁ। କାରଣ ଦୀର୍ଘ ବର୍ଷ ଧରି ଯେତିକି କାର୍ବନ ନିର୍ଗମନ ହୋଇଛି, ତାହା ତୁଳନାରେ ଏହା ଯଥେଷ୍ଟ କମ୍। ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଦେଶର ସରକାର ଆଣୁଥିବା ଆର୍ଥିକ ପ୍ୟାକେଜ୍ ଭବିଷ୍ୟତରେ କାର୍ବନ ନିର୍ଗମନ ଯେପରି ନ ବଢ଼ାଏ, ସେଥିପ୍ରତି ସତର୍କ ରହିବାକୁ କୁହାଯାଇଛି।

# ପ୍ରଭାବିତ ହେଲା ବାଲେଶ୍ୱର

**ବାଲେଶ୍ୱର ଅଫିସ, ୨୦।୫**

- ଉଡ଼ିଗଲା ଛପର, ଭାଙ୍ଗିଲା ଘର
- ଗଛ ଉପୁଡି ରାସ୍ତା ଅବରୋଧ
- ବିଦ୍ୟୁତ୍‌ଖୁଣ୍ଟ ପଡି ମହିଳା ଗୁରୁତର
- ଆଜବେଷ୍ଟସ ଘର ଉପରେ ଗଛ ଉପୁଡି ପଡିବାରୁ ୩ ଆହତ

ବାଲେଶ୍ୱର ଜିଲାରେ ବାତ୍ୟା ଅମ୍ଫନ ଦୀର୍ଘ ୨୪ଘଣ୍ଟା ଧରି ପ୍ରଳୟ ରଚିବା ପରେ ବୁଧବାର ଅପରାହ୍ଣରେ ଅତିକ୍ରମ କରି ପଶ୍ଚିମବଙ୍ଗ ଆଡ଼କୁ ଗତି କରିଥିଲା। ଏହାର ପ୍ରଭାବରେ ମଙ୍ଗଳବାର ସନ୍ଧ୍ୟାରୁ ପବନ ବହିବା ସହିତ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ମଧ୍ୟରାତ୍ରରୁ ଜୋରରେ ପବନ ବହିବା ସହିତ ବର୍ଷା ଲାଗି ରହିଥିଲା। ବୁଧବାର ପୂର୍ବାହ୍ଣରୁ ବାତ୍ୟା ଭୟଙ୍କର ରୂପ ଧାରଣ କରିଥିଲା। ଘଣ୍ଟାକୁ ୯୦ରୁ ୧୦୦ କି.ମି. ବେଗରେ ପବନ ବହିଥିଲା। ଜିଲାର ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଭାଙ୍ଗି ରାସ୍ତାରେ ପଡିଥିବା ଦେଖିବାକୁ ମିଳିଛି। କଚ୍ଚା, ଆଜବେଷ୍ଟସ ଓ ଟାଇଲି ଛପର ଉଠିଯାଇ ବ୍ୟାପକ କ୍ଷତି ହୋଇଛି। ଭୋଗରାଇ ବ୍ଲକ କୋଟିଲାଡାଙ୍ଗ ଗ୍ରାମର ଗଣେଶ ପ୍ରଧାନ ନାମକ ଯୁବକଙ୍କ ଉପରେ ବିଦ୍ୟୁତ୍‌ଖୁଣ୍ଟ ପଡିବାରୁ ସେ ମୃତ୍ୟୁବରଣ କରିଛନ୍ତି। ସେହିପରି ଏହି ଅଞ୍ଚଳରେ ଏକ ବିଦ୍ୟୁତ ଖୁଣ୍ଟ ପବନରେ ଭାଙ୍ଗି ଜଣେ ମହିଳାଙ୍କ ଉପରେ ପଡ଼ିବାରୁ ସେ ଗୁରୁତର ଆହତ ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ସୋର ପୌରପାଳିକା ପଠାଣମହଲା ଅଞ୍ଚଳରେ ୩ଟି ଗଛ ୩ଟି ଆଜବେଷ୍ଟସ ଘର ଉପରେ ଉପୁଡ଼ି ପଡ଼ିବାରୁ ୩ଜଣଙ୍କୁ ଗୁରୁତର ଆହତ ହୋଇ ସୋର ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଜିଲାର ୪୯ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଉଥିବା ବେଳେ ୪୦୦ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ଦିଆଯାଇଛି। ସେମାନଙ୍କ ଖାଦ୍ୟ, ପାନୀୟଜଳ ଏବଂ ରହିବା ବ୍ୟବସ୍ଥା କରାଯାଇଛି। ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ମଧ୍ୟ ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।



ଆଇଟିଆଇ ଛକ ନିକଟରେ ପଡ଼ିଥିବା ଏକ ଗଛକୁ ଏନ୍‌ଡିଆର୍‌ଏଫ୍ ଟିମ୍ କାଟୁଛନ୍ତି।




# ଅଗ୍ନିଶମ ଗାଡ଼ିରେ ଜନ୍ମ ନେଲା ଶିଶୁକନ୍ୟା

**ମହାକାଳପଡ଼ା, ୨୦।୫(ଡି.ଏନ୍.ଏ.)**

- ୨୨ ଗଛ କାଟି ପ୍ରସୂତିଙ୍କ ପାଖରେ ପହଞ୍ଚିଲେ କର୍ମଚାରୀ
- ଆସିପାରିଲାନି ଆମ୍ବୁଲାନ୍ସ
- ଟୁଇଟ୍ କରି ସାଧୁବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ବାତ୍ୟା ଅମ୍ଫନ୍ ସମୟରେ ବୁଧବାର ଅଗ୍ନିଶମ ବିଭାଗ ଗାଡ଼ିରେ ଏକ ଶିଶୁକନ୍ୟା ଜନ୍ମ ହୋଇଛି। ବାତ୍ୟା ପବନ ଚାଲିଥିବା ସମୟରେ ବ୍ଲକ ଅନ୍ତର୍ଗତ ଜହ୍ନରା ଗାଁର ଜାନକୀ ସେଠୀ(୨୦)ଙ୍କ ପ୍ରସବଜନିତ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ମାତ୍ର ବାଟରେ ଗଛ ପଡ଼ିଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗରେ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ରାସ୍ତାରେ ପଡ଼ିଥିବା ୨୨ଟି ଗଛ କାଟି ଜାନକୀଙ୍କ ପାଖରେ ପହଞ୍ଚି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ନେବା ବାଟରେ ତାଙ୍କର ଏକ ଶିଶୁକନ୍ୟା ଜନ୍ମ ନେଇଥିଲା। ଏହାପରେ କର୍ମଚାରୀମାନେ ଅତି ସତର୍କତାର ସହ ଉଭୟଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ଏବେ ଉଭୟ ମା'ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ଅଗ୍ନିଶମ ବିଭାଗର ଏପରି ଉତ୍ସର୍ଗୀକୃତ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧୁବାଦ ଜଣାଇବା ସହ ନବଜାତ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ପାରାଦୀପ: ଆତଙ୍କିତ କଲା ବର୍ଷା, ପବନ

**ପାରାଦୀପ, ୨୦।୫(ସ୍ୱ.ପ୍ର.)**

ବଙ୍ଗୋପ ସାଗରରୁ ସୃଷ୍ଟ ବାତ୍ୟା ଅମ୍ଫନ ପାରାଦୀପରେ ତାଣ୍ଡବ ରଚିଛି। ଏହାଦ୍ୱାରା ଅଞ୍ଚଳରେ ବ୍ୟାପକ କ୍ଷତିଘଟିଛି। ଘଣ୍ଟାପ୍ରତି ୧୦୬ କି.ମି. ବେଗରେ ପବନ ବହିବା ସହ ବୁଧବାର ଦିନ ୧୦ଟା ସୁଦ୍ଧା ୨୦୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମଙ୍ଗଳବାର ମଧ୍ୟାହ୍ନ ୧୨ଟା୩୦ରୁ ବର୍ଷାପବନ ଆରମ୍ଭ ହୋଇଥିଲା। ବୁଧବାର ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବର୍ଷାପବନ ଲାଗି ରହିଥିଲା। ପ୍ରାୟ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ବାତ୍ୟା ପବନରେ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ କେତେକ କଚ୍ଚାଘର, ଟିଣ ଛପର ଦୋକାନ ଆଦି ଭାଙ୍ଗିଯାଇଛି। କେତେକ ସ୍ଥାନରେ ବର୍ଷା ପାଣି ଜମି ରହିବା ସହ ଖାଲୁଆ ଅଞ୍ଚଳରେ ଥିବା ଘର ଗୁଡ଼ିକରେ ପାଣି ପଶିଥିଲା। ଅପରପକ୍ଷେ ବାତ୍ୟା ଯୋଗୁ ପାରାଦୀପ ବନ୍ଦରରେ ପଣ୍ୟ କାରବାର ବନ୍ଦ ରହିଛି। ଅନ୍ୟ ସମସ୍ତ ଶିଳ୍ପ ସଂସ୍ଥାର ପଣ୍ୟ କାରବାର ଆଂଶିକ ପ୍ରଭାବିତ ହୋଇଛି। ବନ୍ଦରାଞ୍ଚଳକୁ ବାଦ୍‌ଦେଲେ ଅନ୍ୟ ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ଟେଲିକମ୍, କେବୁଲ ସେବା ଠପ୍ ହୋଇଯାଇଛି। ପାରାଦୀପ ମାଛଧରା ବନ୍ଦରରେ ଏକ ମାଛ ଧରା ଟ୍ରଲର ପବନରେ ପିଟିହୋଇ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ପରେ ଭାଙ୍ଗି ପଡ଼ିଥିବା ଗଛଗୁଡ଼ିକୁ ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗର କର୍ମଚାରୀ କାଟି ସଫା କରିଛନ୍ତି। ବେଳାଭୂମିରେ ଥିବା ଝାଉଁଗଛକୁ ଷଣ୍ଢକୁଦର କେତେକ ଲୋକେ କାଟି ନେବାରେ ଲାଗିଛନ୍ତି। ପାରାଦୀପର ୧୯ଟି ବାତ୍ୟା ଆଶ୍ରୟସ୍ଥଳରେ ପ୍ରାୟ ୧୩ଶହ ଲୋକଙ୍କୁ ରଖାଯାଇଥିଲା। ସେମାନେ ବୁଧବାର ସନ୍ଧ୍ୟାରେ ଘରକୁ ଫେରିଛନ୍ତି।

ସରକାରୀ ଭାବେ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ତଥାପି ଜଣେ ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟ ଜଣେ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଧୁବନ ଅଞ୍ଚଳର। ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ବୁଧବାର ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାପ କାମୁଡ଼ାରେ ଗୁରତର ହୋଇଥିବା ବ୍ୟକ୍ତି ଢିଙ୍କିଆ ଅଞ୍ଚଳର। ସେ ସୁରଟରୁ ଫେରି କ୍ୱାରାଣ୍ଟାଇନ କେନ୍ଦ୍ରରେ ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କୁ ସାପ କାମୁଡ଼ିଥିଲା। ତାଙ୍କୁ ଏକ ବୋଲେରୋ ନେଇ ପାରାଦୀପ କୋଭିଡ୍ ହସ୍‌ପିଟାଲରେ ଛାଡ଼ି ପଳାଇଥିଲା। କୋଭିଡ୍ ହସ୍‌ପିଟାଲ ପକ୍ଷରୁ ତାଙ୍କୁ ସେହି ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରବୀର ଦାସ ନାମକ ଆମ୍ବୁଲାନ୍ସ ଚାଳକ ତାଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।



ବାତ୍ୟାରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଯାଇଛି।

## ଆଶ୍ରୟ ନେବାକୁ ଯିବାବେଳେ ପଡ଼ିଯାଇ ବୃଦ୍ଧ ମୃତ

**ତିର୍ତ୍ତୋଲ, ୨୦।୫(ଡି.ଏନ.ଏ.):** ବାତ୍ୟା ସମୟରେ ଆଶ୍ରୟ ନେବାକୁ ଯିବାବେଳେ ପଡ଼ିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅଧୀନ ମାଣତିରି ଗ୍ରାମର ସିନ୍ଧୁ ସାମଲ(୭୫)। ବୁଧବାର ବାତ୍ୟା ସମୟରେ ସେ ତାଙ୍କ କଚ୍ଚାଘରୁ ପାଖରେ ଥିବା ଅନ୍ୟ ଜଣଙ୍କ କୋଠାଘରକୁ ଆଶ୍ରୟ ନିମନ୍ତେ ଯାଉଥିଲେ। ତେବେ ହଠାତ୍ ପଡ଼ିଯିବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସମ୍ପର୍କରେ ତହସିଲଦାର ସୁଜାତା ପାତ୍ର କହିଛନ୍ତି, ସେ ଏକଥା ଜାଣିବା ପରେ ସମ୍ପୃକ୍ତ ଅଞ୍ଚଳର ଆର୍‌ଆଇଙ୍କୁ ତଦନ୍ତ ନିମନ୍ତେ ପଠାଇଥିଲେ। ଆରଆଇଙ୍କ ତଦନ୍ତ ରିପୋର୍ଟ ଓ ପୋଷ୍ଟମର୍ଟମ ରିପୋର୍ଟ ହସ୍ତଗତ ପରେ ଯାହାକିଛି ପଦକ୍ଷେପ ନିଆଯିବ।

# ୪୮ ଘଣ୍ଟାରେ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

**ବାତ୍ୟା ଅମ୍ଫନ୍‌ର ତାଣ୍ଡବ**

ବାତ୍ୟା ଅମ୍ଫନ୍ ବୁଧବାର ସନ୍ଧ୍ୟାରେ ପଶ୍ଚିମବଙ୍ଗର ସୁନ୍ଦରବନଠାରେ ସ୍ଥଳଭାଗ ଅତିକ୍ରମ କରିଯାଇଛି। ସ୍ଥଳଭାଗ ମୁହାଁ ହେବାବେଳେ ଓଡ଼ିଶା ଉପକୂଳରେ କିଛି ସମୟ ପାଇଁ ତାଣ୍ଡବ ରଚାଇଛି। ବାତ୍ୟା ପ୍ରଭାବରେ ଅନେକ ସ୍ଥାନରେ ଚାଳଘର, ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ସହିତ ଫସଲ ନଷ୍ଟ ହୋଇଛି। ତେଣୁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ଦେବାକୁ ପ୍ରଭାବିତ ଜିଲାର ଜିଲାପାଳଙ୍କୁ ସତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କଠାରୁ ପ୍ରାଥମିକ ରିପୋର୍ଟ ମିଳିବା ପରେ କ୍ଷୟକ୍ଷତି ଆକଳନ କରାଯିବ। ଏହାପରେ ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଏସ୍‌ଆର୍‌ସି କହିଛନ୍ତି।

ପ୍ରାଥମିକ ସୂଚନା ଅନୁଯାୟୀ ସାମୁଦ୍ରିକ ଝଡ଼ ମାଡ଼ରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର ଜିଲା ଅଧିକ ପ୍ରଭାବିତ ହୋଇଥିବା ବେଳେ ଉପକୂଳବର୍ତ୍ତୀ ୧୨ଟି ଜିଲାରେ ମଧ୍ୟ ଏହାର କିଛି ପ୍ରଭାବ ଅନୁଭୂତ ହୋଇଥିବା ଜଣାପଡ଼ିଛି। ଜିଲାପାଳଙ୍କଠାରୁ ରିପୋର୍ଟ ମିଳିବା ପରେ କ୍ଷୟକ୍ଷତିକୁ ଆକଳନ କରାଯାଇପାରିବ ବୋଲି ଏସ୍‌ଆର୍‌ସି ଜେନା କହିଛନ୍ତି।

**ବାତ୍ୟା ଅମ୍ଫନ ଟଳିବା ପରେ**



ବୁଧବାର ସନ୍ଧ୍ୟାରେ ପୁରୀ ଶ୍ରୀମନ୍ଦିର ଉପରେ ଦୃଶ୍ୟମାନ ହୋଇଥିବା ଲାଲ ରଙ୍ଗର ଆକାଶ।



ପାରାଦୀପ: ବାତ୍ୟାରେ ଭାଙ୍ଗି ପଡ଼ିଥିବା ଗଛଗୁଡ଼ିକୁ ରାସ୍ତା ଉପରୁ କାଟି ସଫା କରାଯାଉଛି।

# ଲୁଣିଘେରି ଭାଙ୍ଗି କ୍ଷେତରେ ପଶିଲା ସମୁଦ୍ର ପାଣି

**କେନ୍ଦ୍ରାପଡ଼ା ଅଫିସ, ୨୦।୫**

**କେନ୍ଦ୍ରାପଡ଼ା ଜିଲା**

- ଉପାନ୍ତ ଅଞ୍ଚଳରେ ଗମନାଗମନ ଠପ୍
- ବିଦ୍ୟୁତ୍ ଓ ପାନୀୟ ଜଳ ସେବା ବ୍ୟାହତ
- ଝଡ଼ ସମୟରେ ବୃଦ୍ଧାଙ୍କ ମୃତ୍ୟୁ

ସାମୁଦ୍ରିକ ଝଡ ଅମ୍ଫନ୍ କେନ୍ଦ୍ରାପଡ଼ା ଜିଲାରେ ପ୍ରଭାବ ପକାଇଛି। ଗତ ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ସାମାନ୍ୟ ବର୍ଷା ପବନ ବୁଧବାର ଉଗ୍ରରୂପ ଧାରଣ କରିଛି। ଘଣ୍ଟାକୁ ୧୦୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବା ସହ ଢ଼ୁହାକୁ ଢ଼ୁହା ବର୍ଷା ହୋଇଛି। ଫଳରେ ଜିଲାର ହାଇ ଆଲର୍ଟରେ ଥିବା ରାଜନଗର ଓ ମହାକାଳପଡା ବ୍ଲକ ଅଞ୍ଚଳରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡିବା ସହ କଚ୍ଚାଘର ଭାଙ୍ଗିଛି। ଏଥିସହିତ ରାଜନଗର ଓ ମହାକାଳପଡା ବ୍ଲକ ଅଞ୍ଚଳରେ ଲୁଣି ଘେରି ଭାଙ୍ଗି ସମୁଦ୍ର ପାଣି ନିକଟସ୍ଥ ଗ୍ରାମର କ୍ଷେତରେ ମାଡିଯାଇଛି। ପାଟଶାଳା ନଦୀ ଘେରି ଭାଙ୍ଗି ଈଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମକୁ ପାଣି ପଶିଛି। ଏଠାରେ ଥିବା ଗ୍ରାମବାସୀ ଜଳବନ୍ଦୀରେ ଅଛନ୍ତି। ଖରିନାସୀ ନଦୀ ଉଛୁଳି ନିକଟସ୍ଥ ଗ୍ରାମରେ ପାଣି ପଶିଛି। ତାଳଚୁଆ ଥାନା ମଧ୍ୟକୁ ପାଣି ପଶିଛି। ପବନ ମାଡରେ ଗଛ ଉପୁଡିବା ଫଳରେ ବିଦ୍ୟୁତ୍ ସେବା ଓ ଗମନାଗମନ ପଥ ବନ୍ଦ ହୋଇଛି। ରାଜନଗର ବ୍ଲକ ସାତଭାୟା ଗ୍ରାମର କୋଇଲି ବେହେରା (୫୭)ଙ୍କ ଏହି ସମୟରେ ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ହୋଇଛି। ପବନର ବେଗ କମିବା ପରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ ପ୍ରମୁଖଙ୍କ ସହ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ନେତୃତ୍ୱରେ ବହୁ ସାମାଜିକ କର୍ମୀ ଯାତାୟାତ ପଥ ପରିଷ୍କାର କରୁଛନ୍ତି। ଅମ୍ଫନ୍ ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମୁଦ୍ର ତଟବର୍ତ୍ତୀ ୨୯ ପଞ୍ଚାୟତରୁ ପ୍ରାୟ ୪୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଏବେ ଘରକୁ ଫେରିବା ଆରମ୍ଭ କରିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ସଫଳ ହୋଇଛି। ସାତଭାୟାର ବୃଦ୍ଧା କୋଇଲିଙ୍କ ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଛି। ବାତ୍ୟା କ୍ଷୟକ୍ଷତିର ଅନୁଧ୍ୟାନ କରାଯାଇ ସ୍ୱାଭାବିକ ଚଳଣି ପାଇଁ ବ୍ୟବସ୍ଥା କରାଯାଉଛି।



କେନ୍ଦ୍ରାପଡା ସହରରେ ଏକ ଚାଳଘର ଭାଙ୍ଗିପଡିଛି।

**ସୁସ୍ଥ ହେଲେ ୩୬ କରୋନା ସଂକ୍ରମିତ**

ଭୁବନେଶ୍ୱର,୨୦।୫ (ବ୍ୟୁରୋ): ବୁଧବାର ସୁସ୍ଥ ହୋଇଛନ୍ତି ୩୬ଜଣ କରୋନା ଆକ୍ରାନ୍ତ। ସେମାନଙ୍କ ମଧ୍ୟରେ ଗଞ୍ଜାମର ୨୩ଜଣ ଥିବାବେଳେ ଯାଜପୁରର ୫, ମୟୂରଭଞ୍ଜ ୩, ପୁରୀ ୨, ଭଦ୍ରକ ୨ ଓ ସୁନ୍ଦରଗଡ଼ର ଜଣେ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୪୩ରେ ପହଞ୍ଚିଥିବାବେଳେ ୭୦୩ଜଣ ସକ୍ରିୟ ରହି କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୯୧୦ଜଣ ସନ୍ଦିଗ୍ଧ ବିଭିନ୍ନ ହସ୍ପିଟାଲ ଆଇସୋଲେସନରେ ରହିଛନ୍ତି।

**ଆଜିର ମନ୍ତବ୍ୟ**

"କରୋନାକୁ ଜୀବନର ଏକ ଅଂଶ ଭାବେ ଗ୍ରହଣ କରାଯିବା ଦରକାର।
-ଶରଦ ପାୱାର, ଏନ୍‌ସିପି ମୁଖ୍ୟ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସମ୍ଭାବି
ପରିବାରବର୍ଗ


ସୋମୁ
ପରିବାରବର୍ଗ


କୁକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ...

ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ପ୍ରଶାସନ ବାଧହୋଇ ମୃତଦେହ ଫେରାଇ ଆଣିଥିଲା। ଏ ନେଇ ସିଡିଏମଓ ଶ୍ୱେତ ମହାପାତ୍ର କୁହନ୍ତି, ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ଆଉ ବ୍ୟବଚ୍ଛେଦ କରିବା ଆବଶ୍ୟକ ନ ଥିଲା। ଲୋକେ ଡାକ୍ତରଙ୍କ ରିପୋର୍ଟକୁ ବୁଝିବା ଦରକାର। ତେବେ ଗାଁ ଲୋକଙ୍କ ପ୍ରତିବାଦ ପରେ ମୃତଦେହ ଫେରି ଆସିଛି। ପୁଣିଥରେ ବ୍ୟବଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

# ଚାଇନା ଲାବ୍‌ରେ କରୋନା ଔଷଧ

**ବେଜିଂ,୨୦।୫**

ଚାଇନାର ଏକ ଲାବରେଟୋରିରେ ଏଭଳି ଔଷଧ ବିକଶିତ କରାଯାଇଛି, ଯାହା ମହାମାରୀ କରୋନା ଭାଇରସ୍‌କୁ ରୋକିପାରିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ, ଟିକା ବିନା କରୋନା ଚିକିତ୍ସା ସମ୍ଭବ ହୋଇପାରିବ। ଗତବର୍ଷ ଶେଷଭାଗରେ ଚାଇନାରୁ ସାରା ବିଶ୍ୱକୁ ବ୍ୟାପିଚାଲିଛି ଏହି ଘାତକ ଭୂତାଣୁ। ଅଦ୍ୟାବଧି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ପ୍ରାୟ ୩ ଲକ୍ଷ ୩୦ ହଜାର ଜୀବନ ଗଲାଣି। ସାରା ବିଶ୍ୱର ଗବେଷକମାନେ ଏହାର ଉପଯୁକ୍ତ ଚିକିତ୍ସା ଓ ଟିକା ଖୋଜିବାରେ ଲାଗିଛନ୍ତି। ଚାଇନାର ପ୍ରତିଷ୍ଠିତ ପେକିଂ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ଟ୍ରାଏଲ କରାଯାଉଥିବା ଏହି ଔଷଧ ଦ୍ୱାରା ସଂକ୍ରମିତ ଲୋକଙ୍କ ଆରୋଗ୍ୟ ହେବା ସମୟ ହ୍ରାସ ହେବା ସହିତ ଭୂତାଣୁଠାରୁ ସ୍ୱଳ୍ପକାଳୀନ ରୋଗ ପ୍ରତିରୋଧକ ଶକ୍ତି ମିଳିପାରିବ।

ବେଜିଂ ଆଡଭାନ୍ସଡ ଇନୋଭେଶନ୍ ସେଣ୍ଟର ଫର୍ ଜେନୋମିକ୍ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ସନି ସି ନ୍ୟୁଜ୍ ଏଜେନ୍ସି 'ଏଏଫ୍‌ପି'କୁ କହିଛନ୍ତି ଯେ, ପ୍ରାଣୀଙ୍କ ଦେହରେ ପରୀକ୍ଷା ପର୍ଯ୍ୟାୟରେ ଏହି ଔଷଧର ପ୍ରୟୋଗ ସଫଳ ହୋଇଛି। ସି କହିଛନ୍ତି ଯେ, ଯେତେବେଳେ ଆମେ ସଂକ୍ରମିତ ମୂଷାମାନଙ୍କୁ 'ନ୍ୟୁଟ୍ରାଲାଇଜିଂ (ନିଷ୍କ୍ରିୟକାରୀ) ଆଣ୍ଟିବଡି' ଇଞ୍ଜେକ୍ସନ ଦେଲୁ, ପାଞ୍ଚ ଦିନ ପରେ ସଂକ୍ରମଣ ଚାପ ୨୫୦୦ ଫ୍ୟାକ୍ଟର ହ୍ରାସ ପାଇଥିଲା।' ଏହାର ଅର୍ଥ ହେଉଛି ଏହି ସମ୍ଭାବ୍ୟ ଔଷଧର ଚିକିତ୍ସା ପ୍ରଭାବ ରହିଛି ବୋଲି ସେ କହିଛନ୍ତି। ଏହି ଔଷଧ 'ନ୍ୟୁଟ୍ରାଲାଇଜିଂ ଆଣ୍ଟିବଡି' ବ୍ୟବହାର କରେ, ଯାହା କୋଷଗୁଡ଼ିକୁ ସଂକ୍ରମିତ କରୁଥିବା ଭୂତାଣୁକୁ ରୋକିବା ପାଇଁ ମାନବ ରୋଗ ପ୍ରତିରୋଧକ ପ୍ରଣାଳୀ ଦ୍ୱାରା ଉତ୍ପନ୍ନ ହୋଇଥାଏ। ସି ନେତୃତ୍ୱ ନେଉଥିବା ଟିମ୍ ଆରୋଗ୍ୟଲାଭ କରିଥିବା ୬୦ ରୋଗୀଙ୍କ ରକ୍ତରୁ ତାହାକୁ ପୃଥକ୍ କରିଥିଲେ। ଉକ୍ତ ଟିମ୍‌ର ଗବେଷଣା ଆଧାରିତ ଏକ ଅଧ୍ୟୟନ ସାଇଣ୍ଟିଫିକ୍ ଜର୍ନାଲ 'ସେଲ୍'ରେ ରବିବାର ପ୍ରକାଶ ପାଇଛି। ସେଥିରେ କୁହାଯାଇଛି ଯେ, ଆଣ୍ଟିବଡି ବ୍ୟବହାର କରିବା ଦ୍ୱାରା ଏହି ରୋଗ ପାଇଁ ସମ୍ଭାବ୍ୟ ଉପଶମ ମିଳିଥାଏ ଏବଂ ଆରୋଗ୍ୟଲାଭ ହେବା ଅବଧି କମିଯାଏ।

- 'ବିନା ଟିକାରେ ଏହି ମହାମାରୀରୁ ମୁକ୍ତି ମିଳିପାରିବ'
- ପ୍ରାଣୀ ପରୀକ୍ଷା ପର୍ଯ୍ୟାୟ ସଫଳ ହୋଇଛି
- କ୍ଲିନିକାଲ ପରୀକ୍ଷା ପାଇଁ ଚାଲିଛି ପ୍ରସ୍ତୁତି



ଆଣ୍ଟିବଡି ଖୋଜିବାରେ ତାଙ୍କ ଟିମ୍ ଦିନରାତି କାର୍ଯ୍ୟ କରିଥିଲା ବୋଲି ସି କହିଛନ୍ତି। ଇମ୍ୟୁନୋଲୋଜି(ରୋଗ ପ୍ରତିରୋଧକ ବିଜ୍ଞାନ) କିମ୍ବା ଭାଇରୋଲୋଜି (ଭୂତାଣୁ ବିଜ୍ଞାନ) ଅପେକ୍ଷା ଏକକ କୋଷ (ସିଙ୍ଗଲ ସେଲ୍) ଜେନୋମିକ୍ସ ହେଉଛି ଆମର ପାରଦର୍ଶିତା। ଏକକ ସେଲ୍ ଜେନୋମିକ୍ ପ୍ରଭାବଶାଳୀ ଭାବେ 'ନ୍ୟୁଟ୍ରାଲାଇଜିଂ ଆଣ୍ଟିବଡି'କୁ ଖୋଜି ପାଇପାରିବ ବୋଲି ହୃଦୟଙ୍ଗମ କରିବା ପରେ ଆମେ ଆନନ୍ଦିତ ହୋଇଥିଲୁ। ଏହି ଔଷଧ ଚଳିତ ବର୍ଷ ଶେଷ ସୁଦ୍ଧା ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଯିବା ଉଚିତ, ଯଦ୍ୱାରା ଥଣ୍ଡା ପାଗରେ କୌଣସି ଭାଇରସ୍‌ର ସମ୍ଭାବ୍ୟ ପ୍ରକୋପକୁ ସାମ୍ନା କରିହେବ ବୋଲି ସି କହିଛନ୍ତି। ଔଷଧର କ୍ଲିନିକାଲ ପରୀକ୍ଷା ପାଇଁ ଯୋଜନା ଚାଲିଛି। ଚାଇନାରେ କରୋନା ମାମଲା ହ୍ରାସ ପାଇଥିବାରୁ ଅଷ୍ଟ୍ରେଲିଆ କିମ୍ବା ଅନ୍ୟ ଦେଶରେ ଏହି ପରୀକ୍ଷା କରାଯିବ। ସେ କହିଛନ୍ତି ଯେ, ଆଶା କରୁଛି ଏହି ନ୍ୟୁଟ୍ରାଲାଇଜିଂ ଆଣ୍ଟିବଡି ଏକ ବିଶେଷ ଔଷଧ ହୋଇପାରେ, ଯାହା ମହାମାରୀକୁ ରୋକିପାରିବ।

ଜଣେ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ, ମାନବ ପରୀକ୍ଷଣ ପର୍ଯ୍ୟାୟରେ ଚାଇନାର ପାଞ୍ଚଟି ସମ୍ଭାବ୍ୟ କରୋନା ଟିକା ଅଛି। କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସ୍ପଷ୍ଟ କୁହାଯାଇଛି ଯେ, ଗୋଟିଏ ଟିକା ବିକାଶତ କରିବା ପାଇଁ ୧୨ ରୁ ୧୮ ମାସ ସମୟ ଲାଗିପାରେ। ଅନ୍ୟପକ୍ଷରେ ବୈଜ୍ଞାନିକମାନେ ପ୍ଲାଜ୍‌ମାର ସମ୍ଭାବ୍ୟ ଉପକାରିତାକୁ ଇଙ୍ଗିତ କରିଛନ୍ତି। କାରଣ ଆରୋଗ୍ୟ ବ୍ୟକ୍ତିଙ୍କ ପ୍ଲାଜ୍‌ମାରୁ ଯେଉଁ ଆଣ୍ଟିବଡି ବିକଶିତ ହେଉଛି ତାହା ଭୂତାଣୁ ଆକ୍ରମଣରୁ ରକ୍ଷା କରେ। ଚାଇନାରେ ୭୦୦ରୁ ଊର୍ଦ୍ଧ୍ୱ ରୋଗୀ ପ୍ଲାଜ୍‌ମା ଥେରାପି ପାଇଛନ୍ତି, ଯାହାର ବହୁତ ଭଲ ଚିକିତ୍ସା ପ୍ରଭାବ ରହିଥିବା କୁହାଯାଉଛି। ହେଲେ ପ୍ଲାଜ୍‌ମା ଯୋଗାଣ ସୀମିତ ବୋଲି ସି କହିଛନ୍ତି। ଏହାସହ ତାଙ୍କ ଟିମ୍ ଦ୍ୱାରା ବିକଶିତ ଔଷଧରେ ୧୪ଟି ନ୍ୟୁଟ୍ରାଲାଇଜିଂ ଆଣ୍ଟିବଡି ବ୍ୟବହାର ହୋଇଛି ଏବଂ ଶୀଘ୍ର ବହୁ ପରିମାଣର ଉତ୍ପାଦନ ହୋଇପାରିବ ବୋଲି ସେ କହିଛନ୍ତି। ଔଷଧ ଚିକିତ୍ସାରେ ଆଣ୍ଟିବଡି ବ୍ୟବହାର ନୂଆ ନୁହେଁ ଏବଂ ଏହା ଅନ୍ୟାନ୍ୟ ଭୂତାଣୁ ଯଥା ଏଚ୍‌ଆଇଭି, ଇବୋଲା ଏବଂ ମିଡିଲ୍ ଇଷ୍ଟ ରେସ୍ପିରାଟୋରି ସିଣ୍ଡ୍ରୋମ (ଏମ୍‌ଇଆରଏସ୍)ର ଚିକିତ୍ସାରେ ସଫଳ ହୋଇଛି। ଚାଇନାରେ କରୋନାର ପ୍ରକୋପ ପ୍ରାରମ୍ଭରେ ଏବଂ ଅନ୍ୟ ଦେଶଗୁଡ଼ିକୁ ବ୍ୟାପିବା ପୂର୍ବରୁ ଗବେଷକମାନେ ଏହି ଔଷଧ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିଲେ ବୋଲି ସି କହିଛନ୍ତି।

## ବର୍ତ୍ତିଲା ଓଡ଼ିଶା...

ମୁହାଁଇଥିଲା। ସମୁଦ୍ରରେ ଗଲା ବେଳେ ଉପକୂଳବର୍ତ୍ତୀ ଜିଲା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଏବଂ ଭଦ୍ରକରେ ଏହାର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅମ୍ଫନ୍ ପ୍ରଭାବରେ ପାରାଦୀପରେ ସର୍ବାଧିକ ୧୦୬ କି.ମି. ବେଗରେ ପବନ ହୋଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ୫୦ରୁ ୭୦ କି.ମି. ମଧ୍ୟରେ ରହିଥିଲା। ଏହାର ପ୍ରଭାବରେ ପାରାଦୀପ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ଗଛ ଉପୁଡ଼ିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ଜିଲା ତିହିଡି ବ୍ଲକ କାଁପଡ଼ା ପଞ୍ଚାୟତ ଦକ୍ଷିଣପାରି ଗ୍ରାମର ବଳରାମ ଦାସଙ୍କ ୩ ମାସର ଶିଶୁ ଘରେ ଶୋଇଥିବା ବେଳେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ତା'ର ମୃତ୍ୟୁ ଘଟିଛି। ସେହିପରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୋଟିଲାଡାଙ୍ଗ ଗ୍ରାମର ଗଣେଶ ପ୍ରଧାନ(୨୨)ଙ୍କ ଉପରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ବ୍ଲକ ମାଣତିରି ଗ୍ରାମର ସିନ୍ଧୁ ସାମଲ (୭୫) ବାତ୍ୟା ବେଳେ କଚ୍ଚାଘରୁ ପକ୍କାଘରକୁ ଆଶ୍ରୟ ନେବାକୁ ଗଲାବେଳେ ବାଟରେ ପଡ଼ି ପ୍ରାଣ ହରାଇଥିବା ସୂଚନା ମିଳିଛି।

ବାତ୍ୟା ଯୋଗୁ ଉପକୂଳବର୍ତ୍ତୀ ଜିଲାରେ ୪ରୁ ୫ ଘଣ୍ଟା କାଳ ଝଡ଼ବର୍ଷା ଜନଜୀବନକୁ ପ୍ରଭାବିତ କରିଥିଲା। କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ସର୍ବାଧିକ ୨୧୪.୧ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲି ୭୦.୬, ବାଲେଶ୍ୱର ୫୮.୫, କଟକ ୨୫, ଭୁବନେଶ୍ୱର ୫୦.୮, ପୁରୀ ୮୯.୨, ଗୋପାଳପୁର ୭.୬, ବାରିପଦା ୭୬.୨ ଏବଂ କେନ୍ଦୁଝରରେ ୮ ମି.ମି. ବର୍ଷା ରେକର୍ଡ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## କୋଣାର୍କ ହେବ ...

୧୦ ମେଗାୱାଟ୍ ବିଶିଷ୍ଟ ଏକ ସୌର ପ୍ରକଳ୍ପ ଏବଂ ସୋଲାର୍ ଟ୍ରି ଭଳି ବିଭିନ୍ନ ସୋଲାର ଅଫ୍-ଗ୍ରୀଡ୍‌ର ବ୍ୟବହାର, ସୌର ପାନୀୟ ଜଳ କିଓସ୍କ, ବ୍ୟାଟେରୀ ବ୍ୟବସ୍ଥା ଥିବା ଅଫ୍-ଗ୍ରୀଡ୍ ସୋଲାର ପାୱାର ପ୍ଲାଣ୍ଟ ଇତ୍ୟାଦିର ପରିକଳ୍ପନା କରାଯାଇଛି। ଏହି ପ୍ରକଳ୍ପ ଲାଗି ଶତ ପ୍ରତିଶତ କେନ୍ଦ୍ରୀୟ ଆର୍ଥିକ ସହାୟତା (ସିଏଫ୍‌ଏ) ମିଳିବ। ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଏଥିପାଇଁ ୨୫ କୋଟି ଟଙ୍କା ଯୋଗାଇଦେବ ଏବଂ ଓଡିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା(ଓରେଡା) ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବ। ଏହା କାର୍ଯ୍ୟକାରୀ ହେଲେ ସହରର ସମସ୍ତ ଶକ୍ତି ଚାହିଦା ସୌର ଶକ୍ତି ମାଧ୍ୟମରେ ପୂରଣ ହୋଇପାରିବ। କେନ୍ଦ୍ର ସରକାର ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିରର ଟିକିନିଖି ଖବର ରଖିବେ ବୋଲି କିଛିଦିନ ତଳେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ କହିବା ପରେ ଏହି ଯୋଜନା ଘୋଷଣା କରାଯାଇଛି। ମନ୍ଦିର ସଂରକ୍ଷଣଠାରୁ ଆରମ୍ଭକରି ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି କେନ୍ଦ୍ରର ତତ୍ତ୍ୱାବଧାନରେ ହେବାନେଇ ସେ ସୂଚନା ଦେଇଥିଲେ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) କୋଣାର୍କ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢି ସାଦା ପଥର ଖଞ୍ଜି ଦେଉଥିବା ବାରମ୍ବାର ଅଭିଯୋଗ ହେବାପରେ ଏଏସ୍‌ଆଇ ସହ ସେ ସିଧାସଳଖ ଆଲୋଚନା କରିବାକୁ କହିଥିଲେ। ସେହିଭଳି ମନ୍ଦିରରୁ ବର୍ଷାଜଳ ନିଷ୍କାସନ ପାଇଁ ହୋଇଥିବା ଡ୍ରେନେଜ୍ ବ୍ୟବସ୍ଥାକୁ ମଧ୍ୟ ସୁବ୍ୟବସ୍ଥିତ କରାଯିବ ବୋଲି ସିଂ ସୂଚନା ଦେଇଥିଲେ। ଏହାପରେ ମାର୍ଚ୍ଚ ୧୭ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଣାର୍କ ସୂର୍ଯ୍ୟମନ୍ଦିରକୁ ଆଇକନିକ୍ ପର୍ଯ୍ୟଟନସ୍ଥଳୀ ତାଲିକାରେ ସ୍ଥାନିତ କରାଯାଇଥିଲା। ୨୦୧୯ ଜୁଲାଇରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୭ଟି ପର୍ଯ୍ୟଟନସ୍ଥଳୀକୁ ଆଇକନିକ୍ ସାଇଟ୍‌ର ମାନ୍ୟତା ଦିଆଯାଇଥିଲେ ମଧ୍ୟ ଏଥିରେ ଓଡ଼ିଶାର କୌଣସି ଗୋଟିଏ ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇ ନ ଥିଲା। ଏହାକୁ ନେଇ ପରବର୍ତ୍ତୀ ସମୟରେ ବହୁ ବିବାଦ ହେବାସହ ପୁରୀ ଶ୍ରୀମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଆଇକନିକ୍ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଦାବି ହୋଇଥିଲା। ତେବେ ବର୍ତ୍ତମାନ ଘୋଷଣା ହୋଇଥିବା ଯୋଜନା କାର୍ଯ୍ୟକାରୀ ହେଲେ କୋଣାର୍କ ମନ୍ଦିର ଏବଂ ସମ୍ପୂର୍ଣ୍ଣ ଗ୍ରୀନ୍ ଏନର୍ଜିରେ ପରିଚାଳିତ ହେବ, ଯାହାକି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷଣ ସାଜିବ।

## ହଜାରେ ଟପିଲା ...

୧୧ଜଣଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ପୁଣି ଜଣେ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ଆକ୍ରାନ୍ତଙ୍କ ତଥ୍ୟ ଅନୁସାରେ, ମାଲକାନଗିରିର ୨ଜଣ ତାମିଲନାଡୁରୁ ଫେରିଛନ୍ତି। ସେମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିବାବେଳେ ସମ୍ପର୍କରେ ଦାଦା ଓ ପୁତୁରା ବୋଲି ଜଣାପଡିଛି। ବୌଦ୍ଧରେ ଚିହ୍ନଟ ନୂଆ ୨୮ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୨୦ଜଣ ଗୁଜରାଟ ଫେରନ୍ତା ଥିବାବେଳେ ୫ଜଣ ଆନ୍ଧ୍ରପ୍ରଦେଶ, ୨ଜଣ ତେଲଙ୍ଗାନା ଓ ଜଣେ ମହାରାଷ୍ଟ୍ର ଫେରନ୍ତା ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୩କୁ ବୃଦ୍ଧି ପାଇଛି। ପୁରୀରେ ଚିହ୍ନଟ ନୂଆ ୧୧ଜଣଙ୍କ ମଧ୍ୟରେ ୮ଜଣ ଗୁଜରାଟ ଫେରନ୍ତା ଥିବାବେଳେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ କର୍ଣ୍ଣାଟକରୁ ଜଣେ ଲେଖାଏ ରହିଛନ୍ତି। କଟକର ନୂଆ ୯ ଆକ୍ରାନ୍ତଙ୍କ ମଧ୍ୟରେ ସୁରଟ ଫେରନ୍ତା ୬ଜଣ ଥିବାବେଳେ ମହାରାଷ୍ଟ୍ର ୨ ଓ ତାମିଲନାଡୁରୁ ଜଣେ ଫେରିଛନ୍ତି। ଖୋର୍ଦ୍ଧାର ୭ ସଂକ୍ରମିତଙ୍କ ମଧ୍ୟରେ ୫ଜଣ ଗୁଜରାଟ ଓ ଜଣେ ପଶ୍ଚିମବଙ୍ଗ ଫେରନ୍ତା ରହିଛନ୍ତି। ଅନ୍ୟ ଜଣଙ୍କ ଲୋକାଲ କେସ୍ ବୋଲି ଜଣାପଡିଛି। ଗଞ୍ଜାମର ୬ ଆକ୍ରାନ୍ତଙ୍କ ମଧ୍ୟରେ ମହାରାଷ୍ଟ୍ରରୁ ୩, ଗୁଜରାଟରୁ ୨ଜଣ ଫେରିଥିବା ବେଳେ ଗୋଟିଏ ଲୋକାଲ କେସ୍ ରହିଛି। ଯାଜପୁରର ୬ ନୂଆ ସଂକ୍ରମିତଙ୍କ ମଧ୍ୟରେ ପଶ୍ଚିମବଙ୍ଗରୁ ୩, ଗୁଜରାଟରୁ ୨ ଓ ମହାରାଷ୍ଟ୍ରର ଜଣେ ଫେରନ୍ତା ରହିଛନ୍ତି। କେନ୍ଦ୍ରାପଡ଼ାର ୨ଜଣଙ୍କ ମଧ୍ୟରେ ଜଣେ ପଶ୍ଚିମବଙ୍ଗ ଓ ଜଣେ ତେଲଙ୍ଗାନାରୁ ଫେରିଛନ୍ତି। ବାଲେଶ୍ୱରରେ ସୁରଟ, ଢେଙ୍କାନାଳରେ ତାମିଲନାଡୁ ଓ କନ୍ଧମାଳରେ କେରଳ ଫେରନ୍ତା ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। କଳାହାଣ୍ଡି ଜିଲାରେ ମାସକ ପରେ କରୋନା ପଜିଟିଭ୍ ହୋଇଛନ୍ତି। ପୂର୍ବରୁ ଏପ୍ରିଲ ୪ରେ ଜଣେ ଓ ୯ରେ ଆଉଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଇତିମଧ୍ୟରେ ଦୁଇଜଣ ରୋଗୀ ସୁସ୍ଥ ହୋଇଯିବାପରେ କଳାହାଣ୍ଡି କରୋନାମୁକ୍ତ ହୋଇଥିଲା। ବୁଧବାର ପୁଣି ୧୧ଜଣ ଚିହ୍ନଟ ହେବାରୁ ଚିନ୍ତା ବଢ଼ାଇ ଦେଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଲାଞ୍ଜିଗଡ଼ ବ୍ଲକର ୭ ଜଣ ଓ ଭବାନୀପାଟଣା ବ୍ଲକର ୪ଜଣ ରହିଛନ୍ତି। ସେଥିମଧ୍ୟରୁ ୧୦ ଜଣ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି) କ୍ୱାରାଣ୍ଟାଇନ୍‌ରେ ରହୁଥିବା ପ୍ରବାସୀ ଓ ଅନ୍ୟ ଜଣେ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ବୋଲି ଜଣାପଡିଛି। ଏମାନଙ୍କୁ ମିଶାଇ ଜିଲାରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୧୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ମୃତ ୭୦ବର୍ଷୀୟ ବ୍ୟକ୍ତି ଜଣକ ଖୋର୍ଦ୍ଧା ଜିଲାର। ଶ୍ୱାସକ୍ରିୟାଜନିତ ସମସ୍ୟା ଯୋଗୁ ସେ ମଙ୍ଗଳବାର ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ ଏବଂ ସେହିଦିନ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ନମୁନା ରିପୋର୍ଟ କରୋନା ପଜିଟିଭ୍ ବାହାରିଥିଲା। ତାଙ୍କୁ ମିଶାଇ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି ପାଇଛି।

## ଘଣ୍ଟାକୁ ଶହେ ...

ଏବଂ ବ୍ୟବସାୟିକ ସଂସ୍କାର କାର୍ଯ୍ୟସୂଚୀ ଅନ୍ତର୍ଭୁକ୍ତ। ନିଯୁକ୍ତିଦାତାମାନଙ୍କୁ ସୁବିଧା ଦେବା, ବ୍ୟବସାୟରେ ସହଜତା ଆଣିବା ଓ ବିଦେଶୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ଏହି ସଂସ୍କାରକୁ ଜରୁରୀ ବୋଲି କୁହାଗଲା। ନିଯୁକ୍ତିଦାତାମାନଙ୍କୁ 'ଇନ୍ସପେକ୍ଶନ ରାଜ'ର ଅତ୍ୟାଚାରରୁ ମୁକ୍ତ କରିବା ପାଇଁ ଶ୍ରମ ଆଇନର ଯାଞ୍ଚ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ବୋଲି ମଧ୍ୟ ଦାବି କରାଗଲା। ସେମାନଙ୍କ ଯୁଗ୍ମ କ୍ଷମତାର ଉପଯୋଗ କରି ଅନେକ ରାଜ୍ୟ ସରକାର ସମାନ ବାଟରେ ଯାଇ ଶ୍ରମ ଆଇନରେ ପରିବର୍ତ୍ତନ ଆଣିଛନ୍ତି। ୨୦୧୪ରେ ରାଜସ୍ଥାନ ସରକାର ଫ୍ୟାକ୍ଟ୍ରିଜ୍ ଆକ୍ଟ,୧୯୪୮ ଓ କଣ୍ଟ୍ରାକ୍ଟ ଲେବର (ରେଗୁଲେଶନ ଆଣ୍ଡ ଆବୋଲିଶନ) ଆକ୍ଟ, ୧୯୭୦ର ପ୍ରୟୋଗ ସୀମାକୁ ବୃଦ୍ଧି କରି ଏହି କ୍ଷେତ୍ରରେ ଆଗରେ ରହିଛନ୍ତି। ଫଳରେ ରାଜ୍ୟରେ ବହୁସଂଖ୍ୟକ ଶ୍ରମିକ ଏହି ଆଇନଗୁଡ଼ିକର ପରିଧି ବାହାରକୁ ଚାଲିଯାଇଛନ୍ତି। ଏବେ ଟ୍ରେଡ୍ ୟୁନିୟନଗୁଡ଼ିକ 'ଶ୍ରମ ଆଇନ ସଂସ୍କାର'କୁ ଦୃଢ଼ ଭାବେ ବିରୋଧ କରିଛନ୍ତି। କାରଣ ଏହା ଶ୍ରମିକମାନଙ୍କ କଷ୍ଟୋପାର୍ଜିତ ଅଧିକାରଗୁଡ଼ିକୁ ନ୍ୟୂନ କରିଦେବା ସହ ଅଧିକ ଶୋଷଣର ବାଟ ଫିଟାଇବ। ସରକାର ତ୍ରୈପାକ୍ଷିକ ବିଚାରବିମର୍ଶ ନ କରି ଏକପାଖିଆ କାର୍ଯ୍ୟ କରୁଛନ୍ତି ବୋଲି ଟ୍ରେଡ୍ ୟୁନିୟନଗୁଡ଼ିକ ସମାଲୋଚନା କରୁଛନ୍ତି। ତେବେ ସେମାନଙ୍କ କଡ଼ା ପ୍ରତିରୋଧ ଯୋଗୁ କେନ୍ଦ୍ର ସରକାର ଯେପରି ଢଙ୍ଗରେ ଏହି ପରିବର୍ତ୍ତନକୁ କାର୍ଯ୍ୟକାରୀ କରିବାକୁ ଚାହିଁଥିଲେ ସେପରି କରିପାରି ନାହାନ୍ତି।

# କରୋନା କାଳରେ ସ୍ୱାସ୍ଥ୍ୟ ସଙ୍କଟ ଆଳ

କାର୍ଯ୍ୟ ସମୟ ବୃଦ୍ଧି, ସର୍ବନିମ୍ନ ମଜୁରିକୁ ସୀମିତ, ସାମାଜିକ ସୁରକ୍ଷା ସୁବିଧାଗୁଡ଼ିକୁ ହ୍ରାସ, କୌଣସି ପ୍ରକାର କାର୍ଯ୍ୟ ପାଇଁ ଠିକା ଶ୍ରମିକମାନଙ୍କୁ ନିୟୋଜନ କରିବା ପାଇଁ ଅନୁମତି, ଶ୍ରମିକଙ୍କ ଛଟେଇ ନିୟମକୁ କୋହଳ, ଟ୍ରେଡ୍ ୟୁନିୟନର ଅଧିକାରଗୁଡ଼ିକୁ ନିରୁତ୍ସାହିତ କରିବ। ପ୍ରାୟ ୬ ବର୍ଷ ଧରି କେନ୍ଦ୍ର ସରକାର ଶ୍ରମିକମାନଙ୍କ କାର୍ଯ୍ୟ ସମୟ ବଢ଼ାଇବା ପାଇଁ ଉଦ୍ୟମ କରୁଛନ୍ତି। ଏବେ କରୋନା କାଳରେ ସ୍ୱାସ୍ଥ୍ୟ ସଙ୍କଟ ଆଳ ଦେଖାଇ ଗୁଜରାଟ, ମଧ୍ୟପ୍ରଦେଶ ଓ ହିମାଚଳ ପ୍ରଦେଶ ସରକାର କଳକାରଖାନାରେ ନିୟୋଜିତ ଶ୍ରମିକମାନଙ୍କ ସର୍ବନିମ୍ନ କାର୍ଯ୍ୟ ସମୟ ଦୈନିକ ୧୨ ଘଣ୍ଟା ଓ ସପ୍ତାହକ ୭୨ ଘଣ୍ଟାକୁ ବୃଦ୍ଧି କରିଛନ୍ତି। ପଞ୍ଜାବର ଶ୍ରମ ବିଭାଗ ମଧ୍ୟ ଉକ୍ତ ଆଇନର ଧାରା ୬୫ ଅଧୀନରେ ଏକ ଅନୁରୂପ ନିର୍ଦ୍ଦେଶନାମା ଜାରି କରିଛି। ନିର୍ଦ୍ଦେଶନାମା ଅନୁସାରେ ଫ୍ୟାକ୍ଟ୍ରିଗୁଡ଼ିକ ଆଇନ ଅଧୀନରେ ଅସାଧାରଣ ଚାପକୁ ସାମ୍ନା କରିବା ଲାଗି ଦୈନିକ ଓ ସାପ୍ତାହିକ କାର୍ଯ୍ୟ ସମୟ ସମ୍ପର୍କିତ ସର୍ତ୍ତରୁ ଛାଡ଼ ପାଇପାରିବେ। ଗତ ସପ୍ତାହରେ ଓଡ଼ିଶା, ମହାରାଷ୍ଟ୍ର ଓ ଗୋଆ ସରକାର ମଧ୍ୟ ଦୈନିକ କାର୍ଯ୍ୟ ସମୟରେ ସମାନ ବୃଦ୍ଧି ଘଟାଇଛନ୍ତି। ବାସ୍ତବରେ କାର୍ଯ୍ୟଦିବସର ପରିବର୍ଦ୍ଧିତ ଅବଧି ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ବିପନ୍ନ କରିବା ବିଷୟକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ଉତ୍ତର ପ୍ରଦେଶ ସରକାର ଏହି କ୍ଷେତ୍ରରେ ଆହୁରି ଆଗକୁ ବଢ଼ିଯାଇଛନ୍ତି। ସେଠାରେ ସରକାର ଉତ୍ତର ପ୍ରଦେଶ ଟେମ୍ପୋରାରି ଏକ୍‌ଜେମ୍ପଶନ୍ ଫ୍ରମ୍ ସର୍ଟେନ ଲେବର ଲଜ୍ ଅର୍ଡିନାନ୍ସ, ୨୦୨୦ ଆଣିବା ପ୍ରକ୍ରିୟାରେ ଅଛନ୍ତି। ଏହି ଅଧ୍ୟାଦେଶ ବଳରେ ରାଜ୍ୟରେ ଥିବା ଫ୍ୟାକ୍ଟ୍ରି ଓ ମାନୁଫାକ୍ଚରିଂ ସଂସ୍ଥାଗୁଡ଼ିକ ପାଇଁ ପ୍ରଯୁଜ୍ୟ ସମସ୍ତ ଶ୍ରମ ଆଇନର କାର୍ଯ୍ୟକାରିତାକୁ ୩ ବର୍ଷ ପର୍ଯ୍ୟନ୍ତ ରଦ୍ଦ କରାଯାଇପାରିବ। ତେବେ ଗୋତି ଶ୍ରମିକ ପ୍ରଥା (ଉଚ୍ଛେଦ) ଆଇନ, ୧୯୭୬, କର୍ମଚାରୀଙ୍କ କ୍ଷତିପୂରଣ ଆଇନ, ୧୯୨୩, କୋଠାବାଡ଼ି ଓ ଅନ୍ୟ ନିର୍ମାଣ ଶ୍ରମିକ (ନିୟୋଜନ ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଆଇନ, ୧୯୯୬ ଏବଂ ଶିଶୁ ଓ ମହିଳା ସମ୍ପର୍କିତ ଶ୍ରମ ଆଇନର ନିୟମଗୁଡ଼ିକ ଏଥିରୁ ବାଦ୍ ଦିଆଯିବ। ହେଲେ ଏହି ଅଧ୍ୟାଦେଶ ଚିଠା ଅନୁସାରେ ନିଯୁକ୍ତିଦାତା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପ୍ରଦାନ କରିବେ। ଫ୍ୟାକ୍ଟ୍ରି ଆଇନର ସୁରକ୍ଷା ସମ୍ପର୍କିତ ନିୟମଗୁଡ଼ିକର ଅନୁପାଳନ ମଧ୍ୟ ଜରୁରୀ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଚିଠାରେ ଦୈନିକ କାର୍ଯ୍ୟ ସମୟକୁ ୧୧ ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାବେଳେ କାର୍ଯ୍ୟଦିବସକୁ ୧୨ ଘଣ୍ଟା ସ୍ଥିର କରାଯାଇଛି। ଏହା ଆଇନରେ ପରିଣତ ହେଲେ ଉତ୍ତର ପ୍ରଦେଶର ନିଯୁକ୍ତିଦାତାମାନେ ଶ୍ରମିକଙ୍କୁ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରିରୁ ଅଧିକ କିଛି ପଇଠ କରିବାକୁ ବାଧ୍ୟହେବେ ନାହିଁ। ସେହିପରି ମାଲିକମାନେ ଶ୍ରମିକଙ୍କୁ ଛଟେଇ କରିବା ପାଇଁ ସୁଯୋଗ ପାଇବେ ତାହା ପୁଣି ବିନା କ୍ଷତିପୂରଣରେ। ରାଜ୍ୟରେ ପରବର୍ତ୍ତୀ ୩ ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ଟ୍ରେଡ୍ ୟୁନିୟନର ପଞ୍ଜୀକରଣ ହୋଇପାରିବ ନାହିଁ। ଶ୍ରମିକମାନେ ନିଜ ଅସୁବିଧା ଜଣାଇବା ପାଇଁ କୌଣସି ଅଭିଯୋଗ ବ୍ୟବସ୍ଥାର ସୁବିଧା ପାଇପାରିବେ ନାହିଁ। ଏଭଳି ନିରଙ୍କୁଶ ନମନୀୟତା ଶ୍ରମିକମାନଙ୍କ ପ୍ରତିବାଦ କ୍ଷମତାକୁ ସଙ୍କୁଚିତ କରିବ, ଯାହାକି ସାରା ଦେଶରେ ଏମ୍ପ୍ଲୟର୍ସ ୟୁନିୟନଗୁଡ଼ିକ ଦାବି କରିଆସୁଛନ୍ତି।

ଦୁଇ ସପ୍ତାହ ତଳେ ମଧ୍ୟପ୍ରଦେଶ ସରକାର ଅନୁମୋଦନ, ଲାଇସେନ୍ସିଂ ଓ ରେଜିଷ୍ଟ୍ରେଶନ, ସୁରକ୍ଷା, ଓଭରଟାଇମ୍ ମଜୁରି ଆଦି ସମ୍ପର୍କିତ ନିୟମ ବ୍ୟତୀତ ଫ୍ୟାକ୍ଟ୍ରି ଆଇନ ଅନୁପାଳନରୁ ରାଜ୍ୟର ସମସ୍ତ ଫ୍ୟାକ୍ଟ୍ରିକୁ ମୁକ୍ତ କରିଛନ୍ତି। ଏହାସହ ୫୦ରୁ କମ୍ ଶ୍ରମିକ ନିୟୋଜିତ ଥିବା ବିପଦମୁକ୍ତ ଫ୍ୟାକ୍ଟ୍ରିଗୁଡ଼ିକ ପାଇଁ ତୃତୀୟ ପକ୍ଷ ପ୍ରମାଣୀକରଣ ବ୍ୟବସ୍ଥାକୁ ମଧ୍ୟ ଅନୁମତି ପ୍ରଦାନ କରିଛନ୍ତି। ଏହି ନିୟମକୁ କାର୍ଯ୍ୟକାରୀ କରାଗଲେ ଫ୍ୟାକ୍ଟ୍ରି ଆଇନର ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା,



ମୌଳିକ ସୁବିଧା ପ୍ରଦାନର ନିୟମ ଓ ଲେବର୍ ଇନ୍ସପେକ୍ଶନ ୩ ବର୍ଷ ପାଇଁ କଳକାରଖାନାଗୁଡ଼ିକରେ ଲାଗୁ ହେବ ନାହିଁ। ସେହିପରି ନୂଆ ଫ୍ୟାକ୍ଟ୍ରିଗୁଡ଼ିକୁ ଇଣ୍ଡଷ୍ଟ୍ରିଆଲ୍ ଡିସ୍‌ପ୍ୟୁଟ୍ ଆକ୍ଟର କେତେକ ନିୟମରୁ ଛାଡ଼ ଦେଇଛନ୍ତି। ଫଳରେ ନୂଆକରି ଗଢ଼ିଉଠିଥିବା କଳକାରଖାନାର ଶ୍ରମିକମାନେ ୧୦୦୦ ଦିନ ପର୍ଯ୍ୟନ୍ତ ସଙ୍ଗଠିତ ହେବା ସ୍ୱାଧୀନତା ହରାଇବା ସହ ସାମଗ୍ରିକ ମୂଳଚାଲ ଅଧିକାରରୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ ଗୁଜରାଟ ସରକାର ମଧ୍ୟ ଉତ୍ତର ପ୍ରଦେଶ ମଡେଲକୁ ଆପଣାଇ ଏକ ଅଧ୍ୟାଦେଶ ଆଣିବା ପ୍ରକ୍ରିୟାରେ ଅଛନ୍ତି। ଏହା ବଳରେ ବର୍ଷକ ମଧ୍ୟରେ ପ୍ରତିଷ୍ଠିତ ନୂଆ ୟୁନିଟଗୁଡ଼ିକୁ ଶ୍ରମ ଆଇନରୁ ଛାଡ଼ ଦିଆଯାଇପାରିବ। ଏହି ଅଧ୍ୟାଦେଶ ଅଣାଗଲେ ନୂଆ ମାନୁଫାକ୍ଚରିଂ ୟୁନିଟ ଓ ସର୍ଭିସ୍ ସେକ୍ଟରର ଶ୍ରମିକମାନେ ସେମାନଙ୍କ ଉପଯୁକ୍ତ ମଜୁରି ଅଧିକାରରୁ ବଞ୍ଚିତ ହେବେ। ସେମାନଙ୍କ ସୁରକ୍ଷା ବିପନ୍ନ ହେବା ସହ ସଙ୍ଗଠନ ଅଧିକାର ଓ ସାମଗ୍ରିକ ମୂଳଚାଲ ଅଧିକାର ମଧ୍ୟ ହରାଇବେ। ଶ୍ରମ ଆଇନ ବଦଳାଉଥିବା ରାଜ୍ୟଗୁଡ଼ିକର ତାଲିକାରେ କର୍ଣ୍ଣାଟକ ଯୋଡ଼ିହେବା ସହ ଏକ ପ୍ରସ୍ତାବ ଆଣିଛି। ଏହାଦ୍ୱାରା ଫ୍ୟାକ୍ଟ୍ରି ଆଇନର ଆବେଦନ ସଂଖ୍ୟା ସୀମା ବୃଦ୍ଧି ପାଇବ। ଏଥିଯୋଗୁ ଶ୍ରମିକମାନଙ୍କ ସୁରକ୍ଷା ହ୍ରାସ ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।


# classified




Monalisa massage club : All types body massage with hiprofile smart lady rooms service available 9708545108. D-17311

**ପ୍ରଥମ ଜନ୍ମଦିବସ ଶୁଭେଚ୍ଛା**



**ସମର୍ଥ ଶତପଥୀ (ସୋମୁ)**
ବଳଙ୍ଗା, ପୁରୀ

ପ୍ରଥମ ଜନ୍ମଦିବସ ଅବସରରେ ପ୍ରାର୍ଥନା କରୁଛି ଯେ ପ୍ରଭୁ ଶ୍ରୀଗଣେଶ, ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଦକ୍ଷିଣଚଣ୍ଡୀ ତୋତେ ସଦାସର୍ବଦା ସଦ୍‌ବୁଦ୍ଧି, ତୋ ମନରେ ସଦ୍‌ଭାବ ଦିଅନ୍ତୁ ଓ ତୋତେ ନୀରୋଗ ରଖନ୍ତୁ, ତୋର ଚଲାପଥ କୁସୁମିତ ହେଉ।

-:ଶୁଭେଚ୍ଛା ସହ:- ପାପା, ମାମା, ଜେଜେ ବାପା, ଜେଜେ ମାଆ, ଅଜା, ଆଈ, ସାନ ଜେଜେ ବାପା ଓ ମାଆ, ବଡ଼ ବାପା ଓ ମାମା, କାକା, ଖୁଡ଼ୀ, ସାଇନା, ଶ୍ରେୟା, ଅରୋ, ବନ୍ଧୁ ଓ ପରିବାରବର୍ଗ।

ଧ-୧୭୩୨୦

**Birthday Wish**



**kuku**
**Bhubaneswar**
May the Lord continue to shower you with happiness, good future, prosperity and good health all the days of your life.
-:Best wishes from:-
Bapuni, Family & Relatives
D-17315

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରକେନ୍ଦ୍ରସ୍ଥ ଶନି ହେତୁ କର୍ମକ୍ଷେତ୍ରରୁ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି। ପରିବାରରେ ଅଶାନ୍ତ ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି।

**ବୃଷ** କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଜଞ୍ଜାଳବୃଦ୍ଧି କାରଣରୁ କର୍ମକ୍ଷେତ୍ର ମନ୍ଦ ନ ହେଲେ ମଧ୍ୟ ଶାନ୍ତିପ୍ରଦ ହୋଇ ନ ପାରେ। ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଯୋଗାଯୋଗ ଓ ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** ଦିନଟିରେ ହସଖୁସୀ ଓ ମଜାମଉଜର ପରିବେଶ ମଧ୍ୟରେ ନିଜର ସ୍ଥିତିକୁ ମଧ୍ୟ ପାସୋରି ଦେଇ ପାରନ୍ତି। ଶୁଭେଚ୍ଛୁମାନଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିପାରନ୍ତି। ବ୍ୟବସାୟ, ଫ୍ଲାଟିଂ କାରବାର କ୍ଷେତ୍ରରେ ସଫଳତା ପାଇବେ ନାହିଁ, ବରଂ ଅଶାନ୍ତିର ବାତାବରଣକୁ ଡାକି ଆଣିବେ।

**କର୍କଟ** ଏକାଧିକଗ୍ରହ ସପ୍ତମକେନ୍ଦ୍ରସ୍ଥ ହୋଇ,କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସମସ୍ୟା ବହୁଳ କରିପାରନ୍ତି। ସାମାଜିକ ସ୍ତରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ, କିନ୍ତୁ ସହଯୋଗ ପାଇବେନି। ଅର୍ଥାଭାବ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଟଙ୍କା, ପଇସା ଅଭାବ ପରିଲକ୍ଷିତ ହେବ।

**ସିଂହ** ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ କଥାରେ ବିଶ୍ୱାସ କରି ନିର୍ଦ୍ଦିଷ୍ଟ ସମୟରେ ନିରାଶ ହେବାକୁ ପଡିବ। ସଭାସମିତିରେ ପ୍ରିୟଜନମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଜମିଜମା, କଚେରି ମାମଲା, ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହୋଇପାରନ୍ତି।

**କନ୍ୟା** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ି କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କିମ୍ବା ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** ପାରିବାରିକ ପ୍ରତିରୋଧ କିମ୍ବା ବୃଦ୍ଧ ପିତାଙ୍କ ସ୍ୱାସ୍ଥ୍ୟହାନି ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ଅଫିସ୍‌ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ। ସହଜାତ ପ୍ରବୃତ୍ତିଜନିତ ପ୍ରିୟବାଦିତା ଓ ଉଦାରତା ଗୁଣରୁ ସମସ୍ତଙ୍କର ପ୍ରିୟଭାଜନ ହେବେ।

**ବିଛା** ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ ସମୟଚକ୍ର ଦୁଃଖସୀମାକୁ ଆଜି ଅତିକ୍ରମ କରିପାରିବ ନାହିଁ। ଉଚ୍ଚବର୍ଗଙ୍କ ସହାୟତା ଲାଭ କରି ସ୍ଥଗିତ କାମର ପୁନରୁଦ୍ଧାର କରିପାରନ୍ତି। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରିପାଇବେ। ବନ୍ଧୁଙ୍କର ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ।

**ଧନୁ** ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଅଭାବ ନ ଥିଲେ ମଧ୍ୟ ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ମଧ୍ୟ ଉପଭୋଗ୍ୟ ହେବନାହିଁ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କାମ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ମୁଗ୍ଧ କରିବାରେ ସମର୍ଥ ହେବେ। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି, କିନ୍ତୁ ଋଣ ଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ।

**କୁମ୍ଭ** ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ମଧ୍ୟରେ ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା, ଅଧ୍ୟୟନ, ଅଧ୍ୟାପନା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ** କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ୍ୟ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବା ଅନୁଭବ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କର୍ମକ୍ଷେତ୍ରରେ ପକ୍ଷପାତିତାର ବିରୋଧ କରି କଳହ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର, ମେ୨୧ ତାରିଖ, ଗୁରୁବାର,ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୩.୩୭ମି. ଗତେ ଘ.୦୬.୧୩ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୫୭ମି. ଗତେ ଘ.୦୯.୦୯ମି. ମଧ୍ୟେ, ରାତ୍ରି ଘ.୧୨.୦୫ମି. ଗତେ ଘ.୦୨.୧୬ମି. ମଧ୍ୟେ, ଘ.୦୩.୪୪ମି. ଗତେ ଘ.୦୫.୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୨ମି. ଗତେ ଘ.୦୬.୦୪ମି. ମଧ୍ୟେ, ଘ.୦୯.୩୩ ମି.ଗତେ ଘ.୧୧.୧୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୧.୨୧ମି. ଗତେ ଘ.୦୨.୫୮ମି. ମଧ୍ୟେ ରାହୁକାଳ।

# ଖସିଲା ଟିକ୍‌ଟକ୍ ରେଟିଂ




**ନୂଆଦିଲ୍ଲୀ,୨୦।୫**

ୟୁଟ୍ୟୁବ୍ ଇନ୍‌ଫ୍ଲୁଏନ୍ସର ଏବଂ ଟିକ୍‌ଟିକ୍ କ୍ରିଏଟରଙ୍କ ମଧ୍ୟରେ ଇଣ୍ଟରନେଟ ୱାର ନିକଟରେ ଦେଖିବାକୁ ମିଳିଛି। ଏଥି ଯୋଗୁ ଶର୍ଟ ଭିଡିଓ ପ୍ଲାଟ୍‌ଫର୍ମ ଟିକ୍‌ଟକ୍‌ର ରେଟିଂ ୪.୬ ଷ୍ଟାରରୁ ୨କୁ ଖସିଯାଇଛି। ଗୁଗଲ ଆପ୍ ଷ୍ଟୋରରେ ଗତ ଗୋଟିଏ ସପ୍ତାହ ମଧ୍ୟରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଘଟଣାଟି ଆରମ୍ଭ ହୋଇଥିଲା ଟିକ୍‌ଟକ୍ କ୍ରିଏଟର ଅମିର ସିଦ୍ଦିକଙ୍କଠାରୁ। ଇନ୍‌ଷ୍ଟାଗ୍ରାମରେ ୟୁଟ୍ୟୁବରଙ୍କୁ ଚିଡ଼ାଇବା ଭଳି ଏକ ଭିଡିଓ ସେ ପୋଷ୍ଟ କରିଥିଲେ। ୟୁଟ୍ୟୁବରମାନେ ଟିକ୍‌ଟକ୍‌ର କଣ୍ଟେଣ୍ଟ ଚୋରି କରୁଥିବା ସେହି ଭିଡିଓରେ ସିଦ୍ଦିକି ଅଭିଯୋଗ ଆଣିଥିଲେ। ବ୍ରାଣ୍ଡ ଭାଲ୍ୟୁ ହରାଇବା ଭୟରେ ୟୁଟ୍ୟୁବର ଏଭଳି କରୁଥିବା ସେ କହିଥିଲେ। କ୍ୟାରିମିନତି ଭାବେ ପରିଚିତ ଲୋକପ୍ରିୟ ରୋଷ୍ଟର ଅଜୟ ନାଗର ସିଦ୍ଦିକିଙ୍କୁ ଏହାର ଜବାବ ଏକ ଭିଡିଓ ମାଧ୍ୟମରେ ଦେଇଥିଲେ। ୟୁଟ୍ୟୁବର ନିୟମ ଏବଂ ସେବା ଉଲ୍ଲଂଘନ କରୁଥିବା ଦର୍ଶାଇ ଏହି ଭିଡିଓଟିକୁ ଏବେ ପ୍ଲାଟ୍‌ଫର୍ମରୁ ହଟାଯାଇଛି। ଭିଡିଓଟି ଖୁବ୍ କମ୍ ସମୟରେ ମଧ୍ୟରେ ଭଲ ଭିୟୁ ମଧ୍ୟ ହାସଲ କରିଥିଲା। କ୍ୟାରିମିନତିଙ୍କ ଉକ୍ତ ଭିଡିଓଟି ବ୍ୟାନ୍ ହେବା ପରେ ତାଙ୍କ ପ୍ରଶଂସକ ଟିକ୍‌ଟକ୍ ବିରୋଧରେ ଟ୍ରେଣ୍ଡ କ୍ୟାମ୍ପେନ ଦେଖିବାକୁ ମିଳିଥିଲା। ଟିକ୍‌ଟକ୍ କ୍ରିଏଟରମାନେ ହିଂସା,ଘୃଣା, ଅଶ୍ଳୀଳତା ଏବଂ ବିଭିନ୍ନ ଆଟାକ ପ୍ରୋତ୍ସାହିତ କରୁଥିବା ଟିକ୍‌ଟକ୍‌ର ସମାଲୋଚକ ମଧ୍ୟ ଅଭିଯୋଗ କରିଛନ୍ତି। ଏଭଳି ବିଭିନ୍ନ କାରଣ ଲାଗି ଟିକ୍‌ଟକ୍‌ର ରେଟିଂ ଖସିଥିବା ଜଣାପଡିଛି। ଉକ୍ତ ଆପ୍‌ର ବର୍ତ୍ତମାନ ୨୦୦ ନିୟୁତ ୟୁଜର ଭାରତରେ ଅଛନ୍ତି। ସବୁଠାରୁ ଲୋକପ୍ରିୟ ଆପ୍ ଭାବେ ଏହା ଉଭାହୋଇଛି। ସାରା ବିଶ୍ୱରେ ଏହି ଆପ୍‌କୁ ୨୦୦ କୋଟି ଡାଉନ୍‌ଲୋଡ କରାଯାଇଛି।

# ଅର୍ଥନୀତି, ମାନବୀୟ ସଙ୍କଟ ପରିଚାଳନାରେ କେନ୍ଦ୍ର ବିଫଳ

**ନୂଆଦିଲ୍ଲୀ, ୨୦।୫**

ଭାରତରେ କରୋନା ଭାଇରସ୍ ସଂକ୍ରମଣ ରୋକିବା ଲାଗି ନରେନ୍ଦ୍ର ମୋଦି ସରକାରଙ୍କ ଲକ୍‌ଡାଉନ୍ ବା ତାଲାବନ୍ଦ ଘୋଷଣା ନିଷ୍ପତ୍ତିଙ୍କୁ ସମାଲୋଚନା କରାଯାଇପାରିବ ନାହିଁ। କିନ୍ତୁ ଘୋଷଣାର ସମୟ, ପ୍ରସ୍ତୁତି, ଅର୍ଥନୀତି ଉପରେ ଏହାର ପ୍ରଭାବ ଓ ମାନବୀୟ ସଙ୍କଟକୁ ପରିଚାଳନା ଲାଗି ଦୂରଦୃଷ୍ଟିର ଅଭାବ ସରକାରଙ୍କୁ ବିଫଳତା ଚାଖିବାକୁ ପଡ଼ିଛି।

ଯେଉଁଭଳି ଭାବେ କୋଭିଡ୍-୧୯ ବିଶ୍ୱବ୍ୟାପୀ ବ୍ୟାପିବାରେ ଲାଗିଲା, ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଦେଖିଲେ ସମଗ୍ର ଦେଶକୁ ତାଲାବନ୍ଦ କରିଦେବା ଠିକ୍ ଥିଲା। ମାତ୍ର ପ୍ରାରମ୍ଭିକ ସମୟରେ ଅଧିକ ଟେଷ୍ଟ କରିବା ଲାଗି ଚାରିଆଡ଼ୁ ଦାବି ହେଲେ ମଧ୍ୟ ସରକାର ସେଥିପ୍ରତି ଗୁରୁତ୍ୱ ନ ଦେବାରୁ ଆଜି ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କରୋନାକୁ ନିୟନ୍ତ୍ରଣ କରିବା ଲାଗି କେରଳ ଯେଉଁ ମଡେଲ ଆପଣାଇଲା ସେଥିରୁ ପ୍ରଧାନମନ୍ତ୍ରୀ କୌଣସି ଶିକ୍ଷା ଗ୍ରହଣ ନ କରିବା ସରକାର ପାଇଁ ଅସ୍ୱସ୍ତି ଆଣିଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଜାନୁୟାରୀ ୩୦ରେ ଭାରତରେ କରୋନା ଭାଇରସ୍ ଦେଖାଦେବା ପୂର୍ବରୁ କେରଳ କଣ୍ଟେନମେଣ୍ଟ ଷ୍ଟ୍ରାଟେଜି ବା ପ୍ରଭାବ ନିରୋଧ କୌଶଳ ଗ୍ରହଣ କରି ଦେଶରେ ଉଦାହରଣ ସୃଷ୍ଟି କରିଥିଲା। ସେହିପରି ମହାମାରୀକୁ ତାଙ୍କ ସମର୍ଥକମାନେ



ସାମ୍ପ୍ରଦାୟିକ ରୂପ ଦେବା ବେଳେ ମୋଦି ନିନ୍ଦା କରିବାକୁ ଆଗେଇ ନ ଆସିବା ସରକାରଙ୍କୁ ସମାଲୋଚିତ ହେବାକୁ ପଡ଼ିଛି। ତାଲାବନ୍ଦ ସମାଧାନର ଏକମାତ୍ର ବାଟ ନୁହେଁ ବୋଲି ଜଣାପଡ଼ିବା ପରେ ତାହାକୁ ବାରମ୍ବାର ବୃଦ୍ଧି କରାଯାଇଛି। ଏହାଦ୍ୱାରା ମୋଦି ତାଙ୍କ ଅହଂଭାବ ଦେଖାଇବାକୁ ଚେଷ୍ଟା କରିଛନ୍ତି ବୋଲି କୁହାଯାଉଛି। ପୁଣି ସରକାରଙ୍କ କୌଣସି ବରିଷ୍ଠ ପଦବୀଧାରୀ ମହାମାରୀ ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ରଖୁଥିବା ଦେଖିବାକୁ ମିଳିନାହିଁ। ଏହାର ଭବିଷ୍ୟତ ଯୋଜନା କ'ଣ ରହିଛି? ସରକାର କରୋନା ସଂକ୍ରାନ୍ତ ତଥ୍ୟ ଲୁଚାଇବାକୁ ଚାହିଁଛନ୍ତି କି? ଏହିଭଳି ଅନେକ ପ୍ରଶ୍ନ ଉଠୁଛି, ଯାହାର ଉତ୍ତର ଦେଶବାସୀ ପାଇପାରୁ ନ ଥିବାରୁ ସରକାର ଲୋକଙ୍କ ପାଖରେ ଉତ୍ତରଦାୟିତ୍ୱ ହରାଇଛନ୍ତି ବୋଲି ଚାରିଆଡ଼େ ଚର୍ଚ୍ଚା ହେଉଛି।

ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ, ମୋଦି ସରକାର ଅନେକ ମାତ୍ରାରେ ବିଫଳ ହୋଇଛନ୍ତି। ଦେଶବ୍ୟାପୀ ତାଲାବନ୍ଦ ଯୋଗୁ ଶିଳ୍ପ, କଳକାରଖାନା ଓ ବଜାର ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ିଗଲା। ଏଥିପ୍ରତି ମୂଳରୁ ଦୃଷ୍ଟି ଦିଆ ନ ଯାଇ କେବଳ ଅର୍ଥନୈତିକ ପ୍ୟାକେଜ ଘୋଷଣା କରାଯିବା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ଜଣାପଡ଼ିଗଲାଣି। ଯେତେବେଳେ ଚାହିଦା ବୃଦ୍ଧି ଲାଗି ଅର୍ଥନୀତିଜ୍ଞମାନେ ପରାମର୍ଶ ଦେଇଥିଲେ ତାହାକୁ ସରକାର ଗ୍ରହଣ ନ କରିବାରୁ ଅର୍ଥନୈତିକ ସ୍ଥିତି ଆହୁରି ବିଗିଡ଼ି ଯାଇଛି। ପ୍ୟାକେଜରେ କେବଳ ଋଣ ଓ ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇଛି। ଯେତେବେଳେ ବ୍ୟାଙ୍କଗୁଡ଼ିକ ଅନାଦାୟ ପରିସମ୍ପତ୍ତି (ଏନ୍‌ପିଏ) ବୃଦ୍ଧି ଓ ଅନ୍ୟାନ୍ୟ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି, ସେତେବେଳେ ସେମାନଙ୍କୁ ଅଧିକ ଋଣ ଦେବା ଲାଗି ବାଧ୍ୟ କରାଯିବା ନ୍ୟାୟସଙ୍ଗତ ମନେହେଉ ନାହିଁ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି। ତାଲାବନ୍ଦ ଯୋଗୁ ଦେଶର ପ୍ରତ୍ୟେକ ବର୍ଗ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶିଳ୍ପପତି, ବ୍ୟବସାୟୀ, କୃଷକ ଓ ଶ୍ରମିକମାନେ ଯାହା ଚାହୁଁଥିଲେ, ତାହାକୁ ସରକାର ନଜର ଦେଇ ନ ଥିବାରୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ତ୍ରୁଟିକୁ ଘୋଡ଼ାଇବା ପାଇଁ କେବଳ ୨୦ ଲକ୍ଷ କୋଟି ଟଙ୍କାର ଗୋଟେ ପ୍ୟାକେଜ ଘୋଷଣା ତତ୍‌କ୍ଷଣାତ୍ ସ୍ଥିତି ସୁଧାରିବାର ସଙ୍କେତ ଦେଉନାହିଁ ବୋଲି ସାଧାରଣ ଲୋକେ ବୁଝିବାକୁ ଡେରି ହେବ ନାହିଁ। ତାଲାବନ୍ଦ ଯୋଗୁ ଆର୍ଥିକ ସଙ୍କଟ ଦେଖାଦେବା ଦ୍ୱାରା ଅନେକ ଲୋକ ଚାକିରି ହରାଇଲେଣି। ଶ୍ରମିକମାନେ କାମଧନ୍ଦା ନ ପାଇ ଯନ୍ତ୍ରଣା ଭୋଗୁଛନ୍ତି। ଏଭଳି ସ୍ଥଳେ ରାଜନେତାମାନେ ନିଜକୁ ବଞ୍ଚାଇବା ସହ ସେମାନଙ୍କ ଧନୀ ବନ୍ଧୁଙ୍କୁ ରକ୍ଷା କରିବା ଦିଗରେ ପଦକ୍ଷେପ ନେଉଥିବା ଦେଖିବାକୁ ମିଳୁଛି।

ଶେଷରେ ମାନବୀୟ ସଙ୍କଟ ପରିଚାଳନାରେ ମୋଦିଙ୍କ ବିଫଳତା ସବୁ ପ୍ରକାର ସୀମା ଅତିକ୍ରମ କରିଦେଇଛି। ପ୍ରବାସୀ ଶ୍ରମିକମାନେ ହଜାର ହଜାର କିଲୋମିଟର ଚାଲିଚାଲି ଗାଁକୁ ଫେରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେତେ ଜଣ ପ୍ରାଣ ହରାଇସାରିଲେଣି। ଲକ୍‌ଡାଉନ ଘୋଷଣା ପୂର୍ବରୁ ସରକାର ଶ୍ରମିକଙ୍କ ଦୁର୍ଦ୍ଦଶାକୁ ପ୍ରଥମେ ଆକଳନ କରିବାର ଥିଲା। ଏହାର ପ୍ରଥମ ୫୦ ଦିନ ପାଇଁ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଶ୍ରମିକଙ୍କ ସକାଶେ ସରକାର କାହିଁକି ଖାଦ୍ୟ ଓ ରୋଜଗାରର ବ୍ୟବସ୍ଥା କରିପାରିଲେ ନାହିଁ? କେବଳ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସାମ୍ବାଦିକ ସମ୍ମିଳନୀରେ ଦେଶରେ ୮ କୋଟି ପ୍ରବାସୀ ଶ୍ରମିକ ଥିବା କଥା କହି ରହିଗଲେ। ପୁଣି ଯେତେବେଳେ ସଂକ୍ରମଣ ସ୍ତର ବଢ଼ିବାରେ ଲାଗିଲା, ସେତେବେଳେ ଅତି ବିଳମ୍ବରେ ଶ୍ରମିକ ଟ୍ରେନ୍ ଚଳାଇବାର ନିଷ୍ପତ୍ତି କାହିଁକି ନିଆଗଲା ବୋଲି ସାଧାରଣରେ ଉଠିଥିବା ପ୍ରଶ୍ନର ସରକାରଙ୍କ ପାଖରେ କ'ଣ ଉତ୍ତର ରହିଛି? ପ୍ରବାସୀଙ୍କ ପାଇଁ ମାନବୀୟ ସହଯୋଗ ପ୍ରଦାନ ଲାଗି ଏକ ସାଧାରଣ ଉପଦେଶାବଳୀ ପ୍ରକାଶ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କାହିଁକି ୬ ସପ୍ତାହ ସମୟ ଲାଗିଲା? ତାଲାବନ୍ଦ ବେଳେ ସ୍ୱାସ୍ଥ୍ୟ, ଅର୍ଥନୈତିକ ଓ ମାନବୀୟ ସଙ୍କଟ ପରିଚାଳନା କରିବାରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରାଯିବା ମୋଦି ସରକାରଙ୍କ ବିଫଳତା ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରା ସହେ ମେରୁ
ଖରା ସହେ ଗୋରୁ
ଖରା ସହେ ମୂଲିଆ ବାପୁଡ଼ା
ଖରା ସହେ ତରୁ ।**

ପ୍ରକୃତି ସହ ଜଡିତ ଥିବା ପାହାଡ, ପର୍ବତ, ଗଛ ଲତା ମାନ ଖରାକୁ ଭ୍ରୂକ୍ଷେପ ନ କରି ଦଣ୍ଡାୟମାନ ହୋଇ ଜଗତକୁ ଶିତଳତା ପ୍ରଦାନ କରିଥାନ୍ତି। ସେହିପରି ଗୋରୁ ବା ବଳଦ ଖରାରେ ଚାଷ କାର୍ଯ୍ୟରେ ନିୟୋଜିତ ହେଉଥିବାବେଳେ ଚାଷୀ ମୂଲିଆ ପେଟ ପାଟଣା ପାଇଁ ଖରାରେ କାମ କରିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଖାଇ ହଗା
ତା'ଠାରୁ ନାହିଁ ହତଭାଗା ।**

ଖାଇସାରି ଝାଡ଼ାଯିବା ସ୍ୱାସ୍ଥ୍ୟ ପାଇଁ ଅହିତ କର ବା କ୍ଷତିକାରକ ହୋଇଥାଏ। ଖାଇ ସାରିବା ପରେ ଝାଡ଼ା ଯାଉଥିବା ବ୍ୟକ୍ତି ହତଭାଗା ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ
– ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଅଭିଯୁକ୍ତଙ୍କୁ ଗିରଫ ବେଳେ ଏସ୍‌ଓପି ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

- କମିଶନରେଟ ପୋଲିସକୁ କରୋନା ଡର
- ୪ ଟିମ୍ କରୁଛନ୍ତି ସ୍ୱାସ୍ଥ୍ୟ ପରୀକ୍ଷା, ବଡି ସ୍କ୍ରିନିଂ
- ୬ ହଜାର ପୋଲିସ କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା ହେଲାଣି

ଜଣେ ୩୬ ବର୍ଷୀୟ କନଷ୍ଟେବଳଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବା ପରେ ତତ୍ପର ହୋଇଉଠିଛି କମିଶନରେଟ ପୋଲିସ। ଏବେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବା ବେଳେ ଏସ୍‌ଓପି (ସ୍ପେଶଲ ଅପରେଶନ ପ୍ରୋସିଜିଓର) ପାଳନ କରିବା ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି।

ଏଭଳି ପରିସ୍ଥିତିର ମୁକାବିଲା କରିବା ପାଇଁ ଡାକ୍ତରୀ ଅଭିଜ୍ଞତା ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ୪ଟି ଟିମ୍ ଗଠନ କରିଛି କମିଶନରେଟ ପୋଲିସ। ଏହାର ଏକାଧିକ ଜୋନ୍‌ରେ କାର୍ଯ୍ୟରତ କର୍ମଚାରୀ, ରିଜର୍ଭ ପୋଲିସ କର୍ମଚାରୀ ଓ ଡିସିପି ଅଫିସରେ କାର୍ଯ୍ୟରତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବଡି ସ୍କ୍ରିନିଂ କରାଇଛି ଏହି ଟିମ୍। ଯେଉଁମାନଙ୍କର କିଛି ଲକ୍ଷଣ ଦେଖାଯାଉଛି, ସେମାନଙ୍କର ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଉଛି। ଏଯାବତ୍ କଟକ, ଭୁବନେଶ୍ୱରରେ କାର୍ଯ୍ୟରତ ୬ ହଜାର ପୋଲିସ କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷଣ କରାଯାଇଛି। ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ବେଳେ ମାତ୍ର ଜଣଙ୍କର ପଜିଟିଭ୍ ଆସିଥିବା କମିଶନରେଟ ପୋଲିସର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରକାଶ କରିଛି। ଯେଉଁମାନଙ୍କର ବୟସ ୫୦ ବର୍ଷରୁ ଅଧିକ ଓ ଯଦି ସେମାନେ ମଧୁମେହ କିମ୍ବା ଅନ୍ୟ କିଛି ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ସେମାନଙ୍କୁ ଘରେ ରହି କାମ କରିବାକୁ ପୋଲିସ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଘରେ ରହି କେସ୍ ଡାଏରୀ ଲେଖିବା ଓ ଅନ୍ୟ କାମ କରୁଛନ୍ତି।

# ପାଚେରି ଡେଇଁ ଧାରଣାରେ ବସିଲେ ଅନ୍ତେବାସୀ

**ଶେରଗଡ଼/ହିଞ୍ଜିଳିକାଟୁ,୨୦।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଠୁରୁବୁରାଇ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ବୁଧବାର ବାସିଖାଦ୍ୟ ଦିଆଯାଇଥିବାରୁ ଅନ୍ତେବାସୀମାନେ ପାଚେରୀ ଡେଇଁ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପ୍ରଶାସନ ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଛି।

ଠୁରୁବୁରାଇ ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ୧୧୫ ପ୍ରବାସୀ ରହୁଛନ୍ତି। ମେନୁ ଅନୁଯାୟୀ ବୁଧବାର ମଧ୍ୟାହ୍ନଭୋଜନରେ ଅନ୍ତେବାସୀଙ୍କୁ ଭାତ ଓ ଅଣ୍ଡା ତରକାରି ଦିଆଯାଇଥିଲା। ଯେଉଁମାନେ ଆମିଷ ନ ଖାଇବେ ସେମାନଙ୍କ ପାଇଁ ସୋୟାବିନ୍ ତରକାରି ହୋଇଥିଲା। ମାତ୍ର ଖାଦ୍ୟ ପରଷା ଯିବା ବେଳେ ବାସିଭାତ ଦିଆଯାଇଥିବାରୁ ଅନ୍ତେବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପ୍ରତିବାଦରେ ସମସ୍ତ ଅନ୍ତେବାସୀ ପାଚେରି ଡେଇଁ ବିଦ୍ୟାଳୟ ସମ୍ମୁଖ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ହିଞ୍ଜିଳି-କଙ୍କୋରଡା

## ସଙ୍ଗରୋଧ କେନ୍ଦ୍ରରେ ବାସିଖାଦ୍ୟ ଅଭିଯୋଗ




ରାସ୍ତାରେ ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଖବରପାଇ ଶେରଗଡ଼ ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଦୟାସିନ୍ଧୁ ପରିଡା ଓ ହିଞ୍ଜିଳିକାଟୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମଙ୍ଗଳବାର ରାତିର ବଳକା ଭାତକୁ ଆଉଥରେ ରାନ୍ଧି ଦିଆଯାଇଥିବା ଅନ୍ତେବାସୀ ଅଭିଯୋଗ କରି ବିଡିଓଙ୍କୁ ତାହା ଦେଖାଇଥିଲେ। ବୁଝାଶୁଝା ପରେ ଅନ୍ତେବାସୀମାନେ ରାସ୍ତାରୁ ଉଠି କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଯାଇଥିଲେ। ବିଡିଓ ଓ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ପୁଣି ଥରେ ଭାତ ରାନ୍ଧି ଦିଆଯାଇଥିଲା।

# ଦଶମ, ଦ୍ୱାଦଶ ବୋର୍ଡ ପରୀକ୍ଷା ସାରିବାକୁ କେନ୍ଦ୍ରର ଚିଠି

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** ଲକ୍‌ଡାଉନ ଯୋଗୁ ଦେଶର ସବୁ ସ୍କୁଲ ଏବଂ କଲେଜ ବନ୍ଦ ରହିଛି। ଫଳରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା ସବୁ ରାଜ୍ୟ ସ୍ଥଗିତ ରଖିଛି। ଓଡ଼ିଶାରେ ଦଶମ ବୋର୍ଡ ପରୀକ୍ଷା ଶେଷ ହୋଇଥିବା ବେଳେ ଦ୍ୱାଦଶ ପରୀକ୍ଷା ସମ୍ପୂର୍ଣ୍ଣ ହୋଇନାହିଁ। ଏହା କରିବା ନେଇ ରାଜ୍ୟଗୁଡିକର ସରକାର ଏବଂ ସିବିଏସ୍‌ଇ ପକ୍ଷରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଥିଲା। ଏହି ଅନୁରୋଧ ରକ୍ଷାକରି ଗୃହ ମନ୍ତ୍ରଣାଳୟ ବାକିଥିବା ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ନିର୍ଦ୍ଦିଷ୍ଟ କେତେକ ସର୍ତ୍ତରେ କରାଇବାକୁ ଅନୁମତି ନେଇଛନ୍ତି। ଗୃହ ମନ୍ତ୍ରଣାଳୟ ସଚିବ ଅଜୟ ଭାଲା ସମସ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ବୁଧବାର ଚିଠି ଲେଖି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଭାଲା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସବୁ ଛାତ୍ରୀଛାତ୍ରଙ୍କ ଶିକ୍ଷା ଦିଗକୁ ଗୁରୁତ୍ୱ ଦେଇ ବାକିଥିବା ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଛି। ମାତ୍ର ଏଥିଲାଗି କେତେକ ନିୟମ ମାନିବାକୁ ପଡ଼ିବ। କଣ୍ଟେନମେଣ୍ଟ ଜୋନ୍‌ଗୁଡିକରେ କୌଣସି ପରୀକ୍ଷା କେନ୍ଦ୍ର ପାଇଁ ଅନୁମତି ଦିଆଯିବ ନାହିଁ। ଶିକ୍ଷକ, କର୍ମଚାରୀ ଏବଂ ପିଲାମାନେ ମାସ୍କ ପିନ୍ଧିବା ଜରୁରୀ। ସମସ୍ତଙ୍କ ଥର୍ମାଲ ସ୍କ୍ରିନିଂ, ସାନିଟାଇଜର ବ୍ୟବହାର ସହିତ ସାମାଜିକ ଦୂରତ୍ୱ ସବୁ ପରୀକ୍ଷା କେନ୍ଦ୍ରରେ ରକ୍ଷା କରାଯିବ। ଏହାସହିତ ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ଆଣିବା ଲାଗି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ବସ୍ ବ୍ୟବସ୍ଥା କରାନ୍ତୁ ବୋଲି ଭାଲା ଚିଠିରେ ଉଲ୍ଲେଖ କରିଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୧୮-୨୦-୨୧, ତାରିଖ: ୧୫।୦୫।୨୦୨୦। କାର୍ଯ୍ୟ: ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର/ମନେନ୍ଦ୍ରଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଜୁରିଠାରେ ବିଜୁରି ବାଲାଷ୍ଟ ସାଇଡିଂରେ ଗାଲଭାଲ୍ୟୁମ୍ ଶିଟ୍ ଓ ସ୍ପ୍ରିଙ୍କଲରର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ₹୨,୩୪,୪୬,୦୭୯/-, ଅମାନତ ଜମା ରାଶି : ₹୨,୬୭,୨୦୦/-, ସମାପ୍ତି ଅବଧି: ୧୨ ମାସ। ଟେଣ୍ଡର ଦାଖଲ ଆରମ୍ଭ ତାରିଖ: ତା୦୧।୦୬।୨୦୨୦ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ତା୧୫।୦୬।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ।

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: https://www.ireps.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡରଗୁଡ଼ିକ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଳୱେ ମ୍ୟାନେଜର (ଇଏନ୍‌ଜିଜି.)
CPR/10/75 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.ELS-ANGL-OT-20-21-01

କାର୍ଯ୍ୟର ନାମ : ଦୁଇ ବର୍ଷ ସମୟାବଧି ନିମନ୍ତେ ଚାଳକ ଏବଂ ଇନ୍ଧନ ସହିତ ଗୋଟିଏ ବହୁ ଉପଯୋଗିତା ହାଲୁକା ଗାଡ଼ି ଭଡ଼ା ସୂତ୍ରରେ ନେବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 8,93,645.05, EMD (ଟଙ୍କାରେ) : 17,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 21 ମାସ।

**ପରିବହନ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ.ELS-ANGL-OT-20-21-02

କାର୍ଯ୍ୟର ନାମ : 09 ଟନ୍, 15 ଟନ୍ ଟ୍ରକ୍ ଏବଂ 20 ଟନ୍ କ୍ଷମତା ବିଶିଷ୍ଟ ଟ୍ରେଲର ମାଧ୍ୟମରେ ସଡ଼କ ଦ୍ୱାରା ଇଲେକ୍ଟ୍ରିକ୍ ଲୋକୋ ସେଡ୍(ELS)/ଅନୁଗୋଳ ଏବଂ ଭାରତୀୟ ରେଳପଥର ଅନ୍ୟ ରେଲୱେ ୟୁନିଟ୍ ମଧ୍ୟରେ ରେଳବାଇ ସାମଗ୍ରୀଗୁଡ଼ିକର ପରିବହନ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 35,98,420/-, EMD (ଟଙ୍କାରେ) : 72,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.06.2020ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.06.2020ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS), ଅନୁଗୋଳ
PR-49/L/20-21

Your classified advertisement published in Dharitri will be listed free in Dharitri online edition : www.dharitri.com

**WESCO ସମ୍ବଲପୁର ବିଦ୍ୟୁତ ଖଣ୍ଡ**
**କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**(WESCO UTILITY)**
**ସତର୍କ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓ.ପି.ଟି.ସି.ଏଲ୍. କଟାପାଲି, ବୁର୍ଲା ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନରୁ ଚଉରପୁର (ଝରାପାଲି) ୩୩/୧୧ କେଭି ୱେସ୍କୋ ସବ୍‌ଷ୍ଟେଶନ ପର୍ଯ୍ୟନ୍ତ ନବନିର୍ମିତ ୩୩ କେଭି ଲାଇନ୍ ତା. ୨୧.୦୫.୨୦୨୦ (ଗୁରୁବାର) ଦିନଠାରୁ ଯେ କୌଣସି ସମୟରେ କାର୍ଯ୍ୟକ୍ଷମ (ଚାର୍ଜ) ହୋଇପାରେ । ଏଣୁ ଏହି ଲାଇନ ଆଖପାଖରେ ଥିବା ସମସ୍ତ ଘର, ଖେଳ ପଡିଆ ଏବଂ ଗୃହ ପାଳିତ ପଶୁମାନଙ୍କର ସୁରକ୍ଷା ଏବଂ ନିରାପତ୍ତାକୁ ବଜାୟ ରଖିବା ପାଇଁ ବିନମ୍ର ଅନୁରୋଧ ।

ସ୍ୱା/– ନିର୍ବାହୀଯନ୍ତ୍ରୀ, ସମ୍ବଲପୁର ବିଦ୍ୟୁତ ଖଣ୍ଡ

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking), Regd. Office: Janapath, Bhubaneswar - 751022
**OFFICE OF THE G.M. (ELECT.) E.H.T. (O&M) CIRCLE, JAJPUR ROAD**
AT: TTS COLONY, P.O.- SOBRA, JAJPUR ROAD, DIST.-JAJPUR, PIN- 755019 (ODISHA), Phone/Fax No.: 06726-220965(Off.), E-mail: ehtm.cle.jjp@optcl.co.in
CIN: U40102OR2004SGC007553

No.: TECH/OT-01(20-21)/386 Dated: 20.05.2020

**TENDER CALL NOTICE NO.- 01/2020-21**

Sealed tenders are invited from the registered travel agency/private organization/individual/owner of the vehicle having GST Registration Certificate, PAN Card for supply of 02 Nos. Diesel run hired vehicles (Non-Ac, 09 seated Bolero) for SDO (Eletc.) Grid Sub-Station, Jajpur Road, SDO (Elect.), E&MR Sub-Division, Joda and 01 No. Diesel run hired vehicles (AC. 07 seated Bolero) for D.G.M. (Elect.) EHT (O&M) Division, Joda. The vehicle to be engaged shall not be older than 01 year on the date of opening of tender. Cost of tender paper is Rs.2,000.00 + GST @ 12% = Rs.2,240/- (Including GST), EMD = Rs.3,300/- for each vehicle. Sale of tender documents is from Dated 21.05.2020 to Dated 04.06.2020 (during office hours). Last date of submission of tender is Date 05.06.2020 upto 01.00 P.M. Date of opening of tender is Date 05.06.2020 at 3.00 P.M. For details visit our website: **www.optcl.co.in**. Corrigendum if any will be published in the OPTCL website only.

Sd./- General Manager (Elect.), EHT (O&M) Circle, Jajpur Road

**NOTICE**

No.4906 Date 18.05.2020

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

In pursuance to Advt. 4404 dt.28.04.2020 objections are invited from the candidates for the post of **District Data Manager under IDSP, NHM, Bargarh**. For this database has been prepared as per the documents attached and candidates are requested to check their status and submit their objections if any and apply through e-mail i.e. covid19hrbargarh@gmail.com on or before 23.05.2020 upto 01.00 P.M. No fresh documents will be entertained.

**Sd./- Chief District Medical & PHO**
**Cum District Mission Director, NHM, Bargarh**

**ତହସିଲଦାରଙ୍କ କାର୍ଯ୍ୟାଳୟ, କଲମପୁର, ଜିଲ୍ଲା- କଳାହାଣ୍ଡି**
ଲଘୁ ଖଣିଜ ଉତ୍ସ (ବାଲି ଖାଦାନ)ର ୫ ବର୍ଷିଆ ଲିଜ୍ ନିମନ୍ତେ
**ଜଉମୁଦ ଟେଣ୍ଡର ଆହ୍ୱାନ**

ଇସ୍ତାହାର ସଂଖ୍ୟା ୫୯୬// ଚୌଜି ତା. ୧୮/ ୦୫/୨୦୨୦

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଲଘୁ ଖଣିଜ ଉତ୍ସ ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦୀ ସୂତ୍ରେ ୨୦୨୦-୨୧ ରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଏଥିପାଇଁ ନିର୍ଦ୍ଦିଷ୍ଟ ଫାରମରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ । ପୃଥକ ସଇରାତ ଉତ୍ସ ପାଇଁ ପୃଥକ ପୃଥକ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡିବ । ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟ. ୧୦୦୦/– ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା. ୧୮.୦୫.୨୦୨୦ ରୁ ତା. ୦୧.୦୬.୨୦୨୦ ରିଖ ଅପରାହ୍ନ ଘ. ୨.୦୦ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ତହସିଲ କାର୍ଯ୍ୟାଳୟର ନିଜାରତ ଶାଖାରେ ମିଳିପାରିବ । ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ତହସିଲଦାର, କଲମପୁରଙ୍କ କାର୍ଯ୍ୟାଳୟର ତଉଜି ଶାଖା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ୱା www.kalahandi.nic.in ୱେବସାଇଟ୍ ଲଗ୍‌ଅନ୍ କରନ୍ତୁ । ଏହି ଉତ୍ସ ଗୁଡିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉତ୍ସର ଟେଣ୍ଡର ପ୍ରକ୍ରିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀଙ୍କୁ କାରଣ ନଦର୍ଶାଇ ରଦ୍ଦ କରି ପାରିବେ ।

**ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମିର ବିବରଣୀ**

| କ୍ର. ନଂ. | ବାଲି ଉତ୍ସର ନାମ | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ଲିଜ୍ ଏରିଆ (ଏକରରେ) |
|---|---|---|---|---|---|---|
| ୧. | ଖଙ୍ଗାରଗୁଡା ବାଲିଘାଟ | ଖଙ୍ଗାରଗୁଡା | ୧୮୨ | ୧୯୬ | ନଦୀ | ୧୨.୦୦ |
| ୨. | ପାଣି ଗାଁ ବାଲିଘାଟ | ପାଣି ଗାଁ | ୩୧୫ | ୧୪୮୫ | ନଦୀ | ୩.୬୫ |
| ୩. | ବଡକୁଟୁ ବାଲିଘାଟ | ବଡକୁଟୁ | ୩୨୬ | ୧୪୮୫ | ନଦୀ | ୨.୮୪ |
| ୪. | ଦେପୁର ବାଲିଘାଟ | ଦେପୁର | ୩୩୫ | ୧ | ନଦୀ | ୧୨.୦୦ |
| ୫. | ପାତ୍ରବସା ବାଲିଘାଟ | ପାତ୍ରବସା | ୨୦୦ | ୧ | ନଦୀ | ୧୨.୦୦ |
| ୬. | ବାଲିଛଡା ବାଲିଘାଟ | ବାଲିଛଡା | ୧୯୪ | ୯୦ | ନଦୀ | ୧୧.୦୦ |
| ୭. | ମଣ୍ଡଳ ବାଲିଘାଟ | ମଣ୍ଡଳ | ୩୭୩ | ୧୩୦୫ | ନଦୀ | ୧୦.୦୦ |
| ୮. | ଖଣ୍ଡିଡଙ୍ଗରୀଗୁଡା ବାଲିଘାଟ | ଖଣ୍ଡିଡଙ୍ଗୁରୀଗୁଡା | ୧୭୬ | ୮୮୩ | ନଦୀ | ୮.୦୦ |
| ୯. | ଦୁଲକିବନ୍ଧ ବାଲିଘାଟ | ଦୁଲକିବନ୍ଧ | ୯ | ୧ | ନଦୀ | ୨.୫୪ |
| ୧୦. | ଦୁଲକିବନ୍ଧ ବାଲିଘାଟ | ଦୁଲକିବନ୍ଧ | ୯ | ୧୦୫୬ | ନଦୀ | ୩.୭୦ |
| ୧୧. | ସାନକୁଟୁ ବାଲିଘାଟ | ସାନକୁଟୁ | ୧୨୮ | ୨୫୧ | ନଦୀ | ୨.୩୨ |
| ୧୨. | କର୍ମେଲ ବାଲିଘାଟ | କର୍ମେଲ | ୨୦୦ | ୩୭୦ | ନଦୀ | ୩.୦୦ |
| ୧୩. | କର୍ମେଲ ବାଲିଘାଟ | କର୍ମେଲ | ୨୦୦ | ୮୩୯ | ନଦୀ | ୪.୦୦ |
| ୧୪. | ପରୁଆଗୁଡା ବାଲିଘାଟ | ପରୁଆଗୁଡା | ୩୧୪ | ୧ | ନଦୀ | ୫.୦୦ |
| ୧୫. | ଇଚ୍ଛାପୁର ବାଲିଘାଟ | ଇଚ୍ଛାପୁର | ୨୩୬ | ୫୩ | ନଦୀ | ୯.୦୦ |
| ୧୬. | ବିରିପୁର ବାଲିଘାଟ | ବିରିପୁର | ୬୫ | ୨୧ | ନଦୀ | ୫.୫୦ |
| ୧୭ | ବଙ୍କାପଲା ବାଲିଘାଟ | ବଙ୍କାପଲା | ୨୬୨ | ୨ | ନଦୀ | ୪.୦୦ |
| ୧୮. | ବଙ୍କାପଲା ବାଲିଘାଟ | ବଙ୍କାପଲା | ୨୬୨ | ୭୯୪ | ନଦୀ | ୪.୫୦ |

ସ୍ୱା/– ତହସିଲଦାର, କଲମପୁର

**ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା**
**OFFICE OF THE NOTIFIED AREA COUNCIL, KUCHINDA**
Email: kuchinda_nac@yahoo.com, Website: www.nackuchinda.in
No.701/NAC Dt.19.05.2020

**Expression of Interest for Selection of Manpower Providing Agency for (33 numbers) of manpower (Sweepers) for cleaning and sanitation services of in N.A.C., Kuchinda on Outsourcing Basis**

Sealed bid in conformity with detailed express of interest are invited from intending registered firms/NGOs/Private companies/Contractors working within the jurisdiction of Odisha, having eligibility criteria as stipulated in DTCN, for execution of the under mentioned work, so as to reach by **Speed Post/Registered Post / Courier Services only to the Executive Officer, KUCHINDA N.A.C. by 12.00 P.M. on dt.05.06.2020 and bid documents will be opened on dt.05.06.2020 at 3.00 P.M.** The EOI document can be downloaded from the website of NAC, Kuchinda i.e. https://nackuchinda.in/tenders/

**Sd./- Executive Officer**
**Notified Area Council, Kuchinda**

**ତହସିଲଦାରଙ୍କ କାର୍ଯ୍ୟାଳୟ, ଲୋଇସିଂହା**
**ଲଘୁଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ତହସିଲ କାର୍ଯ୍ୟାଳୟ, ଲୋଇସିଂହାଙ୍କ ବିଜ୍ଞପ୍ତି ସଂଖ୍ୟା 988 ତା20.05.2020ରେ ଲୋଇସିଂହା ଅନ୍ତର୍ଗତ ୧୧ ଗୋଟି ଲଘୁ ଖଣିଜ ଦ୍ରବ୍ୟଗୁଡିକର ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ୨୦୨୦-୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଲିଜ୍ ଇସ୍ତାହାର ପ୍ରକାଶିତ ହୋଇଅଛି। ଏହି ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ www.Balangir.nic.in ରେ ଉପଲବ୍ଧ ଅଛି । ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଲୋଇସିଂହାଠାରେ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ହାସଲ କରିପାରିବେ ।

ବନ୍ଦ ଲଫାପାରେ ଦରଖାସ୍ତ ଗ୍ରହଣର ଶେଷ ତାରିଖ ୦୫।୦୬।୨୦୨୦ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପ୍ରଥମ ତାରିଖରେ ଯେଉଁ ଉତ୍ସଗୁଡିକର ଲିଜ୍ ପ୍ରକ୍ରିୟା ଚୂଡାନ୍ତ ହୋଇ ନ ପାରିଲେ ସେହି ଉତ୍ସଗୁଡିକ ଦ୍ୱିତୀୟଥର ପାଇଁ ୧୨।୦୬।୨୦୨୦ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଓ ତୃତୀୟଥର ପାଇଁ ୨୪।୦୬।୨୦୨୦ ଅପରାହ୍ନ ୨.୦୦ ଘଟିକାକୁ ଧାର୍ଯ୍ୟ ହୋଇଅଛି । ଗୃହୀତ ଦରଖାସ୍ତଗୁଡିକ ସେହି ଦିନମାନଙ୍କରେ ବିଜ୍ଞାପନରେ ଦର୍ଶାଯାଇଥିବା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲା ହେବ ଏବଂ ଲିଜ୍ ପ୍ରକ୍ରିୟା ଚୂଡାନ୍ତ କରାଯିବ ।

ସ୍ୱା./– ତହସିଲଦାର, ଲୋଇସିଂହା

ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ । ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ । କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ । –ଶ୍ରୀଅରବିନ୍ଦ

# କଫକାରକ ଖାଦ୍ୟ



ମାନେକା ଗାନ୍ଧୀ

କରୋନା ମହାମାରୀର ଅନେକ ପ୍ରଭାବ ଏବେ ପରିଦୃଶ୍ୟ । ସେଥିମଧ୍ୟରୁ ଗୋଟିଏ ହେଉଛି, ଏହା ତୁମକୁ ଫୁସ୍‌ଫୁସ୍ ଓ ଶ୍ୱାସକ୍ରିୟା ଉପରେ ଚିନ୍ତା କରିବାକୁ ବାଧ୍ୟ କରିଛି । ତୁମେ ସହଜରେ ଶ୍ୱାସପ୍ରଶ୍ୱାସ ନେଇପାରୁଛ ତ? ଏଥିପାଇଁ ଫୁସ୍‌ଫୁସ୍‌କୁ ସୁରକ୍ଷିତ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ କେତେକ କାର୍ଯ୍ୟ ରହିଛି ଯାହାକୁ ତୁମେ ବ୍ୟକ୍ତିଗତ ସ୍ତରରେ ନିୟନ୍ତ୍ରଣ କରିପାରିବ ନାହିଁ । ବାୟୁ ପ୍ରଦୂଷଣ ଫୁସ୍‌ଫୁସ୍ ପାଇଁ କ୍ଷତିକାରକ, କିନ୍ତୁ ଯେ ପର୍ଯ୍ୟନ୍ତ ପ୍ରଦୂଷଣ ସୃଷ୍ଟିକାରୀ କାରଖାନା ବନ୍ଦ ନ ହୋଇଛି ତୁମେ ପ୍ରଦୂଷଣକୁ ନିୟନ୍ତ୍ରଣ କରିପାରିବ ନାହିଁ । କେବଳ ବାୟୁ ପ୍ରଦୂଷଣ ନୁହେଁ, ଦୈନିକ ଖାଦ୍ୟ ବି ଫୁସ୍‌ଫୁସ୍ ଉପରେ ବିପଦ ସୃଷ୍ଟି କରେ । କ୍ଷୀର ହେଉ କି ଦହି, ଛେନା, ପନିର, ଘିଅ, ଲହୁଣି ଅବା ଆଇସକ୍ରିମ୍, ଏହା ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଏ । ଏହାବାଦ୍ ଚା', ହାଲୱା ,ବିସ୍କୁଟ୍ କିମ୍ବା ମିଠା ଯେଉଁଥିରେ ଦୁଗ୍ଧଜାତୀୟ ଉତ୍ପାଦ ରହିଛି ତାହା ମଧ୍ୟ ଫୁସ୍‌ଫୁସ୍ ପ୍ରତି କ୍ଷତିକାରକ । ତୁମେ ଅସୁସ୍ଥ ଥିବାବେଳେ କାହିଁକି ଡାକ୍ତର ଏହିସବୁ ଖାଦ୍ୟ ବନ୍ଦ କରିବାକୁ ପରାମର୍ଶ ଦେଇଥାନ୍ତି ତାହା ଜାଣ ତ ? ଏହି ସମୟରେ ଶ୍ୱାସକ୍ରିୟାକୁ ସହଜ କରିବା ପାଇଁ ଡାକ୍ତର ଏଭଳି ପରାମର୍ଶ ଦେଇଥାନ୍ତି । ଏହି ଖାଦ୍ୟ ଯୋଗୁ ବୃଦ୍ଧି ପାଉଥିବା କଫ ଯଦି ଶ୍ୱାସନଳୀ ରୁଦ୍ଧ କରିଦେବ ତେବେ ତୁମେ ଶ୍ୱାସ ଗ୍ରହଣ କରିବାକୁ ସକ୍ଷମ ହୋଇପାରିବନାହିଁ । ନାକ, ଗଳା ,ସାଇନସ ଓ ଫୁସ୍‌ଫୁସ୍‌ର ବ୍ରୋଙ୍କାଇରେ ମ୍ୟୁକସ ସେଲ୍ (କଫ ସୃଷ୍ଟିକାରୀ କୋଷ) ଦ୍ୱାରା ମ୍ୟୁକସ୍ ବା କଫ ସୃଷ୍ଟି ହୋଇଥାଏ । ଟର୍ଚ୍ଚିୟା ବା ଶ୍ୱାସନଳୀ ସ୍ମଲ୍ ଇଣ୍ଟେଷ୍ଟାଇନ୍ ଏବଂ ଲାର୍ଜ ଇଣ୍ଟେଷ୍ଟାଇନ୍ ( କ୍ଷୁଦ୍ରାନ୍ତ୍ର ଏବଂ ବୃହଦନ୍ତ୍ର)ଏବଂ ଆଖିର ଉପର ପଟଳରେ ଥିବା କନଜକ୍ଟିଭାରେ କଫ ସୃଷ୍ଟି ହୁଏ । କଫ ଶରୀର ଭିତରେ ଥିବା ତନ୍ତୁ ଉପରେ ଏକ ପରସ୍ତ ଭଳି ରହି ତାକୁ ଶୁଖିବାକୁ ଦିଏନାହିଁ । କଫ ଗାଢ ଅଠାଳିଆ ଓ ଦୁର୍ଗନ୍ଧଯୁକ୍ତ ।

ସାଧାରଣତଃ ଶରୀରରେ ଦିନକୁ ପ୍ରାୟ ୧ ଲିଟର କଫ ସୃଷ୍ଟି ହୋଇଥାଏ । କିନ୍ତୁ ଆମେ ଯେତେବେଳେ କିଛି ଶାରୀରିକ ଯନ୍ତ୍ରଣା ବା ପୀଡା ଉପରେ ପ୍ରତିକ୍ରିୟା ପ୍ରକାଶ କରୁ ସେତେବେଳେ ଅଧିକ କଫ ସୃଷ୍ଟି ହୁଏ । ଏହି କଫ ବେଶି ଅଠାଳିଆ ବି ହୋଇଥାଏ । ଅଧିକ କଫ କାରଣରୁ ନାକରୁ ତରଳ ବାହାରେ । ଯଦି ଦୀର୍ଘଦିନ ଧରି ହେଉଥିବା କାଶ ଭଲ ହେଉ ନ ଥାଏ,ସକାଳୁ ଉଠିଲା ବେଳେ ଆଖି ଫୁଲିଯାଉଥାଏ କିମ୍ବା ଦିନସାରା ନାକ ରୁନ୍ଧି ହୋଇ ଶ୍ୱାସରେ ଦୁର୍ଗନ୍ଧ ବାହାରୁ ଥାଏ ତେବେ ଜାଣିବ ଯେ ଅତ୍ୟଧିକ କଫ ଯୋଗୁ ଏହା ହେଉଛି । ଶରୀରରେ ଯନ୍ତ୍ରଣା ଲାଗି ରହିଲେ ଜାଣିବ ଯେ ଏହା ଅଧିକ କଫ ଯୋଗୁ ହିଁ ହେଉଛି । ଏହି ସ୍ଥିତିରେ ଶରୀର ପ୍ରଦୂଷିତ କଣିକା, ଖାଦ୍ୟ ତଥା ଆଲର୍ଜି ପ୍ରତି ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରେ । ଲସିକା, ଜଠରାନ୍ତ୍ର ଓ ଶ୍ୱାସକ୍ରିୟାରେ ମଧ୍ୟ ବିପରୀତ ପ୍ରତିକ୍ରିୟା ଦେଖିବାକୁ ମିଳେ । ଡାଇଜେଷ୍ଟିଭ ଟ୍ରାକ୍ଟ (ପାଚନନଳୀ)ରେ ଲକ୍ଷ ଲକ୍ଷ ମାଇକ୍ରୋବିଲି ରହିଛି । ଏହା ଖାଦ୍ୟରୁ ପୋଷକ ତତ୍ତ୍ୱ ଅବଶୋଷଣ କରେ । ସାଧାରଣତଃ ୮୦ ପ୍ରତିଶତ ଅବଶୋଷଣ କ୍ରିୟା କ୍ଷୁଦ୍ରାନ୍ତ୍ରରେ ସଂଗଠିତ ହୋଇଥାଏ । ଅନ୍ତନଳୀରେ ଅତ୍ୟଧିକ କଫ ସୃଷ୍ଟି ହେଲେ ଏହା ଲାଳ ସୃଷ୍ଟି କରେ ଓ ତାହା ଅନ୍ତନଳୀରେ ସ୍ତର ସ୍ତର ହୋଇ ଜମିରହେ । ଏହାଦ୍ୱାରା ଅବଶୋଷଣ କ୍ରିୟା ପୂରା ପ୍ରଭାବିତ ହୁଏ, ପାଚନରେ ସମସ୍ୟା ଦେଖାଦିଏ ଏବଂ ଶରୀରର କାର୍ଯ୍ୟ ଦକ୍ଷତା କମିଯାଏ ।

ଶରୀରରେ ଅଧିକ କଫ ସୃଷ୍ଟି ହେବାର ମୁଖ୍ୟ କାରଣ ଖାଦ୍ୟ । ଦୁଗ୍ଧ ଓ ଗହମ ଜାତୀୟ ଖାଦ୍ୟ ବେଶି କଫ ସୃଷ୍ଟି କରନ୍ତି । ଏହି କାରଣରୁ କ୍ଷୀରରେ ଥିବା ପ୍ରୋଟିନ କେସିନ ଓ ଗହମରେ ଥିବା ପ୍ରୋଟିନ ଗ୍ଲୁଟେନ ପାଚନ ପାଇଁ ଅଧିକ ଷ୍ଟୋମାକଏସିଡ୍ ଆବଶ୍ୟକ କରନ୍ତି । ଯେଉଁ ଖାଦ୍ୟରେ ଏହି ପ୍ରୋଟିନ ଥିବ ସେହି ଖାଦ୍ୟ ଖାଇବା ଦ୍ୱାରା ପାକସ୍ଥଳୀରେ ଏହା ପୂରା ହଜମ ହୋଇପାରେନି । କିଛି ଖାଦ୍ୟ କଣିକା ରହିଯାଏ । ଆଂଶିକ ହଜମ ହୋଇଥିବା ଏହି ଖାଦ୍ୟ କଣିକା ପଚିଯାଏ ଓ ସେଥିରୁ ଦୁର୍ଗନ୍ଧ ବାହାରେ । ଏହି ଖାଦ୍ୟ କଣିକା ଆଉ ଅଧିକ ନ ଶଢିବା ପାଇଁ ଏହାକୁ କଫ ଆବରଣ କରି ରଖେ ଓ ଏଥିପାଇଁ ଶରୀର ଅଧିକ କଫ ସୃଷ୍ଟି କରିଥାଏ ।

ଏବେ ଦେଖିବା କଫର ଶ୍ୱାସପ୍ରଶ୍ୱାସ ଉପରେ କ'ଣ ପ୍ରଭାବ ରହିଛି । କ୍ଷୀର ଏକ ଏମୁଲଶନ (ତରଳ ଦ୍ରବ୍ୟର ମିଶ୍ରଣ) । କ୍ଷୀରରେ ଫ୍ୟାଟ୍ ବୁନ୍ଦା ସବୁ ଭାସମାନ ଅବସ୍ଥାରେ ଥାଏ । କ୍ଷୀର ପିଇବା ବେଳେ ଏହା ପାଟିରେ ଲାଳ ସହ ମିଶେ । କ୍ଷୀରରେ ଥିବା ଫ୍ୟାଟ୍ ଓ ଲାଳରେ ଥିବା ଅଠାଳିଆ ଉପାଦାନ କ୍ଷୀରକୁ ବହଳିଆ ଓ ଅଧିକ ଅଠାଳିଆ କରିଦିଏ । ଏପରି କି କ୍ଷୀର ଢୋକିବା ପରେ ଏହି ବହଳିଆ କ୍ଷୀର ପାଟିରେ ପରସ୍ତ ଭଳି ଲାଗିରହେ । ଏଣୁ ଯେକୌଣସି ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ପରେ ଗଳାରେ ଥିବା କଫ ବୃଦ୍ଧି ପାଇବା ସହ ଗାଢ ହୋଇଯାଏ । ପରେ ଏହା ଗଳାରେ ଜ୍ୱଳନ ସୃଷ୍ଟି କରେ । ଏହାଦ୍ୱାରା ତୁମେ ବାରମ୍ବାର ଗଳା ସଫା କରିବାକୁ ଚେଷ୍ଟା କରିବା ସହ ସୁରୁଖୁରୁରେ ଶ୍ୱାସନେବା ପାଇଁ ବାୟୁମାର୍ଗ (ଏୟାର ପାସେଜ)କୁ ସଫା କରିବାକୁ କାଶିଥାଅ । କ୍ଷୀର ପିଇବା କାରଣରୁ ଅଧିକ କଫ ନାକରେ ସୃଷ୍ଟି ହୋଇ ଗାଢ ଓ ଶୁଖିଲା କଫ ଜମାଟ ବାନ୍ଧିଯାଏ, ଯାହାକୁ ସଫା କରିବା କଷ୍ଟକର ହୋଇଯାଏ । ଖାଦ୍ୟ ଓ କଫ ସମ୍ପର୍କିତ ତଥ୍ୟ ଏବକାର ଆବିଷ୍କାର ନୁହେଁ । ଦ୍ୱାଦଶ ଶତାବ୍ଦୀରେ ବିଶିଷ୍ଟ ଦାର୍ଶନିକ ତଥା ଡାକ୍ତର ମୋସେସ ମୟିମୋନିଡେସ୍ (୧୧୩୫–୧୨୦୪) ଆଜମା,ଡାଇବେଟିସ, ହେପାଟାଇଟିସ ଏବଂ ନ୍ୟୁମୋନିଆ ଉପରେ ବର୍ଣ୍ଣନା କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ, କ୍ଷୀର ମୁଣ୍ଡରେ କଫ ଜମାଟ କରେ । ଶରୀରରେ ଗାଢ କଫ ଓ ଆଦ୍ରୀକରଣ ପ୍ରଭାବ ସହ କ୍ଷୀର ପିଇବାର ସମ୍ପର୍କ ରହିଛି ବୋଲି ପାରମ୍ପରିକ ଚାଇନିଜ ମେଡିକାଲ ଟେଷ୍ଟ ପ୍ରକାଶ କରିଛି (ବାଲ୍‌ଫୋର–ଲିନ: ଆର୍କାଇଭ୍‌ସ ଅଫ୍ ଡିଜିଜ୍ ଇନ୍ ଚାଇଲ୍ଡ) । ୧୯୪୬ରେ ଶିଶୁ ଯତ୍ନ ଉପରେ ଆଧାରିତ ପୁସ୍ତକ 'ଡକ୍ଟର ସ୍ପୋକସ୍ ବେବି ଆଣ୍ଡ୍ ଚାଇଲ୍ଡ କେୟାର' ଦୁଗ୍ଧଜାତୀୟ ଉତ୍ପାଦ ଅଧିକ କଫ ଜନିତ ସମସ୍ୟାକୁ ଆମନ୍ତ୍ରଣ କରିବା ସହ ନାକ, ଗଳାରେ ବେଶି ପୀଡା ସୃଷ୍ଟି କରେ ବୋଲି ଜୋର ଦେଇଛି । ଏହି ପୁସ୍ତକ ପ୍ରକାଶ ପାଇବା ପରେ ଏବେ ସୁଦ୍ଧା ୫୦ ଲକ୍ଷ କପି ବିକ୍ରି ହୋଇସାରିଲାଣି । ଅନ୍ୟପକ୍ଷରେ କ୍ଷୀର ଖାଇବା ଦ୍ୱାରା କଫ ସୃଷ୍ଟି ହୁଏନାହିଁ ବୋଲି ପ୍ରମାଣ କରିବା ଲାଗି ଡାଏରୀ ଇଣ୍ଡଷ୍ଟ୍ରି ଗବେଷଣା ଭିତ୍ତିକ ଶହଶହ ପ୍ରବନ୍ଧ ଉପସ୍ଥାପନ କରିଛି । କ୍ଷୀର ପିଇବା ଓ କଫ ସୃଷ୍ଟି ହେବା ମଧ୍ୟରେ କ'ର ସମ୍ପର୍କ ରହିଛି ତାହା ଜାଣିବା ପାଇଁ ପିନ୍ନକ,ଗ୍ରାହାମ, ମିଲଭାଗନମ୍ ଓ ଡୋଗଲାସ ଦ୍ୱାରା ନିକଟରେ ରିନୋଭାଇରସ–୨ (ଥଣ୍ଡାରେ) ପୀଡିତ ବୟସ୍କମାନଙ୍କୁ ନେଇ ଅନୁଧ୍ୟାନ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୫୧ ଜଣଙ୍କୁ ପ୍ରତିଦିନ ଶୂନରୁ ୧୧ ଗ୍ଲାସ ମଧ୍ୟରେ କ୍ଷୀର ପିଇବାକୁ ଦିଆଯାଇଥିଲା । ପ୍ରତିଦିନ ଶ୍ୱାସକ୍ରିୟାରେ ଦେଖାଯାଉଥିବା ଲକ୍ଷଣ,ସେମାନେ ଖାଉଥିବା ଦୁଗ୍ଧଜାତୀୟ ଖାଦ୍ୟ ଓ ପିଉଥିବା ଦୁଗ୍ଧର ରେକର୍ଡ ୧୦ ଦିନ ଯାଏ ରଖାଯାଇଥିଲା । ପରେ ଏହି ତଥ୍ୟକୁ ଅନୁଧ୍ୟାନ କରାଯିବା ପରେ ଜଣାପଡିଥିଲା ଯେ, କ୍ଷୀର ପିବା ଦ୍ୱାରା ନାକରେ କୌଣସି ତରଳ କ୍ଷରଣ ହୁଏ ନାହିଁ । ଅନୁଧ୍ୟାନରେ ସାମିଲ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରୁ ମାତ୍ର ୫ ପ୍ରତିଶତଙ୍କଠାରେ କାଶ ଓ ନାକ ରୁନ୍ଧି ହେବା ଭଳି ଲକ୍ଷଣ ପ୍ରକାଶ ପାଇଥିଲା । ଏପରି କି ଗବେଷକମାନେ ସ୍ୱୀକର କରିଥିଲେ ଯେ,ଦୁଗ୍ଧଜାତୀୟ ଖାଦ୍ୟ ଶରୀରରେ ଅଧିକ କଫ ସୃଷ୍ଟି କରି ନ ଥାଏ, ବରଂ ଏହା ଶରୀରରେ ଥିବା କଫକୁ ବହଳିଆ କରିବା ସହ ଗଳାରେ ଉତ୍ତେଜନା ବା ପୀଡା ସୃଷ୍ଟି କରିଥାଏ । ଏହା ଶ୍ୱାସକ୍ରିୟା ସମସ୍ୟା ଓ କାଶ ବଢ଼ାଇଦିଏ । 'କ୍ଷୀର କ'ଣ ଅଧିକ କଫ ସୃଷ୍ଟି କରେ'ଏଭଳି ଯୁକ୍ତିକୁ ପ୍ରମାଣ କରିବା ଲାଗି ଆଉ ଏକ ଗବେଷଣା କରାଯାଇଛି । ଗବେଷଣାରେ ସାମିଲ ଗବେଷକ ବାର୍ଟଲେରିଡ୍ ଏବଂ ମ୍ୟାକଗ୍ଲାଶାନ୍ ଲେଖିଛନ୍ତି ଯେ, ଶ୍ୱାସନଳୀରେ କଫ ସୃଷ୍ଟି ହେବା ଏବଂ ଶ୍ୱାସ ରୋଗର ସମ୍ପର୍କ ଅତ୍ୟଧିକ କ୍ଷୀର ପିଇବା ସହ ରହିଛି । ଏହି ସମ୍ପର୍କକୁ ପାରମ୍ପରିକ ଆଲର୍ଜି ସମ୍ବନ୍ଧିତ ଗବେଷଣା ଦ୍ୱାରା ପ୍ରମାଣ କରାଯାଇପାରି ନ ଥିଲେ ବି ଏହି ସମସ୍ୟା ଯୋଗୁ ମୃତ୍ୟୁ ହୋଇଥିବା ସମ୍ପର୍କରେ ସୀମିତ ଚିକିତ୍ସାଗତ ପ୍ରମାଣ ରହିଛି ବୋଲି କୁହାଯାଇଛି । ମାନବ କୋଲୋନ (ବୃହଦନ୍ତ୍ର)ରେ ବିଟା– କାସୋମର୍ଫିନ–୭(ବିଟା–ସିଏମ୍–୭) ଏକ ପ୍ରକାର ଏକ୍ସୋର୍ଫିନ(କ୍ଷୀରରୁ ନିର୍ଗତ ହୋଇଥିବା ଖାଦ୍ୟ କଣିକା) ଅନ୍ତ୍ରନଳୀରେ ଏମ୍‌ୟୁସି୫ଏସି ଗ୍ରନ୍ଥିରୁ ଅଧିକ କଫ ସୃଷ୍ଟି କରେ । ଶରୀରରେ ପୀଡା କିମ୍ବା ଯନ୍ତ୍ରଣା ଦେଖାଦେଲେ ଶ୍ୱାସନଳୀରେ ବି ଏହି ଗ୍ରନ୍ଥି ଏପ୍ରକାର କଫ ସୃଷ୍ଟି କରିଥାଏ । ରକ୍ତରେ ଥିବା ବିଟା–ସିଏମ୍–୭ ଏହି ଗ୍ରନ୍ଥିରୁ କଫ କ୍ଷରଣ କରିବାକୁ ପ୍ରେରିତ କରେ । ଶ୍ୱାସନଳୀରେ କଫ ଅଧିକ ସୃଷ୍ଟି ହୋଇ ଶ୍ୱାସ ଆଦି ସମସ୍ୟାର ଲକ୍ଷଣ ପ୍ରକାଶ ପାଉଥିବା ଲୋକମାନେ ଦୁଗ୍ଧଜାତୀୟ ଖାଦ୍ୟ ଛାଡିଦେଲେ କାହିଁକି ସେଥିରେ ଉନ୍ନତି ପରିଲକ୍ଷିତ ହୋଇଥାଏ ତାହା ଏହିସବୁ ତଥ୍ୟରୁ ବୁଝାପଡେ । ଅତି ସରଳ କଥା ବି । ପାଚନ କ୍ରିୟାରେ ଯେତେବେଳେ କ୍ଷୀର ବିଭାଜିତ ହୁଏ ସେତେବେଳେ ଏହା ଏକ ପ୍ରକାର ପ୍ରୋଟିନ କ୍ଷରଣ କରେ, ଯାହା ଅତ୍ୟଧିକ କଫ ସୃଷ୍ଟିକାରୀ ଜିନ୍‌କୁ ସକ୍ରିୟ କରିଦିଏ । ଏହି କଫ ଅନ୍ତକୁ ପ୍ରଭାବିତ କରେ । ଯଦି ସଂକ୍ରମଣ ଯୋଗୁ ଅନ୍ତ ଦୁର୍ବଳ ହୋଇଯାଏ ଓ ଯନ୍ତ୍ରଣା ହୁଏ ତେବେ ଏହା ଶ୍ୱାସନଳୀକୁ ପ୍ରଭାବିତ କରିବାର ସମ୍ଭାବନା ରହିଥାଏ । ଏହାଦ୍ୱାରା ଶରୀରର ଯେ କୌଣସି ଅଂଶକୁ କଫ ଚାଲିଯିବା ପାଇଁ ପଥ ପରିଷ୍କାର କରିଦିଏ ।

ଲଙ୍ଗ୍ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ ମୁତାବକ ଯଦି କ୍ରୋନିକ ଅବଷ୍ଟ୍ରକ୍ଟିଭ୍ ପଲୋମୋନାରି ଡିଜିଜ୍(ସିଓପିଡି) ସମସ୍ୟା ଥାଏ ତେବେ ଶରୀରରେ ଅଧିକ କଫ ସୃଷ୍ଟି ହେବା ଭାରି ବିପଜ୍ଜନକ । ଏହି ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କର ଶ୍ୱାସନଳୀରେ ଥିବା ସିଲିଆ ଭଲ ଭାବେ କାମ ନ କରିବା ଏବଂ ଶ୍ୱାସକ୍ରିୟା ସହ ଜଡିତ ଦୁର୍ବଳ ମାଂସପେଶୀ ଓ ବାୟୁପଥ ବନ୍ଦହେବା ଯୋଗୁ ସମସ୍ୟା ଆହୁରି ସାଂଘାତିକ ହୋଇଯାଏ । ଏଣୁ କଫ ବଢାଉଥିବା ଖାଦ୍ୟ ରେଡ୍ ମିଟ, କ୍ଷୀର, ଛେନା, ଲହୁଣି, ଆଇସକ୍ରିମ୍, ଦହି, ଅଣ୍ଡା, ପାଉଁରୁଟି, ପିସ୍ତା, ମିଠାଇ, କ୍ୟାଣ୍ଡି, କଫି, ଚା', ସୋଡା ଓ ମଦଠାରୁ ଦୂରେଇ ରହିବା ପାଇଁ ଲଙ୍ଗ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍ ପରାମର୍ଶ ଦେଇଛି । ଅନ୍ୟପକ୍ଷରେ କଫ ସୃଷ୍ଟି ନ ହେବା ପାଇଁ ସବୁପ୍ରକାର ଶାଗ, ମୂଳା, ଫୁଲକୋବି, କଖାରୁ, କାମୋମାଇଲ, ୱାଟରକ୍ରେସ, ସପୁରି, ପିଆଜ, ରସୁଣ, ଅଲିଭ୍ ଅଏଲ, ସୁପ ଓ ଡିକେଫ୍ ଚା', ମହୁ, ଅଦା, ଲାଲ ଲଙ୍କା, ଖାଇବା ଆବଶ୍ୟକ ।

Email: gandhim@nic.in

# କରୋନା ଓ ଅସ୍ପୃଶ୍ୟ ମଣିଷ

ଗଣେଶ୍ୱର ନାୟକ

ଭାରତରେ ଇଂରେଜମାନଙ୍କୁ ତଡ଼ିବା ପାଇଁ ମହାତ୍ମା ଗାନ୍ଧୀ ଯେଉଁ ବିଶାଳ ଆନ୍ଦୋଳନ ଚଳାଇଥିଲେ, ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ବି ଏହି ଆନ୍ଦୋଳନର ଏକ ଅଂଶ ଥିଲା । ସେ ସମସ୍ତଙ୍କୁ ବୁଝାଇବାକୁ ଲାଗିଥିଲେ, ସବୁ ମଣିଷ ହରିଙ୍କ ସନ୍ତାନ, ସଭିଏ ଅମୃତର ସନ୍ତାନ, କାହାକୁ ଛୁଆଁ ଅଛୁଆଁ ଭେଦଭାବ କରିବାର ଅଧିକାର ମଣିଷର ନାହିଁ । ସର୍ବ ଧର୍ମର ସାର ହେଉଛି ମାନବତାବାଦ । ସେହି ମାନବତାବାଦ ଆଧାରରେ କିପରି କିଛି ମଣିଷକୁ ଅସ୍ପୃଶ୍ୟ କରି ଅଣଦେଖା କରି ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ଦେବା ?

ଏହି ଆନ୍ଦୋଳନ କେତେବେଳେ ଅଠର ଖିଅ ପଇତାର ଦାୟରେ ତ, କେତେବେଳେ ବାରହାତ ଖଣ୍ଡାର ଦାୟରେ ବାଁ ଡାଁ ହୋଇଯାଉଥିଲେ ମଧ୍ୟ ଗୀତା, ଭାଗବତର ସାର ମର୍ମକୁ ତୋଳିଧରିଥିଲା, ଯାହା କି 'ମଣିଷ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ' । ସମାଜ ଚଳାଇବାରେ ସବୁ କର୍ମର ଆବଶ୍ୟକ । ସେହି କାର୍ଯ୍ୟର ଆଧାର ମଣିଷ, ମଣିଷ ମଧ୍ୟରେ ବିଭେଦ ନୁହେଁ । ସେ ବୁଝାଉ ଥିଲେ ମା'ଟିଏ ମଧ୍ୟ ତାହାର ସନ୍ତାନର ମଇଳାକୁ ହାତରେ ସଫା କରେ । ଏହି ଆନ୍ଦୋଳନକୁ ଓଡ଼ିଶାରେ ମା' ରମାଦେବୀ, ସରଳା ଦେବୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ ଆଦି ଅନେକ ଆଗକୁ ନେଇଯାଇଥିଲେ । ଉତ୍କଳମଣି ଗୋପବନ୍ଧୁ ତ ମଣିଷ, ମଣିଷ ମଧ୍ୟରେ ବିଭେଦକୁ ତ୍ୟାଗ କରିବାକୁ ଯାଇ ନିଜର ପଇତାକୁ ମଧ୍ୟ ତ୍ୟାଗ କରି ଦେଇଥିଲେ । ପରୋପକାରରେ ହିଁ ଉତ୍ତମ ମଣିଷର ସଂଜ୍ଞା ନିହିତ । ଧର୍ମ ଆଧାରରେ, ଜାତି ଆଧାରରେ, ବର୍ଣ୍ଣ ଆଧାରରେ ମଣିଷ, ମଣିଷ ମଧ୍ୟରେ ବିଭେଦ ସୃଷ୍ଟି ହେଲେ ସମାଜର ଉନ୍ନତି କିପରି ସମ୍ଭବ ?

କରୋନା ଭୂତାଣୁ ଆଜି ବିଶ୍ୱ ମାନବକୁ ଅସ୍ପୃଶ୍ୟତା ଭିତରକୁ ଠେଲି ଦେଇଛି, ମହତ ଆଦର୍ଶକୁ ପାଥେୟ କରି ନୁହେଁ, ସ୍ୱଜୀବନକୁ ଭଲ ପାଇବାରେ, ସମସ୍ତେ, ସମସ୍ତଙ୍କ ପାଇଁ ଅସ୍ପୃଶ୍ୟ । ପଣ୍ଡିତ ହୁଅନ୍ତୁ, ମୂର୍ଖ ହୁଅନ୍ତୁ, ଜ୍ଞାନୀ ହୁଅନ୍ତୁ, ମାନୀ ହୁଅନ୍ତୁ, ଶିକ୍ଷିତ ହୁଅନ୍ତୁ ବା ଅନ୍ୟ କିଛି, କହିଲେ ଏକ ଭୂତାଣୁ ସମସ୍ତଙ୍କୁ ଜଣାଇଦେଲା ତୁ କେବଳ ନିରୁତା ମଣିଷଟାଏ । ସମାଜରେ ସମସ୍ତଙ୍କର ସମାନ ଅଧିକାର, ଆଉ ମୋତେ ପ୍ରତିହତ କରିବା ପାଇଁ ସବୁ ମଣିଷ ପାଇଁ ସମାନ ପ୍ରକ୍ରିୟା ଆପଣେଇବାକୁ ପଡ଼ିବ । ଭୋଗୀ ସିନା ଆପଣାଏ ବହୁ ବାଛ ବିଚାର, ଆଉ କରୋନା ପାଖରେ ସଭିଏ ସମାନ, କି ମାନୀ, କି ଧନୀ, କି ଆସ୍ତିକ, କି ନାସ୍ତିକ । ନିଜକୁ ସମ୍ମାନ ଦେଉଥିବା ମଣିଷ ହିଁ ଅନ୍ୟକୁ ସମ୍ମାନ ଦେଇପାରେ । ସ୍ୱ ସାମର୍ଥ୍ୟକୁ କଳି ପାରୁଥିବା ମଣିଷ ହିଁ, ଅନ୍ୟର ସାମର୍ଥ୍ୟକୁ ସମ୍ମାନ ଦେବାରେ ସମର୍ଥ ହୁଏ । ସକାରାତ୍ମକ ଭିତିରେ ବିଚାର କଲେ, ସବୁ ମଣିଷ ସମାନ ପ୍ରକ୍ରିୟାରେ ଏ ଧରାକୁ ଆସିଥାନ୍ତି, ସମାନ ପ୍ରକ୍ରିୟାରେ ମଧ୍ୟ ଏ ଧରାରୁ ବିଦାୟ ନେଇଥାନ୍ତି ।

ଆଜି ଖୁସି ଲାଗେ ଏ କରୋନା ଯୁଦ୍ଧର ଯୋଦ୍ଧା ତଳ ସ୍ତରର କର୍ମଚାରୀଙ୍କୁ ଯେପରି ସମ୍ବର୍ଦ୍ଧିତ କରାଯାଉଛି । ସେମାନେ ସାରା ସଂସାରକୁ ସ୍ୱଚ୍ଛତାରେ ଭରି ଦିଅନ୍ତି । ସେମାନଙ୍କ ଅନୁପସ୍ଥିତିରେ ଆମେ ଘରୁ ବାହାରିବା, ରାସ୍ତାରେ ଚାଲିବା ଅସମ୍ଭବ ହୋଇ ଉଠନ୍ତା । କିନ୍ତୁ ସମାଜ ଅନେକ ଯୁଗ ହେଲା ସେମାନଙ୍କୁ ଆର୍ଥିକ, ସାମାଜିକ ସ୍ତରରେ ବହୁ ଅବହେଳା କରି ଆସିଛି । ସବୁ ମଣିଷ ଆତ୍ମ ସମ୍ମାନର ସହିତ ବଞ୍ଚିବାକୁ ଚାହେଁ । ଆମର ଆତ୍ମ ସମ୍ମାନ କ୍ଷୁଣ୍ଣ ହେଲେ, ଆମ ମନରେ ଅନେକ ଆଘାତ ସୃଷ୍ଟି ହୁଏ । ଆମେ ଯେପରି ସମାଜଠାରୁ ସମ୍ମାନ ଆଶା କରୁ, ଅନ୍ୟମାନେ ସେପରି ସମାଜଠାରୁ ସମାନ ସମ୍ମାନ ଆଶା କରନ୍ତି । ଆମର କେଉଁ ଅଧିକାର ଅଛି କାହାକୁ ଅଛୁଆଁ ବୋଲାଇବାରେ । ଅନେକ ବର୍ଷ ଧରି, ଆମର କେଉଁ ଅଧିକାର ଅଛି କାହାକୁ ଠାକୁର ଦର୍ଶନ କରିବାରେ, ମନ୍ଦିରକୁ ଯିବାରେ ବାଧା ଦେବାକୁ ? ସତରେ କ'ଣ ଆମେ, ଜନ୍ମ ହେଲା ବେଳେ ସୁନା ଚାମଚ ପାଟିରେ ଧରି ଆସିଥିଲେ ନା ସୌଭାଗ୍ୟବଶତଃ ସମାଜ ବୋଲାଉଥିବା ଏକ ଉଚ୍ଚ ଜାତିରେ ଜନ୍ମ ହୋଇଯାଇଛେ ? ଉପଯୁକ୍ତ ଶିକ୍ଷା ଓ ଆର୍ଥିକ ଦିଗରେ ସ୍ୱଚ୍ଛଳତା ହିଁ ସବୁ ମଣିଷର ସ୍ୱାଭିମାନକୁ କିଛି ମାତ୍ରାରେ ଉର୍ଦ୍ଧ୍ୱକୁ ତୋଳିଧରେ । ସୁକର୍ମ ହିଁ ମଣିଷର ପରିଚୟ ସୃଷ୍ଟିକରେ, ଜାତି ନୁହେଁ, ବର୍ଣ୍ଣ ନୁହେଁ । ବିଜ୍ଞଜନଙ୍କ ସେଦିନର ଆହ୍ୱାନ, ମଣିଷ ପରସ୍ପରକୁ ଛୁଇଁବାକୁ, ଆଜି କରୋନାର ତାଡ଼ନାରେ ସମୟର ଆହ୍ୱାନ ମଣିଷ ପରସ୍ପର ନ ଛୁଇଁବାକୁ । ସେଦିନର ଅଛୁଆଁ ମନର ଭାବନା ମାତ୍ର, ଆଜିର ପରସ୍ପରକୁ ଅଛୁଆଁ ବିଜ୍ଞାନ ସମ୍ମତ...।

ସିଷ୍ଟମ୍ ଆଡ୍‌ମିନ,
ଜୀବନ ବୀମା କାର୍ଯ୍ୟାଳୟ, ଯାଜପୁର
ମୋ–୯୭୭୭୭୪୯୭୨୭

## ଚିରନ୍ତନୀ

କାଟିଦେବି ବେଳ ଦୂରୁ ଚାହିଁ ରହି
ସେ ରୂପ ସୁଷମା ମୁଁ ଚିର ବିରହୀ
ଜୀବନ–ମରୁରେ ମରଣ ବିରହ
ଶତ ଶୋକ ପରିହରି
ଚମ୍ପକ–ହାସ ହସିଯାଅ ତୁମେ
ଆଗୋ ଗୋରଚନା–ଗୋରି !
(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏଇ ଭାରତରେ

ଜଣେ କି ଦୁଇ ଜଣ ନୁହନ୍ତି, ଏକାଥରକେ ୩୦୦ ବରିଷ୍ଠ ନାଗରିକଙ୍କର ସେ ପୁଅ । ଏହି ପୁଅ ଜଣକ ଆଉ କେହି ନୁହନ୍ତି, ସେ ହେଉଛନ୍ତି କୋଲକାତା ବାରାନଗର ନିବାସୀ ଦେବ କୁମାର ମଲ୍ଲିକ । ନିରାଶ୍ରୟ ବରିଷ୍ଠ ନାଗରିକମାନଙ୍କ ପାଇଁ ସେ ପାଲଟିଛନ୍ତି ଦେବଦୂତ । ଥରେ ତାଙ୍କ ଘରପାଖରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ପାଇଁ ଖାଦ୍ୟ ମାଗିଲେ । ଦେବ ଏହି ଦମ୍ପତିଙ୍କ ସମ୍ପର୍କରେ ଜାଣିବା ପରେ ଏଭଳି ଅବସ୍ଥାରେ ରହୁଥିବା ଲୋକମାନଙ୍କ ସନ୍ଧାନରେ ଲାଗି ପଡ଼ି ଜଣକ ପରେ ଜଣଙ୍କୁ ଦେବ ନିଜର କରିବାରେ ଲାଗିଲେ । ଏବେ ଏଭଳି ସଂଖ୍ୟା ବୃଦ୍ଧିପାଇ ୩୦୦ରେ ପହଞ୍ଚିଛି । କହିବାକୁ ଗଲେ ଦେବଙ୍କ ପରିବାରରେ ୩୦୦ ଜଣ ଯୋଡି ହୋଇଯାଇଛନ୍ତି । ୨୦୧୫ରେ ସେ ତାଙ୍କ ଘରେ ପ୍ରଥମେ ଏଭଳି ବ୍ୟକ୍ତିମାନଙ୍କୁ ପ୍ରତ୍ୟହ ଦିନ ବେଳା ଥରେ ଖାଇବାକୁ ଦେବା ଆରମ୍ଭ କରିଥିଲେ । ଧୀରେ ଧୀରେ ସେମାନଙ୍କୁ ଦିନ ଓ ରାତିରେ ଖାଇବାକୁ ଦେଉଥିଲେ । କେବଳ ଏତିକି ନୁହେଁ, ସେମାନଙ୍କ ଚିକିତ୍ସା ଖର୍ଚ୍ଚ ବି ସେ ବହନ କରୁଛନ୍ତି । ୩୦୦ ଜଣ ନିରାଶ୍ରୟଙ୍କୁ ଖାଇବାକୁ ଦେବା ଲାଗି ଦେବଙ୍କୁ ୬୪ ଜଣ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି । ଏମାନଙ୍କୁ ମେଡିକାଲ ନେବା ଆଣିବା ପାଇଁ ସେ ଦୁଇଟି କାର୍‌ର ବ୍ୟବସ୍ଥା ମଧ୍ୟ କରିଛନ୍ତି । ଏହା ସହ ସେ ଅଞ୍ଚଳରେ ନିରାଶ୍ରୟମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରୁଛନ୍ତି । ଏଥିପାଇଁ ସେ ୧ଟଙ୍କା ନେଉଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୯୫

- ଜାଇରେରେ ଦେଖାଦେଇଥିବା ଇବୋଲା ଭୂତାଣୁଜନିତ ଜ୍ୱରରେ ଆକ୍ରାନ୍ତ ହୋଇ ୮୯ ଜଣ ଲୋକଙ୍କ ମୃତ୍ୟୁ ।
- ଗୋପାଳବଲ୍ଲଭ ପଟ୍ଟନାୟକ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜସ୍ଥାନର ପୂର୍ବତନ ରାଜ୍ୟପାଳ ସୁଖଦେବ ପ୍ରସାଦଙ୍କ ହୃଦ୍‌କ୍ରିୟା ବନ୍ଦ ହୋଇଯିବା ଫଳରେ ପରଲୋକ ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | | 9 | | 6 | | 1 | | D | | | | | |
| | D | 9 | 7 | | | | | | | | | | | B |
| | | A | | 1 | | | | E | | B | | | 6 | 7 |
| | 4 | | | | | | | 9 | | 0 | | 8 | C | |
| | | | A | | | 4 | 3 | 2 | | C | | 5 | | D |
| | | | | | | | | | | | C | | 2 | |
| 8 | E | | | | D | 9 | | | 3 | | | 7 | | |
| 7 | | 5 | | 0 | | | | 6 | | | | | | |
| | | C | B | | | 2 | | 0 | | | | | 9 | |
| | 9 | | E | | | C | 8 | 1 | | 4 | 2 | | B | |
| B | | 8 | | E | | | | A | 1 | | | 2 | 0 | |
| | 6 | | | 3 | 0 | | | | | | | | | 8 |
| | 5 | | | | B | | 4 | | | 7 | D | | E | 6 |
| | | | | C | 9 | 3 | 2 | B | | | | | | 4 |
| 1 | 0 | | | | A | | | | | | 8 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 7 | E | 6 | 1 | C | 2 | A | 0 | 5 | D | 4 | 3 | 9 | B |
| B | A | 3 | 7 | 2 | E | C | 6 | 5 | 0 | 9 | 1 | 8 | 4 | D |
| D | C | 0 | 3 | 4 | B | 1 | E | 9 | 8 | A | 2 | 7 | 5 | 6 |
| 5 | 1 | 9 | A | D | 0 | 8 | 4 | 3 | 6 | 7 | B | C | E | 2 |
| 6 | 2 | 4 | 5 | 8 | 9 | B | 7 | D | 3 | C | E | 0 | A | 1 |
| 3 | 0 | B | 8 | 5 | 7 | A | D | 2 | C | E | 6 | 9 | 1 | 4 |
| 2 | 6 | C | 4 | B | 1 | 9 | 0 | E | 7 | 3 | D | A | 8 | 5 |
| 1 | E | A | 0 | C | 3 | 4 | 8 | 6 | 2 | 5 | 9 | D | B | 7 |
| 7 | 9 | 5 | 2 | A | D | 3 | 1 | C | B | 4 | 8 | E | 6 | 0 |
| 4 | 8 | D | E | 9 | 6 | 7 | 5 | B | 1 | 0 | A | 2 | C | 3 |
| A | 5 | 1 | C | 6 | 8 | D | 3 | 4 | E | 2 | 7 | B | 0 | 9 |
| E | D | 7 | B | 3 | 4 | 6 | 9 | 8 | A | 1 | 0 | 5 | 2 | C |
| 0 | 4 | 2 | 9 | E | A | 5 | C | 1 | D | B | 3 | 6 | 7 | 8 |
| 9 | B | 8 | D | 0 | 5 | E | 2 | 7 | 4 | 6 | C | 1 | 3 | A |
| C | 3 | 6 | 1 | 7 | 2 | 0 | B | A | 9 | 8 | 5 | 4 | D | E |

ଗତକାଲିର ଉତ୍ତର

# ପ୍ରକୃତିକୁ ଭଲ ପାଅ

ବ୍ରଜକିଶୋର ଦାଶ

ମାନବ ପ୍ରକୃତିର ସନ୍ତାନ । ପ୍ରକୃତିର କୋଳରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ହୁଏ ଲାଳିତ ପାଳିତ । ସଞ୍ଜ ସକାଳେ ଆକାଶର ବିଭିନ୍ନ ଦୃଶ୍ୟ ତାକୁ ବିମୋହିତ କରେ । ନଦୀ, ସମୁଦ୍ରକୂଳର ନିର୍ଜନତା, ଝାଉଁବଣ, ଦିଗନ୍ତ ବିସ୍ତାରୀ ପୁଳାପୁଳା ସବୁଜିମା ତାକୁ କରେ ଆହ୍ଲାଦିତ । ଜୀବନ ଜିଇବାର ଅପୂର୍ବକଳାକୁ ମାଦକତାରେ ଭରି ଦିଏ । ବସନ୍ତର ମୃଦୁମଳୟ ପବନ, ଆମ୍ରକୁଞ୍ଜରେ କୋଇଲିର କୁହୁତାନ, ଫୁଲଭର୍ତ୍ତି ବନ ଉପବନ ତା' ଜୀବନରେ ସରସତା ଆଣେ । ଦିନ ଆକାଶରେ ସୂର୍ଯ୍ୟ, ରାତି ଆକାଶରେ ଜହ୍ନ, ପଦ୍ମ ଓ କୁମୁଦ ତା'ର ମନକୁ ଶାନ୍ତି ଓ ସତେଜ କରିଦିଏ । ଦୂରଦିଗ୍‌ବଳୟରେ ମେଘ ଓ ତାକୁ ଦେଖି ମୟୂରର ନୃତ୍ୟ ପ୍ରାଣକୁ ପୁଲକିତ କରେ । ମନରେ ରାଗରାଗେଣୀର ମେଘମଲ୍ଲାର ସୃଷ୍ଟିକରେ । ହିମାଳୟକୁ ନ ଦେଖିଥିଲେ ମଧ୍ୟ ସ୍ୱପ୍ନରେ ହିମାଳୟର ବିସ୍ମୟରୂପକୁ କଳନାକରେ ଓ ମନେମନେ ଶୁଣେ କୈଳାସ ପର୍ବତର ଓଁକାର ଧ୍ୱନି । ଦୂର ପାହାଡ ଓ ଘଞ୍ଚ ଜଙ୍ଗଲର ଅପରୂପ ତାକୁ ଦୁଃସାହସିକ କରେ । ପାହାଡ କଡର କଳନାଦିନୀ ଝରଣା ତାକୁ ଭାବବିହ୍ୱଳ କରେ । ଆଦିବାସୀ ଅନୁଢ଼ାକନ୍ୟାର ନୃତ୍ୟ, ଶାଳ,ମହୁଲ ଫୁଲର ବାସ୍ନା ତା' ପାଇଁ ଚିରସୁନ୍ଦର ଓ ଚିର ଉପଭୋଗ୍ୟ । ପ୍ରକୃତି ଭିତରେ ଯେଉଁ ସ୍ୱଚ୍ଛନ୍ଦ ପ୍ରକାଶ ଅଛି ସେଥିରେ କୃତ୍ରିମତା ନାହିଁ । ପ୍ରକୃତି ରାଜ୍ୟରୁ ମାନବ ନିଜର ପଞ୍ଚଇନ୍ଦ୍ରିୟର ତୃପ୍ତିସାଧନ ଲାଗି ଉପାଦାନ ପାଏ । କବିଟିଏ ପ୍ରକୃତି ରାଜ୍ୟରୁ ସୌନ୍ଦର୍ଯ୍ୟ ଓ ଚିତ୍ତାକର୍ଷକ ବସ୍ତୁ ସଂଗ୍ରହ କରି ଖଞ୍ଜି ଦିଏ କାବ୍ୟରେ । ଗ୍ରାମ୍ୟ ପ୍ରକୃତି ଓ ଅରଣ୍ୟ ପ୍ରକୃତିର ଛବିଳ ରୂପ ଦିଗ ବିଦିଗ ବର୍ଣ୍ଣିତ ହୁଏ, ଯାହାକୁ ପଢ଼ିଲେ ପାଠକର ଭାବନା ରାଜ୍ୟ ଆନ୍ଦୋଳିତ ହୁଏ । ଦାର୍ଶନିକ ସୁଲଭ ସୂକ୍ଷ୍ମ ରହସ୍ୟର ଜାଲ ଉନ୍ମୋଚନରେ ତା'ର ଚିନ୍ତା ଓ ଚେତନାରେ । ସେ ଗୁଣୁଗୁଣେଇ ଯାଏ ପ୍ରକୃତିର ଚାରୁ ସୁଷମାରେ । ସେ ଆତ୍ମହରା ହୋଇଉଠେ ଅରଣ୍ୟର ଦଳଦଳ ହସ୍ତୀ, ବାଘ, ଭାଲୁ, ହରିଣ, ମୃଗ, ଯାବତୀୟ ପଶୁ ଓ ପକ୍ଷୀ, ନାନାରଙ୍ଗର ଫୁଲ, ଭିନ୍ନଭିନ୍ନ ବୃକ୍ଷଲତା ଦେଖି । ରକମ ରକମ ନାନା ପ୍ରକାର ଫଳମୂଳ, ଚେର ବନଜାତ ଔଷଧି ମଣିଷର ସୁସ୍ଥ ଜୀବନର ପିପାସାକୁ ଚରିତାର୍ଥକରେ । ମଣିଷ ସମାଜର ମଙ୍ଗଳ ପାଇଁ ପ୍ରକୃତି ନିଜକୁ ସୁନ୍ଦର ରୂପରେ ସଜାଇଛି ଓ ଶାଳୀନ ରୂପରେ ପ୍ରକାଶ କରିଛି । ହତଭାଗ୍ୟ ମଣିଷ ପ୍ରକୃତିର ଶୋଭନ, ସୁନ୍ଦରକୁ ନଷ୍ଟ କରୁଛି । ପରିବେଶକୁ ଧ୍ୱଂସ କରୁଛି । ବୃକ୍ଷଲତାକୁ କାଟିବାରେ ଲାଗିଛି । ଜୀବଜନ୍ତୁମାନଙ୍କ ଉପରେ ଆକ୍ରମଣ କରୁଛି । କଳକାରଖାନା, କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରୁଛି । କଳକାରଖାନାରୁ ନିର୍ଗତ ବିଷାକ୍ତ ବାଷ୍ପ ପ୍ରକୃତିକୁ ଘନ ଅନ୍ଧକାରର କୁହେଳିକାରେ ଢାଙ୍କି ପକାଉଛି । ଜୈବିକ ଖତ ସାର ପରିବର୍ତ୍ତେ ବିଷାକ୍ତ ରାସାୟନିକ ସାର ପ୍ରୟୋଗ କରି ଅମୃତତୁଲ୍ୟ ଫଳ, ସୁସ୍ୱାଦୁ ପନିପରିବା ଓ ପୁଷ୍ପ ସମ୍ଭାରକୁ ବିଷମୟ କରିଦେଉଛି । ଏହି ବିଷାକ୍ତ ଡାକୁଛି ରୋଗକୁ, ଡାକୁଛି ମୃତ୍ୟୁକୁ । ଜୀବନ ଯନ୍ତ୍ରଣାରେ ଝଟପଟ ହେଉଛି ଆଜିର ମଣିଷ । ପୃଥିବୀର ମଣିଷ ସହିତ ସମସ୍ତ ଜୀବଜନ୍ତୁ ସଂକ୍ରାମକ ବ୍ୟାଧିରେ ଆକ୍ରାନ୍ତ, ଶୁଭୁନି ଜୀବନ ଯମୁନାକୂଳରେ ଆବେଗ, ଆନନ୍ଦର କଳକଲ୍ଲୋଳିନୀ ଧାରା । ଜୀବନ ପାଲଟି ଯାଇଛି ନିରାନନ୍ଦ, ନିଶ୍ଚେତନ । ଚାରିଆଡେ ଶୁଭୁଛି ବିମର୍ଷ–ବିକଳ ଆର୍ତ୍ତନାଦ ।

ଋତୁଚକ୍ରର ଗତିପଥକୁ ମଧ୍ୟ ବଦଳାଇ ଦେଇଛି ପ୍ରକୃତି । ନିଦାଘ ବୈଶାଖରେ ଟାଇଁ ଟାଇଁ ଖରା, ଆଷାଢ଼ର ଅଜସ୍ର ବର୍ଷା, ମାଘ ମାସରେ ହାଡଭଙ୍ଗା ଶୀତର ପ୍ରକୋପ ପାଇପାରୁନି ମଣିଷ । ଅଦିନିଆ ଖରା, ଅଦିନିଆ ବର୍ଷା, ଅଦିନିଆ ଶୀତ ଅଚାନକ ଆସୁଛି ମଣିଷ ପାଖକୁ, ପ୍ରକୃତିର ନିତ୍ୟ–ନିୟମିତ ଧାରା ପରିବର୍ତ୍ତିତ ହୋଇଯାଇଛି । ପ୍ରକୃତି କ୍ରମଶଃ ରୁଦ୍ରରୂପ ଧାରଣ କରୁଛି । ବନ୍ୟା, ବାତ୍ୟା, ଭୂମିକମ୍ପ, ଘଡଘଡି ଓ ଅଜଣା ମହାମାରୀ ଜୀବନ ଭିତରକୁ ପଶି ଆସୁଛି । ଜୀବନକୁ ନିର୍ବେଦ, ନିଃଷ୍ପ୍ରାଣ, ନିଃସଙ୍ଗ କରି ଦେଉଛି । ଦାରୁଣ ବ୍ୟଥା ଓ ବେଦନାରେ ଶଢୁଛି ମଣିଷ । ଏଥିପାଇଁ ଦାୟୀକିଏ । ସେ ନିଜେ , ତା'ର କୁକର୍ମ ଓ କୁନିର୍ମାଣର ଫଳ, ଦିନକୁ ଦିନ ପ୍ରକୃତିର ପ୍ରକୋପ ଉଚ୍ଛନ୍ନ କରିବ ମଣିଷକୁ, ହରଣ କରି ନେବ ତା' ଆୟୁଷକୁ, ରାସ୍ତା କଡର ଭିକାରି ସଜାଇ ଠେଲି ଦେବ ନର୍କକୁ, ପ୍ରକୃତି ଶୋଭା ଧ୍ୱଂସପ୍ରାୟ । ପ୍ରକୃତିର କରାଳ ତାଣ୍ଡବ ରାକ୍ଷସର ଐନ୍ଦ୍ରଜାଳିକ କାୟା ବିସ୍ତାର କରି ଆଜି ମଣିଷ ସମାଜ ପାଖରେ ଠିଆ ହୋଇଛି ଭୟାନକ ମହାମାରୀ କରୋନା ରୂପରେ । ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ପରିବେଶ ପ୍ରଦୂଷଣ, ଅସାବଧାନତା, ଅପରିଷ୍କାରଛନ୍ନତା, ବେପରୁଆ ସ୍ୱଭାବ ଏହାର ମୁଖ୍ୟ କାରଣ ପାଲଟିଛି ।

ପ୍ରକୃତି କୋଳରେ ପାଳିତ ମଣିଷ ଆର୍ତ୍ତଚିତ୍କାର କରୁଛି । ରକ୍ଷାକର, ମାଡିଆସିଲା, ମରିଗଲୁ ଇତ୍ୟାଦି । ସାରା ପୃଥିବୀରେ ପ୍ରଳୟ ତାଣ୍ଡବ ନୃତ୍ୟ କରୁଛି ଏହି ବିଷମବ୍ୟାଧି, ଯାହା ନିରାକରଣ ପାଇଁ ଔଷଧ ନାହିଁ । ଗବେଷଣା ଓ ବୈଜ୍ଞାନିକ ଯନ୍ତ୍ରପାତି ପ୍ରମାଦ ଗଣୁଛନ୍ତି । ପୃଥିବୀର ଅଧିକାଂଶ ସହର ଲକ୍‌ଡାଉନ୍‌ରେ । ଏବେ ଦେଖନ୍ତୁ ଶୂନ୍‌ଶାନ୍ ନୀରବ ନିଶ୍ଚଳ ପ୍ରକୃତିର ଅନୁପମକୋଳ । ଆକାଶ ଆଗ ଅପେକ୍ଷା ଅଧିକ ନୀଳ ଦେଖାଯାଉଛି । ନଦୀ ଓ ସମୁଦ୍ରର ଜଳ ସ୍ୱଚ୍ଛ ନୀଳିମାରେ ଭରି ଲାଣି । ଏକୁଟିଆ ଘୁରିବୁଲୁଥିବା ପକ୍ଷୀର କାକଳି ହୃଦୟକୁ ଛୁଇଁ ଛୁଇଁ ଯାଉଛି । ସମସ୍ତ ରାସ୍ତା ଘାଟ, ରେଳଲାଇନ୍, ଆକାଶପଥ ସବୁ ଚୁପ୍‌ଚାପ୍ । କି ଶାନ୍ତି ଶୋଭନ ପ୍ରତୀୟମାନ ହେଉଛି । ପ୍ରକୃତି ଖୁସିରେ ନିଃଶ୍ୱାସ ମାରୁଛି । ବକ୍ଷ ତା'ର କୋମଳ କମନୀୟତାରେ ଭରି ଉଠୁଛି । ଜଣେ ଦିଲ୍ଲୀରେ ରହୁଥିବା ଡାକ୍ତରଙ୍କ କହିବା ଅନୁସାରେ ଏତେଦିନ ପରେ ସେ ଦିଲ୍ଲୀ ଆକାଶରେ ଏତେଗୁଡିଏ ତାରା ଏକକାଳୀନ ଦେଖିବାର ସୁଯୋଗ ପାଇଛନ୍ତି । ଲଣ୍ଡନବାସୀ ଆକାଶରେ ଗୋଟିଏ ନୂଆ ଜାଗତିକ ଦୃଶ୍ୟକୁ ମଧ୍ୟ ଦେଖିବାର ସୁଯୋଗ ପାଇଛନ୍ତି । ପ୍ରକୃତିକୁ ଭଲ ପାଅ । ପ୍ରକୃତି ମଣିଷଙ୍କ ପାଇଁ ଉଦ୍ଭିଦଜାତ ଖାଦ୍ୟଶସ୍ୟର ଭଣ୍ଡାର ସାଇତି ରଖିଛି । ତାକୁ ଯତ୍ନ କର । ତା'ର ଫାଇଦା ଉଠାଅ । ଖାଦ୍ୟ ଗ୍ରହଣର ନିୟମତାକୁ ଅବଲମ୍ବନକର । ହଜିଯାଇଥିବା ପ୍ରାଚୀନ ସଂସ୍କୃତି ଓ ତା'ର ଚଳଣିକୁ ଆପଣାର କର । ବୃକ୍ଷ ଲଗାଅ, ଘଞ୍ଚଜଙ୍ଗଲ ସୃଷ୍ଟିକର । ବୃକ୍ଷ ଆମକୁ ସୁସ୍ଥ ଅମ୍ଳଜାନ ଦେବ । ଗ୍ରୀଷ୍ମ ବର୍ଷାରୁ ଆମ ଜୀବନକୁ ରକ୍ଷାକରିବ । ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ଜଳପ୍ରଦୂଷଣ ଓ ମୃତ୍ତିକାକ୍ଷୟକୁ ସୁରକ୍ଷା ଦେବ । ପ୍ରକୃତିକୁ ଭଲ ପାଅ । ପ୍ରକୃତି ସୁସ୍ଥସୁନ୍ଦର ଜୀବନଦେବ ।

ପ୍ରାଧ୍ୟାପକ, କମଳା ନେହେରୁ ମହିଳା
ମହାବିଦ୍ୟାଳୟ, ଭୁବନେଶ୍ୱର

## ପାଠକ ଶ୍ରେଷ୍ଠ ବିଚାରକ

### ଆଶୀର୍ବାଦ ନା ଅଭିଶାପ

ମହାଶୟ,

ଓଡ଼ିଶା ହାଇକୋର୍ଟ ଦେଇଥିବା ରାୟ ଉପରେ ଗତ ତା।୮।୫।୨୦୨୦ରିଖରେ ସୁପ୍ରିମ୍‌କୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ମାତ୍ର ତାହା ଆମମାନଙ୍କ ଆଶୀର୍ବାଦ ନା ଅଭିଶାପ କହିବା ଅସମ୍ଭବ । ଗୋଟିଏ ପଟେ ଯଦି ଦେଖିବା ଏହା ଆଶୀର୍ବାଦ । କାରଣ ବାହାର ରାଜ୍ୟରେ ଦୁଃଖ, ଅଭାବ ଅନଟନରେ କାଳାତିପାତ କରୁଥିବା ପ୍ରବାସୀ ଶ୍ରମିକମାନେ ସୁରୁଖୁରୁରେ ଏମାନଙ୍କ ଜନ୍ମଭୂମିକୁ ଫେରିପାରିବେ । ମାତ୍ର ଅନ୍ୟ ପଟେ ଦେଖିଲେ ଏହା ଅଭିଶାପ । କାରଣ ସେମାନେ ଯେଉଁ ଅଞ୍ଚଳକୁ ପ୍ରବେଶ କରିବେ ସେହି ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା କେବଳ ବୃଦ୍ଧିପାଇବ ତାହା ନୁହେଁ, ବରଂ ରେଳ ତଥା ଅନ୍ୟାନ୍ୟ ଯାନରେ ସେମାନେ ଆସୁଥିବା ସମୟରେ ନିଜେ ଅନ୍ୟମାନଙ୍କଠାରୁ ସଂକ୍ରମିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଯାହା ବର୍ତ୍ତମାନ ସମୟରେ ସେମାନଙ୍କ ପାଇଁ 'ବେଢି ଉପରେ କୋରଡ଼ା' ସଦୃଶ । ଏହିସବୁ କଥା ପ୍ରତି ଦୃଷ୍ଟିଦେଲେ ଲାଗୁଛି ସୁପ୍ରିମ୍‌କୋର୍ଟଙ୍କ ସ୍ଥଗିତାଦେଶ ବାସ୍ତବରେ ଆମ ସମସ୍ତଙ୍କ ପାଇଁ ଅଭିଶାପ ସଦୃଶ । ଓଡ଼ିଶା ସରକାର ତୁରନ୍ତ ପ୍ରବାସୀ ଶ୍ରମିକଙ୍କ ପାଇଁ ଏ ଦିଗ ଉପରେ ସୁଚିନ୍ତିତ ପଦକ୍ଷେପ ନେବା ଆବଶ୍ୟକ ।

ସୌରୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୫୦ଦିନ ତାଲାବନ୍ଦ, ମାସେ କୋହଳ



**ଲଣ୍ଡନ, ୨୦।୫**

କୋଭିଡ୍-୧୯ ସଂକ୍ରମଣ ରୋକିବାକୁ ବିଶ୍ୱସ୍ତରରେ ଚାଲିଛି ଗବେଷଣା। ଏନେଇ ନିର୍ଦ୍ଦିଷ୍ଟ କୌଣସି ଔଷଧ ବାହାରି ନ ଥିବାରୁ ସାମାଜିକ ଦୂରତ୍ୱ, ସ୍ୱଚ୍ଛତା ବଜାୟକୁ ଗୁରୁତ୍ୱ ଦିଆଯାଉଛି। ଏପରି କି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯିବା ସହ ସ୍କୁଲ, କଲେଜକୁ ବନ୍ଦ ରଖାଯାଇଛି। ସାଧାରଣ ଚଳପ୍ରଚଳ ଯୋଗୁ ସଂକ୍ରମିତଙ୍କ ସଂଖ୍ୟା ହୁହୁ ହୋଇ ବଢ଼ିଚାଲିଥିବାରୁ ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ୍ (ତାଲାବନ୍ଦ) ଜରୁରୀ ହୋଇପଡ଼ିଛି। ହେଲେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ମଧ୍ୟ ଅର୍ଥ ବ୍ୟବସ୍ଥା ଉପରେ ବିଶେଷମାତ୍ରାରେ ପଭାବ ପକାଉଛି। ସେଥିପାଇଁ ବ୍ରିଟେନ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ନୂଆ ପ୍ରସ୍ତାବ ଦେଇଛନ୍ତି। ସେମାନଙ୍କ ମତରେ ଯଦି ପର୍ଯ୍ୟାୟକ୍ରମେ ଅର୍ଥାତ ୫୦ଦିନ ଲକ୍‌ଡାଉନ୍ ଏବଂ ଏହାର ପରବର୍ତ୍ତୀ ୩୦ଦିନ କୋହଳ କରାଯିବ, ତେବେ କରୋନା ସଂକ୍ରମଣକୁ ବହୁଳ ମାତ୍ରାରେ ରୋକାଯାଇପାରିବ। ଏପରି କି କରୋନା ଜନିତ ମୃତ୍ୟୁ ମଧ୍ୟ ହ୍ରାସ ପାଇବ ବୋଲି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଗବେଷକ ରାଜୀବ ଚୌଧୁରୀ ମତ ଦେଇଛନ୍ତି।

**ପର୍ଯ୍ୟାୟକ୍ରମେ ଲକ୍‌ଡାଉନ୍‌କୁ ଗବେଷକଙ୍କ ଗୁରୁତ୍ୱ**

**କରୋନା ଦୁର୍ବଳ ପାଇଁ ଲାଗିବ ୨୦୦ଦିନ**

କ୍ରମାଗତଭାବେ ଲକ୍‌ଡାଉନ୍ ଜାରି ହେବା କାରଣରୁ ବହୁ ଲୋକ ରୋଜଗାର ହରାଇବା ସହ ସାମାଜିକ ଅସନ୍ତୁଳନ ଦେଖାଗଲାଣି। ହେଲେ ଯଦି ଲକ୍‌ଡାଉନ୍‌କୁ ସମ୍ପୂର୍ଣ୍ଣ ଉଠାଇ ଦିଆଯିବ ତେବେ ତାହା ମଧ୍ୟ ସଂକ୍ରମଣକୁ ବହୁଳମାତ୍ରାରେ ବ୍ୟାପିବାରେ ଖୋରାକ ଯୋଗାଇବ। ତେଣୁ ପର୍ଯ୍ୟାୟକ୍ରମେ ଲକ୍‌ଡାଉନ୍ କରାଗଲେ ସଂକ୍ରମଣ ହ୍ରାସ ପାଇବାର ସମ୍ଭାବନା ରହିଛି। ବର୍ତ୍ତମାନ ସ୍ଥିତିରେ ଲକ୍‌ଡାଉନ୍ ଜରୁରୀ, କିନ୍ତୁ ଦୀର୍ଘମିଆଦୀ ସ୍ତରରେ ଏହା ଆବଶ୍ୟକ ପଡ଼ିବ ନାହିଁ। ତେଣୁ ଏହାକୁ ଏବେ ପର୍ଯ୍ୟାୟକ୍ରମେ ଲାଗୁ କରାଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ୟୁରୋପିଆନ ଜର୍ନାଲ୍ ଅଫ୍ ଏପିଡେମିଓଲୋଜିରେ ପ୍ରକାଶ ପାଇଛି। ଗବେଷକଙ୍କ ମତରେ ପର୍ଯ୍ୟାୟକ୍ରମେ ଲକ୍‌ଡାଉନ୍ ପ୍ରକ୍ରିୟା ଲାଗୁ କରିବା ଦ୍ୱାରା 'ପରୀକ୍ଷା- ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ-ସଙ୍ଗରୋଧ' ଠିକ୍‌ଭାବେ ପାଳନ କରାଯାଇପାରିବ। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଲୁଚାଇ ରଖିବା ଅପେକ୍ଷା ସେମାନଙ୍କୁ ଠାବ କରାଯାଇ ସଙ୍ଗରୋଧରେ ରଖାଯିବା ଦ୍ୱାରା ସଂକ୍ରମଣକୁ ରୋକାଯାଇପାରିବ। ସାମାଜିକ ଦୂରତ୍ୱ, ସ୍ୱଚ୍ଛତା ଅବଲମ୍ବନ, ସନ୍ଦିଗ୍ଧଙ୍କୁ ସଙ୍ଗରୋଧରେ ରଖାଯିବା, ସର୍ବସାଧାରଣ କାର୍ଯ୍ୟକ୍ରମ ବନ୍ଦ ରଖିବା ଏବଂ ସ୍କୁଲକଲେଜ ବନ୍ଦ ରଖିବା ଦ୍ୱାରା ନୂଆ ସଂକ୍ରମଣ ସଂଖ୍ୟା ହ୍ରାସ ପାଇବ। ଏଥିସହିତ ଯଦି ଆମେ ପର୍ଯ୍ୟାୟକ୍ରମେ ଲକ୍‌ଡାଉନ୍ ପଦ୍ଧତି ଆପଣାଇବା ତେବେ ତାହା ମଧ୍ୟ ସଂକ୍ରମଣ ରୋକିବାରେ ବହୁମାତ୍ରାରେ ସହାୟକ ହେବ ବୋଲି ଗବେଷକମାନେ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଯେତେବେଳେ କୌଣସି ପ୍ରକାର କଟକଣା କରା ନ ଗଲା, ସେତେବେଳେ ସଂକ୍ରମିତଙ୍କ ସଂଖ୍ୟା ବ୍ୟାପକମାତ୍ରାରେ ବୃଦ୍ଧି ପାଇବା ସହ ଆଇସିୟୁରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ବିଶେଷକରି ଭାରତରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଉ ଯଦି ଏହା ଜାରି ରହିଥାନ୍ତା ତେବେ ପ୍ରମୁଖ ସଂକ୍ରମିତ ୧୬ଟି ରାଷ୍ଟ୍ରରେ ମୃତ୍ୟୁ ସଂଖ୍ୟା ୭୮ଲକ୍ଷ ଛୁଇଁଥାନ୍ତା ବୋଲି ରିପୋର୍ଟରେ ଆକଳନ କରାଯାଇଛି। ବର୍ତ୍ତମାନସ୍ଥିତିରେ ଯାହା ଲକ୍ଷ୍ୟ କରାଯାଉଛି, ଏହିସବୁ ରାଷ୍ଟ୍ରଗୁଡ଼ିକରେ ମହାମାରୀ ଦୁର୍ବଳ ହେବା ପାଇଁ ଅତିକମ୍‌ରେ ୨୦୦ଦିନ ଲାଗିବ। ଏଥିପାଇଁ ପର୍ଯ୍ୟାୟକ୍ରମେ ୫୦ଦିନର ଲକ୍‌ଡାଉନ୍ କଟକଣା ସହ ୩୦ଦିନର କୋହଳ କରିବା ପାଇଁ ଗବେଷକମାନେ ମତ ଦେଇଛନ୍ତି।

## ସଂକ୍ଷେପରେ

### ଅମ୍ଫାନ୍ ପାଇଁ ବନ୍ଦ ରହିଲା ହାଇକୋର୍ଟ

- ଗୁରୁବାର ହେବ ଦୁଇଦିନର ଶୁଣାଣି
- ବସିବ ୨ ଡିଭିଜନ୍, ୫ ସିଙ୍ଗଲ୍ ବେଞ୍ଚ

କଟକ ଅଫିସ୍,୨୦।୫: ସାମୁଦ୍ରିକ ବାତ୍ୟା 'ଅମ୍ଫାନ୍' ଯୋଗୁ ବୁଧବାର ହାଇକୋର୍ଟ ବନ୍ଦ ରହିଛି। ବୁଧବାର ପାଇଁ ଧାର୍ଯ୍ୟ ହୋଇଥିବା ମାମଲାଗୁଡ଼ିକର ଶୁଣାଣି ଗୁରୁବାର କରାଯିବ। ଏନେଇ ହାଇକୋର୍ଟ ରେଜିଷ୍ଟ୍ରାର୍ (ଜୁଡିସିଆଲ) ସୂଚନା ଦେଇଛନ୍ତି। ବାତ୍ୟା ଯୋଗୁ ବିଦ୍ୟୁତ୍ ସଂଯୋଗ ଓ ଇଣ୍ଟରନେଟ୍ ସଂଯୋଗ ପ୍ରଭାବିତ ହେବାର ଆଶଙ୍କା ରହିଛି। କରୋନାଜନିତ କଟକଣା ଯୋଗୁ ବର୍ତ୍ତମାନ ହାଇକୋର୍ଟରେ ସମସ୍ତ ମାମଲା ଭିଡିଓ କନ୍‌ଫରେନ୍ସ ଜରିଆରେ କରାଯାଉଛି। ବାତ୍ୟା ଯୋଗୁ ଠିକ୍ ଭାବେ ଭିଡିଓ କନ୍‌ଫରେନ୍ସ ହୋଇପାରିବ ନାହିଁ। ଏଣୁ ବୁଧବାର କୋର୍ଟ କାର୍ଯ୍ୟକୁ ବାତିଲ କରାଯାଇଛି। ଓକିଲ ସଂଘର ଅନୁରୋଧ କ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ରେଜିଷ୍ଟ୍ରାର୍ (ଜୁଡିସିଆଲ୍) କହିଛନ୍ତି। ବୁଧବାର ହାଇକୋର୍ଟ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଛି। ଅପରପକ୍ଷେ ଗୁରୁବାର ଶୁଣାଣି ପାଇଁ ତାଲିକା ପ୍ରକାଶ ପାଇଛି। ଦୁଇଜଣିଆ ବିଚାରପତିଙ୍କ ଦୁଇଟି ଡିଭିଜନ୍ ବେଞ୍ଚରେ ମାମଲା ଶୁଣାଣି କରାଯିବ। ନୂଆ କୋଠାର ଦ୍ୱିତୀୟ ଫ୍ଲୋର୍‌ରେ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗୋଟିଏ ଖଣ୍ଡପୀଠ ବସିବ। ସେହିଭଳି ପ୍ରଥମ ଫ୍ଲୋର୍‌ରେ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ନେଇ ଅନ୍ୟ ଏକ ଖଣ୍ଡପୀଠ ବସିବ। ୫ଟି ସିଙ୍ଗଲ୍ ବେଞ୍ଚ ମଧ ରହିବେ। ଏଥିରେ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ, ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ, ଜଷ୍ଟିସ୍ ବିଶ୍ୱନାଥ ରଥ, ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ରହିଛନ୍ତି।

# କଟକ ପୋଲିସକୁ ଘାରିଲା କରୋନା ଭୟ

**କଟକ ଅଫିସ୍,୨୦।୫**

ଭୁବନେଶ୍ୱରରେ ଜଣେ ପୋଲିସ କର୍ମଚାରୀ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ଏହାକୁ ନେଇ କମିଶନରେଟ୍ ପୋଲିସର ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ଛନକା ପଶିଛି। ଉଭୟ ଭୁବନେଶ୍ୱର ଓ କଟକ ସହରରେ ପୋଲିସ କର୍ମଚାରୀ, ଅଧିକାରୀଙ୍କ ନମୁନା ପରୀକ୍ଷା କରାଯାଉଛି। କଟକ ସହରରେ ଥିବା ଥାନା କର୍ମଚାରୀଙ୍କ ନିୟମିତ ସ୍କ୍ରିନିଂ ଚାଲିଛି। ଏକ ଘରୋଇ ହସ୍ପିଟାଲ୍ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଯେଉଁମାନଙ୍କ ପାଖରେ ଛିଙ୍କ, ଥଣ୍ଡା, ଜ୍ୱର ଭଳି ଲକ୍ଷଣ ଦେଖାଦେଉଛି, ସେମାନଙ୍କର ସ୍ୱାବ୍ ପରୀକ୍ଷା ହେଉଛି। ମଙ୍ଗଳବାର କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଥାନା ସହ ଅନ୍ୟ କେତେକ ଥାନାକୁ ମିଶାଇ ଏଯାବତ୍ ମୋଟ ୬୬ ଜଣ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। କଟକ ଡିସିପି ଅଖିଳେଶ୍ୱର ସିଂଙ୍କ କହିବାନୁଯାୟୀ, କାର୍ଯ୍ୟ ସମୟରେ ସୁରକ୍ଷିତ ଓ ସଚେତନ ରହିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ଆମ ପାଇଁ ସମସ୍ତ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ରକ୍ଷା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଲକ୍ଷଣ ଥିଲେ କରୋନା ପରୀକ୍ଷା ହେଉଛି। ବୟସ୍କଙ୍କ କାର୍ଯ୍ୟକୁ ସୀମିତ ରଖାଯାଇଛି।

# ହାତ ଦେଖାଇଲେ ଆପେ ସ୍ପ୍ରେ ହେବ ସାନିଟାଇଜର

**କଟକ ଅଫିସ,୨୦।୫**

**ଖପୁରିଆ ଆଇଟିଆଇ ତିଆରି କଲା ଅଟୋମେଟିକ ସାନିଟାଇଜ ମେଶିନ**




କରୋନା ମୁକାବିଲା ପାଇଁ ଦେଶର ବିଭିନ୍ନ କ୍ଷେତ୍ରରୁ ପ୍ରୟାସ ଚାଲିଛି। ଏହି କ୍ରମରେ କରୋନା ଲଢ଼େଇରେ ସାମିଲ ହୋଇଛି କଟକସ୍ଥିତ ଖପୁରିଆ ସରକାରୀ ଆଇଟିଆଇ। ପୂର୍ବରୁ ଭ୍ରାମ୍ୟମାଣ କୋଭିଡ୍ ନମୁନା ସଂଗ୍ରହ ମେଶିନ ଓ କୋଭିଡ ହସ୍ପିଟାଲରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଦୁଇଟି ରୋବୋଟ ତିଆରି କରାଯାଇଥିଲା। ସଂକ୍ରମଣ ରୋକିବା ଲାଗି ଏବେ ଏକ ଅଟୋମେଟିକ ସାନିଟାଇଜ ମେଶିନ ବିକଶିତ କରିଛି ଖପୁରିଆ ଆଇଟିଆଇ। ଏହି ମେଶିନକୁ ଆଇଟିଆଇର ମେକାନିକ ଇଲେକ୍ଟ୍ରୋନିକ ଟ୍ରେଡ୍‌ର ଅର୍ଚ୍ଚନା ସାହୁ, ଲଳିତ ମାର୍ଥା, ଅର୍ଚ୍ଚନା ପାଢ଼ୀ ତିଆରି କରିଛନ୍ତି।

ଏହି ମେଶିନ ମେଡିକାଲ, ସରକାରୀ କାର୍ଯ୍ୟାଳୟ ଓ ଦୋକାନରେ ବ୍ୟବହାର କରାଯାଇପାରିବ। ଏଥିରେ ଅଲଟ୍ରାସୋନିକ ସେନ୍ସର ଲାଗିଛି। ତେଣୁ ଏହାକୁ ସିଧାସଳଖ ଛୁଇଁବା ଆବଶ୍ୟକ ନାହିଁ। ସେନ୍ସର ଲାଗିଥିବାରୁ ମେଶିନ ପାଖରେ ହାତ ରଖିଲେ ଆପେଆପେ ଏହା ଆଲକହଲଯୁକ୍ତ ପାଣି ସ୍ପ୍ରେ କରିବ। ଏଥିଲାଗି ଏକ ଛୋଟ ନାଜାଲ ରହିଛି। ୩ ସେକେଣ୍ଡ ଭିତରେ ଏହା ୫ରୁ ୬ ମି.ଲି. ସାନିଟାଇଜର ସ୍ପ୍ରେ କରିପାରିବା ଦକ୍ଷତା ରଖୁଛି। ହାତ ସଫା କରିବା ବେଳେ ଏକ ଏଲ୍‌ଇଡି ଲାଇଟ୍ ଜଳେ, ଯାହା ହାତ ଠିକ୍ ଭାବେ ସଫା ହୋଇଛି କି ନା, ତା'ର ସୂଚନା ଦିଏ। ଏହି ମେଶିନର ଦାମ୍ କମ୍ ଥିବାରୁ ଏହାକୁ ସବୁ ଶ୍ରେଣୀର ଲୋକେ କିଣିପାରିବେ। ଏହାକୁ ସହଜରେ କାନ୍ଥ କିମ୍ବା କୌଣସି ଷ୍ଟାଣ୍ଡରେ ଲଗାଯାଇପାରିବ। ଏଥିରେ ଜଳ ସଂରକ୍ଷଣର ବ୍ୟବସ୍ଥା ମଧ୍ୟ ରହିଛି। ଏରେଟର ଟେକ୍ନୋଲୋଜି ବ୍ୟବହାର ହୋଇଥିବାରୁ ଆଲକହଲ ଯୁକ୍ତ ଜଳକୁ ଏହା ସଂରକ୍ଷଣ କରିପାରିବ ବୋଲି ଅନୁଷ୍ଠାନର ଅଧକ୍ଷ ଡ. ହୃଷୀକେଶ ମହାନ୍ତି ସୂଚନା ଦେଇଛନ୍ତି।

# ୨୩.୫ଲକ୍ଷ ଶ୍ରମିକଙ୍କୁ ନିଜ ରାଜ୍ୟରେ ଛାଡ଼ିଛି ୧୬୭୩ ଟ୍ରେନ

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** ଦେଶର ବିଭିନ୍ନ ସ୍ଥାନରେ ଫସି ରହିଥିବା ପ୍ରବାସୀ ଶ୍ରମିକ, ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ରୀଛାତ୍ର ଓ ଅସହାୟ ବ୍ୟକ୍ତିଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବାର ବ୍ୟବସ୍ଥା କରିଛି ଭାରତୀୟ ରେଳ ମନ୍ତ୍ରଣାଳୟ। ମେ' ୧ରୁ ସେବା ଆରମ୍ଭ କରିଥିବା ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ୨୦ ତାରିଖ ସୁଦ୍ଧା ବିଭିନ୍ନ ରାଜ୍ୟରୁ ୨୩.୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନିଜ ରାଜ୍ୟରେ ପହଞ୍ଚାଇଛି। ତେବେ ଗତ ୧୯ ତାରିଖରେ ସର୍ବାଧିକ ୨୦୫ଟି ଶ୍ରମିକ ସ୍ପେଶାଲ ଟ୍ରେନ ଦେଶର ବିଭିନ୍ନ ରାଜ୍ୟରୁ ୨.୫ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିଛି। ବିଭିନ୍ନ ରାଜ୍ୟରୁ ମୋଟ ୧୬୭୩ ଟ୍ରେନ୍ ଯାତ୍ରୀଙ୍କୁ ନେଇ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ, ଗୁଜୁରାଟ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମିଜୋରାମ, ନାଗାଲାଣ୍ଡ, ଓଡିଶା, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗରେ ପହଞ୍ଚାଇଛି। ଯାତ୍ରା ସମୟରେ ଯାତ୍ରୀମାନଙ୍କୁ ମାଗଣା ଭୋଜନ ଏବଂ ପାଣି ଦିଆଯିବା ସହ ସ୍କ୍ରିନିଂ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ପୋଲିସକୁ ଓଏଚ୍ଆର୍‌ସିଙ୍କ କଡ଼ା ସମାଲୋଚନା

**ଥାନାରେ ଯୁବକଙ୍କୁ ମାଡ଼ ଘଟଣା**

- ଆପରାଧିକ ମାନସିକତାର ଅଧ୍ୟୟନ ହେଉ
- ଆଧିପତ୍ୟ ଜାହିରର ସୁଯୋଗ ନ ହେଉ ଲକ୍‌ଡାଉନ

କଟକ ଅଫିସ୍,୨୦।୫: କେନ୍ଦୁଝର ଜିଲା ପାଟଣା ଥାନା ପରିସରରେ ଜଣେ ଯୁବକଙ୍କୁ ଆଇଆଇସି ସନ୍ଧ୍ୟାରାଣୀ ଜେନା ମାଡ଼ ମାରିବାର ଭିଡିଓ ଭାଇରାଲ ଖବର ପ୍ରକାଶ ପରେ ସାମାଜିକ କର୍ମୀ ମନୋଜ ଜେନାଙ୍କ ତରଫରୁ ଓଡ଼ିଶା ମାନବାଧିକାର କମିଶନ୍ (ଓଏଚ୍ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଓଏଚ୍ଆର୍‌ସି ମଙ୍ଗଳବାର ଗ୍ରହଣକରି ପୀଡ଼ିତଙ୍କୁ କ୍ଷତିପୂରଣ ବାବଦରେ ଆଇଆଇସିଙ୍କ ଦରମାରୁ ୧୦ ହଜାର ଟଙ୍କା ଦେବାକୁ କୁହାଯାଇଛି। ତେବେ ଏହି ଘଟଣାରେ ଓଏଚ୍ଆର୍‌ସି ପୋଲିସ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଏବଂ ମାନସିକତାକୁ କଡ଼ା ଭାଷାରେ ସମାଲୋଚନା କରିଥିବା ଜାଣିବାକୁ ମିଳିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଓଏଚ୍ଆର୍‌ସିର ଅଧ୍ୟକ୍ଷ ଜଷ୍ଟିସ୍ ବିମଳ ପ୍ରସାଦ ଦାସ ଏବଂ ସଦସ୍ୟ ଅସୀମ ଅମିତାଭ ଦାସଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି ଯେ, ଅଭିଯୋଗକୁ ବିଭାଗୀୟ ଅଧିକାରୀ କିମ୍ବା ସମ୍ପୃକ୍ତ ଆଇଆଇସି ଖଣ୍ଡନ କରି ନାହାନ୍ତି। ଏଣୁ ଅଭିଯୋଗର ସତ୍ୟତା ରହିଥିବା ଜଣାପଡୁଛି। ଥାନାରେ ପୋଲିସ ଅତ୍ୟାଚାର ପ୍ରଥମ ଘଟଣା ନୁହେଁ। ଏଭଳି ଅନେକ ଅଭିଯୋଗ ଓଏଚ୍ଆର୍‌ସିଙ୍କ ପାଖରେ ପହଞ୍ଚିଛି। ଅନେକ ଘଟଣାରେ ସତ୍ୟତା ରହୁଥିବା ଜାଣିବାକୁ ମିଳୁଛି। ଆମେ ଏମିତି ଏକ ସମୟ ଦେଇ ଗତି କରୁଛେ, ଯେଉଁ ସମୟରେ ସମସ୍ତେ ଶାରୀରିକ, ମାନସିକ ଏବଂ ଆର୍ଥିକ ଚାପଗ୍ରସ୍ତ ଅବସ୍ଥାରେ ରହିଛନ୍ତି। ଅନେକ ବ୍ୟକ୍ତି ଦିନକୁ ଦୁଇଓଳା ଖାଦ୍ୟ ମଧ୍ୟ ପାଉନାହାନ୍ତି। ଅପରପକ୍ଷରେ କରୋନା ସଂକ୍ରମଣକୁ ରୋକିବା ପାଇଁ ନିଜ ସ୍ୱାସ୍ଥ୍ୟ ଏବଂ ପରିବାରକୁ ପଛରେ ପକାଇ ଅନେକ ପୋଲିସ ଏବଂ ସ୍ୱାସ୍ଥ୍ୟକର୍ମୀ ଦିନ ରାତି କାମ କରୁଛନ୍ତି। ଏଭଳି କାର୍ଯ୍ୟ ମଧ୍ୟ ପ୍ରଶଂସନୀୟ। କିନ୍ତୁ ସାଧାରଣ ନିରୀହ ଜନତାଙ୍କ ଉପରେ ଅତ୍ୟାଚାର ଏବଂ ନିଜର ଆଧିପତ୍ୟ ଦେଖାଇବା ପାଇଁ ଲକ୍‌ଡାଉନ୍ ଓ କର୍ଫ୍ୟୁକୁ ଅନେକ ଅଧିକାରୀ ସୁଯୋଗ ଭାବେ ଗ୍ରହଣ କରିଛନ୍ତି। ଏଭଳି ଅଧିକାରୀମାନେ ନିଜ ବିଭାଗକୁ ନିନ୍ଦିତ କରିବା ସହ ପରିସ୍ଥିତିକୁ ଅଧିକ ଖରାପ କରୁଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରିବା ପାଇଁ ଅଧିକାରୀଙ୍କୁ କିଏ କ୍ଷମତା ଦେଲା। ଏହି ଘଟଣା ଥାନା ଭିତରେ ଘଟିଛି ଏବଂ ସେତେବେଳେ ନିକଟରେ ୩/୪ଜଣ ଉପସ୍ଥିତ ଥିଲେ। ତେଣୁ ଏହା ଆତ୍ମସୁରକ୍ଷା ପାଇଁ ଆଦୌ କରାଯାଇନାହିଁ। ଯଦି ଏଭଳି ଅଧିକାରୀଙ୍କୁ ଦଣ୍ଡ ନ ମିଳେ, ତେବେ ସେମାନେ ଭବିଷ୍ୟତରେ ପୋଲିସ ବିଭାଗ ଉପରେ ବୋଝ ହୋଇଯିବେ। ଯଦି ଏବେଠାରୁ ଏଭଳି ମାନସିକତାକୁ ରୋକା ନ ଯିବ, ତେବେ ଲୋକମାନେ ପୋଲିସକୁ ରକ୍ଷକ ବଦଳରେ ଭକ୍ଷକ ଭାବେ ବିବେଚନା ଯେ ନ କରିବେ ତାହା କହିବା କଷ୍ଟକର ହୋଇପଡ଼ିବ। ଏଣୁ ଆଶା କରାଯାଉଛି ୭୦ ହଜାରରୁ ଅଧିକ ପୋଲିସ କର୍ମଚାରୀଙ୍କୁ ନିୟନ୍ତ୍ରଣ କରୁଥିବା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଏହାକୁ ଗୁରୁତର ସହ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
RAIRANGPUR IRRIGATION DIVISION, RAIRANGPUR
e-mail: eerrpureicwr.od@gov.in, FAX/TEL:06794-222555
No.A-57:- 'e'-Procurement Notice No.02 RID/2020-21

| | | |
|---|---|---|
| 1. | Name of works | Roads & Bridges work as mentioned in the website. |
| 2. | Total No. of works | 5 (Five) Nos. of works. |
| 3. | Amount put to tender | Varies from 7.08 lakh to 22.13 lakh |
| 4. | Class of contractor | 'D', 'C' & 'B' |
| 5. | Period of completion | As mentioned against work. |
| 6. | Other details as follows | |
| | (i) Procurement Officer | Executive Engineer, Rairangpur Irrigation Division, Rairangpur |
| | (ii) Availability of tender online for bidding | 21.05.2020 from 10.00 hours to 04.06.2020 upto 17.00 hours |
| | (iii) Date, time and place of opening of bid | On 05.06.2020 at 11.00 hours in the O/o the Executive Engineer, Rairangpur Irrigation Division, Rairangpur |
| | (iv) Date of Transparent Lottery to be conducted (if required) | 08.06.2020 at 11.00 A.M. in the O/o the Executive Engineer, Rairangpur Irrigation Division, Rairangpur |

Further details can be seen from the 'e' Procurement Portal http://tendersorissa.gov.in

Sd./- Executive Engineer,
Rairangpur Irrigation Division, Rairangpur
OIPR-32349/11/0002/2021

GOVERNMENT OF ODISHA
O/O. THE EXECUTIVE ENGINEER
HEAD WORKS DIVISION, SAMAL
AT/P.O.- SAMAL BARRAGE TOWNSHIP,
DIST.- ANGUL (ODISHA), PIN - 759037
PHONE: 06760-266315, E-mail ID: ee.hwd.samal@gmail.com
e-PROCUREMENT NOTICE
Bid Identification No.-EE.HWD - 02/2020-21

No.: A-60: Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **https://www.tendersorissa.gov.in**.

1. Name of the Work : "Aluminum Painting of Hoist and Radial Gates"
2. No. of Work : 04 (Four) Nos. of works
3. Estimated Cost : Rs.19.00 lakhs to 24.00 lakhs
4. Period of Completion : 1 Calendar Month
5. Date & Time of availability : From Dt.21.05.2020 at 11.00 hours to 02.06.2020 upto 17.00 hours in the website.
6. Date & Venue of Opening of Bid of DTCN : Dt.03.06.2020 at O/o. the Executive Engineer, Head Works Divsion, Samal, Dist.- Angul
7. Date & Venue of seeking Clarification of document : During the office hours upto Dt.01.06.2020 at Office of the Executive Engineer, Head Works Division, Samal
8. Date & Venue of Transparent Lottery System : Dt.05.06.2020 at O/o. the Executive Engineer, Head Works Division, Samal, Dist.- Angul
9. Name of the Officer Inviting Bid : Executive Engineer, Head Works Division, Samal

- Further details can be seen from the e-procurement portal **https://www.tendersorissa.gov.in**.
- Any Corrigendum/Addendum will be displayed in the above 'e' Tender website only.

Sd./- Executive Engineer
Head Works Division, Samal
OIPR-32020/11/0001/2021

ତହସିଲ କାର୍ଯ୍ୟାଳୟ, ତୁଷୁରା, ଜିଲ୍ଲା-ବଲାଙ୍ଗୀର
ବିଜ୍ଞାପନ ପତ୍ର ସଂଖ୍ୟା: ୫୩୧ ତା୨୦।୦୫।୨୦୨୦

ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ
(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ - ୨୦୧୭ ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗୀର ଜିଲ୍ଲା ଅଧୀନସ୍ଥ ତୁଷୁରା ତହସିଲରେ ଥିବା ସାରଣୀ-୧ ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡ଼ିକ ୨୦୨୦-୨୧ରୁ ୫ବର୍ଷ ପାଇଁ ୦୫ବର୍ଷିଆ ଲିଜ୍ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ଏବଂ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଇଚ୍ଛୁକ ବ୍ୟକ୍ତିବିଶେଷ ଫର୍ମ 'M' ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି (୩) ସେଟ୍ ଜଉମୁଦ ଲଫାପାରେ ଆସନ୍ତା ତା୦୮।୦୬।୨୦୨୦ରିଖ ଦିବା ୧୧.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ତୁଷୁରାଙ୍କ କାର୍ଯ୍ୟାଳୟରେ ଥିବା DROP BOX ରେ ଦାଖଲ କରିବା ହେବେ। ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏ ସମସ୍ତ ଦରଖାସ୍ତଗୁଡ଼ିକ ସେହି ଦିନ ତା୦୮।୦୬।୨୦୨୦ ଦିବା ୧୨.୦୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହିପାରନ୍ତି। ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉତ୍ସର ନାମ ସଠିକ୍ ରୂପେ ଲେଖିବାକୁ ପଡ଼ିବ। ଦରଖାସ୍ତକାରୀ ଅଲଗା ଅଲଗା ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ ଦେବେ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା'ହେଲେ ଦ୍ୱିତୀୟ ଥର ପାଇଁ ତା୧୬।୦୬।୨୦୨୦ରିଖ ଓ ତୃତୀୟଥର ପାଇଁ ତା୨୪।୦୬।୨୦୨୦ରିଖ ଦିବା ୧୧ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ। ସେଗୁଡ଼ିକ ଅପରାହ୍ନ ୧୨.୦୦ ଘଟିକା ସମୟରେ ଉକ୍ତ ଦିନମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହି ପାରନ୍ତି। ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା Website: **http://balangir.nic.in**ରେ ଉପଲବ୍ଧ ଅଟେ।

**ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ:**

୧. ଦରଖାସ୍ତ ଫିସ୍ ବାବଦକୁ ଟ୍ରେଜେରି ଚାଲାଣ (ମୂଳକପି) ଟ.୧୦୦୦/- (Non-refundable) in Head of Account - 0029-LR-00-800-Other receipts / application fees. ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ।
୨. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ., ପ୍ଲଟ ନଂ., ରକବା ଏବଂ କିସମର ସଠିକ୍ ତଥ୍ୟ ଲେଖିବା ବିଧେୟ।
୩. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡ଼ିଶା ସରକାରଙ୍କର କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ।
୪. ଦରଖାସ୍ତକାରୀ ସାରଣୀ - ୧ର ସ୍ତମ୍ଭ - ୧୨ରେ ଦର୍ଶିତ ମୂଲ୍ୟ ବା ତଦୂର୍ଦ୍ଧ୍ୱ ମୂଲ୍ୟର Bank Guarantee, ଯାହାର ଅବଧି ପରବର୍ତ୍ତୀ ୧୮ ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ।
୫. ସାରଣୀ - ୧ରେ ଦର୍ଶିତ ସ୍ତମ୍ଭ - ୧୧ରେ ଲିଖିତ EMD ମୂଲ୍ୟର BANK DRAFT, Tahasildar, Tusra & Payable at SBI, Tusraଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ। ଯୋଗ୍ୟ ବିବେଚିତ ହୋଇପାରି ନ ଥିବା ନିଲାମଧାରୀଙ୍କ EMD ଟଙ୍କା ଉତ୍ସର ବନ୍ଦୋବସ୍ତ ସ୍ଥିରୀକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ।
ଦରଖାସ୍ତ ଫର୍ମ ସହିତ, ଦରଖାସ୍ତକାରୀ ଉପରୋକ୍ତ କାଗଜାତଗୁଡ଼ିକ ଦାଖଲ ନ ଦେଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।
୬. କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି।
୭. ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules 2016 ଓ Odisha Minor Mineral Concession (Amendment) Rules 2017ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ।

**ଏତଦ୍ ବ୍ୟତୀତ ଦରଖାସ୍ତକାରୀମାନେ ନିମ୍ନୋକ୍ତ ସର୍ତ୍ତଗୁଡ଼ିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି।**

୧. ଦରଖାସ୍ତ ଦେବା ପୂର୍ବରୁ ସୈରାତ୍ ଉତ୍ସଗୁଡ଼ିକୁ ପରିଦର୍ଶନ କରି ସୈରାତ୍ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ।
୨. OMMC Rules, 2016 ଅନୁଯାୟୀ ବାଲି ଉତ୍ସ ପାଇଁ ବାଲିର Royalty ପ୍ରତି ଘନ ମିଟର ପିଛା ୩୫ ଟଙ୍କା ଧାର୍ଯ୍ୟ ହୋଇଅଛି। ଏହା ଅପରିବର୍ତ୍ତିତ। ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ - ୧ର ସ୍ତମ୍ଭ - ୯ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Chargeର ମୂଲ୍ୟ ଅତିକମ୍‌ରେ Royaltyର ୫% ବା ତଦୂର୍ଦ୍ଧ୍ୱ Quoto କରିବାକୁ ପଡ଼ିବ। କୌଣସି ପରିସ୍ଥିତିରେ Additional Chargeର ମୂଲ୍ୟରୁ କମ୍ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ। ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମପରିମାଣର Additional Charge ଦାଖଲ ଦେଇଥାନ୍ତି ତାହେଲେ ଏହା ଲଟେରି ମାଧ୍ୟମରେ ଚୟନ କରାଯିବ। ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form - JA ମାଧ୍ୟମରେ ଏ ବିଷୟରେ ଜଣାଇଦିଆଯିବ। ଏବଂ ତାଙ୍କର ସହମତି ୧୫ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ।
୩. ଉତ୍ସ ପରିଚାଳନା ପୂର୍ବରୁ ନିଲାମଧାରୀଙ୍କୁ E.C. ଓ Mining Plan ପ୍ରସ୍ତୁତ ଖର୍ଚ୍ଚ ପଇଠ କରିବାକୁ ପଡ଼ିବ। ଏହା ବ୍ୟତୀତ ଓଡ଼ିଶା ରାଜ୍ୟ ପ୍ରଦୂଷଣ ଶାଖା ସମ୍ବଲପୁରଙ୍କଠାରୁ CTE (Consent to Establish)/CTO (Consent to Operate)ର ଆଦେଶ ମଧ୍ୟ ଉତ୍ସର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟରେ ଦାଖଲ ଦେବାକୁ ହେବ।
୪. ଏଥିସହ Royalty or Dead Rent, Surface Rent, Fees for Compensatory afforestation/Fees for Environment Management Fund (EMF)/Fees for District Mineral Fundation (DMF) ଏବଂ Income Tax ବାବଦକୁ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ Indian Registration Act & Stamp Act. ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ନିଜ ଖର୍ଚ୍ଚରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ। ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାହ୍ୟ କରାଯିବ ଏବଂ Security Depositକୁ ବାଜ୍ୟାପ୍ତ କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଅନୁରୂପ ସର୍ତ୍ତ ପାଳନ ସହ ନିଲାମ ନେବାପାଇଁ ସୁଯୋଗ ପ୍ରଦାନ କରାଯିବ।
୫. ଯଦି ଲିଜ୍‌ଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତା'ହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ୍ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପୈଠ କରି ପରିଚାଳନା କରିପାରିବେ।
୬. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀ ଠିକ୍ ସମୟରେ ସରକାରୀ ଦେୟ ପୈଠ ନ କରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତା'ହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତି ପରେ ସୈରାତ ଉତ୍ସ ପରିଚାଳନା ପାଇଁ ତାଙ୍କୁ ସୁଯୋଗ ଦିଆଯିବ।
୭. ହିସାବ ଅନୁଯାୟୀ ରୟାଲଟି ଏବଂ Additional Charge ୫% ଓ ଅନ୍ୟାନ୍ୟ ଦେୟ ନଗଦ କିମ୍ବା Demand Draft ଆକାରରେ ଦାଖଲ କରିବେ।
୮. ଲିଜ୍‌ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ Concrete Pillar ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରିକରି ସେଥିରେ ସୈରାତ ଉତ୍ସର ନକ୍ସା ସହିତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ।
୯. ବାର୍ଷିକ ମୋଟ ଦେୟର ୨% ଲିଜ୍‌ଧାରୀ ଆୟକର (TCS) ଆକାରରେ ଟଙ୍କା ଜମା କରିବେ।
୧୦. ଲିଜ୍ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
୧୧. ଲିଜ୍ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
୧୨. ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface Rent, Dead Rent, DMF, EMF & IT ନିମ୍ନ ମତେ ଧାର୍ଯ୍ୟ ହୋଇଅଛି। ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ଦେୟ ପଇଠ କରିବାକୁ ପଡ଼ିବ।
 ୧. Sand (Per Cubic Meter) Rs.35.00 (Royalty) + 5% Addl. Charge
 ୨. Surface Rent Rs.360.00 (ପ୍ରତିବର୍ଷ)
 ୩. Dead Rent (Per Hect.) Rs.10500.00 (For Sand) (ଯଦି ଦରକାର ହୁଏ)
 ୪. DMF Royaltyର ୧୦%
 ୫. EMF Royaltyର ୫%
 ୬. IT Royaltyର ୨%
୧୩. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତା'ହେଲେ EMD ଓ Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେୟ OPDR Case ମାଧ୍ୟମରେ ଆଦାୟ କରାଯିବ।

ଲିଜ୍ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜ୍‌ଧାରୀ Odisha Minor Mineral Concession Rules, 2016 ଏବଂ Odisha Minor Mineral Concession (Amendment) Rules 2017ର ଉଲ୍ଲଂଘନ କରନ୍ତି ତା'ହେଲେ ଲିଜ୍‌ଧାରୀଙ୍କର ଲିଜ୍‌କୁ ରାଜ୍ୟ ସରକାରଙ୍କ କ୍ଷମତାପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ। କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲକରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କର ରହିଅଛି।

ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ - ୧ରେ ବର୍ଣ୍ଣିତ ଅଛି।

ସୈରାତ ଉତ୍ସର ବିବରଣୀ - ୧

| କ୍ର.ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ଏରିଆ (ଏକରରେ) | କିସମ | ରୟାଲିଟ୍ କର (ଟଙ୍କାରେ) | ଅତିରିକ୍ତ କର (ଟଙ୍କାରେ) | ଅନ୍ୟୂନ ଉତ୍ତଳନ ପରିମାଣ (in Cu.m) (ବର୍ଷକୁ) | ଅମାନତ ଅଗ୍ରିମ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରିବେ (ଟଙ୍କାରେ) | ବ୍ୟାଙ୍କ Guaranty ପରିମାଣ |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | କୁକେଡମାଲ ବାଲି ଘାଟ | କୁକେଡ଼ମାଲ | ୮୪ | ୬୫୩/ ୬୫୫ | ୮.୦୦ | ନଦୀ | ୩୫.୦୦ | ୨.୦୦ | ୨୦୦୦/ cu.m | ୧୮୫୦୦/- ୫ବର୍ଷକୁ | ୩୭୦୦୦୦/- |
| ୨ | ସରଗଡ଼ା ବାଲି ଘାଟ | ସରଗଡ଼ା | ୮୧ | ୪୫୩, ୪୫୪, ୧ | ୪.୮୬ | ନଦୀ | ୩୫.୦୦ | ୨.୦୦ | ୨୦୦୦/ cu.m | ୧୮୫୦୦/- ୫ବର୍ଷକୁ | ୩୭୦୦୦୦/- |

ସ୍ୱା./- ତହସିଲଦାର, ତୁଷୁରା

## ସଂକ୍ଷେପରେ

### ଗିରଫ ହେଲେ ବାପା, ସାବତ ମା' ନାବାଳକଙ୍କୁ ଚେଙ୍କ ଦିଆଯିବା ଘଟଣା

**କଟକ ଅଫିସ,୨୦।୫:** ସିଡିଏ ସେକ୍ଟର-୭ର ଜଣେ ନାବାଳକଙ୍କୁ ନିର୍ଯାତନା ଦେବା ଘଟଣାରେ ତାଙ୍କ ସାବତ ମା' ରାନୀ ସାଓ ଏବଂ ବାପା ତାଡେକ ସାଓଙ୍କୁ ବୁଧବାର ଗିରଫ କରିଛି ମର୍କତନଗର ଥାନା ପୋଲିସ। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରଥମ ସ୍ତ୍ରୀ ୬ ବର୍ଷ ତଳେ କେଉଁଆଡ଼େ ଚାଲିଯିବା ପରେ ରାନୀ ସାଓଙ୍କୁ ଦ୍ୱିତୀୟ ବିବାହ କରିଥିଲେ ତାଡେକ। ପ୍ରଥମ ସ୍ତ୍ରୀଙ୍କ ୭ ବର୍ଷର ପୁଅ ତାଙ୍କ ସହ ରହୁଥିଲେ। ସାବତ ମା' ରାନୀ ନାବାଳକଙ୍କୁ ସବୁବେଳେ ଶାରୀରିକ ନିର୍ଯାତନା ଦେଉଥିଲେ। ସୋମବାର ଛୁରିରେ ତାଙ୍କୁ ଚେଙ୍କ ମଧ ଦେଇଥିଲେ। ମଙ୍ଗଳବାର ଏ ଖବର ପାଇ ଚାଇଲ୍ଡ ଲାଇନ ପୀଡ଼ିତ ନାବାଳକଙ୍କୁ ଉଦ୍ଧାର କରି ଶିଶୁଭବନରେ ତାଙ୍କର ଚିକିତ୍ସା କରାଇଥିଲା। ମର୍କତନଗର ଥାନାରେ ଚାଇଲ୍ଡ ଲାଇନ ଏତଲା ଦେବା ପରେ ପୋଲିସ କେସ୍ ନଂ ୧୦୩/୨୦ରେ ମାମଲା ରୁଜୁ କରିଥିଲା।

### ସ୍ନାନଯାତ୍ରା ପ୍ରସ୍ତୁତି : ଆଜି ୧୦ ନିଯୋଗ ସହ ବୈଠକ

**ପୁରୀ ଅଫିସ,୨୦।୫:** ଆସନ୍ତା ଜୁନ୍ ୫ତାରିଖରେ ସ୍ନାନଯାତ୍ରା। ସ୍ନାନମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁଦିଅଁ। ତେଣୁ ସ୍ନାନଯାତ୍ରାକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ସେ ନେଇ ବିଭିନ୍ନ ନିଯୋଗ ସହ ଆଲୋଚନା କରୁଛି ଶ୍ରୀମନ୍ଦିର ପ୍ରଶାସନ। ଗତ ୧୨ ତାରିଖରେ ଦଇତାପତି ନିଯୋଗ ସହ ଆଲୋଚନା ହୋଇଥିବାବେଳେ ଗୁରୁବାର ସ୍ନାନଯାତ୍ରା ସହ ସମ୍ପୃକ୍ତ ଅନ୍ୟ ୧୦ଟି ନିଯୋଗ ସହ ବୈଠକ ହେବ। ମଧ୍ୟାହ୍ନ ୧୨ଟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଏହି ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ବିଶେଷକରି ସରକାରଙ୍କ କୋଭିଡ-୧୯ ଗାଇଡଲାଇନକୁ ମାନି କିପରି ଠାକୁରଙ୍କ ନୀତିକାନ୍ତି କରାଯିବ ସେନେଇ ଆଲୋଚନା ହେବ। ସେହିପରି ସାମାଜିକ ଦୂରତା ଉପରେ ଯେପରି ସମସ୍ତେ ଗୁରୁତ୍ୱ ଦେବେ ସେ ସମ୍ପର୍କରେ ସେବାୟତମାନଙ୍କୁ କୁହାଯିବ ବୋଲି ସୂଚନା ମିଳିଛି।

### କଣ୍ଟେନମେଣ୍ଟ ଜୋନ୍‌ରୁ ହଟିଲା ରେଣୁକା ଗଳି

**ପୁରୀ ଅଫିସ,୨୦।୫:** ପୁରୀ ସହରସ୍ଥ ରେଣୁକା ଗଳି ଅଞ୍ଚଳରୁ ଗତ ୧୦ ତାରିଖରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗୋଟିଏ ପରିବାର ଦୁଇ ସଦସ୍ୟ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଅଞ୍ଚଳକୁ ବିଶୋଧନ କରାଯାଇଥିଲା। ଜିଲାପାଳ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ (ଆବଦ୍ଧ ଅଞ୍ଚଳ) ଘୋଷଣା କରିଥିଲେ। ବୁଧବାର ଏହି କଟକଣା ହଟାଇ ଦିଆଯାଇଛି। ରେଣୁକା ଗଳି ଏବଂ ଏହା ସଂଲଗ୍ନ ଅଞ୍ଚଳ କଣ୍ଟେନମେଣ୍ଟ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିଛି ପ୍ରଶାସନ। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ବେଳାଭୂମି ମାର୍ଗ ଛକରୁ ଭୋଳାନାଥ କୁଟୀର ଛକ ଭାୟା ରେଣୁକା ଲେନ୍ ଏବଂ ଭୋଳାନାଥ କୁଟୀର ଛକରୁ ବେଳାଭୂମି ମାର୍ଗ ଛକ ଭାୟା ମହୋଦଧି ଭବନ ଲେନ୍‌କୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା। ୧୧ ତାରିଖ ସକାଳ ୭ଟାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବା ସହ ଲୋକଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଥିଲା।

### ଶିକ୍ଷାବିତ୍ ଦାମୋଦର ଶତପଥୀଙ୍କ ପରଲୋକ

**ଭୁବନେଶ୍ୱର, ୨୦।୫ (ବ୍ୟୁରୋ):** ଶିକ୍ଷାବିତ୍ ପ୍ରଫେସର ଦାମୋଦର ଶତପଥୀଙ୍କ ବୁଧବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରଫେସର ଶତପଥୀ ୧୯୩୨ ଅକ୍ଟୋବର ୨୯ ଦୀପାବଳିରେ ଜଗତ୍‌ସିଂହପୁର ଜିଲା ଖରାଇ ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଦିଲ୍ଲୀର ଆଇଏଆର୍‌ଆଇରେ ୧୦ ବର୍ଷ ଓ ଭୁବନେଶ୍ୱର ଓୟୁଏଟିରେ ୨୨ ବର୍ଷ ଶିକ୍ଷକତା କରି ୧୯୯୩ରେ ଅବସର ଗ୍ରହଣ କରିଥିଲେ। ତାଙ୍କ ବଡ଼ ପୁଅ ପାର୍ଥ ୟୁକ୍ରେନ୍‌ରେ ଭାରତର ରାଷ୍ଟ୍ରଦୂତ ଅଛନ୍ତି। ସାନପୁଅ ଆମେରିକାରେ ମନସ୍ତତ୍ତ୍ୱବିତ୍ ଅଛନ୍ତି। ସୂଚନାଯୋଗ୍ୟ, ପ୍ରଫେସର ଶତପଥୀ ଜଣେ ଶିକ୍ଷାବିତ୍ ସହ ସାମାଜିକ କର୍ମୀ ଓ ଧର୍ମପରାୟଣ ବ୍ୟକ୍ତିଥିଲେ। ଯୋଡ଼ାମୁଣ୍ଡ ଶିଶୁ ଜଗାବଳିଆଙ୍କ ଚିକିତ୍ସା ପାଇଁ ସେ ୧ଲକ୍ଷ ଟଙ୍କା ଦାନ କରିଥିଲେ।

# ରାଜଧାନୀରେ ସାମାନ୍ୟ ପ୍ରଭାବ

## ବାତ୍ୟା ଅମ୍ଫନ୍ ମୁକାବିଲା

- ସ୍ୱାଭାବିକ ବର୍ଷା, ଜଳବନ୍ଦୀ ଭୟ ଟଳିଲା
- ସତର୍କତା ଦୃଷ୍ଟିରୁ ୧୩ ଘଣ୍ଟା ହେଲା ବିଦ୍ୟୁତ୍ କାଟ









**ଭୁବନେଶ୍ୱର, ୨୦।୫ (ବ୍ୟୁରୋ)**

ଭୁବନେଶ୍ୱରରେ ବାତ୍ୟା ଅମ୍ଫନ୍‌ର ପ୍ରଭାବ ସାମାନ୍ୟ ଅନୁଭୂତ ହୋଇଛି। ଏହା ପ୍ରଭାବରେ ମଙ୍ଗଳବାରଠାରୁ ଝିପିଝିପି ବର୍ଷା ହୋଇଥିବାବେଳେ ବିଳମ୍ବିତ ରାତିରୁ ବୁଧବାର ମଧ୍ୟାହ୍ନ ଯାଏ ବର୍ଷିଥିଲା। ୪୦ରୁ ୫୦ କି.ମି. ବେଗରେ ପବନ ବହିଥିଲେ ମଧ ରାଜଧାନୀରେ ସେପରି କିଛି କ୍ଷୟକ୍ଷତି ଘଟି ନ ଥିବା ଜଣାପଡିଛି। ଆଞ୍ଚଳିକ ପାଣିପାଗ ବିଭାଗର ସୂଚନାନୁଯାୟୀ, ୨୪ ଘଣ୍ଟା ମଧରେ ସହରରେ ସ୍ୱାଭାବିକ୍ ବର୍ଷା ହୋଇଛି। ବୁଧବାର ପ୍ରାୟ ୩୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ଫଳରେ ଭୁବନେଶ୍ୱରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଜଳବନ୍ଦୀ ସମସ୍ୟା ନଜରକୁ ଆସିନାହିଁ। ଏହାସତ୍ତ୍ୱେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ନଜର ରଖାଯାଇ ଜଳ ନିଷ୍କାସନ ପାଇଁ ମୋଟର ପମ୍ପ୍ ବ୍ୟବସ୍ଥା କରାଯାଇଥିଲା ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ସେହିପରି ବାତ୍ୟା ବିପତ୍ତିକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ ବିଭିନ୍ନ ସମୟରେ ପ୍ରାୟ ୧୩ଘଣ୍ଟା ବିଦ୍ୟୁତ୍ କାଟ ହୋଇଥିଲା। ଚନ୍ଦ୍ରଶେଖରପୁର ଅଞ୍ଚଳରେ ଗଛ ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ କିଛି ସମୟ ପାଇଁ ବନ୍ଦ ଥିଲା। ଗଛ କଟାଯିବା ପରେ ବିଦ୍ୟୁତ୍ ସରବରାହ କରାଯାଇଥିଲା। ବୁଧବାର ଅପରାହ୍ନ ୩ଟାରୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

### ପଦଚାରୀ ପ୍ରବାସୀ ହଟହଟା

ପବନ ଓ ବର୍ଷାରେ ସବୁଠୁ ବେଶି ସମସ୍ୟା ଭୋଗିଥିଲେ ଚାଲି ଚାଲି ଘରକୁ ଫେରୁଥିବା ପ୍ରବାସୀ। ମୁଣ୍ଡ ଗୁଞ୍ଜିବା ପାଇଁ ଦୁଇଦିନ ଧରି ନାନା ହଟହଟା ହୋଇଥିଲେ। କେତେଜଣ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପୂର୍ବରୁ ଏକ ଫୁଟ୍‌ପାଥ୍ ଦୋକାନ କଡ଼ ଓ ରାସ୍ତାପାର୍ଶ୍ୱରେ ମୁଣ୍ଡଗୁଞ୍ଜିଥିବା ଦେଖିବାକୁ ମିଳିଥିଲା। ସେହିଭଳି ଫୁଟ୍‌ପାଥ୍‌ରେ ରହୁଥିବା ଅସହାୟମାନେ ମଧ ଦୟନୀୟ ଅବସ୍ଥାରେ ରହିଥିଲେ। ମଙ୍ଗଳବାର ସେମାନେ ଖୋଲାଥିବା କିଛି ଦୋକାନରୁ ବିସ୍କୁଟ ଖାଇ ଜୀବନ ବଞ୍ଚାଇଥିଲେ। କେତେକ ସ୍ଥାନରେ ସାମାଜିକ କର୍ମୀ ଖାଇବାକୁ ଦେଇଥିଲେ। ହେଲେ ବୁଧବାର ବାତ୍ୟା ପାଇଁ ଦୋକାନ ବଜାର ବନ୍ଦ ଥିବାରୁ ଭୋକରେ ରହିଥିଲେ।

### ବିଶେଷ କ୍ଷୟକ୍ଷତି ହୋଇନାହିଁ : ଅଗ୍ନିଶମ ବିଭାଗ



ଗତବର୍ଷ ଫନୀରେ ଭୁବନେଶ୍ୱର ଛାରଖାର ହୋଇଯାଇଥିଲା। ତେଣୁ ବାତ୍ୟା ଅମ୍ଫନ୍‌କୁ ମୁକାବିଲା କରିବାକୁ ଅଗ୍ନିଶମ ବିଭାଗ ପ୍ରସ୍ତୁତ ଥିଲା। ହେଲେ କିଛି ସ୍ଥାନରେ କେବଳ ଗଛ ଭାଙ୍ଗି ପଡିଥିବାବେଳେ କେତେକ ସମ୍ବେଦନଶୀଳ ଅଞ୍ଚଳରେ ସ୍ୱଳ୍ପ ସମୟ ପାଇଁ ବର୍ଷା ପାଣି ଜମି ରହିଥିଲା। ସେପରି ବିଶେଷ କିଛି କ୍ଷତି ଘଟିନାହିଁ ବୋଲି ଅଗ୍ନିଶମ ଅଧିକାରୀ ରମେଶ ମାଝି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସହରର ବଡ଼ ସମସ୍ୟା ହେଉଛି ବର୍ଷାଜଳ ଜମି ରହିବା। ବମିଖାଲ, କଟକରୋଡ୍, ଇସ୍କନ, ଜୟଦେବ ବିହାର, ନୟାପଲ୍ଲୀ ବେହେରା ସାହି, ଶତାବ୍ଦୀ ନଗର, ପଟିଆ, ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳର ରାସ୍ତାରେ କିଛି ସମୟ ପାଇଁ ପାଣି ଜମି ରହିଥିଲା। ଅଗ୍ନିଶମ ବିଭାଗର ୪ ଟିମ୍ ପମ୍ପ ସାହାଯ୍ୟରେ ପାଣି କଢ଼ାଯାଇଥିଲା। ସେହିପରି ୩ଟି ଦଳ ସହର ଭିତରେ ଉପୁଡି ପଡିଥିବା ଗଛକୁ କାଟି ରାସ୍ତା ସଫା କରିଥିଲେ। ସେହିପରି ଆଉ ୩ଟି ଟିମ୍ ଆପାତ୍‌କାଳୀନ ସ୍ଥିତି ପାଇଁ ସଜାଗ ରହିଥିଲେ।

### ଏନ୍‌ଏଚ୍‌ଆର୍‌ସିରେ ନାବାଳିକା ବଳାତ୍କାର ମାମଲା

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯିବା ମାମଲା ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ପହଞ୍ଚିଛି। ଏନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏନ୍‌ଏଚ୍‌ଆର୍‌ସିରେ ଏକ ପିଟିଶନ କରିଛନ୍ତି। ୩ ସପ୍ତାହ ମଧରେ ପୀଡିତାଙ୍କୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ହେବା ସହ ଅଭିଯୁକ୍ତ ବୃଦ୍ଧଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ନାବାଳିକା ଜଣକ ଏକୁଟିଆ ଖେଳୁଥିବାବେଳେ ଅଭିଯୁକ୍ତ ବୃଦ୍ଧ ଟଙ୍କା ଲୋଭ ଦେଖାଇ ଘର ଭିତରକୁ ଡାକି ନେଇ ବଳାତ୍କାର କରିଥିଲେ। ପରେ ଗିରଫ ଭୟରେ ଅଭିଯୁକ୍ତ ଭୁବନେଶ୍ୱର ଚାଲିଆସି ଖାରବେଳନଗର ଅଞ୍ଚଳରେ ରହୁଥିଲେ। ଖବର ପାଇ ନାବାଳିକା ଓ ତାଙ୍କ ପରିବାର ଭୁବନେଶ୍ୱରରେ ପହଞ୍ଚି ମହିଳା ଥାନାରେ ଅଭିଯୋଗ କରିଥିଲେ।

### ଖୋର୍ଦ୍ଧା: ୩୧୭୨ ଲୋକ ପ୍ରଭାବିତ

**ଖୋର୍ଦ୍ଧା ଅଫିସ,୨୦।୫**

ଅମ୍ଫନ୍ ପ୍ରଭାବରେ ଖୋର୍ଦ୍ଧା ଜିଲାରେ ବୁଧବାର ସକାଳଠାରୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଓ ପବନ ଲାଗିରହିଥିଲା। ଜିଲାରେ ୩୪.୯୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ବାଲିଅନ୍ତାରେ ସର୍ବାଧିକ ୫୭ ଓ ବାଣପୁରରେ ସର୍ବନିମ୍ନ ୧୫ ମି.ମି ବର୍ଷା ହୋଇଛି। ୫ବ୍ଲକ ବାଲିଅନ୍ତା, ବାଲିପାଟଣା, ଭୁବନେଶ୍ୱର, ଚିଲିକା ଓ ଜଟଣୀର ୩୬ଟି ପଞ୍ଚାୟତ, ୬୨ଟି ଗାଁ ସମେତ ବାଣପୁର ଓ ବାଲୁଗାଁ ଏନ୍‌ଏସିର ୮ଟି ୱାର୍ଡରେ ମୋଟ ୩୧୭୨ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୩୨୧ ପୁରୁଷ ଓ ୮୫୧ ଶିଶୁ ରହିଛନ୍ତି। ୧୦୩ ବାତ୍ୟା ଆଶ୍ରୟସ୍ଥଳରେ ଏମାନଙ୍କୁ ରଖାଯାଇଛି। ବାତ୍ୟାରେ କେହି ମୃତାହତ ହୋଇ ନ ଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଜିଲାରେ ୩୮ ହେକ୍ଟର ଜମିରେ ଧାନ ଚାଷ, ୨୦ ହେକ୍ଟର ଆଖୁ ଚାଷ, ୮ ହେକ୍ଟର ଜମିରେ ନଡ଼ିଆ ଗଛ ନଷ୍ଟ ହୋଇଛି। ୪୦ଟି ଚାଳଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ବାତ୍ୟା ଆଶ୍ରୟସ୍ଥଳରେ ୭୩୧ କୁଇଣ୍ଟାଲ ଚାଉଳ, ୧୦୩୯ କୁଇଣ୍ଟାଲ ଲେଖାଏ ଚୁଡ଼ା ଓ ଗୁଡ଼ ଏବଂ ୯୬୫ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ବାତ୍ୟା ମୁକାବିଲା ଲାଗିଜିଲାରେ ୨୧ଟିମେଡିକାଲ ଟିମ୍, ୧୦ଟି ପ୍ରାଣୀଧନ ସ୍ୱାସ୍ଥ୍ୟ ଟିମ, ୨ଟି ଓଡ୍ରାଫ ଟିମ୍ ନିୟୋଜିତ ଥିବା ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି।

## କାକଟପୁର ମଙ୍ଗଳା ମନ୍ଦିରରୁ ଉଡ଼ିଗଲା ବାନା



ସୋମବାର ଶ୍ରୀମନ୍ଦିର ପତିତପାବନ ବାନା ଉଡ଼ି ଯାଇଥିବାବେଳେ ବୁଧବାର 'ଅମ୍ଫନ୍' ବାତ୍ୟାର ପ୍ରଭାବରେ ବାନା ଚିରି ଯାଇଛି।

କାକଟପୁର,୨୦।୫(ଡି.ଏନ.ଏ): ବାତ୍ୟା ଅମ୍ଫନ ପ୍ରଭାବରେ ବୁଧବାର କାକଟପୁରର ମା' ମଙ୍ଗଳା ମନ୍ଦିର ଚୂଡ଼ରେ ଲାଗିଥିବା ବାନା ଉଡ଼ିଯାଇଛି। ମଙ୍ଗଳବାର ରାତିରୁ ବାତ୍ୟା ଯୋଗୁ ବର୍ଷା ପବନ ଲାଗିରହିଥିବାବେଳେ ମଙ୍ଗଳବାର ସକାଳେ ମନ୍ଦିର ପୂଜକ ଓ ସ୍ଥାନୀୟ ଲୋକେ ମା'ଙ୍କ ମନ୍ଦିରରେ ଲାଗିଥିବା ବାନା ଉଡ଼ିଯାଇଥିବା ଦେଖିବାକୁ ପାଇଥିଲେ। ଗତ ଦୁଇଦିନ ତଳେ ପୁରୀ ଶ୍ରୀମନ୍ଦିରର ପତିତପାବନ ବାନା ଉଡିଯାଇଥିବାବେଳେ ପୁଣି ମଙ୍ଗଳା ମନ୍ଦିରରେ ଏଭଳି ବାନା ଉଡିଯିବା ଘଟଣାକୁ ଭକ୍ତଗଣ ଶୁଭଙ୍କର ମଣୁ ନାହାନ୍ତି।



# ୭ଶହ ହେକ୍ଟର ଧାନ ଫସଲ କ୍ଷତିଗ୍ରସ୍ତ

## ପୁରୀ ଜିଲାରେ ଅମ୍ଫନ୍ ପ୍ରକୋପ

- କାକଟପୁର, ଅସ୍ତରଙ୍ଗରେ ପାନବରଜ ଧରାଶାୟୀ
- କୋଣାର୍କରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ

**ପୁରୀ ଅଫିସ/ କୋଣାର୍କ (ଡି.ଏନ୍.ଏ),୨୦।୫**

ପୁରୀ ଜିଲାରେ ସାମୁଦ୍ରିକ ବାତ୍ୟା ଅମ୍ଫନର ପ୍ରଭାବ ପଡ଼ିଛି। ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିଲେ ମଧ ଉପକୂଳବର୍ତ୍ତୀ ଅଞ୍ଚଳର ଅନେକ ଜାଗାରେ ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି। କେତେକ କଚ୍ଚାଘର ବି କ୍ଷତି ହୋଇଛି। ବିଶେଷକରି ଅସ୍ତରଙ୍ଗ, କାକଟପୁର, କୋଣାର୍କ, ଗୋପ, ନିମାପଡ଼ା ଏବଂ ପୁରୀ ସଦର ବ୍ଲକରେ କ୍ଷୟକ୍ଷତି ଦେଖିବାକୁ ମିଳିଛି। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ବ୍ୟାପକ ପାନବରଜ ନଷ୍ଟ ହୋଇଥିବାବେଳେ କୋଣାର୍କ ଅଞ୍ଚଳରେ ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗିଥିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ବାତ୍ୟା ସମୟରେ ସମୁଦ୍ର ଅଶାନ୍ତ ରହିବା ସହ ବେଳାଭୂମିର ବହୁ ଦୂରକୁ ଲହଡ଼ି ମାଡ଼ିଆସିଥିଲା।

ଅମ୍ଫନ ପ୍ରଭାବରୁ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ବର୍ଷା ଆରମ୍ଭ ହୋଇଥିଲା। ଅଳ୍ପ କିଛି ସମୟ ପରେ ଛାଡ଼ିଯାଇ ପୁଣି ଅପରାହ୍ନ ୧ଟାରେ ଅସରାଏ ବର୍ଷା ହୋଇଥିଲା। ଅପରାହ୍ନ ୪ଟା ପରଠାରୁ ଝିପି ଝିପି ବର୍ଷା ଲାଗି ରହିଥିଲା। ସନ୍ଧ୍ୟା ପରଠୁ ଧୀରେ ଧୀରେ ପବନ ବଢିଥିଲା। ରାତିତମାମ୍ ବର୍ଷା ଓ ପବନ ହୋଇଥିଲା। ବୁଧବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବର୍ଷା, ପବନ ଲାଗି ରହିଥିଲା। ଉପକୂଳବର୍ତ୍ତୀ ଅସ୍ତରଙ୍ଗ, କାକଟପୁର, ଗୋପ, କୋଣାର୍କ ଅଞ୍ଚଳରେ ଅମ୍ଫନ ପ୍ରଭାବ ଅଧିକ ରହିଥିଲା। କାକଟପୁର ଏବଂ ଅସ୍ତରଙ୍ଗରେ ବହୁ ପାନବରଜ ମାଟିରେ ମିଶିଛି। ବିଭିନ୍ନ ଅଞ୍ଚଳରେ ଗଛ ଓ କଚ୍ଚା ଘର ଭାଙ୍ଗିଛି। କୋଣାର୍କ-ଚନ୍ଦ୍ରଭାଗା ରୋଡ୍‌ରେ ଗଛ ଭାଙ୍ଗିପଡ଼ିବା ସହ ୩ଟି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। କୋଣାର୍କ ଏନ୍‌ଏସିର କେତେକ ୱାର୍ଡରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି। ଫଳରେ କୋଣାର୍କ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ନିମାପଡ଼ା, ବ୍ରହ୍ମଗିରି, ଗୋପ ଅଞ୍ଚଳର ଅଳ୍ପ କିଛି ଜାଗାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡିଥିଲା। ବିଭାଗ ପକ୍ଷରୁ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ଠିକ୍ କରାଯାଇଛି। ଜିଲାର ବିଭିନ୍ନ ବ୍ଲକରେ ରବି ଧାନ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ଜମିରେ ପାଚିଲା ଧାନ ପବନ ମାଡ଼ରେ ପଡ଼ିରହିଥିବା ବେଳେ ଆଉ କେତେକ ଜମିରେ ପାଚିଲା ଧାନ ବର୍ଷାପାଣିରେ ବୁଡ଼ିଯାଇଛି। ଦିନେ ଦୁଇଦିନ ମଧରେ ଜମିରୁ ପାଣି ନ ଛାଡ଼ିଲେ ପାଚିଲା ଧାନ ଗଜା ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। କାକଟପୁର ବ୍ଲକରେ ସର୍ବାଧିକ ୧୬୧ ମିଲିମିଟର ଏବଂ ଅସ୍ତରଙ୍ଗ ବ୍ଲକରେ ୧୪୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଉପକୂଳବର୍ତ୍ତୀ ତଥା ତଳିଆ ଅଞ୍ଚଳରୁ ପ୍ରାୟ ୯୦ ହଜାର ଲୋକଙ୍କୁ ଆଶ୍ରୟସ୍ଥଳୀକୁ ନେବା ଲାଗି ଯୋଜନା ହୋଇଥିଲା। ସ୍ଥିତିକୁ ଦେଖି ଅସ୍ତରଙ୍ଗ, କାକଟପୁର, ପୁରୀ ପୌରାଞ୍ଚଳ, କୋଣାର୍କ ଏନଏସିର ତଳିଆ ଅଞ୍ଚଳର ୧୨ହଜାର ଲୋକଙ୍କୁ ୩୬୬ଟି ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ପୁରୀ ପୌରାଞ୍ଚଳର ୯୦୦, ପୁରୀ ସଦର ବ୍ଲକର ପ୍ରାୟ ୨,୬୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ବର୍ଷା, ପବନ କମିଯିବା ପରେ ଅନେକ ଲୋକ ନିଜ ଘରକୁ ଫେରିଛନ୍ତି। ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବାତ୍ୟାରେ କେହି ମୃତାହତ ହୋଇନାହାନ୍ତି। କୌଣସି ପ୍ରାଣୀଧନ ମଧ ମୃତାହତ ହୋଇଥିବା ସୂଚନା ମିଳିନାହିଁ। ୨୭ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। କାକଟପୁର, ଅସ୍ତରଙ୍ଗ ଓ କୋଣାର୍କର କେତେକ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ସେଠାରେ ଏନ୍‌ଡିଆର୍‌ଏଫ୍ ସହଯୋଗରେ ଗଛକାଟି ରାସ୍ତା ସଫା କରାଯାଇଛି। କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ିବା ସହ ତାର ଛିଡ଼ିପଡ଼ିଛି। ନିମାପଡ଼ା ଡିଭିଜନର ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥା ସ୍ୱାଭାବିକ ହେବାକୁ ୨ଦିନ ଲାଗିବ। ପ୍ରାଥମିକ ଆକଳନ ଅନୁଯାୟୀ, ଜିଲାର ୭୦୦ ହେକ୍ଟର ଜମିରେ ରବିଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୨୦ ହେକ୍ଟର ଅଣଧାନ ଏବଂ ୧୮୦ ହେକ୍ଟର ଉଦ୍ୟାନ କୃଷି ନଷ୍ଟ ହୋଇଛି। ଖୁବ୍‌ଶୀଘ୍ର ରିପୋର୍ଟ ପ୍ରସ୍ତୁତ କରାଯାଇ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ।



କୋଣାର୍କ-କାକଟପୁର ରାସ୍ତାରେ ଭାଙ୍ଗିପଡ଼ିଥିବା ଗଛକୁ ଅଗ୍ନିଶମ କର୍ମଚାରୀ କାଟୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଧମାକା ଋଣ ଧମାକା ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର PM ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ବ୍ୟବସାୟ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍ ଋଣ | ଗୃହ ଋଣ | ପଶୁପାଳନ
କମ୍ କାଗଜ-ପତ୍ର କାମ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929883586
8929889612
Shahajahanabad, Bhopal (MP)

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଚ୍ଚା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୂଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ଶ୍ରୀରାମ ଫାଇନାନ୍ସ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସମସ୍ତ ଋଣ
2% ସୁଧ
50% ଛାଡ଼
ଋଣ ଧମାକା
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
89029-77099

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିକଟରେ ବିରାଟ କୋହଲି ବାଇକ୍‌ରେ ସପତ୍ନୀକ ଭୁଟାନ ଯାଇଥିଲେ। ସେଠାରେ ଭିଡ଼ ଭିତରେ କେହି ଜଣେ କହିଲେ ଇୟେ ତ ବିରାଟ କୋହଲି ପରି ଲାଗୁଛନ୍ତି। ଏହି ସମୟରେ ବିରାଟଙ୍କ ଧାରଣା ନ ଥିଲା ଯେ, ଅନୁଷ୍କା ତାଙ୍କ ସହିତ ଅଛନ୍ତି ବୋଲି। ତାଙ୍କୁ ଛାଡ଼ି ଖୁବ ଜୋର୍‌ରେ ବାଇକ୍ ଚଳାଇ ବିରାଟ ଆଗକୁ ପଳାଇଥିଲେ। ବିରାଟଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

# ସୋସିଆଲ ମିଡିଆରେ ଆକ୍ଟିଭ୍ ନୋରା



ନୋରା ଫତେହି

**ନୂଆଦିଲ୍ଲୀ:** ଲକ୍‌ଡାଉନ ସମୟରେ ଘରେ ରହି ବଲିଉଡ୍‌ର ଡାନ୍ସିଂ କୁଇନ୍ ନୋରା ଫତେହି ସୋସିଆଲ୍ ମିଡିଆରେ ସମ୍ପର୍କ ରଖିଛନ୍ତି। ଏବେ ଫିଲ୍ମ ଶୁଟିଂ ବନ୍ଦଥିବାରୁ ସେ ବିଭିନ୍ନ ଡାନ୍ସ ଭିଡିଓ ଏଥିରେ ଶେୟାର କରିବାରେ ବ୍ୟସ୍ତ। ନୋରା ଟିକ୍‌ଟକ୍‌ରେ ମଧ୍ୟ ବେଶ୍ ଆକ୍ଟିଭ୍। ନୋରାଙ୍କ ଏବେ ଏକ ଭିଡିଓ ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଏଥିରେ ସେ ନିଜର ବ୍ୟକ୍ତିଗତ ଦୁଃଖ ବିଷୟରେ କହିଛନ୍ତି। ଟିକ୍‌ଟକ୍ ଭିଡିଓରେ କେତେକ ଯୁବତୀ ବୟଫ୍ରେଣ୍ଡଙ୍କ ସହ ମଜା କରିବା ଓ ଆଇ ଲାଇକ୍ ହିମ୍ ବୋଲି କହିବା ତାଙ୍କୁ ପସନ୍ଦ ଆସିନି। କାରଣ ଯୁବତୀମାନେ ଏଭଳି କହି ପଡ଼ିଶା ଘର ପୁଅଙ୍କୁ ଶେଷରେ ବାହାହେବା ସେ ଦେଖିଛନ୍ତି। ବୟଫ୍ରେଣ୍ଡ କରିବାର ସାହାସ ନାହିଁ ତ ଏଭଳି କାହିଁକି ହଉଛ ବୋଲି ସେ ସମାଲୋଚନା କରି କହିଛନ୍ତି। ଏଭଳି କହିବା ପରେ ନୋରା ମୁଁ ବି ତୁମଭଳି ଜଣେ ବୋଲି କହିବାକୁ ଭୁଲିନାହାନ୍ତି। ତୁମଭଳି ମୁଁ ମଧ୍ୟ ଏଭଳି ଭିଡିଓ କରିବାରେ ବ୍ୟସ୍ତ ରହୁଛି। ଯେତେ ଫିଲ୍ମ କଲେ ବି ଏଥିରୁ ବାଦ୍‌ଯିବା ମୋ ପକ୍ଷେ ସମ୍ଭବ ନୁହେଁ। ନୋରାଙ୍କ ଏହି ଭିଡିଓ ୧୫ ଲକ୍ଷରୁ ଅଧିକ ଲାଇକ୍ ପାଇସାରିଲାଣି। ତାଙ୍କ ଫ୍ୟାନ୍‌ମାନେ ମଧ୍ୟ ଏହାକୁ ପସନ୍ଦ କରି ରିଟୁଇଟ୍ କରିଛନ୍ତି। ଲକ୍‌ଡାଉନ୍ ସମୟରେ ନିଜ ଫ୍ୟାନ୍‌ମାନଙ୍କ ସହ ମିଶିବାର ଅନ୍ୟ ଉପାୟ ନ ଥିବା ସେ ପ୍ରକାଶ କରିଛନ୍ତି। ଏଭଳି ସୁଯୋଗକୁ ହାତଛଡ଼ା ନ କରି କାମରେ ଲଗାଇବା ଦରକାର ବୋଲି ସେ ମତ ଦେଇଛନ୍ତି।

# 'ରାନୀପୁର ଟେରିକଟ୍' ଏବେ ଇତିହାସ

## ବିପଦରେ ବୃତ୍ତିହରା ବୁଣାକାର



**ଝାନ୍ସୀ:** 'କେବେ ଆମେ ବି ମାଲିକ ଥିଲୁ। ଆମ ପାଖରେ ଅନେକ ଲୋକ କାମ କରୁଥିଲେ। ହେଲେ ଭାଗ୍ୟ ଆମକୁ ମାଲିକରୁ ଶ୍ରମିକ କରିଦେଲା। ପେଟପାଟଣା ପାଇଁ ବାହାରକୁ ପଳାଇଥିଲୁ। ଏବେ କରୋନା ପୁଣି ଗାଁକୁ ଫେରାଇ ଆଣିଛି। ହେଲେ ଏଠାରେ ଆସି ଦେଖିବା ବେଳକୁ ଆଉ କିଛି ନାହିଁ। ଜାଣିନୁ ଆଗକୁ ବିଧାତା ଆମ ପାଇଁ କ'ଣ ରଖିଛି'। ଏ ହେଉଛି ଝାନ୍ସୀ ରାନୀପୁରର ଶ୍ୟାମ ଲାଲ୍ ଏବଂ ଦୀନେଶ ଆର୍ଯ୍ୟଙ୍କ ମନର ଗହନ କଥା। ବୁଣାକାର ବୃତ୍ତିର ପୁରୁଣା ଦିନକୁ ସାଉଁଟିବା ବେଳେ ଛଳଛଳ ହୋଇଯାଇଥିଲା ଦୁହିଁଙ୍କ ଆଖି, ଯେଉଁଥିରୁ ବାରି ହୋଇପଡୁଥିଲା କରୋନା ଦେଇଯାଇଥିବା ତାଜା ତାଜା କ୍ଷତର ଯନ୍ତ୍ରଣା।

ଦୀନେଶ ଏବଂ ଶ୍ୟାମଲାଲଙ୍କ ସମେତ ଗ୍ରାମର ଅନ୍ୟ ୧୨ଜଣ ପ୍ରବାସୀ ବୁଧବାର ହରିଦ୍ୱାରରୁ ଗାଡ଼ି ଭଡ଼ା କରି ଫେରିଛନ୍ତି। ଏଥିଲାଗି ସେମାନଙ୍କୁ ଦେବାକୁ ପଡ଼ିଛି ପାଖାପାଖି ୩୦,୦୦୦ ଟଙ୍କା। ସମସ୍ତେ ସେଠାରେ ମୋତି ହାର ଦୋକାନରେ କାମ କରୁଥିଲେ। ସବୁଠାରୁ ବଡ଼କଥା ହେଉଛି, ଏକଦା ସ୍ୱାବଲମ୍ବୀ ଥିଲେ ସମ୍ପୃକ୍ତ ବୁଣାକାର ଏବଂ ସେମାନଙ୍କ ପରିବାର। ହେଲେ ପ୍ରତିକୂଳ ସମୟ ସେମାନଙ୍କୁ କୌଳିକ ବୃତ୍ତିରୁ ଦୂରେଇଦେଲା। ସୁରଟ ଏବଂ ଚାଇନା ପୋଷାକର ଚାହିଦା ସେମାନଙ୍କ କ୍ଷୁଦ୍ର ଉଦ୍ୟୋଗକୁ ଧୂଳିସାତ୍ କରିଦେଲା। ବାହାର ସାମଗ୍ରୀର ପ୍ରବେଶ ପରେ ସ୍ଥାନୀୟ ବୁଣାକାରଙ୍କ ଉତ୍ପାଦିତ ସାମଗ୍ରୀର ଚାହିଦା କମିଗଲା। ସରକାର, ସ୍ଥାନୀୟ ପ୍ରଶାସନ, ରାଜନେତା ସମସ୍ୟାକୁ ଅଣଦେଖା କରିଚାଲିଲେ। ଏପରି ଉଦାସୀନତା ବୁଣାକାର ଗ୍ରାମ ପାଇଁ ପାଲଟିଗଲା ଅଭିଶାପ।

ଦୀନେଶଙ୍କ କହିବା କଥା, ଏକଦା ଝାନ୍ସୀର 'ଛୋଟ ମାଞ୍ଚେଷ୍ଟର' ଭାବେ ପରିଚିତ ଥିଲା ରାନୀପୁର। 'ରାନୀପୁର ଟେରିକଟ୍' ନାମରେ ସୁନାମ ଅର୍ଜିଥିଲା ଏହି ବୁଣାକାର ଗ୍ରାମ। ସ୍ଥାନୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଗାଲିଚା, ଚାଦର, କପଡ଼ା, ଗାମୁଛା ହାଟବଜାରକୁ ଯାଉଥିଲା। ହୋଲ୍‌ସେଲରମାନେ ଏହାକୁ କିଣି ନିଜ ଅଞ୍ଚଳରେ ବିକ୍ରି କରୁଥିଲେ। ୧୯୯୯ ଯାଏ ଭଲ ବ୍ୟବସାୟ ହେଉଥିଲା। ହେଲେ ସୁରଟ୍‌ର ପୋଷାକ ବଜାରକୁ କବ୍‌ଜା କରିବାପରେ 'ରାନୀପୁର ଟେରିକଟ୍' ଚମକ ହରାଇଲା। ସୂତା ସମେତ ଅନ୍ୟ କଞ୍ଚାମାଲର ଦରବୃଦ୍ଧି କାରବାରକୁ ପ୍ରଭାବିତ କଲା। ଉତ୍ପାଦିତ ସାମଗ୍ରୀକୁ ହୋଲ୍‌ସେଲରମାନେ କିଣିବା ବନ୍ଦ କରିଦେଲେ। କାମ କମିଯିବା ସହ ଧୀରେ ଧୀରେ ଲୁଗାବୁଣା ମେଶିନ ଖରାପ ହୋଇଗଲା। ବୁଣାକାର ଶ୍ରମିକ ପାଲଟିଗଲେ। ସେମାନେ ସୁରଟ ସମେତ ଅନ୍ୟ ସହରକୁ ପଳାଇଗଲେ। ଏବେ କରୋନା ଲାଗି ୨୦୦୦ ମସିହା ପରେ ସେମାନେ ଗାଁକୁ ଫେରିଛନ୍ତି। ନିଜର ଜମିବାଡ଼ି ନ ଥିବାରୁ ଆଗାମୀ ଦିନରେ ପେଟପାଟଣା ଚିନ୍ତା ଆହୁରି ବଢ଼ିବ ବୋଲି ଦୀନେଶ ଆଶଙ୍କା ବ୍ୟକ୍ତ କରିଛନ୍ତି।

ସେହିପରି ଶ୍ୟାମଲାଲ୍ କୁହନ୍ତି, ୨୦ ବର୍ଷ ତଳେ ୮୦ ହଜାର ପରିବାରକୁ ନେଇ ବେଶ୍ ସମୃଦ୍ଧ ଥିଲା ରାନୀପୁର। ବାର୍ଷିକ କୋଟି କୋଟି ଟଙ୍କାର ବ୍ୟବସାୟ ହେଉଥିଲା। ହେଲେ ଏବେ ପରିସ୍ଥିତି ବଦଳିଯାଇଛି। 'ରାନୀପୁର ଟେରିକଟ୍' କେବଳ ଇତିହାସ ହୋଇ ରହିଯାଇଛି। କରୋନା ଲାଗି ଯଦିଓ କାରିଗରମାନେ ଫେରିବା ଆରମ୍ଭ କରିଛନ୍ତି, ହେଲେ ପୂର୍ବର କପଡ଼ା ବଜାର ଆଉ ନାହିଁ। ଭିତ୍ତିଭୂମି ନଷ୍ଟ ହୋଇଯାଇଛି। ପୁଞ୍ଜି ଖଟାଇ ପୁନର୍ବାର ପୋଷାକପତ୍ର ଉତ୍ପାଦନ ଆରମ୍ଭ କରିବା ବଡ଼କଥା ନୁହେଁ, ଉତ୍ପାଦିତ ସାମଗ୍ରୀ କିପରି ବିକ୍ରି ହେବ ତାହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏବେ 'ରାନୀପୁର ଟେରିକଟ୍'କୁ ଲୋକେ ଭୁଲିଗଲେଣି। ଏପରିସ୍ଥିତିରେ କିଏ ଆଉ କାହିଁକି ଆମ ହାତ ତିଆରି ପୋଷାକ କିଣିବାକୁ ଆଗ୍ରହୀ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଦ୍ରୁତ ଶିଳ୍ପାୟନ ଦେଶର ଆର୍ଥିକ ବିକାଶରେ ସହାୟକ ହୋଇଛି। ହେଲେ ଏହାର ପ୍ରତିକୂଳ ପ୍ରଭାବ କୁଟୀରଶିଳ୍ପକୁ ଧ୍ୱଂସ କରିଦେଇଛି। ବୁଣାକାରଙ୍କ ଗାଁ ରାନୀପୁର ଏହାର ଏକ ଉଦାହରଣ। ଦୁର୍ଦ୍ଦିନରେ ଥିବା ସମ୍ପୃକ୍ତ ବୁଣାକାର ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

# କାନ୍ଧ ବୋହୁଛି କୁକୁର



ବିପଦ ସମୟରେ ବି ଭୁଲିଲେନି

**ନୂଆଦିଲ୍ଲୀ:** ଲକ୍‌ଡାଉନ୍ ସମୟରେ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଳ କାରଖାନା ବନ୍ଦ ହୋଇଯିବା ପରେ ଭୋକର ଦାଉ ସମ୍ଭାଳି ନ ପାରି ସମସ୍ତେ ଘରମୁହାଁ ହେବାରେ ଲାଗିଛନ୍ତି। ଗାଡ଼ିମୋଟର ସୁବିଧା ନ ଥିବାରୁ ପିଲାଛୁଆ ଓ ଅତ୍ୟାବଶ୍ୟକ ସାମଗ୍ରୀ ଧରି ପ୍ରବାସୀ ଶ୍ରମିକମାନେ ଶହ ଶହ କିଲୋମିଟର ରାସ୍ତା ଅତିକ୍ରମ କରୁଛନ୍ତି। ଆଖିର ଲୁହ ଓ ଛାତିର କୋହ ଅସମ୍ଭାଳ ହେଉଥିଲେ ବି ଆଉକିଛି ଚାରା ନାହିଁ। ତଥାପି ବଞ୍ଚିବାକୁ ହେବ ଭାବି ସେମାନେ ଅସମ୍ଭବକୁ ଆଦରି ନେବାକୁ ବାଧ ହେଉଛନ୍ତି। ଏଭଳି ପ୍ରବାସୀ ଶ୍ରମିକ ସମସ୍ୟାକୁ ନେଇ ଇଣ୍ଟରନେଟ୍‌ରେ ଜଣେ ବୟସ୍କ ମହିଳାଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି। ମହିଳାଙ୍କ ବୟସ ପାଖାପାଖି ୬୫ ହେବ। ମୁଣ୍ଡରେ ନିଜର ଅତ୍ୟାବଶ୍ୟକ ଜିନିଷ ଗଣ୍ଠିଲି ଧରି ସେ ଚାଲିଚାଲି ଯାଉଛନ୍ତି। ତାଙ୍କ ସହ ରହୁଥିବା ଅସମୟର ସାଥୀ ଛୋଟ ପୋଷା କୁକରକୁ ମଧ୍ୟ ବୋଝ ଉପରେ ବୋହିନେବାକୁ ସେ ଭୁଲିନାହାନ୍ତି। ସତେ ଯେମିତି କୁକୁରଟି ତାଙ୍କ ଜୀବନ ସେଇଭଳି ମନେହେଉଛି। ଜଣେ ଟୁଇଟର ୟୁଜର ଏଭଳି ଫଟୋକୁ ଶେୟାର କରି ଗତ ଦୁଇଦିନ ହେବ ମହିଳା ଜଣକ ଏଭଳି ଅହରହ ଚାଲୁଥିବା ଲେଖିଛନ୍ତି। ଅଖିଆ ଅପିଆ ଥିଲେ ବି କୁକର କଥା ସେ ବୁଝୁଛନ୍ତି। ଏହି ଫଟୋକୁ ଏବେସୁଦ୍ଧା ୨.୮ ହଜାର ଲାଇକ୍ ମିଳିସାରିଛି। ୧ ହଜାରରୁ ଅଧିକ ରିଟୁଇଟ୍ କରିଛନ୍ତି। ଅନେକ ଲୋକ ମହିଳାଙ୍କୁ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ଅସମୟରେ ମଣିଷ ମଣିଷକୁ ଭୁଲିଯାଉଥିବା ବେଳେ ଏକ ଛୋଟ ପୋଷା କୁକୁର ପ୍ରତି ଏଇ ମହିଳାଙ୍କ ଅନାବିଳ ଭଲପାଇବା ଏକ ଉଦାହରଣ ସୃଷ୍ଟିକରିଛି। ଏଇ ତ ପ୍ରେମ। ଲକ୍‌ଡାଉନ୍ ସମୟରେ ନିଜର ଅତି ପ୍ରିୟଙ୍କୁ କେହି ଭୁଲିଯିବ ବା କେମିତି।

# ମାସ୍କରେ ଲୋକକଳା ଛାପ



**ପାଟ୍‌ନା:** କରୋନା ଭାଇରସ୍ ସଂକ୍ରମଣରୁ ନିଜକୁ ରକ୍ଷାକରିବା ପାଇଁ ମାସ୍କ ପିନ୍ଧିବା ଜରୁରୀ ହୋଇପଡ଼ିଛି। ବିନା ମାସ୍କରେ ଏବେ କେହି ଘରୁ ବାହାରୁନାହାନ୍ତି। ଏଭଳି ପରିସ୍ଥିତିରେ ମାସ୍କର ଚାହିଦା ମଧ୍ୟ ବଢ଼ିଯାଇଛି। ଘରେ ବିଭିନ୍ନ ଡିଜାଇନ୍‌ର ମାସ୍କ ତିଆରିକରି ପିନ୍ଧିବା ପାଇଁ ଲୋକଙ୍କୁ ଉତ୍ସାହିତ ମଧ୍ୟ କରାଯାଉଛି। ତେବେ ବିହାରର କଳାକାରମାନେ କିଛି ଭିନ୍ନ ଚିନ୍ତା କରିଛନ୍ତି। ମାସ୍କ ମାଧ୍ୟମରେ ରାଜ୍ୟର ଲୋକକଳାର ପ୍ରଚାର ପାଇଁ ଏକ ସୁନ୍ଦର ପ୍ରୟାସ କରିଛନ୍ତି। ବର୍ଷ ବର୍ଷ ଧରି ପ୍ରସିଦ୍ଧ ମଧୁବନୀ ଓ ମଞ୍ଜୁଷା ପେଣ୍ଟିଂ କରୁଥିବା ରାଜଧାନୀ ପାଟ୍‌ନାର ଏହି କଳାକାରମାନେ ସୂତା କପଡ଼ାରେ ମାସ୍କ ତିଆରି କରି ବଜାରକୁ ପଠାଉଛନ୍ତି। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଏମାନେ ତିଆରି କରୁଥିବା ମାସ୍କ ଉପରେ ମଧୁବନୀ ଓ ମଞ୍ଜୁଷା ପେଣ୍ଟିଂ କରୁଛନ୍ତି। ପେଣ୍ଟିଂ ମାଧ୍ୟମରେ ମାସ୍କଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ସହ ସ୍ଥାନୀୟ ଲୋକକଳାର ପ୍ରଚାର ପ୍ରସାର କରିବା ଏହି କଳାକାରମାନଙ୍କ ମୁଖ୍ୟ ଲକ୍ଷ୍ୟ। ମାସ୍କର ମୂଲ୍ୟ ମଧ୍ୟ ଲୋକଙ୍କୁ ସୁହାଇବା ଭଳି ୮୦ରୁ ୧୦୦ ଟଙ୍କା ମଧ୍ୟରେ ରହିଛି ବୋଲି କଳାକାର ସ୍ମିତା ପରାଶର କହିଛନ୍ତି। ସରକାର ଏହି ଲୋକକଳାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତେଣୁ ଆମେ ମଧ୍ୟ ଏଭଳି ଏକ ନିଆରା ଚିନ୍ତାକୁ ଆଗକୁ ନେଇଛୁ ବୋଲି ସେ କହିଛନ୍ତି।

# ହେୟାର କଟ୍ ଫର୍ମୁଲା



**ନୂଆଦିଲ୍ଲୀ:** ଲକ୍‌ଡାଉନ୍ ସମୟରେ ଘରେ ରହିବା ଫଳରେ କିଛି ଲୋକଙ୍କର କ୍ରିଏଟିଭିଟି ବେଶ୍ ଉତ୍ସାହପୂର୍ଣ୍ଣ ହୋଇପାରିଛି। ଏଇ ଯେମିତି ଏବେ ଚୁଟି କାଟିବାର ଏକ ସ୍ୱତନ୍ତ୍ର ଷ୍ଟାଇଲ୍ ଦେଖି ଲୋକେ ବେଶ୍ ପ୍ରଭାବିତ ହୋଇ ପାରିଛନ୍ତି। ଇଣ୍ଟରନେଟ୍‌ରେ ଏବେ ଏହି ଚୁଟି କାଟିବା ଶୈଳୀ ଭାଇରାଲ୍ ହେବାରେ ଲାଗିଛି। ଭିଡ଼ିଓରେ ଜଣେ ବ୍ୟକ୍ତି ସ୍ୱତନ୍ତ୍ର ଢଙ୍ଗରେ ନିଜେ ଅତି ସହଜରେ ଚୁଟି କାଟୁଛନ୍ତି। ତେବେ ଚୁଟି କାଟିବା ପାଇଁ ସେ ହାତର ବ୍ୟବହାର କରୁନାହାନ୍ତି, ବରଂ ଏକ ବ୍ଲେଡ୍ ଏବଂ ପାନିଆ ସହିତ ଏକ ପେପର କ୍ଲିପ୍ ବ୍ୟବହାର କରି ଭିନ୍ନ ଢଙ୍ଗରେ ଚୁଟି କାଟୁଛନ୍ତି। ପ୍ରଥମେ ସେ ପାନିଆରେ ସମାନ ଭାବରେ ଏକ ବ୍ଲେଡକୁ ରଖି ପେପର କ୍ଲିପ୍ ଲଗାଇ ଦେଉଛନ୍ତି। ଏହା ପରେ ବ୍ଲେଡ୍ ଥିବା ପଟକୁ ଉପରକୁ ରଖି ମୁଣ୍ଡ କୁଣ୍ଡାଇ ଆଣିଲେ ଆପେ ଆପେ କେଶ କାଟି ହୋଇଯିବ। ଧୀରେ ଧୀରେ ଏହିଭଳି ସବୁପଟରୁ ମୁଣ୍ଡ କୁଣ୍ଡାଇ ଆଣିଲେ ସମ୍ପୂର୍ଣ୍ଣଭାବେ ଏକ ସାଇଜ୍‌ରେ ଚୁଟି କାଟିବା ହୋଇଯିବ। ଚୁଟି କାଟିବାର ଏହି ଷ୍ଟାଇଲ୍ ଏବେ ଲୋକଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରିଛି। ସେଥିପାଇଁ ଏହି ଭିଜୁଆଲ୍‌ଟି ପୋଷ୍ଟ ହେବାର ମାତ୍ର ୨ ଦିନ ଭିତରେ ୪୫ହଜାର ଲୋକ ଦେଖି ସାରିଛନ୍ତି। ଏଭଳି ଚୁଟି କାଟିବା ଷ୍ଟାଇଲ୍‌କୁ ଲୋକେ ଖୁବ୍ ପ୍ରଶଂସା ବି କରିଛନ୍ତି।

# ଗୋଲକିପର୍ ବିଲେଇ



**ନୂଆଦିଲ୍ଲୀ:** ବିଲେଇ ପୁଣି ଗୋଲ୍ କିପିଂ କିରପାରେ ! ଏକଥା ଅନେକଙ୍କୁ ବିସ୍ମିତ କରିବା ସ୍ୱାଭାବିକ। ହେଲେ ବିଲେଇର ଗୋଲ୍ କିପିଂ ଦକ୍ଷତାକୁ ଲୋକେ ଏବେ ସୋସିଆଲ୍ ମିଡିଆରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। କ୍ରୀସ୍ ଡିକ୍ସନ ନାମକ ଜଣେ ୟୁଟ୍ୟୁବର ନିଜର ଏକ ଭିଡିଓ ଶେୟାର କରି ଏହା ଜଣାଇଛନ୍ତି। ଡିକ୍ସନ ଫୁଟବଲ୍ ଖେଳୁଥିବା ବେଳର ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ପୋଷା ବିଲେଇ ଗୋଲ୍ କିପିଂ କରୁଛି। ଡିକ୍ସନ୍ ବାରମ୍ବାର ବଲ୍‌ଟିକୁ ଗୋଲ୍‌ପୋଷ୍ଟ ଭିତରକୁ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିବା ବେଳେ ବିଲେଇଟି ସୁନ୍ଦର ଭାବରେ ଅଟକାଇ ପାରୁଛି। ବିଲେଇର ଏଭଳି ଦକ୍ଷତାକୁ ଦେଖିବା ପାଇଁ ଖୁବ୍ ମଜା ଲାଗୁଛି। ଏମିତିକି ଶେଷ ପର୍ଯ୍ୟନ୍ତ ବିଲେଇଟି ଡିକ୍ସନଙ୍କୁ ଗୋଲ୍ ସ୍କୋର କରିବାର ସୁଯୋଗ ଦେଉନାହିଁ। ସେଥିପାଇଁ ଏବେ ଏହି ଭିଡ଼ିଓଟି ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି ଭିଡ଼ିଓଟି ସୋସିଆଲ୍ ମିଡିଆରେ ଶେୟାର କରିବାର ମାତ୍ର ଦିନକ ପରେ ୩.୭ ମିଲିୟନ୍‌ରୁ ଅଧିକ ଲୋକ ଦେଖି ସାରିଛନ୍ତି। ପ୍ରାୟ ଦେଢ ଲକ୍ଷ ଲୋକ ଏହାକୁ ଲାଇକ୍ କରିଥିବା ବେଳେ ୩୪ହଜାରରୁ ଅଧିକ ଲୋକ ରିଟୁଇଟ୍ କରି ଛନ୍ତି। ଏହି ସଂଖ୍ୟା ଆହୁରି ବଢ଼ିବାରେ ଲାଗିଛି। ଭିଡିଓକୁ ଦେଖି ଲୋକେ ସୁନ୍ଦର ସୁନ୍ଦର ପ୍ରତିକ୍ରିୟା ଦେଇଛନ୍ତି। କେହି ବିଲେଇକୁ କୁକୁର ଭଳି ଦକ୍ଷ ବୋଲି ବର୍ଣ୍ଣନା କରିଥିବା ବେଳେ କେହି ଆଉକେହି ବିଲେଇକୁ ଖେଳ ପଡ଼ିଆରେ ଖେଳାଳିଙ୍କ ସହ ଭାଗ ନେବା ପାଇଁ ପରାମର୍ଶ ଦେଇଛନ୍ତି।

# କ୍ୱାରାଣ୍ଟାଇନ୍ ହବି



**ନୂଆଦିଲ୍ଲୀ:** ଲକ୍‌ଡାଉନ୍ ପାଇଁ ଏବେ ସମସ୍ତେ ଭିଡ଼ିଓ କନ୍‌ଫରେନ୍ସିଂ କଲ୍ ଉପରେ ନିର୍ଭରଶୀଳ। ଏ ସମୟରେ ଜୁମ୍ ବମ୍ବିଂରେ ଜଣେ ବ୍ୟକ୍ତି ଜୋକର ଭଳି ପୋଷାକ ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି। ଲକ୍‌ଡାଉନ୍ ପାଇଁ ଘରେ ରହି ସେ ଏଭଳିଭାବେ ପୋଷାକ ପିନ୍ଧି ଭିନ୍ନ ରୂପ ଦେବାକୁ ଚାହିଁଛନ୍ତି। ଜୁମ୍ କନ୍‌ଫରେନ୍ସ କଲ୍‌ରେ ଏଭଳି ଫନି ପୋଷକ ପିନ୍ଧିଥିବାର ଫଟୋକୁ ସୋସିଆଲ୍ ମିଡିଆରେ ପୋଷ୍ଟକରି ସମସ୍ତଙ୍କୁ ଜଣାଇଛନ୍ତି ତାଙ୍କ ସ୍ତ୍ରୀ। ତାଙ୍କ କହିବା ଅନୁସାରେ ଜୁମ୍ କନ୍‌ଫରେନ୍ସ କଲ୍ ସମୟରେ ତାଙ୍କ ସ୍ୱାମୀଙ୍କର ଏଭଳି ପୋଷାକ ପିନ୍ଧିବା ଏବେ କ୍ୱାରେନ୍‌ଷ୍ଟାଇନ୍ ହବି ପାଲଟିଛି। ସେଥିପାଇଁ ସେ ବିଭିନ୍ନ ସମୟରେ ଅଲଗା ଅଲଗା ପ୍ରକାରର ପୋଷାକ ପିନ୍ଧୁଛନ୍ତି। କେବେ ସ୍ପାଇଡର୍ ମ୍ୟାନ ଭଳି ତ କେବେ ବାଦୁଡ଼ି ଅଥବା ଜୋକରଙ୍କ ଭଳି ପୋଷାକ ପିନ୍ଧି ସମସ୍ତଙ୍କୁ କନ୍‌ଫରେନ୍ସ କଲ୍ କରୁଛନ୍ତି। ଲକ୍‌ଡାଉନ୍ ପୂର୍ବରୁ ବି ସେ ଅନେକ ସମୟରେ ଅବଜ ଢଙ୍ଗରେ ପୋଷାକ ପିନ୍ଧିବାକୁ ଭଲ ପାଉଥିଲେ। ଏବେ ସବୁବେଳେ ଘରେ ରହି କାମ କରୁଥିବାରୁ ତାଙ୍କର ଏହି ଅଭ୍ୟାସ ଆହୁରି ଅଧିକ ବଢ଼ିଯାଇଛି ବୋଲି ଭିଡିଓ ପୋଷ୍ଟ କରିଥିବା ତାଙ୍କ ସ୍ତ୍ରୀ ସୂଚନା ଦେଇଛନ୍ତି। ତାଙ୍କର ଅଜବ ପୋଷାକକୁ ଦେଖି ଲୋକେ ଖୁବ୍ ହସନ୍ତି ବୋଲି ସେ ଏଭଳି ପିନ୍ଧିବାକୁ ଇଚ୍ଛା କରୁଥିବା ବ୍ୟକ୍ତି ଜଣକ କହିଛନ୍ତି। ଏମିତିକି ଗୋଟିଏ ପ୍ରକାରର ପୋଷାକ ଦେଖିବା ପରେ ପୁଣି ଅନ୍ୟ ଏକ ରୂପରେ ପିନ୍ଧିବା ପାଇଁ ଅନେକ ପ୍ରସ୍ତାବ ବି ଦିଅନ୍ତି। ତେବେ ଯାହା ହେଉ ବ୍ୟକ୍ତିଜଣକ ନିଜର ଏଭଳି ପୋଷାକ ପାଇଁ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛନ୍ତି।

# ଜାହ୍ନବୀଙ୍କ ଘରେ କରୋନା



**ମୁମ୍ବାଇ:** ସାରା ଦୁନିଆକୁ ବର୍ତ୍ତମାନ ହଇରାଣ କରୁଛି କୋଭିଡ୍-୧୯ ଭୂତାଣୁ। ଭାରତକୁ ବି ଏଥିରୁ ତ୍ରାହି ମିଳିନି। ଗତ ୨ମାସ ହେଲା ଦେଶରେ ଲକ୍‌ଡାଉନ୍ ଚାଲିଥିବାବେଳେ ବଲିଉଡ୍‌କୁ ବି ଏଥିରୁ ନିସ୍ତାର ମିଳିନାହିଁ। ବଲିଉଡ୍‌ର ଅନେକ ତାରକା କରୋନା ସଂକ୍ରମିତ ହେବା ପରେ ଏବେ ଜାହ୍ନବୀ କପୁରଙ୍କ ଘରେ ପହଞ୍ଚିଛି କରୋନା। ଜାହ୍ନବୀ ହେଉଛନ୍ତି ନାମୀଦାମୀ ଫିଲ୍ମ ନିର୍ମାତା ବୋନୀ କପୁରଙ୍କ ଝିଅ। ବୋନୀଙ୍କ ଲୋଖଣ୍ଡୱାଲାସ୍ଥିତ ଘରେ କାମ କରୁଥିବା ଜଣେ କର୍ମଚାରୀଙ୍କ ରିପୋର୍ଟ କରୋନା ପଜିଟିଭ୍ ଆସିଛି। ସେ ଗତ ଶନିବାରଠାରୁ ଅସୁସ୍ଥ ଥିଲେ। ତେଣୁ ବୋନି ତାଙ୍କୁ ଡାକ୍ତରୀ ଚିକିତ୍ସା ପାଇଁ ପଠାଇବା ସହ ଏକାନ୍ତବାସରେ ରଖିଥିଲେ। ଏବେ ସେହି କର୍ମଚାରୀ ଜଣଙ୍କ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅଛନ୍ତି। ସେ ଶୀଘ୍ର ଠିକ୍ ହୋଇଯିବେ ବୋଲି ଜାହ୍ନବୀଙ୍କ ବାପା ବୋନି କପୁର କହିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ୨ଝିଅ ଏବଂ ଅନ୍ୟ ଷ୍ଟାଫ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ସେମାନଙ୍କଠାରେ ସଂକ୍ରମଣର କୌଣସି ଲକ୍ଷଣ ନାହିଁ। ପରିବାରର ସଦସ୍ୟମାନେ ଲୋଖଣ୍ଡୱାଲା ସ୍ଥିତ ଘରୁ ଯାଇ ନ ଥିଲେ। ଏନେଇ ଜାହ୍ନବୀ କହିଛନ୍ତି ଯେ, ଏହି ସମୟରେ ଘରେ ରହିବା ସବୁଠୁ ନିରାପଦ। ଆମେ ସମସ୍ତେ ସୁରକ୍ଷିତ ଅଛୁ ବୋଲି ସେ ତାଙ୍କର ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହାକୁ ନେଇ ତାଙ୍କ ଫ୍ୟାନ ମାନେ ତାଙ୍କୁ କମେଣ୍ଟସ୍ ମଧ୍ୟ ଦେଇଛନ୍ତି। ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ କମେଣ୍ଟସ୍‌ରେ କହିଛନ୍ତି ଯେ, ଥାଙ୍କ୍ ଗଡ୍ ତୁମେ ସୁରକ୍ଷିତ ଅଛ।

# ବାତ୍ୟା ଅମ୍ଫାନ୍

ବଙ୍ଗୋପସାଗରରେ ମହାବାତ୍ୟାର ରୂପ ନେଇଥିବା ଅମ୍ଫାନ୍ ବୁଧବାର ଅପରାହ୍ଣରେ ପଶ୍ଚିମବଙ୍ଗର ସୁନ୍ଦରବନ ନିକଟରେ ସ୍ଥଳଭାଗ ଅତିକ୍ରମ କରିଛି। ସ୍ଥଳଭାଗ ଛୁଇଁବା ପୂର୍ବରୁ ଏହା ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବ୍ୟାପକ କ୍ଷତି ଘଟାଇଛି। କଚ୍ଚାଘର ଭାଙ୍ଗିଯିବା ସହ ଅନେକ ଗଛ ଉପୁଡ଼ି ମାଟିରେ ଲୋଟିଛି। ବିଦ୍ୟୁତ୍ ଖୁଣ୍ଟ, ଟେଲିଫୋନ ଟାୱାର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଝଡ଼ ପ୍ରଭାବରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। କେତେକ ସ୍ଥାନରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ବାତ୍ୟା ଆଶଙ୍କା କରି ତଳିଆ ଅଞ୍ଚଳରୁ ବହୁ ଲୋକ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳରେ ରହିଥିବା ଦେଖିବାକୁ ମିଳିଥିଲା।



ପୁରୀରେ 'ଅମ୍ଫନ୍' ପ୍ରଭାବରେ ହେଉଥିବା ପବନ।



ପୁରୀ: ବାତ୍ୟା ପବନରେ ଭାଙ୍ଗିଯାଇଥିବା ବସ୍ତି।



ଦୀଘା ବେଳାଭୂମିରେ ସମୁଦ୍ର ଢ଼ୁଆର ସୁରକ୍ଷା ବନ୍ଧରେ ମାଡ଼ ହେଉଛି।



ଭୁବନେଶ୍ୱର ଆଚାର୍ଯ୍ୟ ବିହାର ଛକରେ ପବନ ଯୋଗୁ ଉପୁଡ଼ି ପଡ଼ିଥିବା ଗଛ।



ବାଲେଶ୍ୱର ସହର ଆଇଜି ଅଫିସ ସମ୍ମୁଖରେ ପଡ଼ିଥିବା ଗଛକୁ ଏନ୍‌ଡିଆରଏଫ୍ ଟିମ୍ ସଫା କରୁଛନ୍ତି।



ଧାମରା ରୋଡ୍‌ରେ ବହୁଥିବା ପବନ।



ବାଲେଶ୍ୱର ରୂପସା-ସାଉଥ୍ ଇଷ୍ଟ ଖଡଗପୁର ଡିଭିଜନର ରେଳଧାରଣରେ ଉପୁଡ଼ି ପଡ଼ିଥିବା ଗଛ।



ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତର ୧୨ ନଂ ଆଦିବାସୀ ଗାଁର ଚାଷ ଜମିରେ ନଦୀ ଜଳ ପଶିଛି।



ଚାନ୍ଦବାଲି ଅଞ୍ଚଳର କେତେକ ଲୋକଙ୍କୁ ପୋଲିସ ବାତ୍ୟା ଆଶ୍ରୟସ୍ଥଳକୁ ନେଉଛି।



ବାଲେଶ୍ୱର ଜିଲା ଚାନ୍ଦିପୁର ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।



ପୁରୀ ବେଳାଭୂମି ଆଡ଼କୁ ମାଡ଼ି ଆସିଥିବା ସମୁଦ୍ର ଢ଼ୁଆର।



ପାରାଦୀପରେ ପ୍ରବଳ ପବନ ଯୋଗୁ ଏକ କୁଡ଼ିଆ ଉପରେ ଭାଙ୍ଗି ପଡ଼ିଥିବା ଗଛ।



ସନି- ଶାହରୁଖ

# ୨୭ ବର୍ଷ ପରେ..

ଥରେ ମନେ ପକାନ୍ତୁ ନା ଯଶ୍ ଚୋପ୍ରାଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ଡର୍'କୁ। ଏଥିରେ ଶାହରୁଖଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। କେବଳ ଶାହରୁଖ ନୁହଁନ୍ତି, ଜୁହି ଚାଓ୍ଵଲା, ସନି ଦେଓଲଙ୍କ ଅଭିନୟ ମଧ୍ୟ କୌଣସି ଗୁଣରେ କମ୍ ନ ଥିଲା। କିନ୍ତୁ ଏହାର ଶୁଟିଂ ସମୟରେ ଶାହରୁଖ ଏବଂ ସନିଙ୍କ ତିକ୍ତ ସମ୍ପର୍କ ବିଷୟରେ ଅନେକ ଊଣା ଅଧିକେ ଜାଣନ୍ତି। ଏପରି କି ଦୁହେଁ ତା'ପରେ ଦୀର୍ଘ ୧୬ବର୍ଷ ପର୍ଯ୍ୟନ୍ତ କଥା ହୋଇ ନ ଥିଲେ। କଥା କ'ଣ କି ଏବେ ନିଜ ଅଭିନୀତ 'ଦାମିନୀ' ଫିଲ୍ମର ରିମେକ କରିବାକୁ ସନି ଯୋଜନା କରୁଛନ୍ତି। କିନ୍ତୁ ଏହି ଫିଲ୍ମର କପି ରାଇଟ୍ ରହିଛି ଶାହରୁଖଙ୍କ ପାଖରେ। ଏକଥା ଜାଣିବା ପରେ ଶାହରୁଖ ବିଳମ୍ବ ନ କରି ଏବଂ ପୂର୍ବ ତିକ୍ତତାକୁ ଭୁଲି ସନିଙ୍କ ନିକଟକୁ ଯାଇଥିଲେ। ତେବେ ଏହି ଆଲୋଚନା ଏବେ ପ୍ରାଥମିକ ପର୍ଯ୍ୟାୟରେ ଅଛି। ଏପରି କି ଏହି ରିମେକ୍ ଫିଲ୍ମରେ ଶାହରୁଖ ଆକ୍ଟିଂ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି କହିଛନ୍ତି ସନି। ତେବେ ଦୀର୍ଘ ୨୭ବର୍ଷ ପରେ ଏହି ଦୁଇ ଅଭିନେତା ଏକାଠି ଅଭିନୟ କରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା। ସୂଚନାଯୋଗ୍ୟ, ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ 'ଦାମିନୀ'ରେ ରିଷି କପୁର, ମିନାକ୍ଷୀ ଶେଷାଦ୍ରୀ ଏବଂ ସନି ଦେଓଲ ଅଭିନୟ କରିଥିଲେ। ଏହି ସିନେମା ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ ସନି।

# ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦିଏ



ପରଦା ପଛରେ
ରବୀନ୍ଦ୍ର ନାଥ ପଣ୍ଡା

ସିନେମାଟିଏ ନିର୍ମାଣ କରିବା ସହଜ କଥା ନୁହେଁ। ହେଲେ ଗତ ନଅ ବର୍ଷ ଧରି ମୁଁ ଚଳଚ୍ଚିତ୍ର ପ୍ରଯୋଜନା ସହ ଜଡ଼ିତ। ଉତ୍ଥାନ-ପତନଭିତ୍ତିକ ଏହି ରାସ୍ତାରେ ଯେତେବେଳେ ମୁଁ ପାଦ ଦେଲି ସେତେବେଳେ ନିଜକୁ ଏ ନେଇ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥିଲି। ଏ ପର୍ଯ୍ୟନ୍ତ ମୁଁ ୮ଟି ସିନେମା ନିର୍ମାଣ କରିସାରିଛି। ପ୍ରତ୍ୟେକ ସିନେମା କିପରି ଅନ୍ୟଠାରୁ ଭିନ୍ନ ହେବ ସେ ନେଇ ଚେଷ୍ଟା କରିଛି। କାରଣ ଦର୍ଶକଙ୍କ ମାନସିକତାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ ବୋଲି କହନ୍ତି ଓଡ଼ିଆ ସିନେମା ଜଗତର ଆଗଧାଡ଼ିର ପ୍ରଯୋଜକ ରବୀନ୍ଦ୍ର ନାଥ ପଣ୍ଡା। ୨୦୦୯ରେ ତାଙ୍କ ଦ୍ୱାରା ପ୍ରଯୋଜିତ ପ୍ରଥମ ସିନେମା ଥିଲା 'ଫ୍ୟାମିଲି ନଂ. ଓ୍ଵାନ୍'। ତା'ପରେ ସେ 'ଆଇନ୍ କାନୁନ୍', 'ତୁ ମୋ ଆରମ୍ଭ ତୁ ମୋ ଶେଷ', 'ସପନର ନାୟିକା', 'ଲେଖିଛି ନାଁ ତୋର', 'ଦିଲ୍ କା ରାଜା' ଏବଂ ରିଲିଜ ଅପେକ୍ଷାରେ ଥିବା 'ସୁପରବୟ' ଏବଂ ନିର୍ମାଣାଧୀନ 'କିଏ ହେବ ମୋ ହିରୋଇନ୍'ର ପ୍ରଯୋଜନା କରିସାରିଛନ୍ତି। ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ କ'ଣ କହିବେ ପ୍ରଶ୍ନର ଉତ୍ତରରେ ସେ କହନ୍ତି, ''ଭଲ ସିନେମା ନିର୍ମାଣ ହେଲେ ଦର୍ଶକ ଫିଲ୍ମ ଦେଖିବାକୁ ନିଶ୍ଚୟ ପ୍ରେକ୍ଷାଳୟକୁ ଆସିବେ। ସେହିପରି କାହାଣୀ, କଳାକାର ଚୟନ, ସଙ୍ଗୀତ, ଉପସ୍ଥାପନା ହେବା ଦରକାର। ମୁଁ ସବୁବେଳେ ଏସବୁ ପ୍ରତି ଗୁରୁତ୍ୱ ଦିଏ। ସେଥିପାଇଁ ମୋର ପ୍ରାୟ ପ୍ରତ୍ୟେକ ସିନେମାର ଗୀତଗୁଡ଼ିକ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଛି। ଦେଖିବେ ଦିନ ଆସିବ, ଓଡ଼ିଆ ସିନେମାଟିଏ ଦେଖିବାକୁ ପୁଣି ଦର୍ଶକ ଆଗ୍ରହ ପ୍ରକାଶ କରିବେ।''

# ଇଚ୍ଛା ଅଭିନୟ ନିଶା ନିର୍ଦ୍ଦେଶନା



ଡେଭିଡ୍ ଧାଓ୍ଵନ

ବଲିଉଡ୍‌ରେ ଡେଭିଡ୍ ଧାଓ୍ଵନ-କେବଳ ନାମ ହିଁ ଯଥେଷ୍ଟ। 'କୁଲି ନଂ ଓ୍ଵାନ', 'ସାଜନ ଚଲେ ଶଶୁରାଲ୍', 'ହୀରୋ ନମ୍ବର ଓ୍ଵାନ', 'ରାଜାବାବୁ', 'ଜୁଡ଼ଓ୍ଵା', 'ବିବି ନଂ ଓ୍ଵାନ', 'ଜୁଡ଼ଓ୍ଵା-୨' ଏବଂ ରିଲିଜ ଅପେକ୍ଷାରେ ଥିବା ରିମେକ୍ ଫିଲ୍ମ 'କୁଲି ନଂ ଓ୍ଵାନ'ର ନିର୍ଦ୍ଦେଶନା ଦେଇ ସେ ବେଶ୍ ଚର୍ଚ୍ଚିତ। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ମନ ବଳାଇଲେ ସେତେବେଳେ ତାଙ୍କୁ ଅଭିନୟ ନିଶା ଘାରିଥିଲା। ଦ୍ୱାଦଶ କ୍ଲାସ ପାସ୍ ପରେ ସେ ପୁନାସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍‌ରେ ନାମ ଲେଖାଇଲେ। ପ୍ରଥମେ ଅଭିନୟ ଶିଖୁଥିଲେ, ହେଲେ ସେତେବେଳେ ସେ ସତୀଶ ଶାହା ଏବଂ ସୁରେଶ ଓବରୟଙ୍କ ଆକ୍ଟିଂ ଦେଖି ଚିନ୍ତା କଲେ ଯେ ମୁଁ ଏମାନଙ୍କ ପରି ଆକ୍ଟିଂ କରିପାରିବି ନାହିଁ। ତେଣୁ ଆକ୍ଟିଂକୁ ଗୁଡ଼ବାୟ କହି ସେ ଏଡିଟିଙ୍ଗ (ସମ୍ପାଦନା) କୋର୍ସ କଲେ। ସେତିକିବେଳେ ତାଙ୍କ ମନକୁ ନିର୍ଦ୍ଦେଶକ ସାଜିବା କଥା ଆସିଥିଲା। ଆଉ ତା'ପରେ ଯାହା ଘଟିଲା ତାହା କହିବା ବାହୁଲ୍ୟ। ନିର୍ଦ୍ଦେଶନା କ୍ଷେତ୍ରରେ ଡେଭିଡ୍ କେତେ ଦକ୍ଷ ତାହା ତାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରରୁ ସ୍ପଷ୍ଟ ଜଣାପଡ଼ିଯାଏ। ଡେଭିଡ୍‌ଙ୍କ ପ୍ରକୃତ ନାମ ହେଲା ରାଜିନ୍ଦର ଧାଓ୍ଵନ। ୧୯୫୫ ଅଗଷ୍ଟ ୧୬ରେ ଅଗରତାଲାରେ ଜନ୍ମଗ୍ରହଣ କରିଥିଲେ। ବିଶେଷଭାବରେ କମେଡ଼ିଭିତ୍ତିକ କାହାଣୀକୁ ଚଳଚ୍ଚିତ୍ରର ରୂପ ଦେବାରେ ସେ ବେଶ୍ ସିଦ୍ଧହସ୍ତ। ସୂଚନାଯୋଗ୍ୟ, ତାଙ୍କର ସାନ ପୁଅ ବରୁଣ ଏବେ ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟର ଜାରି ରଖିଛନ୍ତି।

# କାହାକୁ ଡରନ୍ତି ପରିଣିତି



ପରିଣିତି ଚୋପ୍ରା କାହାକୁ ଡରନ୍ତି ଜାଣନ୍ତି? ସାପକୁ। ସାପ କଥା ଶୁଣିଲେ ତାଙ୍କ ମନରେ ଛନକା ପଶିଯାଏ। କେବଳ ସେତିକି ନୁହେଁ, ଏରୋପ୍ଲେନ୍ ଲ୍ୟାଣ୍ଡିଙ୍ଗ ସମୟରେ ମଧ୍ୟ ତାଙ୍କ ମନରେ ଭୟ ଜାତ ହୋଇଥାଏ। ଆଉ ଏକ କଥା। ପିଜା ହେଉଛି ତାଙ୍କର ପସନ୍ଦୀୟ ଖାଦ୍ୟ। ପରିଣିତି ବାହାରକୁ ଗଲେ ସାଙ୍ଗରେ ଦୁଇଟି ଜିନିଷ ନେବାକୁ ଆଦୌ ଭୁଲି ନ ଥାନ୍ତି। ତାହା ହେଲା ଲିପ୍ ବାମ୍ ଆଉ ଫେସ୍ ଓ୍ଵାଶ। ଅଭିନୟ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ପରିଣିତି ୟଶରାଜ ଫିଲ୍ମସ ବ୍ୟାନରର ପି.ଆର୍. ଡିପାର୍ଟମେଣ୍ଟରେ କାମ କରୁଥିଲେ। ବଲିଉଡ୍‌ରେ ତାଙ୍କର ମନ ପସନ୍ଦର ଅଭିନେତା ହେଲେ ସୈଫ୍ ଅଲ୍ଲୀ ଖାଁ। ନୂଆ ଡିଜାଇନ୍‌ର ଯୋତା କିଣିବା ତାଙ୍କର ଆଉ ଏକ ପସନ୍ଦ। ଏପରି କି ଯଦି ଗୋଟିଏ ପ୍ରକାର ଯୋତା ତାଙ୍କର ପସନ୍ଦ ହେଲା ତେବେ ସେ ସେଥିରୁ ୧୦-୨୦ ପେୟାର କିଣିବାକୁ ପଛାଇ ନ ଥାନ୍ତି।

# ପ୍ରେମ ପକାଇଲା ଦୋଛକିରେ

ଜଗା କଲେଜରେ ପଢ଼େ। ନିଜେ ଅସୁବିଧାରେ ପଡ଼ିଲେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଏ ନାହିଁ। ହେଲେ କଲେଜରେ ପଢ଼ିବା ସମୟରେ ତାକୁ ନିଜର ପ୍ରେମ ଜାଲରେ ବାନ୍ଧି ଦେଇଛି ରାଗିଣୀ ନାମ୍ନୀ ସୁନ୍ଦରୀ ଝିଅଟିଏ। ହେଲେ ଲଭ୍ ଚକ୍କରରେ ପଡ଼ିବାକୁ ଚାହେଁନା ଜଗା। ତେବେ ଜଗାକୁ ନେଇ ରାଗିଣୀ ଯେଉଁ ସ୍ୱପ୍ନ ଦେଖିଛି ତାହା ସଫଳ ହେଉଛି ତ? ପ୍ରଥମେ ପ୍ରେମ ବିଷୟରେ କିଛି ଜାଣି ନ ଥିବା ଜଗା, ରାଗିଣୀକୁ ପ୍ରେମିକା ଭାବରେ ଗ୍ରହଣ କରୁଛି ତ? ଏପରି ପ୍ରଶ୍ନର ଉତ୍ତର ରହିଛି ନିର୍ମାଣାଧୀନ ଓଡ଼ିଆ ସିନେମା 'ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍'। ତେବେ ଏଭଳି ପ୍ରେମ କାହାଣୀରେ ଅଟୋଗ୍ରାଫ୍‌ର ଭୂମିକା କ'ଣ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏ.ଆର୍. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଖାସ୍ କଥା ହେଲା, ଦୀପକଙ୍କ ଅପୋଜିଟ୍‌ରେ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ମଡେଲିଂରୁ ବଡ଼ ପରଦାରେ ପାଦ ରଖିବାକୁ ଯାଉଥିବା ନବାଗତା ସ୍ୱାତୀ।

# ଚୁଜି ହେଲେଣି ଦିଶା



ଦିଶା ପଟାନି ଏଣିକି ମାପିଚୁପି ଚାଲିବେ। ତରତର ହୋଇ ପୁଳାଏ ସିନେମା ସାଇନ୍ କରିବା ଅପେକ୍ଷା ଦେଖିଚାହିଁ ଅଫରକୁ ଗ୍ରୀନ ସିଗ୍‌ନାଲ ଦେଖାଇବେ। ଏ ସମ୍ପର୍କରେ ଦିଶା କହନ୍ତି, 'ଆକ୍ଟିଂ ଲାଇନ୍‌ରେ ତରତର ହେବା ଆଦୌ ଠିକ୍ ନୁହେଁ। ମୁଁ ଏଠାକୁ ଶସ୍ତା ଲୋକପ୍ରିୟତା ଅର୍ଜନ କରିବାକୁ ଆସିନାହିଁ। ଭଲ କାହାଣୀ ଏବଂ ଦର୍ଶକଙ୍କୁ ପ୍ରଭାବିତ କରିବା ପରି ଭୂମିକା ମିଳିଲେ ହିଁ ସିନେମା ସାଇନ୍ କରିବି। ଏବେଠାରୁ କ୍ୟାରିୟରକୁ ନେଇ ଚୁଜି ହେବାକୁ ପଡ଼ିବ।' ଆଦିତ୍ୟ ରୟ କପୁର ଏବଂ ଦିଶାଙ୍କ ଅଭିନୀତ 'ମଲଙ୍ଗ' ଭଲ ବିଜନେସ୍ କରିବା ପରେ ଏହାର ପ୍ରଯୋଜକ ଚିତ୍ରର ସିକୁଏଲ ନିର୍ମାଣ କରିବାକୁ ଯୋଜନା କରୁଥିବାର ଜଣାପଡ଼ିଛି।

# ନିଆରା ମଣିଷ

-ଦିଲୀପ ହାଲି

ଓଡ଼ିଆ ସିନେମାର ସେ ଥିଲେ ଆଦ୍ୟ ସ୍ରଷ୍ଟା। ଓଡ଼ିଆ ସିନେମା ନିର୍ମାଣ ଭିତ୍ତିପ୍ରସ୍ତର ତାଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ହେଉଛି 'ସୀତା ବିବାହ' ଯାହାର ନିର୍ମାତା ଥିଲେ ଏହି ନିଆରା ମଣିଷ। ହଁ, ସେହି ପ୍ରଖ୍ୟାତ ବ୍ୟକ୍ତି ଜଣକ ଆଉ କେହି ନୁହନ୍ତି ସେ ହେଉଛନ୍ତି ମୋହନ ସୁନ୍ଦର ଦେବ ଗୋସ୍ୱାମୀ। ଓଡ଼ିଆ ଭାଷାରେ ସର୍ବପ୍ରଥମ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ସେ ନିର୍ମାଣ କରିଥିଲେ। ଓଡ଼ିଆ ସିନେମା ଜଗତ ପାଇଁ ସେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ। ଏହି ଫିଲ୍ମର ପ୍ରଯୋଜନା, ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ସେ ତୁଲାଇବା ସହ ସେଥିରେ ଅଭିନୟ ମଧ୍ୟ କରିଥିଲେ। 'ସୀତା ବିବାହ' ୧୯୩୬ ଏପ୍ରିଲ ୨୮ରେ ପରଦା ଉପରକୁ ଆସିଥିଲା। ଏହାର ରିଲ୍ ସଂଖ୍ୟା ଥିଲା ମାତ୍ର ୧୨। ୨୯ ହଜାର ୭୮୧ ଦଶଅଣା ବ୍ୟୟ ଅଟକଳରେ ଏହା ନିର୍ମିତ ହୋଇଥିଲା। ଏଥିରେ ଅଭିନୟ କରି ପାରିଶ୍ରମିକ ଆକାରରେ ମାଖନ୍‌ଲାଲ ବାନାର୍ଜୀ (ରାମ) ୧୨୦ ଟଙ୍କା, ପ୍ରଭାବତୀ ଦେବୀ (ସୀତା) ୧୫୦ ଟଙ୍କା, ଅଦ୍ୱୈତ ମହାନ୍ତି (ଲକ୍ଷ୍ମଣ) ୩୫ ଟଙ୍କା ପାଇଥିଲେ।

କଲିକତା କାଳୀ ଫିଲ୍ମସ 'ସୀତା ବିବାହ'ର ଏକମାତ୍ର ପ୍ରିଣ୍ଟ ବାହାର କରିଥିଲା। ଏହି ସିନେମାଟି ଭ୍ରାମ୍ୟମାଣ ପ୍ରଦର୍ଶନ ପରେ ଦର୍ଶକ ସୁରକ୍ଷିତ ଭାବରେ ଦେଖିବାକୁ ଟେଣ୍ଟ ବ୍ୟବସ୍ଥା ହୋଇଥିଲା। ପରବର୍ତ୍ତୀ ସମୟରେ ଅଗ୍ନିକାଣ୍ଡ ଯୋଗୁ ଟେଣ୍ଟ ସହ ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର ସମସ୍ତ ସନ୍ତକ ପୋଡ଼ି ନଷ୍ଟ ହୋଇଯାଇଥିଲା। ତେଣୁ ଏହି ଫିଲ୍ମର କୌଣସି ଜିନିଷ ଏବେ ନାହିଁ ସିନା, ହେଲେ ଏଥିରେ ଅଭିନୟ କରିଥିବା କଳାକାରଙ୍କର ସ୍ମୃତି ଭୁଲିବାର ନୁହେଁ। କାରଣ ଏହି ଫିଲ୍ମ ହିଁ ଏକ ଆଞ୍ଚଳିକ ଫିଲ୍ମ ଦୁନିଆର ମାର୍ଗଦର୍ଶକ ସାଜିଥିଲା।

ଖାସ୍ କଥା ହେଲା ସ୍ୱର୍ଗତ ମୋହନ ସୁନ୍ଦର ଦେବ ଗୋସ୍ୱାମୀ କେବେ ସିନେମା ଦେଖନ୍ତି ନାହିଁ। ଥରେ ସେ ଘର ପଛପଟ ପୁରୀର 'ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ'କୁ ଭ୍ରାମ୍ୟମାଣ ସିନେମା ଦେଖିବା ପାଇଁ ଯାଇଥିଲେ। ସେତେବେଳେ ସେ ଦେଖିଥିବା ସେହି ସିନେମାରେ ଅଭିନୟ କରିଥିବା ବିଖ୍ୟାତ ହାସ୍ୟାଭିନେତା ଚାର୍ଲି ଚାପଲିନଙ୍କ ଅଭିନୟ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ତା'ପରେ ସେ ସିନେମାଟିଏ ନିର୍ମାଣ କରିବାକୁ ମନସ୍ଥ କରିଥିଲେ। ଏ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ପରେ ଓଡ଼ିଆ ସିନେମାଟିଏ ନିର୍ମାଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ଏହା ଥିଲା ୧୯୫୩ ମସିହା କଥା। ବାସ୍, ମାତ୍ର ବର୍ଷକ ବ୍ୟବଧାନରେ ନିର୍ମାଣ ପାଇଁ ବାଟ ଦେଖିଲା 'ସୀତା ବିବାହ'। ଓଡ଼ିଆ ସିନେମାର ସେ ଥିଲେ ଆଦ୍ୟ ପୁରୁଷ। ଜଣେ ନିଆରା ମଣିଷ ଭାବରେ ସେ ଯେଉଁ ଛାପ ଛାଡ଼ିଯାଇଛନ୍ତି



ମୋହନ ସୁନ୍ଦର ଦେବ ଗୋସ୍ୱାମୀ

ତାହା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଅଗ୍ରଣୀ ସିନେ ସଂଗଠନ ସିନେ କ୍ରିଟିକ ଆସୋସିଏଶନକୁ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ନାତି ବଟରାଜ ଦେବ ଗୋସ୍ୱାମୀ 'ସୀତା ବିବାହ'ର ସମ୍ପୂର୍ଣ୍ଣ ଚିତ୍ରନାଟ୍ୟ ଓ ଗୀତକୁ ସଂରକ୍ଷିତ ରଖିବା ପାଇଁ ଚୁକ୍ତି କରିଥିଲେ। ସୂଚନାଯୋଗ୍ୟ, କିଛି ବର୍ଷ ପୂର୍ବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଚିତ୍ରନାଟ୍ୟ ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ।

-ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର

# ଆମ ପାଇଁ ସାହା ଏକା ଆମ ଜଗନ୍ନାଥ




ଜଗତର ନାଥ ଜଗନ୍ନାଥ। ଜଗନ୍ନାଥଙ୍କୁ ନେଇ ଅନେକ ଭଜନ ରଚିତ ହୋଇଛି ଏବଂ ତାହା ଶ୍ରୋତାଙ୍କୁ କେତେ ପ୍ରଭାବିତ କରିଛି ତାହା କହିବା ବାହୁଲ୍ୟ। ଏବେ ତ ସମଗ୍ର ବିଶ୍ୱ ଏକ ସଙ୍କଟ ସମୟ ମଧ୍ୟରେ ଗତି କରୁଛି। ସତେଯେମିତି ମାନବ ଜାତି ଜୀବନ-ମରଣର ଦୋଛକିରେ ଠିଆ ହୋଇଛି। କରୋନା ମହାମାରୀ ଆମକୁ ଦୋହଲେଇ ଦେଇଛି। ଏହି ସମୟରେ ଜଗନ୍ନାଥଙ୍କୁ ନେଇ ଏକ ସୁନ୍ଦର ଭଜନ ଆଲ୍‌ବମ୍‌ଟିଏ ପ୍ରସ୍ତୁତ କରିଛନ୍ତି ଇଂ. ରଶ୍ମିରଞ୍ଜନ। କୋଣାର୍କ ଏଣ୍ଟରଟେନମେଣ୍ଟ ବ୍ୟାନରରେ ତିଆରି ହୋଇଥିବା ଏହି ଭଜନ ଆଲ୍‌ବମ୍ ଓଡ଼ିଆ ହାର୍ଟ ୟୁ ଟ୍ୟୁବ୍‌ରେ ରିଲିଜ ହୋଇସାରିଛି। ଖାସ୍ କଥା ହେଲା, ଓଡ଼ିଆ ଅପେରାଜଗତର ନାମୀ ଅଭିନେତା-ଅଭିନେତ୍ରୀଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ସେମାନେ ହେଲେ ଦୈତାରି ପଣ୍ଡା, କୈଳାସ ବେହେରା, ବାପି ପଣ୍ଡା, ଗୌର ଦାସ, ବିନୋଦ-ବେବିନା, ସୁବାସ ବେହେରା, ହୃଷୀକେଶ ମିଶ୍ର, କାହ୍ନା, ମୁନ୍ନା-ନମିତା, ହାସ୍ୟାଭିନେତା ଦୟା, ହାପି କର, ସୌମ୍ୟ (ଜୁନିୟର ବାବୁସାନ୍), ଆଲୋକ, ସୌରଭ ଏବଂ ରଶ୍ମିରଞ୍ଜନ। ଗଣେଶ୍ୱର ପରିଡ଼ାଙ୍କ ରଚିତ ଏହି ଜଗନ୍ନାଥ ଭଜନଟିକୁ ସ୍ୱର ଦେଇଛନ୍ତି ସୋମନାଥ ପଣ୍ଡା ଲକ୍‌ଡାଉନ ସମୟରେ ଅଭିନୟ କରିଥିବା କଳାକାରଙ୍କଠାରୁ ଭିଜୁଆଲ ସଂଗ୍ରହ କରି ତାହାକୁ ଆଲ୍‌ବମ୍‌ରେ ରୂପାନ୍ତରିତ କରିଛନ୍ତି ଏହାର ଭିଜୁଆଲ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରଶ୍ମିରଞ୍ଜନ।

## ବନ୍ଦ ହେଲା ବାଲ୍ୟବିବାହ

ବ୍ରହ୍ମଗିରି,(ଡି.ଏନ.ଏ): ବ୍ରହ୍ମଗିରି ଥାନା ତଥା ସାତପଡ଼ା ଫାଣ୍ଡି ଅଞ୍ଚଳରେ ବୁଧବାର ଏକ ବାଲ୍ୟବିବାହ ହେବାକୁ ଯୋଜନା ଚାଲିଥିବା ବେଳେ ଜିଲା ଶିଶୁ ସୁରକ୍ଷା ସମିତି(ସିଡବ୍ଲୁସି) ସଦସ୍ୟ ପହଞ୍ଚିବା ପରେ ବନ୍ଦ ହୋଇଛି ବାଲ୍ୟ ବିବାହ। ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ସାତପଡ଼ା ଅଞ୍ଚଳରେ ଜଣେ ୧୫ବର୍ଷୀୟ ନାବାଳିକାଙ୍କ ବିବାହ ପାଇଁ ଯୋଜନା ଚାଲିଥିଲା। କୌଣସି ସୂତ୍ରରୁ ଖବରପାଇ ଜିଲା ଶିଶୁ ସୁରକ୍ଷା ସମିତି ସଦସ୍ୟ ରମାଶଙ୍କର ପାତ୍ର, ସାତପଡ଼ା ଫାଣ୍ଡି ଅଧିକାରୀ ଅଶୋକ ମହାପାତ୍ର, ଅଙ୍ଗନୱାଡ଼ି ସୁପରଭାଇଜର ଲିନା ମହାପାତ୍ର ଓ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଚଢ଼ାଉ କରି ନାବାଳିକା ସମେତ ତାଙ୍କ ପରିବାର ସହ ଆଲୋଚନା କରିଥିଲେ। ବାଲ୍ୟବିବାହ ଏକ ଦଣ୍ଡନୀୟ ଅପରାଧ ବୋଲି ବୁଝାଇଥିଲେ।

# ଲକ୍‌ଡାଉନ୍: ଶ୍ରୀମନ୍ଦିର ହୁଣ୍ଡିକୁ ଦେଢ଼ କୋଟି କ୍ଷତି

**ଦର୍ଶନ ବନ୍ଦକୁ ୨ ମାସ ପୂରିଲା**

**ପୁରୀ ଅଫିସ, ୨୦।୫:**

ମହାମାରୀ କରୋନା ପାଇଁ ଦେଶରେ ଗତ ୧୮ ତାରିଖରୁ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ଲକ୍‌ଡାଉନ ନିୟମାନୁଯାୟୀ ବିଭିନ୍ନ ଧର୍ମପୀଠକୁ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯାଇଛି। ଫଳରେ ଶ୍ରୀମନ୍ଦିରକୁ କୌଣସି ଶ୍ରଦ୍ଧାଳୁ ଯାଉନାହାନ୍ତି। ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ ପୂର୍ବରୁ ଅର୍ଥାତ୍ ଗତ ମାର୍ଚ୍ଚ ୨୦ ତାରିଖରୁ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ଥିବାରୁ ଏହାର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡି ଉପରେ ପଡ଼ିଛି। ଦୁଇମାସ ମଧ୍ୟରେ ପ୍ରାୟ ଦେଢ କୋଟିରୁ ଅଧିକ ଟଙ୍କା ହରାଇଛି ଶ୍ରୀମନ୍ଦିର ହୁଣ୍ଡି। ଲକ୍‌ଡାଉନ କେବେ ଉଠିବ ସେନେଇ ଅନିଶ୍ଚିତତା ଦେଖାଦେଇଥିବାରୁ ଶ୍ରୀମନ୍ଦିର ଏକ ବଡ଼ଭାଗ ଅର୍ଥ ହରାଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ୨ ମାସ ହେବ ମହାପ୍ରଭୁଙ୍କ ଦର୍ଶନ ପାଉ ନ ଥିବା ଶ୍ରଦ୍ଧାଳୁମାନେ ବି ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି।

ପ୍ରଥମେ ମାର୍ଚ୍ଚ ୧୬ତାରିଖଠାରୁ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ପାଇଁ ନାନା କଟକଣା ଜାରି ହୋଇଥିଲା। ମାସ୍କ ପିନ୍ଧିବେ, ପ୍ରବେଶ ପୂର୍ବରୁ ଏକ ଫର୍ମରେ ନିଜ ସମ୍ପର୍କରେ ତଥ୍ୟ ଦେବେ, ହାତକୁ ଭଲ ଭାବେ ସଫା କରିବେ, କୌଣସି ସ୍ଥାନ ଛୁଇଁବେ ନାହିଁ ଆଦି ଏକାଧିକ କଟକଣା ରହିଥିଲା। କିନ୍ତୁ ଏଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବାରେ ସମସ୍ୟା ହେବାରୁ ମାର୍ଚ୍ଚ ୨୦ରୁ ଭକ୍ତଙ୍କ ଦର୍ଶନ ବନ୍ଦ ରଖିଥିଲା ଜିଲା ପ୍ରଶାସନ। ପ୍ରଥମେ ଏପ୍ରିଲ ୧ ଏବଂ ପରେ ପର୍ଯ୍ୟାୟକ୍ରମେ ଲକ୍‌ଡାଉନ ଅବଧି ବୃଦ୍ଧି ପାଉଥିବାବେଳେ ଦର୍ଶନ ବନ୍ଦ ରଖାଯାଇଛି। ଏଥିଯୋଗୁ ହୁଣ୍ଡିରୁ ସେମିତି ଦାନ ଅର୍ଥ ବାହାରୁ ନାହିଁ। କାଁ ଭାଁ ଭକ୍ତ ସିଂହଦ୍ୱାରକୁ ବୁଲି ଆସୁଥିବାବେଳେ ହୁଣ୍ଡିରୁ ସମୁଦ୍ରକୁ ଶଙ୍ଖେ ଭଳି ଅର୍ଥ ବାହାରୁଛି। ଶ୍ରୀମନ୍ଦିରକୁ ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ତେଣୁ ପ୍ରତିଦିନ ହୁଣ୍ଡିରୁ ଅଢେଇରୁ ତିନିଲକ୍ଷ ପର୍ଯ୍ୟନ୍ତ ଟଙ୍କା ବାହାରିଥାଏ। ଏହାବାଦ୍ ଛୁଟିଦିନ କିମ୍ବା ପର୍ବପର୍ବାଣି ଦିନରେ ଭକ୍ତଙ୍କ ସଂଖ୍ୟା ଲକ୍ଷେ ଟପିବା ସହ ହୁଣ୍ଡି ଟଙ୍କା ୫ଲକ୍ଷରୁ ଉର୍ଦ୍ଧ୍ୱ ବାହାରିଥାଏ। ହେଲେ ମାର୍ଚ୍ଚ ୨୦ରୁ ମେ ୨୦ ଏହି ଦୁଇମାସ ଯଦି ଦୈନିକ ୨.୫ଲକ୍ଷ ଟଙ୍କା ହିସାବକୁ ନିଆଯାଏ ତେବେ ଶ୍ରୀମନ୍ଦିର ହୁଣ୍ଡି ବାବଦରେ ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇଲାଣି।

ସେହିପରି ଦର୍ଶନ ବନ୍ଦ ରହିଥିବାରୁ ଭକ୍ତମାନେ ବି ବ୍ୟତିବ୍ୟସ୍ତ ହେଲେଣି। ଶ୍ରଦ୍ଧାଳୁ ଦିଲୀପ ବରାଳ କହିଛନ୍ତି, ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରହିଛି। କରୋନାର ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଆଗାମୀ ୩୧ ତାରିଖ ପରେ ସରକାର ଲକ୍‌ଡାଉନକୁ ଆହୁରି ବୃଦ୍ଧି କରିପାରନ୍ତି। ଜୁନ୍ ୫ରେ ଦେବସ୍ନାନ ପୂର୍ଣ୍ଣିମା ନୀତି ରହିଛି। ଏହି ଦିନ ଭକ୍ତମାନେ କିପରି ବଡ଼ଦାଣ୍ଡରେ ସାମାଜିକ ଦୂରତା ବଜାୟ ରଖି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେଥିଲାଗି ପଦକ୍ଷେପ ନିଆଯିବା ଦରକାର। ଏହାଦ୍ୱାରା ଦୀର୍ଘ ଦୁଇମାସ ପରେ ଶ୍ରଦ୍ଧାଳୁ ଦାରୁବିଗ୍ରହଙ୍କ ଦର୍ଶନ କରିପାରିବେ।

## ସଂକ୍ଷେପରେ

### ବାତ୍ୟା ପରେ ଚାଷୀଙ୍କୁ ଓୟୁଏଟିର ପରାମର୍ଶ

ଭୁବନେଶ୍ୱର, ୨୦।୫(ବ୍ୟୁରୋ): ବାତ୍ୟା 'ଅମ୍ଫାନ'ପାଇଁ ରାଜ୍ୟର ଉପକୂଳ ଜିଲାରେ ପ୍ରବଳ ବର୍ଷା ସହ ପବନ ହେବାରୁ ଫସଲ ନଷ୍ଟ ହୋଇଛି। ବାତ୍ୟା ପରେ ବର୍ତ୍ତମାନ ଫସଲ, ପଶୁପାଳନ ଏବଂ ମତ୍ସ୍ୟଚାଷର ସୁପରିଚାଳନା ପାଇଁ ଓୟୁଏଟି ବିଭିନ୍ନ ପରାମର୍ଶ ଦେଇ କହିଛି ଯେ, ଫସଲ ଜମିରୁ ତୁରନ୍ତ ଜଳ ନିଷ୍କାସନ କରିବା, ଅମଳ ଉପଯୋଗୀ ଧାନ, ଡାଲି ଓ ତୈଳବୀଜ ଜାତୀୟ ଫସଲ ଅମଳକରି ତାହା ଖରାରେ ଶୁଖାଇବା, ଖାଲୁଆ ଏବଂ ଅତି କାଲୁଆ ଧାନ ଜମିରେ ବିହନ ବୁଣିବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଝୋଟ ଫସଲରୁ ଘାସ ବାଛି ଶେଷ ଭାଗ ଯବକ୍ଷାରଜାନ ପ୍ରୟୋଗ କରିବା, ଆଖୁ ଫସଲରେ ପଟାସସାର ପ୍ରୟୋଗ ସାଙ୍ଗକୁ ମୂଳରୁ ମାଟି ଟେକିବା, ଅଦା ଓ ହଳଦୀ ପାଇଁ ବିହନ ବୁଣିବାକୁ ପରାମର୍ଶ ଦିଆଯାଇଛି। ଜମିରେ ଥିବା ପନିପରିବା ଫସଲରେ ବାତ୍ୟା ଛାଡ଼ିଯିବାର ୨-୩ ଦିନ ମଧ୍ୟରେ ଯବକ୍ଷାରଜାନ ଓ ପଟାସ ସାର ପ୍ରୟୋଗ କରିବାକୁ ମଧ୍ୟ କୁହାଯାଇଛି। ଲତାଜାତୀୟ ଫସଲର ଭାଡି ବା ରଞ୍ଜାକୁ ସଜାଡି ବିଭିନ୍ନ ଔଷଧ ପ୍ରୟୋଗ ଲାଗି କୁହାଯାଇଛି। ବାତ୍ୟା ପରେ ବାଇଗଣ, ଭେଣ୍ଡି ଓ ଲଙ୍କା ପ୍ରଭୃତି ପନିପରିବାରେ ମୂଳଶଢ଼ା ରୋଗ ଯୋଗୁ ବିଶେଷ କ୍ଷତି ହୋଇଥିଲେ ମୂଳରୁ କାଟି ମୂଳି ଫସଲ କରିହେବ କିମ୍ବା ନୂଆକରି ଲାଗିଥିବା ବାଇଗଣ, ଲଙ୍କା ଗଛର ପତ୍ରରେ ପଙ୍କ ଲାଗିଥିଲେ ତାହା ଛିଣ୍ଡାଇଦେବା ଭଲ। ପାନବରଜ କ୍ଷତି ହୋଇଥିଲେ ତାକୁ ସଜାଡି ଜଳ ନିଷ୍କାସନର ବ୍ୟବସ୍ଥା କରାଯାଉ। ଅମୃତଭଣ୍ଡା ଲାଗିଥିବା ଜମିରୁ ଜଳ ନିଷ୍କାସନ କରିବା ଦରକାର। ପାକଳ ତରଭୁଜ ଅମଳ କରାଯିବା ଆବଶ୍ୟକ, କୁକୁଡ଼ା, ବତକଙ୍କ ରହିବା ସ୍ଥାନ ସଫା କରି ଶୁଖିଲା ରଖିବା, ପୋଖରୀକୁ ବିଶୋଧନକରି ଏକର ପ୍ରତି ୨୦କି.ଗ୍ରା. ଚୂନ ପ୍ରୟୋଗ କରାଯାଉ, ପାଗ ପରିବର୍ତ୍ତନ ହେବା ମାତ୍ରେ ମାଛ ଧରି ରୋଗପୋକର ଯାଞ୍ଚ କରିବାକୁ କୁହାଯାଇଛି।

### ବିନା ଶୋଭାଯାତ୍ରାରେ ଲିଙ୍ଗରାଜଙ୍କ ବିବାହ

ପୁରୁଣା ଭୁବନେଶ୍ୱର,୨୦।୫(ଡି.ଏନ.ଏ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଏବଂ ଚନ୍ଦନଯାତ୍ରା ପରମ୍ପରା ଭଙ୍ଗ ହେବା ପରେ ଏବେ ଠାକୁରଙ୍କ ଶୀତଳଷଷ୍ଠୀ ଉପରେ ଆଶଙ୍କା ଦେଖାଦେଇଛି। ଏ ନେଇ ମନ୍ଦିର ପ୍ରଶାସନ ଲିଙ୍ଗରାଜଙ୍କ ବିବାହ ଉତ୍ସବ ପାଇଁ ସମସ୍ତ ସେବାୟତଙ୍କ ମତ ନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ଚିଠି ଲେଖିଥିଲା। ହେଲେ ଲକଡାଉନ ୪.୦ ପାଇଁ ସଙ୍ଗରୋଧ କଟକଣାକୁ ଆଖି ଆଗରେ ରଖି ଶ୍ରୀ ଜୀଉଙ୍କ ନୀତିକାନ୍ତିରେ ଦର୍ଶନ, ବିବାହ ଉତ୍ସବ କରିବା ପାଇଁ ଅନୁମତି ଦେଇଛି। ହେଲେ ଉତ୍ସବରେ କୌଣସି ଶୋଭାଯାତ୍ରା ଯେଭଳି ନ ହେବ ସେଥିପ୍ରତି ନଜର ଦେବାକୁ ବିଏମ୍‌ସି ଆଡିଶନାଲ କମିଶନର ଅବନୀ ପଟ୍ଟନାୟକ କହିଛନ୍ତି। ଆସନ୍ତା ୨୭ରେ ବିବାହ ଉତ୍ସବ ଥିବାବେଳେ ମନ୍ଦିର ପ୍ରଶାସନ ଖୁବଶୀଘ୍ର ଜରୁରୀ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ଭୁବନେଶ୍ୱର, ୨୦।୫ (ବ୍ୟୁରୋ)- ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା ରାୟଚୌଧୁରୀଙ୍କ ବେଙ୍ଗାଲୁରୁସ୍ଥିତ ଏକ ହସ୍ପିଟାଲରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ରକ୍ତ କର୍କଟରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ ଓ ଆଦର୍ଶ ଶିକ୍ଷୟିତ୍ରୀ ଥିଲେ। ଭୁବନେଶ୍ୱର ସିଟି ସ୍କୁଲ, ମେଣ୍ଢାଶାଳ ଉଚ୍ଚ ବିଦ୍ୟାଳୟ ଓ ନୟାପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ସେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ପୁରାତନ ଛାତ୍ରୀଛାତ୍ର, ସହକର୍ମୀ, ଶୁଭେଚ୍ଛୁ ଶୋକ ବ୍ୟକ୍ତ କରିଛନ୍ତି।

# ଡିଣ୍ଡେଇଲା, ଉପାସ ରଖିଲା 'ଅମ୍ଫାନ୍'

**ବିସ୍ଥାପିତ ବସ୍ତିବାସିନ୍ଦାଙ୍କ ଦୁଃଖ**

**କଟକ ଅଫିସ,୨୦।୫**

'ସରକାର ବଧିର ହେଇଯାଇଛନ୍ତି। ତାଙ୍କୁ ଆଉ କିଛି ଶୁଭୁନି। ଚାରି ପୁରୁଷର ଭିଟାମାଟିରୁ ତଡ଼ି ଆମକୁ କଲବଲ କରୁଛନ୍ତି। ମଙ୍ଗଳବାର ରାତିରୁ ଅନେକଙ୍କ ଘରେ ଚୁଲି ଜଳିନି। ପିଲା ସବୁ ଉପାସରେ। ବିସ୍କୁଟ ଖାଇ ଦିନଟା ସରିଲା। ନଦୀକୂଳରେ ବହୁତ ହନ୍ତସନ୍ତ ହେଲୁଣି। ଉଚ୍ଛେଦ, ଲକଡାଉନ ଯୋଗୁ କଷ୍ଟରେ ଥିଲୁ। ଏବେ ଅମ୍ଫାନ୍ ବୋଝ ଉପରେ ନଳିତା ବିଡ଼ା ଭଳି ହେଲା।' ଏହା ହେଉଛି ନିମପୁରସ୍ଥିତ ମହାନଦୀ କୂଳରେ ରହୁଥିବା ବିସ୍ଥାପିତ ବସ୍ତିବାସିନ୍ଦାଙ୍କ କ୍ଷୋଭ। ଘର କରିବା ପାଇଁ ଜାଗା ଆଉ ଟଙ୍କା ମିଳିଛି ସତ, ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଓ ଯନ୍ତ୍ରଣାଦାୟକ। ସେମାନେ ଛାତ ନ ଥିବା ଘରେ ରହୁଛନ୍ତି। ମାସେ ହେବ ଖରା ସହିବା ପରେ ଏବେ ଝଡ଼କୁ ମୁଣ୍ଡ ପାତି ଗ୍ରହଣ କରିଛନ୍ତି।

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରାଯିବା ପରିପ୍ରେକ୍ଷୀରେ ତାଳଦଣ୍ଡା କେନାଲ ପାର୍ଶ୍ୱକୁ ୬ ଥାକିଆ ରାସ୍ତାରେ ପରିଣତ କରାଯିବ। ଏଥିପାଇଁ କେନାଲ ପାର୍ଶ୍ୱ ଓ ଏହାର ଆଖପାଖ ବସ୍ତିକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ପରେ ଏହି ବସ୍ତିବାସିନ୍ଦାଙ୍କୁ ନିମପୁରସ୍ଥିତ ମହାନଦୀ କୂଳକୁ ସ୍ଥାନାନ୍ତର କରାଯାଉଛି। କ୍ଷତିପୂରଣ ବାବଦରେ ଜିଲା ପ୍ରଶାସନ ୧୫ ଫୁଟ ଦୈର୍ଘ୍ୟ, ୧୫ ଫୁଟ ପ୍ରସ୍ଥର ଜମି ଓ ୫୦ ହଜାର ଟଙ୍କାର କ୍ଷତିପୂରଣ ଦେଇଛି। କିନ୍ତୁ ଏବେ ବି ଅନେକ ଜମି ଉପରେ କେବଳ ଚାରିକାନ୍ଥ ଛିଡ଼ା ହୋଇଛି। ଛାତ ପଡ଼ିପାରିନି, ରହିଛି ଖୋଲା ଆକାଶ। କାନ୍ଥ ଉଠାଇବା ବାବଦରେ ସବୁ ଖର୍ଚ୍ଚ ହେଲାଣି। ଆଜବେଷ୍ଟସ ପକାଇବା ପାଇଁ ବି ଟଙ୍କା ନାହିଁ। ମଙ୍ଗଳବାର ଅପରାହ୍ଣରୁ ଲଗାଣ ବର୍ଷା ଯୋଗୁ ୪୦ରୁ ଅଧିକ ପରିବାର ପ୍ରଭାବିତ ହୋଇଛନ୍ତି। ପିଲାଙ୍କୁ ନେଇ ରହୁଥିବା ଏହି ବାସିନ୍ଦା ଏବେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। କେତେକ କାନ୍ଥ ଭିତରେ ପାଲ ଟାଣି ରହୁଛନ୍ତି। ପାନୀୟ ଜଳର ବ୍ୟବସ୍ଥା ନାହିଁ। ୪୦୦ ପରିବାର କେମିତି ଚଳିବେ ତାହାର ବ୍ୟବସ୍ଥା ପ୍ରଶାସନ କରିନାହାନ୍ତି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ୨୦୦ରୁ ଅଧିକ ଘର ଅନ୍ଧାରରେ ରହିଛି। ନଦୀପଠାରେ ଘର ହୋଇଥିବାରୁ ରାତିରେ ସାପର ଭୟ ରହୁଛି।



ବାତ୍ୟାରେ ପ୍ରଭାବିତ ହୋଇଥିବା ବିସ୍ଥାପିତ ପରିବାର ପାଲ ତଳେ ଆଶ୍ରୟ ନେଇଛନ୍ତି ।

**ସେମାନେ କୁହନ୍ତି...**



"ଜିଲା ପ୍ରଶାସନ ଏଠାକୁ ସ୍ଥାନାନ୍ତର କରି ଆମକୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି। ଘର କାମ ଅଧାପନ୍ତରିଆ ହୋଇ ପଡ଼ିଥିବାବେଳେ ବାତ୍ୟାର ଭୟ ମନରେ ଥିଲା। ନଦୀକୂଳ ହୋଇଥିବାରୁ ରାତିରେ ଜୋର୍‌ରେ ପବନ ହେଉଥିଲା। ବାତ୍ୟା ପୂର୍ବରୁ ଆମର ଭଲମନ୍ଦ ବୁଝିବାକୁ କେହି ଆସିଲେନି।

– ବାସନ୍ତୀ ନାୟକ



"ବସ୍ତିରେ ବିଜୁଳି ନାହିଁ। ସନ୍ଧ୍ୟା ହେଲେ ସବୁଆଡ଼େ ଅନ୍ଧାର। ଅନେକ ଥର ଏହି ସମସ୍ୟା ପାଇଁ ବିଦ୍ୟୁତ୍ ବିଭାଗ ଅଫିସକୁ ଦୌଡ଼ିବାକୁ ପଡୁଛି। ମାତ୍ର କେହି ବି କଥା ଶୁଣୁନାହାନ୍ତି। ଘର କାମ ଅଧା ଥିବାରୁ ଜରିପାଲ ବାନ୍ଧି ରହିବାକୁ ପଡୁଛି।

– ବିଷ୍ଣୁ ନାୟକ

## ଜଳବନ୍ଦୀ ଅଞ୍ଚଳ ବୁଲିଲେ ଜିଲାପାଳ

**କଟକ ଅଫିସ,୨୦।୫**

କଟକ ସହରରେ ସାମୁଦ୍ରିକ ବାତ୍ୟା 'ଅମ୍ଫାନ୍'ର ବିଶେଷ ପ୍ରଭାବ ବୁଧବାର ଦେଖିବାକୁ ମିଳିନାହିଁ। ସକାଳୁ ସକାଳୁ ପବନର ବେଗ ଅଧିକ ଥିଲେ ମଧ୍ୟ ଧୀରେଧୀରେ ଏହା କମିବାରେ ଲାଗିଥିଲା। ବର୍ଷାର ପରିମାଣ ମଧ୍ୟ କମ୍ ଥିଲା। ଦିନ ତମାମ୍ ହାଲୁକା ବର୍ଷା ହୋଇଥିଲା। ପବନ ଯୋଗୁ ଦୋଳମୁଣ୍ଡାଇ ଛକ ଓ ସିଟି ହସ୍‌ପିଟାଲ୍ ପାଖରେ ଗଛଡାଳ ଭାଙ୍ଗି ରାସ୍ତାରେ ପଡ଼ିଛି। ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତା ସଫା କରିଛନ୍ତି।

ସହରର ଅଳ୍ପ କିଛି ତଳି ଅଞ୍ଚଳକୁ ଛାଡ଼ିଲେ ଅନ୍ୟ କୌଣସି ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇନାହିଁ। ଜିଲାପାଳ ଭବାନୀ ଶଙ୍କର ଚୟନୀ ସହରର ବିଭିନ୍ନ ସ୍ଥାନ ବୁଲି ସ୍ଥିତି ତନଖିଛନ୍ତି। ବାଦାମ୍‌ବାଡ଼ି, ରକ୍ସି ଲେନ୍, କେଶରପୁର, ରାଉସପାଟଣା, ପଟାପୋଲ ଅଞ୍ଚଳକୁ ଯାଇ ଜଳବନ୍ଦୀଙ୍କ ସମସ୍ୟା ଅନୁଧ୍ୟାନ କରିବା ସହ ନାଳ ସଫା କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚୟନୀ ସିଟି ହସ୍‌ପିଟାଲ୍ ମଧ୍ୟ ପରିଦର୍ଶନ କରିଛନ୍ତି।

## ଗଛ ଭାଙ୍ଗିଲା, ଛପର ଉଡ଼ିଲା

**ପିପିଲି/ଅସ୍ତରଙ୍ଗ,୨୦।୫(ଡି.ଏନ୍.ଏ.)**

ଅମ୍ଫାନ ପ୍ରକୋପରେ ମଙ୍ଗଳବାରଠାରୁ ପିପିଲି ତଥା ଏହାର ଆଖପାଖ ଅଞ୍ଚଳରେ ବର୍ଷା, ପବନ ହୋଇଛି। ଫଳରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହ କେତେକ କଚ୍ଚା ଘରର ଛପର ସମ୍ପୂର୍ଣ୍ଣ ଉଡ଼ିଯାଇଛି। ବୁଧବାର ଅପରାହ୍ଣରେ ବର୍ଷା ପବନ କମିବା ପରେ ସାହିରେ ଲୋକେ ଛପର ଉପରେ ପଲିଥିନ ବାନ୍ଧିଛନ୍ତି। ବର୍ଷାପବନ ଯୋଗୁ ବୁଧବାର ଦୋକାନ ବଜାର ସବୁ ବନ୍ଦ ରହିଥିଲା। ଅନ୍ୟପଟେ ବିଦ୍ୟୁତ ସେବା ବ୍ୟାହତ ହୋଇଥିବାବେଳେ ଯାହାକି ବୁଧବାର ସନ୍ଧ୍ୟା ସୁଦ୍ଧା ସ୍ୱାଭାବିକ ହୋଇପାରି ନାହିଁ। ବର୍ଷାରେ ପିପିଲି ପୌରାଞ୍ଚଳର ବିଭିନ୍ନ ତଳି ଅଞ୍ଚଳ ବୁଡ଼ିଯିବା ସହ ଏକାଧିକ ସାହି ରାସ୍ତାରେ ପାଣି ଜମା ହୋଇ ରହିଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳରେ ଥିବା ବ୍ୟାପକ ଫସଲ ମଧ୍ୟ ନଷ୍ଟ ହୋଇଛି। ସେହିପରି ଅସ୍ତରଙ୍ଗ ଅଞ୍ଚଳରେ ମଧ୍ୟ ବାତ୍ୟା ଯୋଗୁ ମାଟି କାନ୍ଥ ଭୁଶୁଡ଼ିବା ସହ ଗଛ, ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗିଯାଇଛି। ଦିନ ତମାମ ବର୍ଷା ପବନ ଲାଗିରହିଥିବାରୁ ବିଭିନ୍ନ ପନିପରିବା ଜମି, ବିଲବାଡ଼ି ଜମି ବୁଡ଼ି ଯାଇଥିବାବେଳେ ସହନ ଗ୍ରାମର ଅନନ୍ତ ବେହେରାଙ୍କ ପାନ ବରଜ ନଷ୍ଟ ହୋଇଯାଇଛି।

## ୨ ବ୍ଲକରେ ୩୮୯୪ ଜଣ ଥଇଥାନ

**ନିଶ୍ଚିନ୍ତକୋଇଲି(ସ୍ୱ.ପ୍ର.)/ ସାଲେପୁର(ଡି.ଏନ୍.ଏ.), ୨୦।୫**

ଅମ୍ଫାନ୍‌ରୁ ସୁରକ୍ଷା ଦେବା ନିମନ୍ତେ ପ୍ରଶାସନ ପକ୍ଷରୁ ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକର ୩୮୯୪ ଜଣଙ୍କୁ ଥଇଥାନ କରାଯାଇଥିଲା। ବାତ୍ୟା ଯୋଗୁ ନିଶ୍ଚିନ୍ତକୋଇଲିର ୩୦ ପଞ୍ଚାୟତରେ ଗମନାଗମନ ଠପ୍ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସୁରକ୍ଷା ନିମନ୍ତେ ବ୍ଲକରେ ଥିବା ୧୦୦ ଆଶ୍ରୟସ୍ଥଳରେ ୨୪୯୪ ଜଣଙ୍କୁ ବିସ୍ଥାପିତ କରାଯାଇଛି। ସେମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ବାତ୍ୟାରେ ଲୁଣା-ଚିତ୍ରୋତ୍ପଳା ଓ ମହାନଦୀ-ଚିତ୍ରୋତ୍ପଳା ନଦୀ ଅବବାହିକାରେ ଥିବା ପଞ୍ଚାୟତଗୁଡ଼ିକରେ ବହୁ କ୍ଷତି ଘଟିଛି। ଏଥିରେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ସଂଲଗ୍ନ ଥିବା ପଞ୍ଚାୟତଗୁଡ଼ିକ ପ୍ରଭାବିତ ହୋଇଛି। ବିଶେଷ କରି ବନ୍ଧୁପୁର, କଳମିଶ୍ରୀ, ଦନାର୍ଦ୍ଦନପୁର ଓ ବନ୍ଧକାଟିଆ ଆଦି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ସେହିପରି ସାଲେପୁର ବ୍ଲକର ବିଭିନ୍ନ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରରେ ବାତ୍ୟା ପୂର୍ବରୁ ୧୪୦୦ ଜଣଙ୍କୁ ଥଇଥାନ କରାଯାଇଥିଲା। ବାତ୍ୟା ଛାଡିବା ପରେ ଜିଲାପ୍ରଶାସନର ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଛାଡି ଦିଆଯାଇଛି।

## ବାତ୍ୟା ପରବର୍ତ୍ତୀ ସ୍ଥିତି ପରଖିଲେ ମନ୍ତ୍ରୀ

**ନିମାପଡ଼ା/ଗୋପ,୨୦।୫(ଡି.ଏନ୍.ଏ.)**

ଗୋପ ଓ ନିମାପଡ଼ାରେ କିଛି ମାତ୍ରାରେ ବାତ୍ୟାର ପ୍ରଭାବ ପଡ଼ିଥିଲା। ଏ ନେଇ ଗଣ ଶିକ୍ଷାମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ବାତ୍ୟାର ପୂର୍ବ ଓ ପରବର୍ତ୍ତୀ ସ୍ଥିତି ନିମାପଡ଼ା ଓ ଗୋପ ଅଞ୍ଚଳକୁ ଯାଇ ପରଖିଛନ୍ତି। ମନ୍ତ୍ରୀ ଦାଶଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାତିରୁ ବୁଧବାର ପର୍ଯ୍ୟନ୍ତ ନିମାପଡ଼ାର ୧୨ଶହ ୧୫ଲୋକଙ୍କୁ ବିଭିନ୍ନ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇଥିବାବେଳେ ଧଳେଶ୍ୱର, ଅରିକ୍ଷଣ୍ଣ, କଳାପାଞ୍ଚଣ ପଞ୍ଚାୟତର ଆଶ୍ରୟସ୍ଥଳରେ ରହିଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ପରେ ମନ୍ତ୍ରୀ ଦାଶ ନିମାପଡ଼ାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଅଗ୍ନିଶମ ସେବା ସଂସ୍ଥାର କର୍ମୀମାନଙ୍କୁ ନେଇ ରାସ୍ତାରେ ପଡ଼ିଥିବା ଗଛ କାଟିବା ସହ ବିଦ୍ୟୁତ୍ ଖୁଣ୍ଟ ଉଠାଇଥିଲେ। ସେହିପରି ମଙ୍ଗଳବାର ରାତିରେ ମନ୍ତ୍ରୀ ଦାଶ ଗୋପ ତହସିଲ ଅଫିସରେ ପହଞ୍ଚି ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ କହିବା ପରେ ବନ୍ତଳିଗ୍ରାମ ପଞ୍ଚାୟତ ଦଶମାଣ ଗ୍ରାମରେ ଥିବା ୨୩ ପରିବାର, ଗଣେଶ୍ୱରପୁର ପଞ୍ଚାୟତର ୨୦, ଡଭାର ପଞ୍ଚାୟତର ୧୮ପରିବାରକୁ ସ୍ଥାନାନ୍ତର କରିଥିଲେ।

## ହାର୍ଡୱେର ବୋର୍ଡ ଲଗାଇ ଗଞ୍ଜେଇ ବେପାର

**ଭୁବନେଶ୍ୱର,୨୦।୫ (ବ୍ୟୁରୋ)**

- ୩.୭ କେଜି ଗଞ୍ଜେଇ, ୬.୪୫ ଲକ୍ଷ ଟଙ୍କା ସହ ସୁନା ଜବତ
- ଦୋକାନୀ ଗିରଫ

ଆଗରେ ଲାଗିଛି ହାର୍ଡୱେର୍ ଦୋକାନର ବୋର୍ଡ, ହେଲେ ଭିତରେ ଚାଲିଛି ଚୋରା ଗଞ୍ଜେଇ ବେପାର। ଲକ୍‌ଡାଉନ୍ କଟକଣାକୁ ଖାତିର ନ କରି ଏହି କାରବାର ଚାଲିଥିବାବେଳେ ଗ୍ରାହକଙ୍କର ଭିଡ଼ ବି ଜମୁଥିଲା। ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗର ଅନୁମାନ ମନ୍ଦିର ନିକଟ ପ୍ଲଟ୍ ନଂ.୫୮ରେ ଏଭଳି ଅଭିନବ ଉପାୟରେ ଚାଲିଥିଲା ବେଆଇନ ବେପାର। ମଙ୍ଗଳବାର ରାତିରେ ପୋଲିସ ଉକ୍ତ ଦୋକାନରେ ଚଢାଉ କରି ୩.୭ କେଜି ଗଞ୍ଜେଇ ଜବତ କରିବା ସହ ଏକ ଦିଶ ଡବାରୁ ୬ଲକ୍ଷ ୪୫ ହଜାର ଟଙ୍କା ଓ ସୁନା ଗହଣା ଜବତ କରିଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ଭାସ୍କର ପ୍ରଧାନ (୫୧) ବୋଲି ଥାନାଧିକାରୀ ଥାନା ଅଧିକାରୀ ରଶ୍ମୀରଞ୍ଜନ ମହାପାତ୍ର କହିଛନ୍ତି। ଭାସ୍କର ଫୁଲବାଣୀରୁ ଗଞ୍ଜେଇ ଆଣି ଉକ୍ତ ଦୋକାନରେ ରଖି ବିକ୍ରି କରନ୍ତି। ଦୋକାନ ଭିତରେ କୌଣସି ହାର୍ଡୱେର ସାମଗ୍ରୀ ନ ଥିବାବେଳେ ଆଗରେ ସବୁବେଳେ ଶଟର ପଡିଥାଏ।

## ଭୁବନେଶ୍ୱରରେ ଖୋଲିବ ଚା' କଫି ଦୋକାନ

**ଭୁବନେଶ୍ୱର, ୨୦।୫ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଚା' କଫି ଦୋକାନ ଖୋଲିବାକୁ ଅନୁମତି ମିଳିଛି। ବିଏମ୍‌ସି ଲକ୍‌ଡାଉନ୍ ୪.୦ ସଂକ୍ରାନ୍ତରେ ଜାରି କରିଥିବା ନୂଆ ନିର୍ଦ୍ଦେଶନାମାକୁ ନେଇ ଜଣେ ମହିଳାଙ୍କ ପ୍ରଶ୍ନର ଉତ୍ତର ଦେଇ ଏହା ଜଣାଇଛନ୍ତି। ଓମ୍‌ଫେଡ ଷ୍ଟଲ ଓ ଅନ୍ୟ ଚା' କଫି ଦୋକାନରେ ବ୍ୟବସାୟୀ ଚା' କଫି ତିଆରି କରି ବିକ୍ରି କରିପାରିବେ। ହେଲେ ଗ୍ରାହକ ସେଠାରେ ଛିଡ଼ା ହୋଇ ପିଇ ପାରିବେ ନାହିଁ।



ଅମ୍ଫାନ ପ୍ରଭାବରେ ବର୍ଷାଯୋଗୁ ବୁଧବାର ପୁରୀ ରଥଖଳାରେ ନିର୍ମାଣ କାମ ବନ୍ଦ ରହିଛି ।

# ପୁରୀ: ଆକ୍ରାନ୍ତଙ୍କ ସଂଖ୍ୟା ୪୪ ଛୁଇଁଲା

**ଆଶଙ୍କାରେ ରଥଯାତ୍ରା**

**ପୁରୀ ଅଫିସ/ କଣାସ(ସ୍ୱ.ପ୍ର.)/ ବ୍ରହ୍ମଗିରି (ଡି.ଏନ.ଏ),୨୦।୫:**

ପୁରୀ ଜିଲାରେ କରୋନା ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ବୁଧବାର ନୂଆ ୧୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଣାସ ବ୍ଲକର ୭, ବ୍ରହ୍ମଗିରି ବ୍ଲକର ୩ ଏବଂ କୃଷ୍ଣପ୍ରସାଦ ବ୍ଲକର ଜଣେ ରହିଛନ୍ତି। ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ଛୁଇଁଛି।

ଫଳରେ ଅର୍ଦ୍ଧଶତକମୁହାଁ ହେଉଛି ପୁରୀ। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୩ଜଣ ସୁସ୍ଥ ହୋଇଥିବା ବେଳେ ଏବେ ୪୧ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂଆ ଆକ୍ରାନ୍ତମାନେ ସମସ୍ତେ କ୍ୱାରାଣ୍ଟାଇନରେ ଥିଲେ ବୋଲି ସୂଚନା ମିଳିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗତ ୧୧ ଦିନରେ ଜିଲାରୁ ୪୩ ଆକ୍ରାନ୍ତ ଚିହ୍ନଟ ହେଲେଣି, ଯାହାକୁ ନେଇ ପ୍ରଶାସନଠାରୁ ଆରମ୍ଭ କରି ଜିଲାବାସୀଙ୍କ ଚିନ୍ତା ବଢିଯାଇଛି। ଅନ୍ୟପକ୍ଷରେ ରାଜ୍ୟ ଏବଂ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ଆଶଙ୍କା ବଢୁଛି। ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଏପ୍ରିଲ ୩ରେ ପିପିଲି ବ୍ଲକରେ ଚିହ୍ନଟ ହୋଇଥିଲେ। ଏହାପରେ ୩୭ଦିନ ପର୍ଯ୍ୟନ୍ତ ଜିଲାରେ ଆକ୍ରାନ୍ତ ଚିହ୍ନଟ ନ ହେବାରୁ ପୁରୀ ଗ୍ରୀନ୍ ଜୋନରେ ରହିଥିଲା। ମାତ୍ର ଗତ ୧୦ ତାରିଖ ପରଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଛି। ମେ ୧୦ ରେ ପୁରୀ ସହର ରେଣୁକା ଗଳିରୁ ୨ଜଣ, ୧୨ରେ ଗୋପ ବ୍ଲକରୁ ଜଣେ, ୧୫ରେ କଣାସ ବ୍ଲକରୁ ୧୦ଜଣ, ୧୬ରେ ଅସ୍ତରଙ୍ଗ ଏବଂ କାକଟପୁର ବ୍ଲକର ୨ଜଣ ଲେଖାଏ, ୧୭ରେ ୧୧ଜଣ ଏବଂ ୧୯ ତାରିଖରେ ୪ଜଣ ଚିହ୍ନଟ ହୋଇଥିଲେ। ବୁଧବାର ୧୧ ଜଣ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ ଭୁବନେଶ୍ୱର କୋଭିଡ ହସ୍‌ପିଟାଲକୁ ପଠାଯାଇଛି। ପୂର୍ବରୁ ପିପିଲି ଦାନଗହୀର ଅଞ୍ଚଳର ଆକ୍ରାନ୍ତ ବ୍ୟକ୍ତି ସୁସ୍ଥ ହୋଇଥିଲେ। ବୁଧବାର ପୁରୀ ଟାଉନ୍‌ରୁ ୨ଜଣ ସୁସ୍ଥ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଅନ୍ୟପକ୍ଷରେ ରଥଯାତ୍ରାକୁ ଆହୁରି ମାସେ ସମୟ ଥିଲେ ମଧ୍ୟ ଜୁନ୍ ଶେଷ ଆଡ଼କୁ କରୋନା ପ୍ରକୋପ ଅଧିକ ହୋଇପାରେ। ଏଭଳି ସ୍ଥିତିରେ ରଥଯାତ୍ରା ଆୟୋଜନ ନେଇ ଆଶଙ୍କା ଦେଖାଦେଇଛି।

# ଖୋର୍ଦ୍ଧା: ଚିହ୍ନଟ ହେଲେଣି ୭୧ ଆକ୍ରାନ୍ତ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ/ଜଟଣୀ/ବେଗୁନିଆ (ଡି.ଏନ୍.ଏ),୨୦।୫:**

- ଏମ୍‌ସରେ ବେଗୁନିଆର ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ
- ଜଟଣୀରେ ଗର୍ଭବତୀଙ୍କଠାରେ ପଜିଟିଭ ମିଳିଲା

ଖୋର୍ଦ୍ଧା ଜିଲାରେ ବୁଧବାର ୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୧ ଛୁଇଁଛି। ୭ଆକ୍ରାନ୍ତଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ବେଗୁନିଆ ବ୍ଲକ ଡିଙ୍ଗର ଗ୍ରାମର ୭୦ବର୍ଷୀୟ ପୁରୁଷ ବୋଲି ଜଣାପଡ଼ିଛି। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଡିଙ୍ଗର ସରପଞ୍ଚ ଶିବ ପ୍ରସାଦ ଦାସ ଜିଲାପାଳ କ୍ଷମତା ପ୍ରୟୋଗ କରି ବୁଧବାର ଅପରାହ୍ଣଠାରୁ ଶନିବାର ଅପରାହ୍ଣ ପର୍ଯ୍ୟନ୍ତ ୭୨ଘଣ୍ଟା ପାଇଁ ଡିଙ୍ଗର ଗ୍ରାମକୁ ଶଟଡାଉନ୍ ଘୋଷଣା କରିଛନ୍ତି। ସେହିପରି ବିଡିଓ ରଶ୍ମିରେଖା ଦାସଙ୍କ ନେତୃତ୍ୱରେ ବୋଡଲମା ଓ ଡିଙ୍ଗର ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଡିଙ୍ଗର ଗ୍ରାମକୁ ଯାଇ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରିଛନ୍ତି।

ଅନ୍ୟ ୬ ଆକ୍ରାନ୍ତଙ୍କ ମଧ୍ୟରେ ଟାଙ୍ଗୀ ବ୍ଲକ ଲେଣ୍ଡୁ ପଞ୍ଚାୟତର ୩ ଓ ସରପାରି ଗ୍ରାମର ଜଣେ ରହିଛନ୍ତି। ସେହିପରି ଖୋର୍ଦ୍ଧା ବ୍ଲକ ଓବରସିଂହ ଗ୍ରାମର ଜଣେ ଗର୍ଭବତୀ ମହିଳା ଓ ଜଟଣୀ ପୌରପରିଷଦ ଅଧୀନ ଗଜପତିନଗର ଅଞ୍ଚଳର ଜଣେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ସମସ୍ତ ଆକ୍ରାନ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ସେମାନଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ୍-୧୯ ହସ୍ପିଟାଲକୁ ପଠାଯାଇଛି। ବୁଧବାର ସୁଦ୍ଧା ଟାଙ୍ଗୀ ବ୍ଲକରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ ଓ ଖୋର୍ଦ୍ଧା ଉପଖଣ୍ଡରେ ୧୫ ହୋଇଛି। ସେମାନଙ୍କ ମଧ୍ୟରେ ବେଗୁନିଆର ୨, ଚିଲିକାର ୨, ବାଣପୁରର ୨ ଏବଂ ଖୋର୍ଦ୍ଧା ଟାଉନର ଜଣେ ରହିଛନ୍ତି। ଖୋର୍ଦ୍ଧା ବ୍ଲକର ଯେଉଁ ଗର୍ଭବତୀ ମହିଳାଙ୍କଠାରେ କରୋନା ପଜିଟିଭ ମିଳିଛି, ସେହି ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାବ୍ ପରୀକ୍ଷା କରାଯିବ। କ୍ୱାରାଣ୍ଟାଇନ ସେଣ୍ଟରକୁ ସାନିଟାଇଜ କରାଯିବା ସହ ପ୍ରବାସୀ ଓଡ଼ିଆଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତ୍ୱରାନ୍ୱିତ କରାଯିବାକୁ ପରାମର୍ଶ ଦିଆଯାଇଥିବା ଜିଲାପାଳ ସୀତାଂଶୁ କୁମାର ରାଉତ କହିଛନ୍ତି। ସେହିପରି ଜଟଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କହିଛନ୍ତି, କରୋନା ଆକ୍ରାନ୍ତ ବ୍ୟକ୍ତି ଜଣକ ଗଜପତି ନଗର ଅଞ୍ଚଳରେ ଭଡ଼ାଘରେ ପରିବାର ସହିତ ରହୁଥିଲେ। ଗତ ୧୦ତାରିଖରେ ସେ ପଶ୍ଚିମବଙ୍ଗରୁ ଫେରିଥିଲେ। ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଟାଉନ୍ ହଲ୍ ପରିସର ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ରଖାଯାଇଥିଲା। ୧୫ ତାରିଖରେ ତାଙ୍କ ସ୍ୱାବ୍ ଟେଷ୍ଟ ପାଇଁ ଭୁବନେଶ୍ୱର ପଠାଯାଇଥିଲା। ଟେଷ୍ଟରେ ଏହା ପଜିଟିଭ୍ ବାହାରିଥିଲା। ଜଟଣୀ ଅଞ୍ଚଳରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଏହା ପ୍ରଥମ।

## ସଂକ୍ଷେପରେ

### ଜିଲାରେ ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ, ୨୦।୫:** କେନ୍ଦ୍ରାପଡ଼ା ଜିଲାରେ ୨ କରୋନା ଆକ୍ରାନ୍ତ ବୁଧବାର ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୪୦ରେ ପହଞ୍ଚିଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇ କହିଛନ୍ତି, ଆକ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବେଙ୍ଗାଲୁରୁ ଓ ଅନ୍ୟ ଜଣେ ତେଲଙ୍ଗାନାରୁ ଫେରିଥିଲେ। ଦୁଇ ଆକ୍ରାନ୍ତ ବ୍ୟକ୍ତି ସଙ୍ଗରୋଧ କେନ୍ଦ୍ରରେ ରହିଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନାହିଁ। ଆକ୍ରାନ୍ତ ଦ୍ୱୟଙ୍କୁ କଟକ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସେହିପରି ସଙ୍ଗରୋଧ କେନ୍ଦ୍ରରେ ରହିଥିବା ୩୭ ଜଣଙ୍କ ସ୍ୱାବ୍ ଟେଷ୍ଟିଂ ପାଇଁ ଲାବ୍‌କୁ ପଠାଯାଇଛି। ସୂଚନାଯୋଗ୍ୟ ଯେ, ଏହି ୪୦ ଆକ୍ରାନ୍ତଙ୍କ ମଧ୍ୟରୁ ମୋଟ ୮ ଜଣ ସୁସ୍ଥ ହୋଇଛନ୍ତି।

### ଅମାନିଆଙ୍କଠାରୁ ୧୦ ହଜାର ଜରିମାନା ଆଦାୟ

**ଖଣ୍ଡପଡ଼ା,୨୦।୫(ସ୍ୱ.ପ୍ର.):** ନିକଟରେ ନୟାଗଡ ଜିଲା ଗଣିଆ ବ୍ଲକ୍‌ରେ ୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ କଣ୍ଟିଲୋ ପୋଲିସ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏପରି ସମୟରେ ମାସ୍କ ବ୍ୟବହାର କରୁ ନ ଥିବା ୫୦ଜଣ ଅମାନିଆଙ୍କଠାରୁ ବୁଧବାର ପୋଲିସ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

### ଭୁଲିଗଲେ ମାନବିକତା: ଭାଙ୍ଗିଦେଲେ ଦୃଷ୍ଟିହୀନଙ୍କ ଘର

**ନୟାଗଡ଼ ଅଫିସ/ରଣପୁର, ୨୦।୫(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକ ବାପୁଜୀପଲ୍ଲୀରେ ଜଣେ ଦୃଷ୍ଟିହୀନଙ୍କ ଘରକୁ ମଙ୍ଗଳବାର କେତେକ ଲୋକ ଭାଙ୍ଗି ଦେଇଛନ୍ତି। ଫଳରେ ବାସହରା ହୋଇପଡିଛନ୍ତି ଦୃଷ୍ଟିହୀନ ମହେଶ୍ୱର ମହାନ୍ତିଙ୍କ ପରିବାର। ମହେଶ୍ୱରଙ୍କ ସୂଚନା ଅନୁସାରେ ଦର୍ପନାରାୟଣପୁର ଫାଣ୍ଡି ସମ୍ମୁଖରେ ଥିବା ତାଙ୍କ ଜମିରେ ଏକ କୁଡିଆ କରି ପରିବାର ସହ ରହିଆସୁଥିଲେ। ହେଲେ ତାଙ୍କ ଦୃଷ୍ଟିହୀନତାର ସୁଯୋଗ ନେଇ କେତେକ ଲୋକ ଉକ୍ତ ଜମିକୁ ନିଜ ନାଁରେ କରାଇ ନେଇ ସେଠାରୁ ବାହାର କରିବାକୁ ଚକ୍ରାନ୍ତ ଚଳାଇଥିଲେ। ଏ ନେଇ ମହେଶ୍ୱର ପୋଲିସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇ ନ ଥିଲେ। ପୋଲିସ ବାସହୀନ କରାଉଥିବା ଲୋକଙ୍କୁ ସହଯୋଗ କରୁଛି। କରୋନା ସମୟରେ ମୋ ପରି ଜଣେ ଭିନ୍ନକ୍ଷମଙ୍କୁ ଘରୁ କାଢ଼ିଦେବା କି ପ୍ରକାର ମାନବିକତା ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ନେଇ ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ଶଶିକାନ୍ତ ଶତପଥୀ କୁହନ୍ତି, ଆମପାଖରେ ସେଭଳି କିଛି ଅଭିଯୋଗ ହୋଇ ନାହିଁ।

# ଅଣନିଃଶ୍ୱାସୀ କରୁଛି ବିଷାକ୍ତ ଧୂଳିଧୂଆଁ

**ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ.ଏ.),୨୦।୫**



**କଳିଙ୍ଗନଗର ମାନପୁର ସାଇଡିଂ**
- ବାୟୁ ପ୍ରଦୂଷଣ ଯୋଗୁ ଅକାଳରେ ଜୀବନ ହରାଉଛନ୍ତି ଲୋକେ
- ନିରର୍ଥକ ହେଉଛି ଅଭିଯୋଗ

କଳିଙ୍ଗନଗରସ୍ଥିତ ବିଭିନ୍ନ କାରଖାନା ପାଇଁ ଅଷ୍ଟ୍ରେଲିଆରୁ କୋଇଲା ଆମଦାନୀ କରାଯାଇ ମାନପୁର ସାଇଡିଂରେ ଅନ୍‌ଲୋଡ କରାଯାଉଥିବା ବେଳେ ଏବେ ସେଠାରେ ଏକାଧିକ ସିମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ହେବା ପରେ ବିଦେଶରୁ ଜିପସମ, କ୍ଲିଙ୍କର ଆଦି କଞ୍ଚାମାଲ ଆମଦାନୀ କରାଯାଇ ସେହି ସାଇଡିଂରେ ଅନଲୋଡ୍ କରାଯାଉଛି। ଫଳରେ ସାଇଡିଂରୁ ନିର୍ଗତ ବିଷାକ୍ତ ଧୂଳିଧୂଆଁ ଅଞ୍ଚଳବାସୀଙ୍କୁ ଅଣନିଃଶ୍ୱାସୀ କରିପକାଉଛି। ଏଥିଯୋଗୁ ଅନେକ ଲୋକଙ୍କ ଜୀବନ ଯାଉଥିବା ବେଳେ ଏ ନେଇ ଏକାଧିକ ଥର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କିଛି ସୁଫଳ ମିଳି ନ ଥିବା ଧୂଳିଗଡ଼ ସରପଞ୍ଚ ମୀନାରାଣୀ ବେହେରା କହିଛନ୍ତି।

୨୦୧୮ ଅଗଷ୍ଟରେ ମାନପୁର, ମାନଗୋବିନ୍ଦ, ସୁଆଁଲୋ, ମୁଣ୍ଡାସାହି, ଗୌଡସାହି, ନୀଳପଦା ପ୍ରଭୃତି ଗ୍ରାମରେ ଲୋକେ ଧୂଳିଧୂଆଁ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଥିଲା। ଏହାପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପତ୍ରସଂଖ୍ୟା ୧୭୯୮/୧୩।୮।୨୦୧୮ ରେଳ ସାଇଡିଂ ବିଭାଗକୁ ତାଗିଦ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ସାଇଡିଂରେ ପାଣି ସିଞ୍ଚନ, ଇନଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ଆଦି ସଂସ୍ଥା ପକ୍ଷରୁ ଲଗାଯାଇନାହିଁ। ଫଳରେ କୋଇଲା, ଜିପସମ, କ୍ଲିଙ୍କର ଆଦି ବିଷାକ୍ତ ଦ୍ରବ୍ୟ ବର୍ଷାପାଣିରେ ଧୋଇ ହୋଇ ଆଖପାଖ ପ୍ରାୟ ୪୦୦ଏକର ଚାଷ ଜମିର ଉର୍ବରତାକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଏପରିକି ସରପଞ୍ଚ ବେହେରା କହିଛନ୍ତି, ଜିପସମ, କୋଇଲାଗୁଣ୍ଡ ଆଦି ଉଡୁଥିବାରୁ ବୟସ୍କ ଓ ଛୋଟ ପିଲା ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ଭୋଗୁଥିବା ବେଳେ ଅନେକ ସମୟରେ ଲୋକମାନଙ୍କର ଆଖି ପୋଡୁଛି। ଅନ୍ୟପଟେ ଉକ୍ତ ସାଇଡିଂର ୧୦୦ ମିଟର ଦୂରତା ମଧ୍ୟରେ ମାନଗୋବିନ୍ଦ ହାଇସ୍କୁଲ ଓ ଉ.ପ୍ରା. ବିଦ୍ୟାଳୟ ରହିଛି। ତେଣୁ ଉକ୍ତ ସ୍କୁଲରେ ପାଠ ପଢ଼ିବାକୁ ପିଲାଙ୍କୁ ଅଭିଭାବକମାନେ ଛାଡୁନାହାନ୍ତି। କମ୍ପାନୀ ସହ ଜିଲା ପ୍ରଶାସନ ଓ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କ ସଲାସୁତରା ଯୋଗୁ ଏ ନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ବି କିଛି ପଦକ୍ଷେପ ନିଆଯାଉ ନ ଥିବା ସରପଞ୍ଚ ବେହେରା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୨ବର୍ଷ ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଦୁଇଟି କମ୍ପାନୀ ସିମେଣ୍ଟ ଉତ୍ପାଦନ ଆରମ୍ଭ କରିଛି। ଏଥିପାଇଁ ଥାଇଲାଣ୍ଡ, ଚାଇନା ଏବଂ ଇଣ୍ଡୋନେସିଆରୁ କ୍ଲିଙ୍କର ଓ ଫର୍ଟିଲାଇଜର ଇଣ୍ଡଷ୍ଟ୍ରିଜ ପାଇଁ ବିଦେଶରୁ ଜିପସନ ଆମଦାନି କରାଯାଉଛି। ସାମୁଦ୍ର ପଥ ଓ ରେଳପଥ ଦେଇ କଞ୍ଚାମାଲ ମାନପୁର ସାଇଡିଂରେ ଅନଲୋଡ୍ ହେଉଛି। ଫଳରେ ଉକ୍ତ ସାଇଡିଂରୁ ନିର୍ଗତ ଧୂଳିଧୂଆଁ ପ୍ରଭାବରେ ଗତ ୫ ବର୍ଷରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ବିଡମ୍ବନା ଯେ, ଏଥିଯୋଗୁ ଦୁଃଖ ଭୋଗୁଛନ୍ତି କେତେକ ଅପ୍ରାପ୍ତ ବୟସ୍କା ମହିଳା। ସ୍ୱାମୀଙ୍କୁ ହରାଇ ୬୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ପିଲାଛୁଆଙ୍କୁ ଧରି ଅଭାବ ଅନାଟନରେ କାଳାତିପାତ କରୁଛନ୍ତି। ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦିଆଯାଉଥିବା ସରକାର ଦାବି କରୁଥିବା ବେଳେ ଏହା ମାନପୁର ସାଇଡିଂର ଆଖପାଖ ଗ୍ରାମବାସୀଙ୍କୁ ପୋଡ଼ା ଘାଆରେ ଲୁଣ ମିଶାଇବା ସଦୃଶ ହୋଇଛି। ଆବଶ୍ୟକ ସୁଉଚ୍ଚ ପାଚେରି, ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟି କରାଯାଉ ନ ଥିବାରୁ ଅଞ୍ଚଳ ପ୍ରଦୂଷଣରେ ବୁଡ଼ି ରହୁଛି ବୋଲି ଅଭିଯୋଗ ହେଉଛି। ଏ ନେଇ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ପୂର୍ବରୁ ଯେଉଁସବୁ ଅଭିଯୋଗ ହୋଇଥିଲା, ସେ ନେଇ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଇତିମଧ୍ୟରେ ଗୋଟିଏ ଇଟିପି ବସି ସାରିଥିବା ବେଳେ ଆଉ ଗୋଟିଏ ନିର୍ମାଣାଧୀନ ରହିଛି। ଏହାସହ ମାନପୁର ସାଇଡିଂରେ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

# ଅମ୍ଫାନ୍: ଯାଜପୁର ଆଂଶିକ ପ୍ରଭାବିତ

**ଯାଜପୁର ଅଫିସ/ ଚଣ୍ଡିଖୋଲ/ରତ୍ନଗିରି/ ବିଞ୍ଝାରପୁର/କୋରେଇ/ ବରୀ (ଡି.ଏନ୍.ଏ./ସ୍ୱ.ପ୍ର.), ୨୦।୫**


ବଡଚଣା ରୋଡରେ ଗଛ ଭାଙ୍ଗିପଡିଛି।

- ହାରାହାରି ୫୦.୯୭ ମିମି ବର୍ଷା
- ୬୬୬ ଗ୍ରାମର ୫,୪୭,୫୨୬ ବ୍ୟକ୍ତି ଆଂଶିକ ପ୍ରଭାବିତ
- ଭାଙ୍ଗିଲା ଶତାଧିକ କଚ୍ଚାଘର

ଦକ୍ଷିଣ ପୂର୍ବବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଅମ୍ଫାନ୍ ଯାଜପୁର ଜିଲାରେ ସେତେଟା ପ୍ରଭାବ ପକାଇପାରିନାହିଁ। ତଥାପି ଭଦ୍ରକ ଓ କେନ୍ଦ୍ରାପଡା ଜିଲା ସୀମାନ୍ତ ବଡଚଣା, ବିଞ୍ଝାରପୁର, ବରୀ, ଦଶରଥପୁର ଓ ଯାଜପୁର ବ୍ଲକ ଅଞ୍ଚଳରେ ଦିନତମାମ ଝିପିଝିପି ବର୍ଷା ଲାଗି ରହିବା ସହିତ ଘଣ୍ଟାପ୍ରତି ୪୦ ରୁ ୫୦ କିମି ବେଗରେ ପବନ ହୋଇଥିଲା। ଏଥିଯୋଗୁ କେତେକ ସ୍ଥାନରେ ଗଛଡାଳ ଭାଙ୍ଗି ପଡିଥିବା ଦେଖାଯାଇଛି।

ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବୁଧବାର ସକାଳ ୮ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ହରାହାରି ୫୦.୯୭ ମି.ମି. ବର୍ଷା ରେକର୍ଡ ହୋଇଛି। ଏଥିମଧ୍ୟରେ ଯାଜପୁର ବ୍ଲକରେ ୫୦ମି.ମି., ବିଞ୍ଝାରପୁରରେ ୫୨ମି.ମି., ଦଶରଥପୁରରେ ୩୮ମି.ମି., କୋରେଇରେ ୪୩.୫ ମି.ମି., ଦାନଗଦିରେ ୭୧ମି.ମି., ସୁକିନ୍ଦାରେ ୨୭.୪ମି.ମି., ରସୁଲପୁରରେ ୩୭.୮ମି.ମି., ଧର୍ମଶାଳାରେ ୭୫ମି.ମି., ବଡଚଣାରେ ୬୬ ମି.ମି.ଓ ବରୀରେ ୪୯ ମି.ମି. ବର୍ଷା ହୋଇଛି। ବଡଚଣା ବ୍ଲକର କୃଷ୍ଣଦାସପୁର-ରତ୍ନଗିରି ଓ ବଡଚଣା-ବାଲିନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାରେ କେତେକ ଗଛ ଭାଙ୍ଗି ପଡିଥିବା ବେଳେ କେତେକ ସ୍ଥାନରେ ଡାଳ ଭାଙ୍ଗିଥିବା ଦେଖାଯାଇଛି। କୋରେଇ ବ୍ଲକ ହଳଦିଗଡିଆ ପଞ୍ଚାୟତ ନାଥସାହି, କାଚରାସାହି ପଞ୍ଚାୟତର କଇଁଆ, ମାଦଳା, ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ବନ୍ଦାଳ ପଞ୍ଚାୟତର ରାଉତପଡା ଆଦି ସ୍ଥାନରେ ଶତାଧିକ କଚ୍ଚାଘର ଭାଙ୍ଗିଥିବା ଦେଖାଯାଇଛି। ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାବେଳେ ବହୁ ଚାଳ ଛପର ଘର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ରାଜ୍ୟ ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ, ୧୯ ତାରିଖ ମଧ୍ୟରାତ୍ର ସୁଦ୍ଧା ଚାଳଛପର ଓ କଚ୍ଚାଘରେ ଥିବା ୭,୧୪୦ ଲୋକଙ୍କୁ ନିକଟସ୍ଥ ୨୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ୧୫୧ଟି ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା। ଜିଲାର ମୋଟ ୩୧୧ଟି ପଞ୍ଚାୟତ ମଧ୍ୟରୁ ୧୨୦ଟି ପଞ୍ଚାୟତର ୬୬୬ ଟି ଗ୍ରାମ ଓ ୨ଟି ପୌରାଞ୍ଚଳର ୨୩ଟି ୱାର୍ଡରୁ ୫,୪୭,୫୨୬ ଜଣ ବାତ୍ୟାରେ ଆଂଶିକ ପ୍ରଭାବିତ ହୋଇଛନ୍ତି। ପୂର୍ବ ପ୍ରସ୍ତୁତି ଅନୁସାରେ ସମସ୍ତ ବରିଷ୍ଠ ଅଧିକାରୀ ବିଭିନ୍ନ ବ୍ଲକ ଗସ୍ତ କରିବା ସହ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ବାତ୍ୟା ମୁକାବିଲା ପାଇଁ ୩୬ଟି ମେଡିକାଲ ଟିମ୍, ୧୦ଟି ପ୍ରାଣୀ ଚିକିତ୍ସକ ଟିମ୍ ଗଠିତ ହୋଇଥିଲା। ୨୦ ତାରିଖ ପୂର୍ବାହ୍ନରେ ଜିଲାପାଳ ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ପ୍ରମୁଖ ଜିଲା ଜରୁରୀ ବିଭାଗରେ ବାତ୍ୟାର ସମୀକ୍ଷା କରିବା ସହ ଯାଜପୁର ସହର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବୁଲି ଦେଖିଥିଲେ।

# ମୃତଦେହ ରଖି ଥାନା ସମ୍ମୁଖରେ ଧାରଣା

**ନୟାଗଡ଼ ଅଫିସ/ନୂଆଗାଁ, ୨୦।୫(ଡି.ଏନ୍.ଏ.)**

**ସବ୍‌ଜେଲରେ କଏଦୀ ଆତ୍ମହତ୍ୟା ଘଟଣା**


ଥାନା ସମ୍ମୁଖରେ ଧାରଣା ଦିଆଯାଇଛି।

ନୟାଗଡ଼ ସବ୍‌ଜେଲରେ ବିଚାରାଧୀନ କଏଦୀ ମନୋଜ ନାୟକ (୨୦)ଙ୍କ ଆତ୍ମହତ୍ୟା ଘଟଣାରେ ବୁଧବାର ନ୍ୟାୟ ପାଇଁ ପରିବାର ଲୋକେ ନୂଆଗାଁ ଥାନା ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ ଓ ନୂଆଗାଁ ତହସିଲଦାର ଶରତ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଅପରାହ୍ନ ୧ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ୪ଟାରେ ପ୍ରତ୍ୟାହୃତ ହୋଇଥିଲା।

ନୂଆଗାଁ ଥାନା ମୁଦୁରାଙ୍ଗ ଗାଁର ମନୋଜ ଗତ ଫେବୃୟାରୀ ୨୮ ତାରିଖରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ୧୩/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଗତ ସୋମବାର ମନୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଯାଇଥିଲା। ଭଉଣୀ ଅମିତା ଏହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ଅଭିଯୋଗ କରି ମଙ୍ଗଳବାର ପରିବାର ସହ ନୂଆଗାଁ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ହେଲେ ସୁଫଳ ମିଳି ନ ଥିଲା। ପୁନର୍ବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ବୁଧବାର ଥାନା ସମ୍ମୁଖରେ ରଖି ପରିବାର ଲୋକେ ଧାରଣା ଦେଇଥିଲେ। ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ, ହତ୍ୟାକାଣ୍ଡରେ ସମ୍ପୃକ୍ତ ନୂଆଗାଁ ଥାନା ଆଇଆଇସି ଓ ଏଏସ୍‌ଆଇଙ୍କ କାରାନାମାର ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରକୁ ସହାୟତା ଦାବିରେ ଧାରଣା ହୋଇଥିଲା। ମୃତକଙ୍କ ସମ୍ପର୍କୀୟ ନୟା ନାୟକଙ୍କ ସୂଚନା ଅନୁସାରେ ପ୍ରଶାସନ ପକ୍ଷରୁ ୨୦ ହଜାର ଟଙ୍କା ରେଡକ୍ରସରୁ ସହାୟତା ମିଳିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୨୦ ହଜାର ଓ ସାମାଜିକ ସୁରକ୍ଷା ଯୋଜନାରେ ୨୦ହଜାର ଟଙ୍କା ଦେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ହତ୍ୟା ଘଟଣାର ତଦନ୍ତ ସହ ଅନ୍ୟ ଦାବି ବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏସ୍‌ଡିପିଓ ପାଢ଼ୀ କୁହନ୍ତି, ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଝାନ୍‌ସୀ ଫେରିଲେ ୭୦ ଶ୍ରମିକ

**ଖଣ୍ଡପଡ଼ା,୨୦।୫(ସ୍ୱ.ପ୍ର.)**

ଉତ୍ତରପ୍ରଦେଶର ଝାନ୍‌ସୀରୁ ଆସି ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଇଟାଭାଟିରେ କାର୍ଯ୍ୟ କରୁଥିବା ୭୦ ଶ୍ରମିକଙ୍କୁ ପ୍ରଶାସନ ମଙ୍ଗଳବାର ଫେରାଇବା ବ୍ୟବସ୍ଥା କରିଛି। ଲକ୍‌ଡାଉନ ଲାଗୁ ହେବା ପରେ ଶ୍ରମିକମାନେ ଗ୍ରାମକୁ ଫେରି ନ ପାରି ଅଟକି ରହିଥିଲେ। ଖଳିସାହି ପଞ୍ଚାୟତ ପକ୍ଷରୁ ସମସ୍ତ ଶ୍ରମିକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଥିଲା। ସେମାନେ ଝାନ୍‌ସୀ ଫେରିଯିବା ପାଇଁ ଖଣ୍ଡପଡା ବିଡିଓ ଓ ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ପୋମା ଟୁଡୁ ଶ୍ରମିକମାନଙ୍କ ଫେରିବା ବ୍ୟବସ୍ଥା କରିଥିଲେ।

## ଆଳିରେ ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ

**ଆଳି,୨୦।୫(ଡି.ଏନ୍.ଏ.):** ଅମ୍ଫାନ୍ ପ୍ରଭାବରେ ଆଳି ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡିଛି। ତାର ଛିଡ଼ିଯିବା ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି। ବର୍ଷା ଓ ପବନ କମିବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ପକ୍ଷରୁ ମରାମତି କାର୍ଯ୍ୟ ଚାଲିଛି। ଲୋକାପଡା ଓ କଳନ୍ଦିଆ ଗ୍ରାମର ୨ଟି ଘର ଉପରେ ଗଛ ପଡ଼ିଥିବାରୁ ଆଳି ଅଗ୍ନିଶମ କର୍ମଚାରୀ ପହଞ୍ଚି ମେଶିନ ସାହାଯ୍ୟରେ କାଟିଛନ୍ତି।

# ପୁଣି ୬ କରୋନା ସଂକ୍ରମିତ

**ଯାଜପୁର ଅଫିସ/ରସୁଲପୁର (ଡି.ଏନ.ଏ.), ୨୦।୫**

- ସଂକ୍ରମିତଙ୍କ ସଂଖ୍ୟା ୧୭୪
- ସୁସ୍ଥ ହୋଇ ଫେରିଲେ ୫, ମୋଟ ସୁସ୍ଥ ହେଲେ ୬୦

ଯାଜପୁର ଜିଲାରେ ବୁଧବାର ୬ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୭୪ରେ ପହଞ୍ଚିଛି। ସଂକ୍ରମିତଙ୍କ ମଧ୍ୟରେ ରସୁଲପୁର ବ୍ଲକ ମୁଗୁପାଳର ୪୮ ବର୍ଷୀୟ ଜଣେ ବ୍ୟକ୍ତି ରହିଥିବା ବେଳେ ବାଲିଗୁଡାର ୪୨ ବର୍ଷୀୟ ବ୍ୟକ୍ତି, ସାନନ୍ଦପୁରର ୬୦ ବର୍ଷୀୟ ବ୍ୟକ୍ତି କୋଲକାତା ଫେରନ୍ତା ବୋଲି ସୂଚନା ମିଳିଛି। ସେହିପରି ବଡଚଣା ବ୍ଲକ ମାଝିପଡ଼ାର ୧୯ ଓ ୨୧ ବର୍ଷୀୟ ଯୁବକ ଅହମ୍ମଦାବାଦ ଫେରନ୍ତା ଏବଂ ଯାଜପୁର ବ୍ଲକ ଗୋବିନ୍ଦପୁର ୪୨ ବର୍ଷୀୟ ବ୍ୟକ୍ତି ମହାରାଷ୍ଟ୍ର ଫେରନ୍ତା ବୋଲି ସୂଚନା ମିଳିଛି।

ଅନ୍ୟପଟେ ଜିଲାର ୫ ଜଣ କରୋନା ସଂକ୍ରମିତ ବୁଧବାର ଡୁବୁରୀସ୍ଥିତ କୋଭିଡ୍-୧୯ ହସ୍ପିଟାଲରୁ ସୁସ୍ଥହୋଇ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଯାଜପୁର ବ୍ଲକର ଏରବାଙ୍କ ଗ୍ରାମର ୨୦ ବର୍ଷୀୟା ମହିଳା, ଇନ୍ଦୋରୋଇର ୬୫ ବର୍ଷୀୟ ପୁରୁଷ ଓ ଜାଲପୁରର ୩୭ ବର୍ଷୀୟ ପୁରୁଷ ରହିଥିବା ବେଳେ ଧର୍ମଶାଳା ବ୍ଲକ ମାଝିପଟଣାର ୩୪ ବର୍ଷୀୟ ପୁରୁଷ ଓ ଶଙ୍ଖ ଗ୍ରାମର ୩୩ ବର୍ଷୀୟ ପୁରୁଷ ରହିଛନ୍ତି। ଏହି ୫ ଜଣଙ୍କୁ ମିଶାଇ ମୋଟ ୬୦ଜଣ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି।

# ଧାନ, ପରିବା ଫସଲରେ ମାଡ଼ିଗଲା ପାଣି

**ନାଉଗାଁ,୨୦।୫(ସ୍ୱ.ପ୍ର.)**

ବାତ୍ୟା ଅମ୍ଫାନର ପ୍ରଭାବ ନାଉଗାଁ ବ୍ଲକରେ ଦେଖିବାକୁ ମିଳିଛି। ବର୍ଷାପବନ ଯୋଗୁ ରାସ୍ତାରେ ଅନେକ ଗଛ ଭାଙ୍ଗିପଡିବା ସହିତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିଛି। କଚ୍ଚାଘର ମଧ୍ୟ ଭାଙ୍ଗିଥିବା ଦେଖିବାକୁ ମିଳିଛି। ରାସ୍ତା ଘାଟ ଶୁନଶାନ ହେବା ସହିତ ଧାନ ଜମିରେ ଆଠୁଏ ଉପରେ ପାଣି ଜମିରହିଛି। ବ୍ଲକର କୋରୁଅ, ଡେରିକି, ରୋହିଆ, ଗଳଦାରୀ, ବଛାଳୋ, ଶିଖର, ଓଷକଣା, ଡାବର, ତିରୁଣା ଆଦି ପଞ୍ଚାୟତରେ ଥିବା ପରିବା ଫସଲରେ ପାଣି ମାଡିଯାଇଛି। ବ୍ଲକ କାର୍ଯ୍ୟାଳୟ ସୂଚନାନୁଯାୟୀ ମଙ୍ଗଳବାର ୩୧ ମି.ମି. ଓ ବୁଧବାର ୧୨୫ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। କେତେ କଚ୍ଚା ଘର ଭାଙ୍ଗିଛି ସେ ବିଷୟରେ ତହସିଲ ପକ୍ଷରୁ ତଦନ୍ତ କରାଯିବ ବୋଲି ତହସିଲଦାର ଜେ.କଳ୍ପନା ସୂଚନା ଦେଇଛନ୍ତି। ବାତ୍ୟାରେ କ'ଣ କ୍ଷତି ହୋଇଛି ଆକଳନ କରାଯିବ ବୋଲି ବିଡିଓ ରଶ୍ମିରେଖା ମଲ୍ଲିକ ପ୍ରକାଶ କରିଛନ୍ତି।


ବାତ୍ୟା ପ୍ରଭାବରେ ନାଉଗାଁ ବ୍ଲକ ଅଞ୍ଚଳରେ ଏକ କଚ୍ଚାଘର ଭୁଶୁଡ଼ି ପଡ଼ିଛି।

# ଉପୁଡ଼ିଲା ଗଛ, ଭାଙ୍ଗିଲା କଚ୍ଚାଘର

**ଜଗତ୍‌ସିଂହପୁର ଅଫିସ,୨୦।୫**

ବାତ୍ୟା ଅମ୍ଫାନକୁ ନେଇ ଜଗତ୍‌ସିଂହପୁର ଜିଲାବାସୀଙ୍କ ଲୋକଙ୍କ ମଧ୍ୟରେ ୧୯୯୯ ମହାବାତ୍ୟା କଥା ମନେପଡ଼ିଯିବା ସହ ଭୟ ଓ ଆଶଙ୍କା ସୃଷ୍ଟି ହୋଇଥିଲା। ସୌଭାଗ୍ୟକୁ ବାତ୍ୟା ଟଳିଯାଇଛି। କିନ୍ତୁ

**ଅମ୍ଫାନ୍ ପ୍ରଭାବ**
**ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବାସୀ ହଟହଟା**


ଏରସମା-ଚଟୁଆ ରାସ୍ତାରେ ଉପୁଡ଼ି ପଡ଼ିଥିବା ଗଛଗୁଡ଼ିକୁ କାଟି ସଫା କରାଯାଉଛି।

ଜିଲାର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡିବାରୁ ଗମନାଗମନରେ ବାଧା ସୃଷ୍ଟି ହେବା ସହ ବିଦ୍ୟୁତ୍ ଖୁଣ୍ଟ ଓ ତାର ଛିଡି ପଡିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। କେତେକ ସ୍ଥାନରେ କଚ୍ଚା ଓ ଚାଳଛପର ଘର କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ କରୋନା ଯୋଗୁ ଜିଲାକୁ ବହୁ ସଂଖ୍ୟକ ପ୍ରବାସୀ ଫେରିଛନ୍ତି। ସେମାନଙ୍କୁ ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ରେ ରଖାଯାଇଛି। ହେଲେ ଏହି ଟିଏମ୍‌ସିଗୁଡ଼ିକରେ ଅବ୍ୟବସ୍ଥା ଯୋଗୁ ସେଠାରେ ରହୁଥିବା ପ୍ରବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏପରି କି ବର୍ଷା, ପବନ ଯୋଗୁ ଅନେକ ସ୍ଥାନରେ ପ୍ରବାସୀ ରାତି ଅନିଦ୍ରାରେ ରହିଥିବା ଅଭିଯୋଗ ହୋଇଛି।

ମଙ୍ଗଳବାର ଜଗତ୍‌ସିଂହପୁର ଜିଲାରେ ବର୍ଷାପବନ ଆରମ୍ଭ ହୋଇଥିଲା। ବୁଧବାର ସକାଳୁ ପବନ ବେଗ ବଢ଼ି ଅପରାହ୍ନରେ କମିଥିଲା। ଏହି ପବନ ବିଶେଷକରି ଏରସମା, ବାଲିକୁଦା, ପାରାଦୀପ ଓ କୁଜଙ୍ଗ ଅଞ୍ଚଳରେ ଅଧିକ ଅନୁଭୂତ ହୋଇଥିଲା। ବାତ୍ୟା ପ୍ରକୋପ କମିଲା ପରେ ୩ଟି ଏନ୍‌ଡିଆର୍‌ଏଫ୍ ଦଳ ବାଲିକୁଦା, ଏରସମା ଓ ପାରାଦୀପ ଅଞ୍ଚଳ ରାସ୍ତାରେ ପଡିଥିବା ଗଛ କାଟି ସଫା କରିଥିଲେ। ଏରସମା ଓ ବାଲିକୁଦାରେ ୨ଟି ଲେଖାଏ ଓ ଜଗତ୍‌ସିଂହପୁରରେ ଗୋଟିଏ ଅଗ୍ନିଶମ ବାହିନୀ ଦଳ ଗଛ କାଟି ରାସ୍ତା ସଫା କାମରେ ନିୟୋଜିତ ଅଛନ୍ତି। ଜଗତ୍‌ସିଂହପୁର ନିକଟ ଓଡ଼ିଶୋ, ସାଁପୁର, ଡିଅସାହି, ନାଳିବର, ଇଚ୍ଛାପୁର ସମେତ ବାଲିକୁଦା, ଏରସମା, କୁଜଙ୍ଗ, ତିର୍ତ୍ତୋଲ, ନାଉଗାଁ ଆଦି ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଛିଡିବା ସାଙ୍ଗକୁ ଖୁଣ୍ଟ ଉପୁଡିପଡିଛି। ବାତ୍ୟା ପରେ ସେସୁ ଓ ଠିକା ସଂସ୍ଥା ପକ୍ଷରୁ ଜଗତ୍‌ସିଂହପୁର ସହରରେ ବିଦ୍ୟୁତ୍ ସଂଯୋଗ ପାଇଁ ପ୍ରାଥମିକତା ଦିଆଯାଇଛି। ଖବର ଲେଖାହେବା ଭିତରେ କେବଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇପାରିଛି। ଅବଶିଷ୍ଟ ଅଞ୍ଚଳରେ ରାତିକ ଭିତରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ସେସୁ ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ପାଢୀ ସୂଚନା ଦେଇଛନ୍ତି। ଗଛ ପଡି ଏରସମା-ଚଟୁଆ ରାସ୍ତାର ଏରସମା ଉଚ୍ଚବିଦ୍ୟାଳୟ ନିକଟରେ, ବାଲିକୁଦା-ବୋରିକିନା ରାସ୍ତାର ତିତିରା, ବାଲିକୁଦା-ନାଉଗାଁ ରାସ୍ତାର ବୋଦା ଓ ତିହୁଡି-ନହରଣା ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଡିଙ୍କିଆ ଗୋବିନ୍ଦପୁରରେ ଜଣଙ୍କ ଘର ଉପରେ ନଡିଆ ଗଛ ପଡିଥିବା ଖବର ମିଳିଛି। ପାରାଦୀପର ନେହେରୁ ବଙ୍ଗଳା, ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା, କୁମ୍ଭୀର ଛକ ସମେତ ଜଗତ୍‌ସିଂହପୁର ହାଟବଜାର, ସାଁପୁର, ଡିଅସାହି ଆଦି ଏକାଧିକ ସ୍ଥାନରେ ଗଛ ପଡି ଗମନାଗମନରେ ବାଧା ସୃଷ୍ଟି ହୋଇଛି। ବାଲିକୁଦା ବ୍ଲକ ତଣ୍ଡିକୂଳ ହାଇସ୍କୁଲ ଟିଏମ୍‌ସିରେ ପାଣି ପଶି ପ୍ରବାସୀଙ୍କ ନିଦ ହଜାଇ ଦେଇଥିଲା। ଏଥିରେ ୧୦ ପ୍ରବାସୀ ରହୁଛନ୍ତି। କିନ୍ତୁ ଖଟ, ଶଯ୍ୟା ଆଦି ନ ଥିବାରୁ ସେମାନେ ସପ ପାରି ଶୋଉଥିଲେ। ଯେହେତୁ ଏହି ଆଜବେଷ୍ଟସ ଘର ଝରକା ଭଙ୍ଗା ଓ ବାରଣ୍ଡାରୁ ପାଣି ସହଜରେ ଘର ଭିତରକୁ ପଶି ପାରୁଥିଲା ତେଣୁ ସେମାନେ ରାତି ତମାମ ଅନିଦ୍ରା ରହିଥିଲେ। ବାତ୍ୟା ପୂର୍ବରୁ ୧୬,୮୪୦ଲୋକଙ୍କୁ ୨୯୯ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ବାଲିକୁଦା ବ୍ଲକର ୭୦୪, ଏରସମା ୫,୫୦୧, କୁଜଙ୍ଗ ୨,୮୧୩, ତିର୍ତ୍ତୋଲ ୯୬୫, ଜଗତ୍‌ସିଂହପୁର ୧,୮୫୨, ନାଉଗାଁ ୮୨, ପାରାଦୀପ ପୌର ପରିଷଦ ୪,୩୬୩ ଓ ଜଗତ୍‌ସିଂହପୁର ପୌରାଞ୍ଚଳର ୫୬୦ ଜଣ ରହିଛନ୍ତି। ୩୬ ଗର୍ଭବତୀଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଉଜୁଡ଼ିଲା ସବୁଜିମା



ଚାନ୍ଦିପୁର ବେଳାଭୂମିରେ ଜୁଆର ମାଡ଼ ହେଉଛି।

**ଭୋଗରାଇ, ୨୦।୫(ଡି.ଏନ.ଏ.)**

ବାତ୍ୟା ଅମ୍ଫନ ପ୍ରଭାବରେ ଓଡ଼ିଶା ସୀମାନ୍ତ ଭୋଗରାଇ, ବାଲିଆପାଳ, ବସ୍ତା, ଜଳେଶ୍ୱରରେ ବ୍ୟାପକ କ୍ଷତି ହୋଇଛି। ଏହି ସାମୁଦ୍ରିକ ଝଡ଼ ବୁଧବାର ଅପରାହ୍ନରେ ବାଲେଶ୍ୱର ଅତିକ୍ରମ କଲାବେଳେ ଭୋଗରାଇ ତଥା ଏହାର ଆଖପାଖ ଅଞ୍ଚଳରେ ଘଣ୍ଟାକୁ ୧୦୦ କି.ମି. ଊର୍ଦ୍ଧ୍ୱ ବେଗରେ ପବନ ବହି ସମଗ୍ର ଅଞ୍ଚଳକୁ ଛାରଖାର କରିଦେଇଛି। ବିଭିନ୍ନ ସ୍ଥାନରେ ବହୁ ପୁରୁଣା ଗଛକୁ ଉପାଡ଼ି ପକାଇଛି। ମୁଖ୍ୟ ରାସ୍ତା ସହ ବିଭିନ୍ନ ଗାଁ ରାସ୍ତାରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ସ୍ଥାନୀୟ ଲୋକେ ଭଭୀତ ହୋଇ ପକ୍କା ଘର ଓ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ଭୋଗରାଇ, ବାଲିଆପାଳ ସମେତ ପୂର୍ବ ମେଦିନପୁର ଜିଲାରେ ପାନବରଜ ଭାଙ୍ଗି ଛିନଛତର ହୋଇଯାଇଛି। ନଡ଼ାଛପର ଘର, ଆଜବେଷ୍ଟସ୍ ଓ ଟିଣଛପର ଘର ବତାଶମାଡ଼ରେ ଉଡ଼ିଯାଇଛି। ଏହାସହିତ ତୁହାକୁ ତୁହା ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସାମୁଦ୍ରିକ ଝଡ଼ ଉପକୂଳମୁହାଁ ହେବାବେଳେ ସମୁଦ୍ର ଜୁଆର ୧୦ ମିଟର ଊର୍ଦ୍ଧ୍ୱକୁ ଉଠି ପଥରବନ୍ଧରେ ମାଡ଼ କରିଛି। ସହସ୍ରାଧିକ ଝାଉଁଗଛ ଧରାଶାୟୀ ହୋଇଛି। ପଶ୍ଚିମବଙ୍ଗ ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣିଠାରେ ସମୁଦ୍ର ଢେଉ ପଥରବନ୍ଧ ଡେଇଁ ଜନବସତି ଆଡକୁ ପ୍ରବେଶ କରିଛି।

## ଘର ଉପରେ ପଡ଼ିଲା ଗଛ

**କେନ୍ଦୁଝର, ୨୦।୫(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ଼ 'ଅମ୍ଫନ' ପ୍ରଭାବରେ କେନ୍ଦୁଝର ଜିଲାରେ ମଙ୍ଗଳବାର ରାତିରୁ ବର୍ଷା ଓ ପବନ ହୋଇ ବଡ଼ ବଡ଼ ଗଛ ଉପୁଡ଼ିଯାଇଛି। ବୁଧବାର ସକାଳେ ପବନର ବେଗ ଅଧିକ ଥିବାରୁ ଲୋକେ ଏକପ୍ରକାର ଭୟଭୀତ ହୋଇପଡ଼ିଥିଲେ। ଯାତାୟାତ ବନ୍ଦ ରହିଥିବା ବେଳେ ଦୋକାନବଜାର ବନ୍ଦ ଥିଲା। ସଦର ବ୍ଲକ ହାତୀକୁଚା ଗ୍ରାମରେ ପୂର୍ଣ୍ଣଚନ୍ଦ୍ର ଦେହୁରୀ(୩୦)ଙ୍କ ମାଟି ଛପର ଘର ଉପରେ ଏକ ବଡ଼ ଗଛ ଉପୁଡ଼ି ପଡିବାରୁ ଘର ଲୋକ ଓ ଗୋରୁଗାଈ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଅନେକ ସ୍ଥାନରେ ବର୍ଷା ଜଳ ଜମା ରହି ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଲୋକମାନେ ଘରୁ ବାହାରି ପାରୁ ନ ଥିବା ବେଳେ ବିଭିନ୍ନ ଅଫିସରେ କାମକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପବନ ଓ ବର୍ଷା ଯୋଗୁ ଗଛ, ବିଦ୍ୟୁତଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। କେନ୍ଦୁଝର ଓ ଆନନ୍ଦପୁର ଉପଖଣ୍ଡରେ ସମ୍ଭାବ୍ୟ କ୍ଷୟକ୍ଷତି ଆଶଙ୍କା କରି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ବର୍ଷାରେ ଚାଷ କ୍ଷତିଗ୍ରସ୍ତ ହୋଇଛି।



ବନ୍ତ ରାସ୍ତାରେ ପଡିଥିବା ଗଛକୁ ତହସିଲଦାରଙ୍କ ଉପସ୍ଥିତିରେ କାଟି ସଫା କରାଯାଉଛି।

## ୫ଶହ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ

**ବନ୍ତ, ୨୦।୫(ଡି.ଏନ୍.ଏ.)**

ବାତ୍ୟା 'ଅମ୍ଫନ'କୁ ନେଇ ଭଦ୍ରକ ଜିଲା ବନ୍ତ ବ୍ଲକବାସୀ ଭୟଭୀତ ଥିବା ବେଳେ ଏହାର ମୁକାବିଲା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର ପୂର୍ବାହ୍ନ ୧୨ଟା ସୁଦ୍ଧା ବ୍ଲକର ବିଭିନ୍ନ ବିଦ୍ୟାଳୟ, ପଞ୍ଚାୟତ ଗୃହ, ବନ୍ୟା ଆଶ୍ରୟସ୍ଥଳ ଗୁଡିକରେ ଲୋକମାନଙ୍କୁ ଥଇଥାନ କରାଯାଇଛି। ବିଟିପୁର ପଞ୍ଚାୟତର ହଳଦି ପୁହାଣି ପ୍ରାଥମିକ ବିଦ୍ୟାଳୟ, ବଡମହିଷଗୋଠ ପଞ୍ଚାୟତର ହରିପୁର ପ୍ରାଥମିକ ବିଦ୍ୟାଳୟ, କୁଆଁଶମଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମପୁର ପଞ୍ଚାୟତର ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ, କୌଶଲ୍ୟା ନୋଡାଲ ଉପ୍ରା ବିଦ୍ୟାଳୟ, ଚାରିଗାଁ ପଞ୍ଚାୟତର ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳ ସମେତ କେନ୍ଦୁଆପଦା, ତୋଡଗାଁ, ଛୟାଳସିଂ ଆଦି ପଞ୍ଚାୟତ ଗୃହରେ ପ୍ରାୟ ୫ ଶହ ଲୋକଙ୍କୁ ଥଇଥାନ କରାଯାଇଛି। ସମସ୍ତ ଲୋକଙ୍କ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି।



ଭଦ୍ରକ ସହରର ଏକ ରାସ୍ତାରେ ଗଛ ପଡି ଅବରୋଧ ହୋଇଛି।



ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳ ଏକ ରାସ୍ତାକୁ ପୋଲିସ ସଫା କରୁଛି।

## ସଂକ୍ଷେପରେ

### ସଙ୍ଗରୋଧ କେନ୍ଦ୍ରରୁ ଲୁଚି ପଳାଉଥିବା ଯୁବକ ଅଟକ

**ଖଇରା, ୨୦।୫(ଡି.ଏନ.ଏ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଡ ଜୟିପୁର ହାଇସ୍କୁଲର ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ବା ସଙ୍ଗରୋଧ କେନ୍ଦ୍ରରୁ ଲୁଚି ଘରକୁ ପଳାଇ ଯାଉଥିବା ଜଣେ ପ୍ରବାସୀଙ୍କୁ ଗ୍ରାମବାସୀ କାବୁକରି ପୁଣି କେନ୍ଦ୍ରକୁ ଫେରାଇ ନେଇଛନ୍ତି। ଉକ୍ତ ଯୁବକ ଜଣକ କେନ୍ଦ୍ରରେ ନିମ୍ନ ମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରି ସ୍କୁଲ ପଛପଟ ପାଚେରି ଡେଇଁ ବେଲକୁଲା ଗ୍ରାମର ନିଜ ଘରକୁ ପଳାଇ ଯିବାକୁ ଉଦ୍ୟମ କରୁଥିଲେ। ସରପଞ୍ଚ ଖବର ପାଇ ଗ୍ରାମବାସୀଙ୍କ ଜରିଆରେ ଖୋଜି ପୁଣି କେନ୍ଦ୍ରକୁ ଆଣି ରଖିଥିଲେ। ତେବେ ନିମ୍ନମାନର ଖାଦ୍ୟ ବିଷୟକୁ ସରପଞ୍ଚ ସଞ୍ଜୟ ପଣ୍ଡା ଅସ୍ୱୀକାର କରିବା ସହ ରୋଷେଇ ଟେଣ୍ଟ ଉଡିଯିବା କାରଣରୁ ମଧ୍ୟାହ୍ନଭୋଜନ ବିଳମ୍ବ ହୋଇଥିବା କହିଛନ୍ତି।

### ଜଣେ କରୋନା ପଜିଟିଭ ଚିହ୍ନଟ: ଜିଲାରେ ଆକ୍ରାନ୍ତ ସଂଖ୍ୟା ୧୨୨

**ବାଲେଶ୍ୱର ଅଫିସ, ୨୦।୫:** ବାଲେଶ୍ୱର ଜିଲାରେ ବୁଧବାର ଆଉ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୨ରେ ପହଞ୍ଚିଛି। ସେଥିମଧ୍ୟରୁ ୨୪ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ୯୮ ଜଣ ଚିକିତ୍ସିତ ହେଉଛନ୍ତି। ବୁଧବାର କରୋନା ଚିହ୍ନଟ ଯୁବକ ଜଣକ ବାହାନଗା ବ୍ଲକର। ସେ ସୁରଟ ଫେରନ୍ତା ଏବଂ ପଣପଣା ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ତାଙ୍କୁ ଜିଲା କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଚିକିତ୍ସା ଆରମ୍ଭ ହୋଇଛି।

### ମୟୂରଭଞ୍ଜରୁ ୩ କରୋନା ଆକ୍ରାନ୍ତ ସୁସ୍ଥ

**କପ୍ତିପଦା, ୨୦।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲ୍ଲାରେ ୧୧ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଗତ ୧୮ ତାରିଖ ୪ ଜଣ ସୁସ୍ଥ ହୋଇଥିବାବେଳେ ବୁଧବାର ଆଉ ୩ ଜଣ ସୁସ୍ଥ ହୋଇଛନ୍ତି। ସମସ୍ତେ କପ୍ତିପଦା ବ୍ଲକ୍ ଅଞ୍ଚଳର। ସେମାନଙ୍କ ସ୍ୱାବ ପଜିଟିଭ ଆସିବା ପରେ ସେମାନଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ-୧୯ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ବୁଧବାର ଅପରାହ୍ନରେ ସେମାନେ ଡିସଚାର୍ଜ ହୋଇଥିବା ସୂଚନା ମିଳିଛି।

## ଭାଙ୍ଗିଲା ଶତାଧିକ ଘର

**ଖଇରା, ୨୦।୫(ଡି.ଏନ.ଏ.)**

ବାତ୍ୟା ଅମ୍ଫନ ପ୍ରଭାବରେ ଗଛ ଉପୁଡିବା ତଥା ଡାଳ ଭାଙ୍ଗିବା କାରଣରୁ ଖଇରା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବହୁ ଚାଳ ଛପର ଓ ଆଜବେଷ୍ଟସ ଘର ଭାଙ୍ଗି ପଡିଥିବା ବେଳେ ବିଦ୍ୟୁତ ଖୁଣ୍ଟ ମଧ୍ୟ ଭାଙ୍ଗି ରାସ୍ତାରେ ପଡିଛି। ସେହିଭଳି ବଡ ବଡ ଗଛ ଭାଙ୍ଗି ରାସ୍ତା ଉପରେ ପଡିବା କାରଣରୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ଅଚ୍ୟୁତପୁର ପଞ୍ଚାୟତ ଓହଡ ଗ୍ରାମର ଦାମୋଦର କରଙ୍କ ଅସ୍ଥାୟୀ ଚାଳଘର ପବନରେ ଉଡିଯିବା ଯୋଗୁ ସେ ବାସହୀନ ହୋଇପଡିଛନ୍ତି। ସେହିଭଳି ଗଛ ଭାଙ୍ଗିପଡିବା କାରଣରୁ ବଣପାରିଆ ଗ୍ରାମର ସୁବାଷ ପଣ୍ଡା ଓ ରମେଶ ପଣ୍ଡା, ସାରଡାଙ୍ଗ ଆମ୍ବଗଡିଆ ଗ୍ରାମର ନନ୍ଦକିଶୋର ମାଝି, ମାଖନପୁର ଅନନ୍ତପୁର ଶାସନର ଦାମ ମିଶ୍ର, ଅଚ୍ୟୁତପୁର ଗ୍ରାମର କୈଳାସ ସାହୁ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ସାହୁ, ପ୍ରଶାନ୍ତ ଗାହାଣ, ନୂଆସାହି ଗ୍ରାମର ରଘୁନାଥ ସାହୁ, ନନ୍ଦୁର ବ୍ରହ୍ମଚାରୀ ଗ୍ରାମର ଅନନ୍ତ ସାମଲଙ୍କ ଘର ଛପର ଭାଙ୍ଗିଯାଇଥିବା ଜଣାଯାଇଛି। ବାତ୍ୟା ଭୟ ଯୋଗୁ ମଙ୍ଗଳବାର ରାତିରେ ଘରୁ ବାହରି ଅନ୍ୟ ଘରେ ଆଶ୍ରୟ ନେଇଥିବା ଖଇରା ପଞ୍ଚାୟତ ଆଳଦା ଗ୍ରାମର ମାଳତୀଲତା ଦାସ ଓ ତାଙ୍କର ୩ ସଦସ୍ୟଙ୍କୁ ବାତ୍ୟାଶ୍ରୟ ସ୍ଥଳକୁ ସ୍ଥାନାନ୍ତର ପାଇଁ ଦାବି କରାଯାଇଛି। ଏହାଛଡା ଗଣ୍ଡିବେଡ ବଜାରରେ ଗଛ ପଡି ଅନେକ ଦୋକାନ ଗୃହ ମଧ୍ୟ ନଷ୍ଟ ହୋଇଛି। ପବନ କମିବା ପରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ତହସିଲଦାର ପ୍ରଦୀପ ସାହୁ କହିଛନ୍ତି।



ଖଇରା ବ୍ଲକ ଓହଡ଼ ଗ୍ରାମରେ ଭାଙ୍ଗିଯାଇଥିବା ଏକ କଚ୍ଚାଘର।

## ଆରଡ଼ି ଅଞ୍ଚଳରେ ବ୍ୟାପକ କ୍ଷତି

**ଆରଡି, ୨୦।୫(ଡି.ଏନ.ଏ.)**

ବାତ୍ୟା ଅମ୍ଫନ ପ୍ରଭାବରେ ଭଦ୍ରକ ଜିଲାରେ ଥିବା ଶୈବପୀଠ ଆରଡି ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। ଓଳଗ ନିକଟରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତାରେ ବଡ଼ ବଡ଼ ଗଛ ଉପୁଡି ପଡିଛି। ଆମ୍ବୁଲାନ୍ସ ଯିବାରେ ଅସୁବିଧା ହେବାରୁ ସ୍ଥାନୀୟ ଲୋକେ ଗଛକାଟି ରାସ୍ତା ସଫା କରିଥିଲେ। ବାତ୍ୟାକୁ ଦୃଷ୍ଟିରେ ରଖି ଆରଡି ପଞ୍ଚାୟତର ଶିତଳପୁର ଓ ମୁଆଁର କେତେକ ଲୋକଙ୍କୁ ସରପଞ୍ଚ ଅରବିନ୍ଦ ପାଢୀ ଥଇଥାନ କରିଥିଲେ। ସେହିପରି ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର ବାତ୍ୟା ଆଶ୍ରୟସ୍ଥଳ, ଖଟୁଆପାଟଣା ସ୍କୁଲ ଓ ପାରଡିଆ ସ୍କୁଲରେ ଥିବା ଅସହାୟ ପରିବାରଙ୍କ ପାଇଁ ସରପଞ୍ଚ ଶ୍ରୀକାନ୍ତ ନାୟକ ଫ୍ରି କିଚେନ ବ୍ୟବସ୍ଥା କରିଥିଲେ। ଅନୁରୂପ ଭାବେ ଓଳଗ ପଞ୍ଚାୟତରେ ମଧ୍ୟ ୬୦ରୁ ଅଧିକ ଅସହାୟ ପରିବାରଙ୍କୁ ଥଇଥାନ କରାଯାଇଛି। ବର୍ଷା ସାଙ୍ଗକୁ ଘଣ୍ଟା ପ୍ରତି ୧୦୦ କି.ମି.ରୁ ଅଧିକ ବେଗରେ ବହୁଥିବା ପବନକୁ ଖାତିର ନ କରି କ୍ୱାରାଣ୍ଟାଇନ ସେଣ୍ଟରକୁ ଆସି ଶିକ୍ଷକମାନେ ଅନ୍ତେବାସୀଙ୍କୁ ସହାୟତା ଯୋଗାଇ ଦେଇଥିଲେ। ଆରଡି ପଞ୍ଚାୟତର ସାନପଙ୍କି, ବାତୋଳ ଆଦି ଗାଁର ଚାଷଜମିରେ ଜୁଆର ପାଣି ମାଡି ଯାଇଛି। ବହୁ ଚାଳଘରୁ ଛପର ଉଡିଯିବା ସହ ବହୁ ଗଛ ଭାଙ୍ଗି ଯାଇଥିବା ଆରଡି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ ସୂଚନା ଦେଇଛନ୍ତି। ଆରଡି- ଚାନ୍ଦବାଲି ରାସ୍ତାରେ ଗଛପଡି ବିଦ୍ୟୁତ ତାର ମଧ୍ୟ ଛିଡ଼ିଯାଇଛି।

## ଗଛ ଉପୁଡି ରାସ୍ତା ଅବରୋଧ

**ବନ୍ତ, ୨୦।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ମଙ୍ଗଳବାର ଦିନତମାମ କୋହଲା ପାଗ ରହିବା ପରେ ସନ୍ଧ୍ୟା ଠାରୁ ଝିପ୍ ଝିପ୍ ବର୍ଷା ସାଙ୍ଗକୁ ଅଳ୍ପ ପବନ ବହିଥିଲା। ରାତିରୁ ବର୍ଷା ଅଧିକ ହେବା ସହ ପବନର ବେଗ ବଢିଥିଲା। ବ୍ଲକର ବିଭିନ୍ନ ସ୍ଥାନରେ ଚାଳ ଛପର ଉଡିଯିବା ସହ ଗଛ ଗୁଡିକ ନଷ୍ଟ ହୋଇଯାଇଛି। ବନ୍ତସ୍ଥିତ ଚଣ୍ଡିପୁର କଲେଜ ରୋଡ, ସଖିପାଟଣା ଗ୍ରାମରେ ଗଛ ଉପୁଡି ରାସ୍ତା ଅବରୋଧ ହୋଇଯାଇଥିଲା। ତହସିଲଦାର ଇନ୍ଦିରା ସାହୁ ଆଗରପଡା ଦମକଳ ବାହିନୀ ସହାୟତାରେ ଗଛଗୁଡିକ କାଟି ସଫା କରିଥିଲେ।

## ବିଭିନ୍ନ ସ୍ଥାନରେ ଭାଙ୍ଗିଲା ଗଛ

**ବାରିପଦା ଅଫିସ, ୨୦।୫**

ବାତ୍ୟା ଅମ୍ଫନ ପ୍ରଭାବରେ ମୟୂରଭଞ୍ଜ ଜିଲାରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ଜାରି ରହିଥିଲା। ଜିଲାର ୨୬ଟି ବ୍ଲକ ମଧ୍ୟରୁ ରାସଗୋବିନ୍ଦପୁର, ମୋରଡ଼ା, ବାରିପଦା, ବେତନଟୀ, ଉଦଳା, କପ୍ତିପଦା, ଶୁଳିଆପଦା ଓ ବଡ଼ସାହି ଆଦି ୮ଟି ବ୍ଲକର କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଥିଲା। କୌଣସି ସୂଚନା ପାଇଁ ଜିଲାର କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୯୨ ୨୫୨୯୪୧କୁ ଯୋଗାଯୋଗ କରିବା ପାଇଁ କୁହାଯାଇଥିଲା। ଖୁଣ୍ଟା, ବାରିପଦା ବ୍ଲକର କେତେକ ସ୍ଥାନରେ ପବନ ଯୋଗୁ ଗଛ ଭାଙ୍ଗି ପଡ଼ିଛି। ବାରିପଦା ସହର ବେଲଗାଡ଼ିଆଠାରେ ଏକ ଗଛ ଭାଙ୍ଗି ଜଣଙ୍କ ଘର ଉପରେ ପଡ଼ିଥିବା ବେଳେ କୌଣସି କ୍ଷୟକ୍ଷତି ହୋଇନାହିଁ। ଜିଲାର ପାଖାପାଖି ୮୦୦ ଆଶ୍ରୟସ୍ଥଳୀରେ ୮୫୦୦ ଲୋକଙ୍କୁ ରଖାଯାଇଥିବା ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ସୂଚନା ଦେଇଛନ୍ତି। ବାତ୍ୟା ମୁକାବିଲା ପାଇଁ ଜିଲାର ୨୦ ଜଣିଆ ଟିମ୍‌କୁ ନେଇ ଏକ ଏନଡ଼ିଆରଏଫ ଟିମ୍ ପ୍ରସ୍ତୁତ ରହିଛନ୍ତି। ୪ଟି ଓଡ୍ରାଫ ଟିମ୍ ଓ ଜିଲାର ୨୫ଟି ଅଗ୍ନିଶମର କେନ୍ଦ୍ରର କର୍ମଚାରୀମାନେ ସଜାଗ ରହିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଗଛ ପଡ଼ିଥିବା ବେଳେ ତାହାକୁ କଟାଯାଇ ରାସ୍ତା ସଫା କରାଯାଉଛି। ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଗୃହପାଳିତ ପ୍ରାଣୀମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନରେ ରଖାଯାଇ ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ରଦାନ କରାଯାଉଛି। ଭୋର ୩ଟାରୁ ଜିଲାରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

## ଅସ୍ଥାୟୀ କ୍ୟାମ୍ପରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ

**ଭଦ୍ରକ ଅଫିସ, ୨୦।୫**

ବାତ୍ୟା ଅମ୍ଫନ ପ୍ରଭାବରେ ଭଦ୍ରକ ଜିଲାରେ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା। ମୁଖ୍ୟତଃ ସମୁଦ୍ରକୂଳିଆ ଦୁଇଟି ବ୍ଲକ ବାସୁଦେବପୁର ଓ ଚାନ୍ଦବାଲିରେ ଏହାର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା। ଏଣୁ ପ୍ରଶାସନ ଏହି ଦୁଇଟି ବ୍ଲକରେ ହାଇଆଲର୍ଟ ଜାରି କରିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ପବନର ବେଗ ପ୍ରାୟ ୧୦୦ କି.ମି. ରହିଥିବା ବେଳେ ମଧ୍ୟାହ୍ନରୁ ପ୍ରାୟ ୩ଟା ପର୍ଯ୍ୟନ୍ତ ପବନର ବେଗ ବଢ଼ିଥିଲା। ପରେ ପୁଣି କମିଯାଇଥିଲା। ଲଗାଣ ବର୍ଷା କାରଣରୁ ବାସୁଦେବପୁର, ଚାନ୍ଦବାଲି, ଧାମରା ଓ ତିହିଡ଼ିର କିଛି ଅଂଶରେ ଚାଳଛପର ଘର, ଆଜବେଷ୍ଟସ୍ ଦୋକାନ ଘରଗୁଡ଼ିକ କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନ କରାଯାଇଛି। ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଭାଙ୍ଗି ପଡ଼ିଛି। ଟ୍ରାନ୍ସଫର୍ମରଗୁଡ଼ିକ ଭୂଇଁରେ ଲୋଟିଯାଇଛି। ଯଦିଓ ବିପଦ ଟଳି ଯାଇଛି କିନ୍ତୁ ତଳିଆ ଅଞ୍ଚଳ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ମଧ୍ୟାହ୍ନ ପର୍ଯ୍ୟନ୍ତ ୩୧ ହଜାର ଲୋକଙ୍କୁ ସମୁଦ୍ର କୂଳିଆ ଅଞ୍ଚଳରୁ ଅଣାଯାଇ ଅସ୍ଥାୟୀ କ୍ୟାମ୍ପରେ ରଖାଯାଇ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଧାମରା, ଚୂଡ଼ାମଣି, କଷିଆ ଅଞ୍ଚଳରେ ଶତାଧିକ ଟ୍ରଲର ଓ ମାଛଧରା ଡଙ୍ଗା ବାତ୍ୟା ପୂର୍ବରୁ ମାଛଧରାଳୀମାନେ ଜେଟି ନିକଟରେ ଲଙ୍ଗର ପକାଇଥିଲେ। ପବନର ବେଗ ଅଧିକ ରହିଥିବାରୁ ଡଙ୍ଗାଗୁଡ଼ିକ କିଛି ଦୂରକୁ ଭାସିଯାଇଥିବା ଦେଖିବାକୁ ମିଳିଥିଲା। ବର୍ଷା ଓ ପବନ କମିବା ପରେ ମାଛଧରାଳୀମାନେ ଜେଟିରେ ପହଞ୍ଚି ନିଜ ନିଜ ଡଙ୍ଗାକୁ ପୁନଃ ଆଣି କୂଳରେ ବାନ୍ଧିଥିବା ଦେଖିବାକୁ ମିଳିଛି। ଭଦ୍ରକ ପୌରପାଳିକାରେ ବହୁ ପୁରୁଣା ଗଛ ଉପୁଡି ପଡ଼ିଥିବା ଦେଖିବାକୁ ମିଳିଛି। ଅଗ୍ନିଶମ ବିଭାଗ ଯନ୍ତ୍ରଚାଳିତ କଟର୍ ସାହାଯ୍ୟରେ କାଟି ରାସ୍ତା ସଫା କରିଛନ୍ତି। ଜିଲାରେ ସମୁଦାୟ ୩ଟି ଏନ୍‌ଡିଆର୍‌ଏଫ୍ ଓ ଗୋଟିଏ ଓଡ୍ରାଫ୍ ଟିମ୍ ମୁତୟନ ହୋଇଛନ୍ତି।

### ଜିଲାରେ ଦୁଇ ଅଧିକାରୀଙ୍କ ଡେରା

ଭଦ୍ରକ ଜିଲା ଦାୟିତ୍ୱରେ ଥିବା ପ୍ରମୁଖ ଶାସନ ସଚିବ ଏସ୍.କେ. ଲୋହାନୀ ଓ ଆଇଜି ଘନଶ୍ୟାମ ଉପାଧ୍ୟାୟ ଭଦ୍ରକରେ ମଙ୍ଗଳବାର ରାତିରୁ ଡେରା ପକାଇଛନ୍ତି। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ବାତ୍ୟାମୁକାବିଲା ପାଇଁ ଆଲୋଚନା କରିଥିଲେ। ବାତ୍ୟା ପରବର୍ତ୍ତୀ ମୁହୂର୍ତ୍ତରେ ଲୋକଙ୍କୁ ଥଇଥାନ, କ୍ଷୟକ୍ଷତି ଆକଳନ, ବିଦ୍ୟୁତ ଓ ଅନ୍ୟାନ୍ୟ ସେବା ସ୍ୱାଭାବିକ କରିବା ପାଇଁ ଏହି ଦୁଇ ଅଧିକାରୀ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

### ୧୫୮ ଗର୍ଭବତୀଙ୍କୁ ମେଡିକାଲ ସ୍ଥାନାନ୍ତର

ଅମ୍ଫନ୍ ମୁକାବିଲାକୁ ଆଖିଆଗରେ ରଖି ୧୫୮ ଜଣ ଗର୍ଭବତୀଙ୍କ ସୁରକ୍ଷିତ ପ୍ରସବ ପାଇଁ ପ୍ରଶାସନ ବିଭିନ୍ନ ମେଡିକାଲରେ ଭର୍ତ୍ତି କରିଛି। ସର୍ବାଧିକ ବାସୁଦେବପୁରରେ ୪୫ଜଣଙ୍କୁ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସେହିଭଳି ବରପଦା, ଭଣ୍ଡାରିପୋଖରୀ, ବନ୍ତ, ଚାନ୍ଦବାଲି, ଧାମନଗର, ତିହିଡ଼ି ଭଦ୍ରକ ଜିଲା ଚିକିତ୍ସାଳୟରେ ମଧ୍ୟ ଗର୍ଭବତୀଙ୍କୁ ଭର୍ତ୍ତି କରାଯାଇଛି।



ଭଦ୍ରକରେ ଜଣେ ଗର୍ଭବତୀଙ୍କୁ ମେଡିକାଲ ନିଆଯାଉଛି।



ଭଦ୍ରକର ଏକ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।

## ସଂକ୍ଷେପରେ

### ଗଞ୍ଜାମ ଜିଲାପାଳଙ୍କୁ ଏସ୍‌ଆର୍‌ସିଙ୍କ ପ୍ରଶଂସା




ଛତ୍ରପୁର,୨୦।୫(ଡି.ଏନ୍.ଏ.)-ବାତ୍ୟା 'ଅମ୍ଫନ' ମୁକାବିଲା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପ୍ରସ୍ତୁତି ଚଳାଇଥିଲା। ଜିଲା ପ୍ରତି ବାତ୍ୟା ବିପଦ ଟଳିଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା ସୂଚନା ଦେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଟୁଇଟ୍ କରି ପ୍ରଶଂସା କରିଛନ୍ତି। ଗତ ୬୦ରୁ ଊର୍ଦ୍ଧ୍ୱ ଦିନ ହେବ ଜିଲାପାଳ କରୋନା ମୁକାବିଲା ପାଇଁ ଅହରହ କାମ କରୁଛନ୍ତି। ଉତ୍ସର୍ଗୀକୃତ ମନୋଭାବ ନେଇ ସେ ତାଙ୍କ କର୍ତ୍ତବ୍ୟ ଜାରି ରଖିଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନର ଧନ୍ୟବାଦ ଜଣାଇଛନ୍ତି। ଜିଲାପାଳ କୁଲାଙ୍ଗେ ମଧ ରିଟୁଇଟ କରିଛନ୍ତି।

### ସଙ୍ଗରୋଧ କେନ୍ଦ୍ର ପାଣିଟାଙ୍କି ଭୁଶୁଡ଼ିଲା

ଆର.ଉଦୟଗିରି,୨୦।୫(ଡି.ଏନ୍.ଏ.): ନୂଆଗଡ଼ ବ୍ଲକ ତାବରଡ଼ା ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀମାନଙ୍କ ପାଇଁ ପାଣି ସୁବିଧା ନିମନ୍ତେ ୧୦ହଜାର ଲିଟର ବିଶିଷ୍ଟ ଏକ ଟାଙ୍କି ନିର୍ମାଣ ହୋଇଥିଲା। ଏହି କାମ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କରାଯାଇଥିଲା। ନିର୍ମାଣର ୬ଦିନ ପରେ ଏହା ଭୁଶୁଡି ପଡିଛି। ନିର୍ମାଣର ୫ ଦିନରେ ଯନ୍ତ୍ରୀମାନେ ଟାଙ୍କିରେ ପାଣି ଭରି ଦେଖିବାକୁ କହିଥିଲେ। ସୋମବାର ସନ୍ଧ୍ୟାରେ ପାଣି ଭର୍ତ୍ତି କରାଯାଇଥିବାବେଳେ ରାତିରେ ଭୁଶୁଡି ପଡିଥିଲା। ଏନେଇ ନୂଆଗଡ଼ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ପୁନର୍ବାର ନିର୍ମାଣ କରାଯିବ। ଟାଙ୍କିର ଅଟକଳ ମୂଲ୍ୟ ୨୦ ହଜାର ଟଙ୍କା ଭିତରେ ହେବ । କନିଷ୍ଠ ଯନ୍ତ୍ରୀ ଏହାର କ୍ଷତି ଭରଣା କରିବେ ବୋଲି କହିଛନ୍ତି।

### ୫୨ ବସ୍ତା ଗୁଟ୍‌ଖା ଜବତ, ଜଣେ ଅଟକ

ଶେରଗଡ,୨୦।୫(ଡି.ଏନ୍.ଏ.)- ଶେରଗଡ ପୋଲିସ ଓ ପ୍ରଶାସନ ତହସିଲ ରୋଡରେ ଥିବା ଏକ ଘରୁ ବିପୁଳ ପରିମାଣର ଗୁଟ୍‌ଖା ଓ ଖଇନି ଜବତ କରିଛି। ଜଣେ ବ୍ୟକ୍ତିଙ୍କ ଘରେ ବିପୁଳ ପରିମାଣର ଗୁଟ୍‌ଖା ମହଜୁଦ୍ ଥିବା ଖବର ପାଇ ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ସଦଳବଳ ଚଢାଉ କରିଥିଲେ। ଉକ୍ତ ଘରୁ ୫୨ ବସ୍ତା ଗୁଟ୍‌ଖା ଓ ଖଇନି ଜବତ ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ୯ଲକ୍ଷ ଟଙ୍କା ହେବ ବୋଲି ତହସିଲଦାର କହିଛନ୍ତି। ନଂ.୫୧/୨୦ରେ ମାମଲା ରୁଜୁକରି ପୋଲିସ ଘର ମାଲିକଙ୍କ ପୁଅଙ୍କୁ ଅଟକ ରଖିଛନ୍ତି।

### ସାପ କାମୁଡ଼ାରେ ନାବାଳକ ମୃତ

ବେଗୁନିଆପଡା,୨୦।୫(ଡି.ଏନ୍.ଏ.)- କୋଦଳା ଥାନା ତାଲସର ପଞ୍ଚାୟତ ହଂସତୁଳି ଗ୍ରାମରେ ସାପ କାମୁଡାରେ ବୁଧବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଣୁ ନାୟକଙ୍କ ପୁଅ ପିଣ୍ଟୁ (୧୫)। ସକାଳୁ ଘର ବାହାରେ ପିଣ୍ଟୁ ପରିସ୍ରା କରୁଥିବାବେଳେ ଏକ ନାଗସାପ କାମୁଡି ଦେଇଥିଲା। ପରିବାର ଲୋକେ ପ୍ରଥମେ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ଅବଧି ସରିଲା, କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଗଲେ ୨୩୬

ଛତ୍ରପୁର,୨୦।୫(ଡି.ଏନ୍.ଏ.)

**କୋଭିଡ୍ ସ୍ୱାସ୍ଥ୍ୟକର୍ମୀ ପ୍ରମାଣପତ୍ର ଦେଲା ପ୍ରଶାସନ**

ଗଞ୍ଜାମ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ବୁଧବାର ୨୧ଦିନିଆ ଅବଧି ସାରିଥିବା ୨୩୬ ଜଣଙ୍କୁ ଘରକୁ ପଠାଯାଇଛି। ପ୍ରଶାସନ ପକ୍ଷରୁ ଏମାନଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଶେରଗଡ଼ ବ୍ଲକର ୧୧୮, ଧରାକୋଟ ବ୍ଲକର ୧୧୨ ଓ ରଙ୍ଗେଇଲୁଣ୍ଡା ବ୍ଲକର ୬ଜଣ ଘରକୁ ଫେରିଛନ୍ତି। ଏମାନେ ଆଉ ୭ ଦିନ ଘରେ ସଙ୍ଗରୋଧରେ ରହିବେ। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଫେରିବା ବେଳେ ସମସ୍ତଙ୍କୁ କୋଭିଡ୍ ସ୍ୱାସ୍ଥ୍ୟକର୍ମୀ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆବଶ୍ୟକ ପଡ଼ିଲେ ତାଲିମପ୍ରାପ୍ତ ଏହି ବ୍ୟକ୍ତିମାନେ କ୍ୱାରାଣ୍ଟାଇନ୍‌ରେ ଥିବା ଲୋକଙ୍କ ସ୍ୱାସ୍ଥ୍ୟସେବା କରିପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅନ୍ତେବାସୀମାନଙ୍କୁ ପ୍ରଶାସନ ପକ୍ଷରୁ କୋଭିଡ୍ ସ୍ୱାସ୍ଥ୍ୟ କର୍ମୀ ତାଲିମ ପ୍ରଦାନ କରାଯାଉଛି।


ଘରକୁ ଯାଉଥିବା ବ୍ୟକ୍ତିମାନେ।

## ଗଞ୍ଜାମରେ ସୁସ୍ଥ ସଂଖ୍ୟା ୧୩୨

ଗଞ୍ଜାମ ଜିଲାରେ ବୁଧବାର ପୁଣି ୨୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏ ସମ୍ପର୍କରେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏମାନଙ୍କୁ କୋଭିଡ୍ -୧୯ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି । ଜିଲାରେ ପୂର୍ବରୁ ୧୦୯ ଜଣ ସୁସ୍ଥ ହୋଇଥିଲେ । ବୁଧବାର ୨୩ ଜଣଙ୍କୁ ମିଶାଇ ମୋଟ ୧୩୨ ଜଣ ସୁସ୍ଥ ହେଲେଣି। ସୁସ୍ଥ ହୋଇ ଫେରୁଥିବା ବ୍ୟକ୍ତିମାନେ ଘରେ କ୍ୱାରାଣ୍ଟାଇନ୍‌ରେ ରହିବେ। ସ୍ୱାସ୍ଥ୍ୟ ଟିମ୍ ଏମାନଙ୍କ ଉପରେ ନଜର ରଖିବେ ବୋଲି ସୂଚନା ଦିଆଯାଇଛି।

# କନ୍ଧମାଳରେ ଆଉ ଜଣେ ପଜିଟିଭ

ଫୁଲବାଣୀ ଅଫିସ, ୨୦।୫

- କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ ହେଲା
- ମଙ୍ଗଳବାର ସୁଦ୍ଧା ଜିଲାକୁ ଫେରିଛନ୍ତି ୧୬୧୪ ପ୍ରବାସୀ

କନ୍ଧମାଳ ଜିଲାରେ ପୁଣି ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୩ରେ ପହଞ୍ଚିଛି। ପୂର୍ବ କରୋନା ଆକ୍ରାନ୍ତଦ୍ୱୟଙ୍କ ପରି ତୃତୀୟ ଜଣକ ମଧ କ୍ୱାରାଣ୍ଟାଇନ୍‌ରେ ଥିଲେ । ଟିକାବାଲି ବ୍ଲକ ଅଞ୍ଚଳର ଏହି ବ୍ୟକ୍ତି ଜଣକ କେରଳରୁ କିଛିଦିନ ପୂର୍ବେ ଘରକୁ ଆସିଥିଲେ । ତାଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖା ଯାଇଥିଲା । ସ୍ୱାବ୍ ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଭୁବନେଶ୍ୱର ପଠାଇ ଦିଆଯାଇଛି । ଅନ୍ୟପକ୍ଷରେ ମଙ୍ଗଳବାର ସୁଦ୍ଧା ଦେଶର ୧୭ ରାଜ୍ୟରୁ ମୋଟ ୧୬୧୪ ପ୍ରବାସୀ ଜିଲାକୁ ଫେରିଛନ୍ତି। ସେମାନଙ୍କୁ ଜିଲାର ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ୪୨ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖାଯାଇଛି।

ଗୋଷ୍ଠୀ ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ ପାଇଁ ସକାଳ ୭ରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତ୍ୱ ଅବଲମ୍ବନକୁ ବାଧ୍ୟତାମୂଳକ କରାଯାଇଛି। ପ୍ରବାସୀ ଓଡ଼ିଆ ରହୁଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ୧୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ବଳବତ୍ତର ରହିଛି। ଏଥିସହିତ ଜିଲାର ସମସ୍ତ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ସଂଧ୍ୟା ୭ରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ଏହାର ଖିଲାପକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କୌଣସି ପ୍ରକାର ଗୁଜବକୁ ଆଧାର କରି ବିଚଳିତ କିମ୍ବା ଆତଙ୍କିତ ନ ହେବା ଏବଂ କୋଭିଡ୍ -୧୯ ସମ୍ପର୍କିତ ସମସ୍ତ ନିୟମାବଳୀ ପାଳନ କରିବାକୁ ଜିଲା ପ୍ରଶାସନ ତରଫରୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।

# ଶଙ୍କରପୁର ସାହି ଆସେସ୍ କଣ୍ଟ୍ରୋଲ ଜୋନ୍ ବଳବତ୍ତର

ବ୍ରହ୍ମପୁର ଅଫିସ,୨୦।୫

- ୭୬୮ ଲୋକଙ୍କ ପ୍ରଥମ ପର୍ଯ୍ୟାୟ ସ୍ୱାସ୍ଥ୍ୟ ପରୀକ୍ଷା
- ୯୩ ଜଣଙ୍କର ସ୍ୱାବ୍ ନମୁନା ସଂଗ୍ରହ

ଆସେସ୍ କଣ୍ଟ୍ରୋଲ ଜୋନ୍‌ଭାବେ ଘୋଷଣା କରାଯାଇଥିବା ବ୍ରହ୍ମପୁର ବଡ଼ବଜାର ଅଞ୍ଚଳ ଶଙ୍କରପୁର ସାହିରେ ବ୍ରହ୍ମପୁର ମହାନଗର ନିଗମର କଟକଣା ବଳବତ୍ତର ରହିଛି। ଇତିମଧ୍ୟରେ ସମସ୍ତ ପରିବାରର ସଦସ୍ୟଙ୍କ ପ୍ରଥମ ପର୍ଯ୍ୟାୟ ସ୍ୱାସ୍ଥ୍ୟ ପରୀକ୍ଷା ସରିଥିବା ସୂଚନା ଦିଆଯାଇଛି। ଗତ ୫ ଦିନ ମଧ୍ୟରେ ସାହିର ୧୬୩ ଘର ୭୬୮ ଲୋକଙ୍କ ପ୍ରଥମ ପର୍ଯ୍ୟାୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୯୩ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ତେବେ ନମୁନା ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବା ନେଇ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ବ୍ରହ୍ମପୁର ବଡବଜାର ଅଞ୍ଚଳର ଶଙ୍କରପୁର ସାହିର କିଛି ଲୋକ କୋଭିଡ୍-୧୯ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଆଶଙ୍କା ନେଇ ସାହିକୁ ଆସେସ୍ କଣ୍ଟ୍ରୋଲ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ସାହିର ସମସ୍ତ ପରିବାରଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

### ଦୁର୍ଘଟଣାରେ ଜଣେ ମୃତ

ବେଗୁନିଆପଡା, ୨୦।୫(ଡି.ଏନ.ଏ.)

ଭେଜିପୁଟ କଞ୍ଚଣା ପୂର୍ତ୍ତ ବିଭାଗ ରାସ୍ତାର ପଥୁରୀନାଳ ବାଙ୍କରେ ବୁଧବାର ଏକ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆପଡା ବ୍ଲକ ମୁଣ୍ଡୁଳା ଗ୍ରାମର ରାଜୁ ପ୍ରଧାନ (୪୦)। ତାଙ୍କ ସାଙ୍ଗ ପ୍ରଦୀପ ଗୌଡ଼ ଗୁରୁତର ଆହତ ହୋଇଛନ୍ତି। ରାଜୁ ବାଇକ (ନଂ.ଓଡି୦୭ଆର୍-୦୧୬୬)ରେ ଭଉଣୀ ଘର ଖଲ୍ଲିକୋଟ ବ୍ଲକ ତୋଟାଗାଁକୁ ଭାର ଦେବାକୁ ସାଙ୍ଗ ପ୍ରଦୀପ ସହ ଯାଇଥିଲେ। ଫେରିବାବେଳେ ପଥୁରୀନାଳ ବାଙ୍କରେ ବାଇକଟି ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ରାଜୁଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ସୀମାନ୍ତରେ ୨୪ ଘଣ୍ଟିଆ ଅନ୍‌ଲାଇନ ପଞ୍ଜୀକରଣ

**ଅନ୍ୟ ରାଜ୍ୟରୁ ଆସୁଛି ଗାଡ଼ି, ଫେରୁଛନ୍ତି ଶ୍ରମିକ**

ଛତ୍ରପୁର,୨୦।୫ (ଡି.ଏନ୍.ଏ.)

ବାହାର ରାଜ୍ୟରୁ ଶ୍ରମିକମାନେ ଗାଡ଼ି ଯୋଗେ, ସାଇକେଲରେ ଓ ଚାଲି ଚାଲି ଆନ୍ଧ୍ରପ୍ରଦେଶ-ଗଞ୍ଜାମ ଜିଲା ସୀମାରେ ଥିବା ଗିରିଶୋଳା ଚନଖି ଫାଟକ ଦେଇ ବିଭିନ୍ନ ଜିଲାକୁ ଆସୁଛନ୍ତି। ଗିରିଶୋଳା ଚନଖି ଫାଟକରେ ସମସ୍ତ ଗାଡି ଓ ଶ୍ରମିକଙ୍କ ପଞ୍ଜୀକରଣ କରାଯାଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୋଭିଡ୍ ପୋର୍ଟାଲରେ ଅନ୍‌ଲାଇନରେ ହେଉଥିବା ଏହି ୨୪ ଘଣ୍ଟିଆ ପଞ୍ଜୀକରଣ କାର୍ଯ୍ୟ ଜିଲା ଶିକ୍ଷାଧିକାରୀ ଓ ଗଞ୍ଜାମ ଆର୍‌ଟିଓ ଅଫିସର ଅଧିକାରୀ ଓ କର୍ମଚାରୀ ୩ଟି ସିଫ୍ଟରେ କରୁଛନ୍ତି। ଶ୍ରମିକମାନଙ୍କୁ ନିକଟସ୍ଥ ହଳଦିଆପଦର ବସଷ୍ଟାଣ୍ଡକୁ ନିଆଯାଉଛି। ସେଠାରେ ଖାଦ୍ୟ ପ୍ୟାକେଟ ଓ ପାଣି ଦିଆଯିବା ପରେ ନିଜ ନିଜ ଜିଲାକୁ ପଠାଯାଉଛି। ଗଞ୍ଜାମର ଶ୍ରମିକମାନଙ୍କୁ ନିଜ ନିଜ ବ୍ଲକକୁ ପଠାଯାଉଥିବା ଛତ୍ରପୁରସ୍ଥିତ ଜିଲା କୋଭିଡ୍ ସେଲ ଓ ଆରଟିଓ ଅଫିସ ପକ୍ଷରୁ ସୂଚନା ମିଳିଛି ।


ପଞ୍ଜୀକରଣ ଚାଲିଛି।

# ଶ୍ରମିକଙ୍କୁ ନେଇ ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର


ଦୁର୍ଘଟଣାସ୍ଥଳରେ ଉପଜିଲାପାଳ।

ଖଲ୍ଲିକୋଟ,୨୦।୫(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଡିମିରିଆ ଛକ ନିକଟରେ ବୁଧବାର ସକାଳେ ତାମିଲନାଡୁରୁ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଟ୍ରକ ପଛରେ ପିଟି ହୋଇଥିଲା। ଏଥିରେ ୩ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଆଲି ମିଦା (୩୦), ଖୁର୍ସିଦ୍ ସେଖ (୫୨) ଓ ମିଜାରୁଲ ମିଦା (୩୫)। ଆଲି ମିଦାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଥିଲେ। ଖଲ୍ଲିକୋଟ ପୋଲିସ ବସ୍ ଓ ଟ୍ରକକୁ ଜବତ କରିଛି।

### ସଙ୍ଗରୋଧ କେନ୍ଦ୍ରରେ ଥିବା ବୃଦ୍ଧଙ୍କ ମୃତ୍ୟୁ

କବିସୂର୍ଯ୍ୟନଗର,୨୦।୫(ଡି.ଏଡ୍.ଏ.)

ସୁରଟରୁ ଫେରି ଗତ ୧୩ ତାରିଖରେ ଉଲା ଡାକୁଆ ଓ ତାଙ୍କ ପରିବାରର ୧୪ ଜଣ ଜରଡ ପଞ୍ଚାୟତ ମୋହନାପଲ୍ଲୀ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ମଙ୍ଗଳବାର ଉଲାଙ୍କୁ ଜ୍ୱର ଓ ଝାଡା ହେବାରୁ ହିଞ୍ଜିଳିକାଟୁ ଓ ପରେ ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରାତି ପ୍ରାୟ ୧ଟାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବାରୁ ମୃତଦେହ ହସ୍ପିଟାଲରେ ରଖାଯାଇଛି। ମୃତଦେହ ଗାଁରେ ପୁରାଇ ଦେବେନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଅପରାହ୍ନରେ ବୋରସିଂ ଓ ଉକ୍ତ ସଙ୍ଗରୋଧ କେନ୍ଦ୍ରକୁ ଯାଇ ପରିବାର ଲୋକଙ୍କୁ ଭେଟି ଫେରିଛନ୍ତି। ମାତ୍ର ପରିବାର ପକ୍ଷରୁ ପ୍ରଶାସନ ଢ଼ିଲା ବ୍ୟବସ୍ଥା ଯୋଗୁ ଏଭଳି ଘଟିଲା ବୋଲି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ୨ ଦୋକାନ ସିଲ୍, ଜରିମାନା ଆଦାୟ

ଆସିକା, ୨୦।୫ (ଡି.ଏନ୍.ଏ.)

**କୋଭିଡ୍ ନିୟମ ଉଲ୍ଲଂଘନ**

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରଶାସନ ପକ୍ଷରୁ ବୁଧବାର ଆସିକା ଏନ୍‌ଏସି ଅଞ୍ଚଳରେ ଦୁଇଟି ଦୋକାନ ସିଲ୍ ସହ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଖମ୍ବେଶ୍ୱରୀପାଟଣାରେ ଅନୁମତି ନ ଥାଇ ଖୋଲିଥିବା ଗୋଟିଏ ବିୟୁଟି ପାର୍ଲରକୁ ସିଲ୍ କରାଯାଇଥିବା ବେଳେ କଳିଙ୍ଗା ରୋଡରେ ଗୋଟିଏ ୱେଲ୍ଡିଂ ଦୋକାନ ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିବା ଅଭିଯୋଗରେ ୨୪ ଘଣ୍ଟା ପାଇଁ ବନ୍ଦ କରାଯାଇଛି । ମଙ୍ଗଳବାର ଆସିକା ଏନ୍‌ଏସି ଅଞ୍ଚଳରେ ଏହି ନିୟମ ଉଲ୍ଲଂଘନ ଅଭିଯୋଗରେ ଦୁଇ ଦୋକାନ ସିଲ୍‌କରାଯିବା ସହ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଆସିକା ତହସିଲଦାର ସଦାନନ୍ଦ ସେଠୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା ।

# କ୍ରିକେଟ ନ ଖେଳିବାକୁ ତାଗିଦ କରିବାରୁ ପ୍ରଶାସନିକ ଅଧିକାରୀଙ୍କୁ ଦୁର୍ବ୍ୟବହାର

ଗଞ୍ଜାମ,୨୦।୫(ଡି.ଏନ୍.ଏ.)

**ଥାନାରେ ଏତଲା**

କଟକଣା ସତ୍ତ୍ୱେ କ୍ରିକେଟ ଖେଳୁଥିବା କେତେଜଣ ଅମାନିଆ ଯୁବକଙ୍କୁ ଛତ୍ରପୁର ବିଡିଓ ଓ ତହସିଲଦାର ତାଗିଦ କରିବାରୁ ସେମାନେ ଦୁର୍ବ୍ୟବହାର କରିଥିବା ଗଞ୍ଜାମ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାସ ଓ ତହସିଲଦାର ନୀଳମାଧବ ଭୋଇ ବୁଧବାର ଅଗସ୍ତି ନୂଆଗାଁ କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନରେ ଯାଉଥିଲେ। ଅଗସ୍ତି ନୂଆଗାଁ ବାତ୍ୟା ଆଶ୍ରୟସ୍ଥଳ ନିକଟରେ କେତେଜଣ ଯୁବକ କ୍ରିକେଟ ଖେଳୁଥିବା ଦେଖି ଅଟକିଥିଲେ। ଲକ୍‌ଡାଉନ୍‌ବେଳେ ଏପରି ଏକାଠି ହୋଇ ନ ଖେଳିବାକୁ ଯୁବକମାନଙ୍କୁ ତାଗିଦ୍ କରିଥିଲେ। ସମ୍ପୃକ୍ତ ଯୁବକମାନେ ଏହାକୁ ନେଇ ବିଡିଓ ଓ ତହସିଲଦାରଙ୍କ ସହ ଯୁକ୍ତିତର୍କ କରିବା ସହ ଠେଲାପେଲା କରିଥିଲେ। ଖବରପାଇ ଗଞ୍ଜାମ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏନେଇ ବିଡିଓ ଅମ୍ବିକା ପ୍ରସାଦ ଦାସଙ୍କ ଏତଲାକ୍ରମେ ଗଞ୍ଜାମ ଥାନାରେ ପୋଲିସ ନଂ. ୬୨/୨୦ରେ ଏକ ମାମଲା ରୁଜୁ କରିଛି।। ଏ ନେଇ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ବିଡିଓଙ୍କ ଏତଲାକ୍ରମେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ସମ୍ପୃକ୍ତ ଯୁବକମାନଙ୍କୁ ପୋଲିସ ଟିମ୍ ଖୋଜୁଛି ବୋଲି କହିଛନ୍ତି।

# ସାବିତ୍ରୀ ପାଇଁ ଆଗୁଆ ଶଟ୍‌ଡାଉନ୍ ଘୋଷଣା କଲେ ସରପଞ୍ଚ

ପୋଲସରା,୨୦।୫(ଡି.ଏନ୍.ଏ.)

ପୋଲସରା ବ୍ଲକ କଳମ୍ବ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ ସାବିତ୍ରୀ ବ୍ରତ ପାଇଁ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ଶନିବାର ସକାଳ ୭ଟା ପର୍ଯ୍ୟନ୍ତ ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ପୂଜାରେ ମାସ୍କ ବ୍ୟବହାର ସହ ସାମାଜିକ ଦୂରତ୍ୱ ରଖିବା, ସର୍ବସାଧାରଣ ସ୍ଥାନରେ ଜନଗହଳି ହୋଇ ପୂଜା ନ କରିବା, ଚଉଁରା ନିକଟରେ ୫ ଜଣରୁ ଅଧିକ ରହି ପୂଜା ନ କରିବା ଓ ପ୍ରସାଦ ବଣ୍ଟନ ନ କରିବାକୁ ଗାଇଡ୍‌ଲାଇନ୍ ଜାରି କରିଥିବା ସରପଞ୍ଚ ପ୍ରଧାନ ସୂଚନା ଦେଇଛନ୍ତି। ଏହି ପଞ୍ଚାୟତରେ ୧୫ ସଙ୍ଗରୋଧ ଗୃହରେ ୫ ଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହୁଛନ୍ତି। ସେମାନେ ସମସ୍ତେ ସ୍ଥାନୀୟ ପଞ୍ଚାୟତର।

# ୭ ଅନ୍ତେବାସୀ ଫେରାର ଘଟଣା:ପ୍ରଶାସନିକ ତଦନ୍ତ ଆରମ୍ଭ

ବ୍ରହ୍ମପୁର ଅଫିସ,୨୦।୫

**ସୁରକ୍ଷାକର୍ମୀଙ୍କୁ ନିଲମ୍ବନ ନିର୍ଦ୍ଦେଶ**

ବ୍ରହ୍ମପୁର ସ୍ୱତନ୍ତ୍ର ବାଳସୁଧାର ଗୃହରେ ଥିବା ଶିଶୁ ଓ କିଶୋର ଅନ୍ତେବାସୀ ମଙ୍ଗଳବାର ଫେରାର ଘଟଣାରେ ବୁଧବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ୨୪ ଘଣ୍ଟା ପରେ ମଧ ଫେରାର ଅନ୍ତେବାସୀଙ୍କୁ ଉଦ୍ଧାର କରାଯାଇ ପାରି ନ ଥିବା ବେଳେ ସେମାନେ କିପରି ଓ କେଉଁ ପରିସ୍ଥିତିରେ ସେଠାରୁ ଗଲେ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି। ବୁଧବାର ବ୍ରହ୍ମପୁର ଉପ ଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ ଷଡଙ୍ଗୀ ବାଳସୁଧାର ଗୃହକୁ ଯାଇ ତଦନ୍ତ କରିଛନ୍ତି। ସେଠାରେ ୬ରୁ ୧୧, ୧୧ରୁ ୧୫ ଓ ୧୬ରୁ ୧୮ ବର୍ଷ ପିଲାମାନେ ରହୁଥିଲେ। ୧୬ରୁ ୧୮ ବର୍ଷ ବୟସର ୭ ଅନ୍ତେବାସୀ ଫେରାର ହୋଇଯାଇଛନ୍ତି ବୋଲି ଡିସିପିଓ ଷଡଙ୍ଗୀ ସୂଚନା ଦେଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ କରିଥିବା ଗାର୍ଡ ଡି.ରମନ୍ନାଙ୍କ ବୟାନ ରେକର୍ଡ କରାଯାଇଛି। ମଙ୍ଗଳବାର ଫେରାର ହୋଇଯାଇଥିବା କିଶୋରମାନେ ଅଧୀକ୍ଷକ ପ୍ରଶାନ୍ତ କୁମାର ହରଙ୍କ ପ୍ରକୋଷ୍ଠକୁ ଯାଇ ଫୋନରେ ଘର ଲୋକଙ୍କ ସହ କଥା ହୋଇଥିଲେ। ସୁଧାର ଗୃହରେ ଖଞ୍ଜାଯାଇଥିବା ସିସି ଟିଭି ଫୁଟେଜ ମଧ ଯାଞ୍ଚ କରାଯାଇଛି। ପ୍ରଶାସନିକ ଅଧିକାରୀମାନେ ସେଠାରେ ଥିବା ଷ୍ଟାଫ, ଅନ୍ତେବାସୀ ଓ ଅଧୀକ୍ଷକଙ୍କ ବୟାନ ରେକର୍ଡ କରିଛନ୍ତି। ଅନ୍ୟପଟେ ସୁଧାର ଗୃହ ମୁଖ୍ୟ ଗେଟ ଖୋଲାଥିବାରୁ ୭ ଜଣ ପଳାଇବାରେ ସକ୍ଷମ ହୋଇଥିଲେ। ଯାହାକି ଫୁଟେଜରୁ ଦେଖିବାକୁ ମିଳିଛି। କାର୍ଯ୍ୟରେ ଅବହେଳା ଦୃଷ୍ଟିରୁ ଗାର୍ଡଙ୍କୁ ନିଲମ୍ବନ କରିବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଡିସିପିଓ ଷଡଙ୍ଗୀ କହିଛନ୍ତି। ଅନ୍ୟପଟେ ସେମାନେ କରିଥିବା ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦେବେ, ଯାହାକି ଜିଲାପାଳ ଗୃହ ବିଭାଗକୁ ପଠାଇବେ ବୋଲି ମଧ ସେ କହିଛନ୍ତି। ସେହିପରି ବୈଦ୍ୟନାଥପୁର ପୋଲିସ ପକ୍ଷରୁ ମଧ ଘଟଣାର ତଦନ୍ତ କରାଯାଇଛି।

# ସାମାଜିକ ଦୂରତ୍ୱ ସଚେତନ କରିବ ସଂଘ

ବ୍ରହ୍ମପୁର ଅଫିସ,୨୦।୫

- ବିଏମ୍‌ସି-ଚାମ୍ବର ଅଫ କମର୍ସ ମଧ୍ୟରେ ବୈଠକ
- ନିୟମ ଉଲ୍ଲଂଘନକାରୀଙ୍କ ବିଷୟରେ ସୂଚନା ଦେବ

ବ୍ରହ୍ମପୁର ସହରରେ ବହୁ ଶୋରୁମ ମାଲିକ ତଥା ବ୍ୟବସାୟୀ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ଏ ଦିଗରେ ସହରର ବୃହତ୍ ବ୍ୟବସାୟୀ ତଥା ଶୋରୁମ ମାଲିକଙ୍କୁ ସଚେତନ କରିବାକୁ ନେଇ ବୁଧବାର ବ୍ରହ୍ମପୁର ମହାନଗର ନିଗମ ଓ ଜିଲା ଚାମ୍ବର ଅଫ୍ କମର୍ସ ସମେତ ସହରର ସମସ୍ତ ବ୍ୟବସାୟୀ ଆସୋସିଏଶନ କର୍ମକର୍ତ୍ତାଙ୍କ ମଧ୍ୟରେ ବୈଠକ ବସିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଅନ୍ନପୂର୍ଣ୍ଣାମାର୍କେଟରେ ଥିବା କଳାମନ୍ଦିର ଶାଢି ଶୋରୁମକୁ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ତାଗିଦ କରିବାକୁ ଯାଇଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ଙ୍କୁ ଅଟକ ରଖିବା ସହ ଦୁର୍ବ୍ୟବହାର ଅଭିଯୋଗକୁ ଚାମ୍ବର ଅଫ୍ କମର୍ସ ପକ୍ଷରୁ ନିନ୍ଦା କରାଯାଇଥିଲା। ଏନେଇ ସମସ୍ତ ଦୋକାନୀ ଓ ଶୋରୁମ ମାଲିକଙ୍କୁ ଚାମ୍ବର ପକ୍ଷରୁ ଅବଗତ କରାଯିବା ସହ ଆଗାମୀ ଦିନରେ କେହି ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କଲେ, ବିଏମ୍‌ସିକୁ ଅବଗତ କରାଇବା ନେଇ କୁହାଯାଇଥିଲା। କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଚାମ୍ବର ଅଫ କମର୍ସ ସଭାପତି ଶିବ ପ୍ରସାଦ ରାଓ, ସମ୍ପାଦକ ଭି.ସନ୍ତୋଷ କୁମାର, ଜେ. ଶ୍ରୀନୁ, ଓଡିଶା ବ୍ୟବସାୟୀ ମହାସଂଘ ସଭାପତି ସି. ରବୀନ୍ଦ୍ର ନାଥ, ଅର୍ବାନ ବ୍ୟାଙ୍କ ମର୍ଚ୍ଚାଣ୍ଡ ୱେଲଫେୟାର ଆସୋସିଏଶନ ସମ୍ପାଦକ ଅରୁଣ ରାଠୋର, ହୋଲସେଲ କ୍ଲଥ ମର୍ଚ୍ଚାଣ୍ଡ ଆସୋସିଏଶନ ଉପସଭାପତି ବି. ଆନନ୍ଦ ରାଓ ପ୍ରମୁଖ ଉପସ୍ଥିତ ଥିଲେ।


କମିଶନରଙ୍କ ସହ ବ୍ୟବସାୟୀମାନେ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ଗୁରୁବାର, ୨୧ ମେ, ୨୦୨୦



## ସଂକ୍ଷେପରେ

### ୨ ମାସ ହେଲା ଧାନ ବିକା ଟଙ୍କା ମିଳୁନି

**ଦେବଗଡ଼,୨୦।୫(ଡି.ଏନ.ଏ):** ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଟାପାଲି ସେବା ସମବାୟ ସମିତିରେ ୪୨ ଜଣ ଚାଷୀ ମାର୍ଚ୍ଚ ୨୯ ଓ ୩୦ରେ ୧୫ଶହ ୭୭ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ପ୍ରାୟ ଦୁଇ ମାସ ପୂରିବାକୁ ଯାଉଥିବାବେଳେ ସେମାନଙ୍କୁ କିନ୍ତୁ ଧାନବିକା ଟଙ୍କା ଦିଆଯାଉ ନାହିଁ। ଏ ନେଇ ସେମାନେ ପୂର୍ବରୁ ମଧ ଜିଲା ଯୋଗାଣ ବିଭାଗରେ ଅଭିଯୋଗ କରିଛନ୍ତି। ହେଲେ କିଛି ଲାଭ ହୋଇନି। ଏଣୁ ବୁଧବାର ଜିଲା କୃଷକ ସଂଘର୍ଷ ସଂଘ ଜିଲା ପ୍ରଶାସନକୁ ଏହି ମର୍ମରେ ଏକ ସ୍ମାରକ ପତ୍ର ଦେଇଛି। ସଂଘର ସଭାପତି ସେମ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ହେଲେ ଜିଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

### କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀଙ୍କ ଯୋଗଶିକ୍ଷା

**ଖପ୍ରାଖୋଲ,୨୦।୫(ଡି.ଏନ.ଏ.):** କରୋନା ସଂକ୍ରମଣ ରୋକିବାକୁ ଦେଶ ଲକ୍‌ଡାଉନ୍ ରହିଛି। ରାଜ୍ୟ ବାହାରେ ଥିବା ପ୍ରବାସୀ ଏବେ ଘରକୁ ଫେରୁଛନ୍ତି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ପଞ୍ଚାୟତରେ କରାଯାଇଥିବା ସଙ୍ଗରୋଧ କେନ୍ଦ୍ର ବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଉଛି। ତେବେ ଏଠାରେ ସେମାନଙ୍କୁ ଫୂର୍ତ୍ତି ରଖିବାକୁ ଯୋଗ ଓ ପ୍ରାଣାୟମ ଆଦି ଶିକ୍ଷା ଦିଆଯାଉଛି। ସ୍ଥାନୀୟ ସ୍କୁଲ ପରିସରରେ ଥିବା କେନ୍ଦ୍ରରେ ଯୋଗଗୁରୁ ହରିଭାଇ ଆର୍ଯ୍ୟନ ଓ ମଣ୍ଟୁ ମେହେର ପ୍ରବାସୀଙ୍କୁ ଯୋଗ ଶିକ୍ଷା ଦେଉଛନ୍ତି। ବିଡିଓ ତରଣୀ ସୁନା, ସରପଞ୍ଚ ଉପେନ୍ଦ୍ର ଭୋଇ, ରାମାନନ୍ଦ ବେହେରା, ସନ୍ତୋଷ ଗଡତିଆ, ପୁରନ୍ ସାହୁଙ୍କ ଉପସ୍ଥିତିରେ କେନ୍ଦ୍ରରେ ଥିବା ପ୍ରବାସୀଙ୍କୁ ଯୋଗ ଶିକ୍ଷା ଦିଆଯାଉଛି। ପ୍ରତିଦିନ ସକାଳୁ ଅନ୍ତେବାସୀ ଯୋଗ, ପ୍ରାଣାୟମ କରୁଛନ୍ତି।

### ଜିଲା ଓକିଲ ସଂଘ ବାଛିଲା ଅନ୍ତରୀଣ କମିଟି

**ଦେବଗଡ଼,୨୦।୫(ଡି.ଏନ.ଏ.):** ଦେବଗଡ଼ ଜିଲା ଓକିଲ ସଂଘର ଅନ୍ତରୀଣ କମିଟି ଗଠିତ ହୋଇଛି। ଏହି କମିଟିର ଅଧକ୍ଷ ଭାବେ ସଂଘର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ଗୁରୁ ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ସଂଘର ପୂର୍ବତନ ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ଓ ରୁଦ୍ରମଣି ବେହେରା ମନୋନୀତ ହୋଇଛନ୍ତି। ଅଭିଜ୍ଞତା ଓ ବରିଷ୍ଠତା ଭିତ୍ତିରେ ସଂଘର ଜଣେ ପୂର୍ବତନ ସଭାପତିଙ୍କୁ କମିଟିର ଅଧକ୍ଷ ଏବଂ ୨ ଜଣ ପୂର୍ବତନ ସମ୍ପାଦକଙ୍କୁ ସମ୍ପାଦକ ଭାବେ ମନୋନୀତ କରି ଏ ସମ୍ପର୍କରେ ମେ ୨୦ ତାରିଖ ମଧରେ ଜଣାଇବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ(ଷ୍ଟେଟ ବାର୍ କାଉନସିଲ)ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ଶ୍ରୀବସ୍ତ ମିଶ୍ରଙ୍କ ଉପସ୍ଥିତିରେ କାର୍ଯ୍ୟନିର୍ବାହୀ କମିଟିର ଏକ ବୈଠକ ବସିଥିଲା। ଏହି ବୈଠକରେ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ମିଶ୍ର ରାଜ୍ୟ ଆଇନଜୀବୀ ପରିଷଦକୁ ପତ୍ର ମାଧମରେ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଫେବୃୟାରୀ ୨୯ ତାରିଖରେ ଜିଲା ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବାର ଥିଲା। ହେଲେ କରୋନା ଯୋଗୁ ଏହି ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା।

### ଲୋଇସିଂହା ବାର୍‌ର ଅନ୍ତରୀଣ କର୍ମକର୍ତ୍ତା ମନୋନୟନ

**ଲୋଇସିଂହା, ୨୦।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା କୋର୍ଟ ପରିସର ବାର୍ ସଭାଗୃହରେ ବାର୍‌ର ଅନ୍ତରୀଣ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଲକ୍ଷ୍ମୀନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଦିଲୀପ ବେହେରା ଅଧ୍ୟକ୍ଷ, ରାଜେନ୍ଦ୍ର ନାଏକ ସାଧାରଣ ସମ୍ପାଦକ, ଶୁଭେନ୍ଦୁ ସାହୁ କୋଷାଧ୍ୟକ୍ଷ ଓ ରମେଶ ପଟ୍ଟନାୟକ ସହସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ଶଶାଙ୍କଶେଖର ଭୋଇଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ଭୋଇ ବିବରଣୀ ପାଠ କରିବା ସହ ଆୟବ୍ୟୟ ସମୀକ୍ଷା କରିଥିଲେ ।

# ଝୁପି ଗଲେ ୧୦୬୮ ପ୍ରବାସୀ

**ସମ୍ବଲପୁର,୨୦।୫(ବ୍ୟୁରୋ)**

- ଘରକୁ ଯିବାବେଳେ ମୁହଁରେ ଦିଶିଲା ଖୁସିର ଛାପ
- ଗୁରୁବାର କାନପୁରରେ ପହଞ୍ଚିବ
- ପ୍ରଶାସନର ଅବ୍ୟବସ୍ଥା ଯୋଗୁ ଗାଡ଼ି ବିଳମ୍ବରେ ଛାଡ଼ିଲା
- ଆସିଥିବା ସବୁ ବସ୍‌କୁ ସାନିଟାଇଜ କରାଗଲା

ସମ୍ବଲପୁର ଷ୍ଟେଶନରୁ ବୁଧବାର ଏକ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ୧୦୬୮ ଜଣ ପ୍ରବାସୀଙ୍କୁ ଧରି ଉତ୍ତରପ୍ରଦେଶ ବାହାରିଛି। ଘରକୁ ଫେରୁଥିବାରୁ ଏମାନଙ୍କ ମୁହଁରେ ଖୁସି ଦେଖିବାକୁ ମିଳିଥିଲା। ହେଲେ ପ୍ରଶାସନର ଅବହେଳାରୁ ଧାର୍ଯ୍ୟ ସମୟଠାରୁ ପ୍ରାୟ ୨ ଘଣ୍ଟା ବିଳମ୍ବରେ ଟ୍ରେନ ବାହାରିଥିଲା।

୨୪ ବଗି ବିଶିଷ୍ଟ ଏହି ଟ୍ରେନ୍ (୦୮୩୧୧) କାନପୁର ଷ୍ଟେଶନରେ ଗୁରୁବାର ପୂର୍ବାହ୍ଣ ସାଢେ ୯ଟାରେ ପହଞ୍ଚିବାର ସମୟ ରହିଛି। ସୁରକ୍ଷା ଦୃଷ୍ଟିରୁ ସମ୍ବଲପୁର ଷ୍ଟେଶନର ଚାରିପାଖର ୨ଶହ ମିଟର ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯାଇଥିଲା। ଏହି ଯାତ୍ରା ସମୟରେ ଏମାନେ ଟ୍ରେନରେ ଯେଭଳି ଭୋକରେ ନ ରହିବେ ସେଥିପାଇଁ ଏମାନଙ୍କ ଲାଗି ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ପିଇବା ପାଣି ଯୋଗାଇ ଦିଆଯାଇଛି। ଏମାନଙ୍କୁ ପୋଲିସ ବଳୟ ଭିତରେ ବସ୍ ଯୋଗେ ବୁର୍ଲା ଭିସୁଟ ଛାତ୍ରାବାସରୁ ଷ୍ଟେଶନରେ ପ୍ରଶାସନ ପହଞ୍ଚାଇଥିଲା। ଷ୍ଟେଶନରେ ପହଞ୍ଚିବା ପରେ ଏମାନେ ସାମାଜିକ ଦୂରତା ରକ୍ଷା କରି ପ୍ଲାଟଫର୍ମକୁ ପ୍ରବେଶ କରିଥିଲେ। ଷ୍ଟେଶନରେ ସେମାନଙ୍କ ସ୍କ୍ରିନିଂ କରାଯାଇଥିଲା। ଏହାପରେ ଟ୍ରେନ୍ ଚଢିଥିଲେ। ଷ୍ଟେଶନରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଡ. ହିମାଂଶୁ କୁମାର ଲାଲ, ଜିଲାପାଳ ଶୁଭମ୍ ସକ୍‌ସେନା, ଏସ୍‌ପି କନୱର ବିଶାଲସିଂ, ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମୁଖଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡିଶାର ୧୧ଟି ଜିଲାର ବିଭିନ୍ନ ସ୍ଥାନରେ ରହି କାମଧନ୍ଦା କରୁଥିବା ଏହି ପ୍ରବାସୀମାମାନେ ଲକଡାଉନ ଯୋଗୁ ଫସି ଯାଇଥିଲେ। କାମଧନ୍ଦା ବନ୍ଦ ହୋଇ ଯାଇଥିଲା। ଏଣୁ ପାଖରେ ଥିବା ଟଙ୍କା ସରିଯିବା ପରେ ଏମାନଙ୍କୁ ଭୋକ ଉପାସରେ ଦିନ କାଟିବାକୁ ପଡ଼ିଥିଲା। ଉତ୍ତର ପ୍ରଦେଶ ସରକାର ଏହି ଖବର ଜାଣିଲା ପରେ ଏମାନଙ୍କୁ ନିଜ ରାଜ୍ୟକୁ ଫେରାଇ ନେବାକୁ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗ କରିଥିଲେ। ସେହି ଅନୁସାରେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ଏମାନଙ୍କୁ ପଠାଇବାକୁ ବ୍ୟବସ୍ଥା କରିଥିଲେ। ମଙ୍ଗଳବାର ଏମାନେ ବସ୍‌ରେ ଆସି ବୁର୍ଲା ଭିସୁଟ୍‌ରେ ପହଞ୍ଚିଥିଲେ । ସେଠାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ରାତିରେ ଖାଇବା ପରେ ସମସ୍ତେ ବିଶ୍ରାମ ନେଇଥିଲେ। ବୁଧବାର ମଧାହ୍ନ ଭୋଜନ ପରେ ବସ୍ ଯୋଗେ ସମସ୍ତଙ୍କୁ ସମ୍ବଲପୁର ଷ୍ଟେଶନରେ ପ୍ରଶାସନ ପହଞ୍ଚାଇଥିଲା। ତେବେ ଏମାନେ ଷ୍ଟେଶନରେ ଓହ୍ଲାଇଲା ପରେ ବସ୍‌ଗୁଡିକ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଏକାଠି ହୋଇଥିଲେ। ସେଠାରେ ପ୍ରଶାସନ ପକ୍ଷରୁ ବସ୍‌ଗୁଡିକୁ ସାନିଟାଇଜ କରି ଛଡାଯାଇଛି।


ଉତ୍ତରପ୍ରଦେଶର ପ୍ରବାସୀମାନେ ବୁଧବାର ନିଜ ରାଜ୍ୟକୁ ଯିବାକୁ ଟ୍ରେନ୍ ଧରିବା ଲାଗି ସାମାଜିକ ଦୂରତ୍ୱ ରକ୍ଷାକରି ସମ୍ବଲପୁର ଷ୍ଟେଶନକୁ ପ୍ରବେଶ କରୁଛନ୍ତି।

## ଦୋକାନ ଗୃହ ପ୍ରଦାନ ଦାବିରେ ଧାରଣା

**ସୋନପୁର,୨୦।୫(ନି.ପ୍ର.)**

ନବନିର୍ମିତ ଦୋକାନ ଗୃହ ପ୍ରଦାନ ଦାବିରେ ବୁଧବାର ୧୨ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଦୋକାନୀଙ୍କ ପକ୍ଷରୁ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଫିସ ପରିସରରେ ଧାରଣା ଦିଆଯାଇଥିଲା ।

ପ୍ରକାଶ ଯେ, ଗତ ୪୦ ବର୍ଷ ଧରି ଏହି ଦୋକାନୀମାନେ ସରକାରୀ ଜମିରେ ସ୍ଥାୟୀ ଓ ଅସ୍ଥାୟୀ ଭାବେ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। କିନ୍ତୁ ରାସ୍ତା ସମ୍ପ୍ରସାରଣ ସମୟରେ ସେମାନଙ୍କୁ ଉଚ୍ଛେଦ କରା ଯାଇଥିଲା । ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆ ଯାଇଥିଲା ଯେ, ବ୍ଲକ ଛକରେ ମ୍ୟୁନିସିପାଲିଟିର ନିର୍ମାଣାଧୀନ ଦୋକାନ ଗୃହ ଆବଣ୍ଟନ ସମୟରେ ସେମାନଙ୍କୁ ପ୍ରଥମେ ସୁଯୋଗ ମିଳିବ । ମାତ୍ର ନିକଟରେ ସେମାନଙ୍କୁ ଅଣଦେଖା କରାଯାଇ ୫ଜଣ ଧନୀକ ଶ୍ରେଣୀର ବ୍ୟକ୍ତିଙ୍କୁ ମ୍ୟୁନିସିପାଲିଟି ପକ୍ଷରୁ ଗୃହ ଆବଣ୍ଟନ କରାଯାଇଛି । ତେଣୁ ଦୋକାନ ଗୃହ ପ୍ରଦାନ ଦାବିରେ ଭବାନୀ ଶଙ୍କର ପାତ୍ର, ଦାମୋଦର ମେହେର, ଶେଷଧର ପାତ୍ର, ବିରଞ୍ଚି ସାହୁ, ସୌମ୍ୟରଞ୍ଜନ ସାମଲ, ଆଦିତ୍ୟ କିଶୋର ମହାପାତ୍ର, ସିଂତାଂଶୁ ବାରିକ, ରତ୍ନାକର ପାତ୍ର, ଦିଲୀପ କୁମାର ପାତ୍ର, ବେମାନନ୍ଦ ସାହୁ, କାର୍ତ୍ତିକ ପଧାନ ଓ ରାଜେନ୍ଦ୍ର କୁମାର ମେହେର ପ୍ରମୁଖ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରି ଧାରଣା ଦେଇଥିଲେ । ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ରୁଟ୍ କହିଛନ୍ତି ଯେ, ଦୋକାନ ଗୃହ ପାଇବା ପାଇଁ ୨୦୦୮ରେ ୧୦ଜଣ ମ୍ୟୁନିସିପାଲିଟିକୁ ୪୦ ହଜାର ଟଙ୍କା ଲେଖାଏ ଦେଇଥିଲେ । ପରେ ୫ ଜଣ ଟଙ୍କା ଫେରସ୍ତ ନେଇଥିଲେ । ବାକି ୫ଜଣ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ମାସିକ ୧୮ଶହ ଟଙ୍କା ଲେଖାଏ ଭଡା ସୂତ୍ରରେ ୫ଟି ଦୋକାନ ଘରକୁ ଆବଣ୍ଟନ କରାଯାଇଛି ।


ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଫିସ ପରିସରରେ ଦୋକାନୀମାନେ ଧାରଣାରେ ବସିଛନ୍ତି ।

## ନିରାଶର ପ୍ରତିଛବି


ବୁଧବାର ସମ୍ବଲପୁରରୁ ଉତ୍ତରପ୍ରଦେଶକୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଯିବା ପାଇଁ ମା' ଓ ଭାଇ ସହ କୁନି ପିଲାଟି ବସ୍‌ରେ ବସି ଷ୍ଟେଶନକୁ ଯାଉଛି।

## ବଳାତ୍କାର ଅଭିଯୋଗରେ ଜେଲଗଲେ ୨ ଯୁବକ

**ଦେବଗଡ଼,୨୦।୫(ଡି.ଏନ.ଏ.)**

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ଏକ ଗାଁରେ ଜଣେ ୧୯ ବର୍ଷ ବୟସ୍କା ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକ ବୁଧବାର ଜେଲ ଯାଇଛନ୍ତି। ସେ ହେଲେ ଶୁକଦେବ ମାଝି। ଗତ ୧୧ତାରିଖ ମଧାହ୍ନରେ ମହିଳାଙ୍କୁ ସେ ଏକୁଟିଆ ପାଇ ବିଅର ବୋତଲ ଦେଖାଇ ଧମକ ଦେଇ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ଏ ନେଇ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶୁକଦେବଙ୍କୁ ଗିରଫ କରିଥିଲା।

ସେହିପରି ଗତ ୧୪ ତାରିଖ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ କୁଣ୍ଢେଇଗୋଳା ଥାନା ପୋଲିସ କରଲଗା ଗ୍ରାମର ବଳିଆ ନାୟକ(୧୯)ନାମକ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବଳିଆ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମ୍ପୃକ୍ତ ନାବାଳିକା(୧୩)ଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ବାପା ଓ ମାମୁ ଘଟଣା ସମ୍ପର୍କରେ ବଳିଆଙ୍କୁ ପଚାରିବାରୁ ଅଭିଯୁକ୍ତ ବଳିଆଙ୍କ ସମ୍ପର୍କୀୟ ଅମର ନାୟକ ଓ ପାଞ୍ଚାଳି ନାୟକ ସେମାନଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା କୁଣ୍ଢେଇଗୋଳା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ଭବିଷ୍ୟନିଧି କାର୍ଯ୍ୟାଳୟରେ ଅବ୍ୟବସ୍ଥା

**ରାଉରକେଲା ଅଫିସ,୨୦।୫**

- ଭିତରକୁ ଛାଡୁନାହାନ୍ତି କର୍ମଚାରୀ
- ଅଭିଯୋଗ କଲା କଂଗ୍ରେସ

ରାଉରକେଲାରେ ଥିବା ଭବିଷ୍ୟନିଧି କାର୍ଯ୍ୟାଳୟରେ ଅବ୍ୟବସ୍ଥା ଲାଗି ରହିଛି । କେହି ଉଚ୍ଚପଦସ୍ଥ ଅଧିକାରୀ ରହୁନାହାନ୍ତି। ମୁଖ୍ୟ ଫାଟକରେ ତାଲା ଝୁଲୁଛି। ଫଳରେ ପେନ୍‌ସନଧାରୀ ସେଠାକୁ ବାରମ୍ବାର ଯାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମସ୍ୟା ନେଇ ପ୍ରତିଦିନ ଦୂରଦୂରାନ୍ତରୁ ଆସୁଥିବା କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ହନ୍ତସନ୍ତ ହେଉଛନ୍ତି । ମୁଖ୍ୟ ଫାଟକରେ ଜଗି ରହୁଥିବା କର୍ମଚାରୀ କାହାକୁ ଭିତରକୁ ଛାଡୁ ନାହାନ୍ତି । ତୁମର ଯାହା ଅଭିଯୋଗ ଅଛି ଲିଖିତ ଭାବେ ଅଭିଯୋଗ ବାକ୍ସରେ ପକାନ୍ତୁ ବୋଲି ସେମାନେ ପରାମର୍ଶ ଦେଉଛନ୍ତି। ଏମିତି ଅବସ୍ଥାରେ ପୂର୍ବ ଅଭିଯୋଗର ଶୁଣାଣି ହୋଇପାରୁନି। ଯେଉଁ କେତେଜଣ କର୍ମଚାରୀ ଅଫିସରେ ରହୁଛନ୍ତି ସେମାନେ ଭିତରୁ ଫାଟକ ବନ୍ଦ କରି ବସୁଛନ୍ତି। ବୁଧବାର କଂଗ୍ରେସ ଦଳର ଏକ ପ୍ରତିନିଧି ମଣ୍ଡଳୀ ସେଠାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଏନେଇ ସେମାନେ ଭବିଷ୍ୟନିଧି ନୂଆଦିଲ୍ଲୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ । ସେମାନେ ଭୁବନେଶ୍ୱର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏ ନେଇ ବରିଷ୍ଠ କଂଗ୍ରେସ ନେତା ସବିର ହୁସେନ, ରଶ୍ମିରଞ୍ଜନ ପାଢ଼ୀ, ଓ ରାମଶଙ୍କର ଯାଦବ ପ୍ରମୁଖ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଉପରିସ୍ଥ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ଗୋଟିଏ ଦିନରେ ୨୮ ପଜିଟିଭ ଚିହ୍ନଟ ପରେ ପ୍ରଶାସନ ଚିନ୍ତାରେ

**ବୌଦ୍ଧ,୨୦।୫ (ସ୍ୱ.ପ୍ର.)**

**ବୌଦ୍ଧ ଜିଲା**
- ୭ ଜଣଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର
- ୨୧ ଜଣ ଜିଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ

ବୌଦ୍ଧ ଜିଲାକୁ ପ୍ରତିଦିନ ପ୍ରବାସୀ ଶ୍ରମିକଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ମଙ୍ଗଳବାର ସୁଦ୍ଧା ଜିଲାରେ ୯୩୪ ପ୍ରବାସୀ ପହଞ୍ଚିଥିବା ବେଳେ ବୁଧବାର ୨୫୯ ଜଣ ପହଞ୍ଚିଛନ୍ତି। ଫଳରେ ଜିଲାକୁ ଫେରିଥିବା ପ୍ରବାସୀଙ୍କ ସଂଖ୍ୟା ୧୧୯୩ରେ ପହଞ୍ଚିଛି। ଅପରପକ୍ଷରେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ମଙ୍ଗଳବାର ଗୋଟିଏ ଦିନରେ ୨୮ ଜଣଙ୍କ ନମୁନା ପଜିଟିଭ ଆସିବା ଫଳରେ ଜିଲା ପ୍ରଶାସନର ଚିନ୍ତା ବଢିବା ସହ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।

ହରଭଙ୍ଗା ବ୍ଲକର ଆଡେଣୀଗଡ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୨୧ ଜଣ,ବାଣୀଭୂଷଣପୁର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣ ଓ ବୀରନରସିଂହପୁର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨ ଜଣଙ୍କ ପଜିଟିଭ ବାହାରିଛି। ସମସ୍ତ ୨୮ ଜଣ ପଜିଟିଭ ପ୍ରବାସୀ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୨୦ ଜଣ ଗୁଜରାଟରୁ ଫେରିଛନ୍ତି । ଆନ୍ଧ୍ରପ୍ରଦେଶରୁ ୫ ଜଣ,ତେଲେଙ୍ଗାନାରୁ ୨ ଜଣ ଓ ମହାରାଷ୍ଟ୍ରରୁ ଜଣେ ଫେରିଥିବା ନେଇ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ସୂଚନା ଦେଇଛନ୍ତି । ପୂର୍ବରୁ ଜିଲାରେ ୫ ଜଣ ପଜିଟିଭ ବାହାରିଥିବା ବେଳେ ସେମାନେ ସମସ୍ତେ ଭୁବନେଶ୍ୱର ସମ୍ ହସପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୩୩ ରେ ପହଞ୍ଚିଛି। ନୂତନ ଭାବେ ପଜିଟିଭ ଚିହ୍ନଟ ୨୮ ଜଣଙ୍କ ମଧ୍ୟରୁ ୭ ଜଣଙ୍କୁ ଭୁବନେଶ୍ୱର ପଠା ଯାଇଥିବା ବେଳେ ୨୧ ଜଣଙ୍କୁ ବୌଦ୍ଧର କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଉଛି । ଜିଲାପାଳ ଲଲାଟେନ୍ଦୁ ମିଶ୍ର କହିଛନ୍ତି ଯେ, ସମସ୍ତ ପଜିଟିଭ ପ୍ରବାସୀ ଶ୍ରମିକ ଓ ସେମାନେ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଭୟ ନ କରି ସାମାଜିକ ଦୂରତା ଅବଲମ୍ବନ କରିବା ସହ କାମ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି ।

## ପଞ୍ଚାୟତକୁ ଶଟ୍‌ଡାଉନ୍ କଲେ ସରପଞ୍ଚ

**ତୁଣ୍ଡଲା, ୨୦।୫ (ଡି.ଏନ.ଏ.)**

ସମଗ୍ର ବିଶ୍ୱରେ ମହାମାରୀ କରୋନାର ଆତଙ୍କ ଖେଳିଯାଇଛି । ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକେ ସଂକ୍ରମିତ ହେବା ସହ ମୃତ୍ୟୁ ଘଟୁଛି। ଏହି ରୋଗର କୌଣସି ଟିକା ପ୍ରସ୍ତୁତ କରାଯାଇ ପାରିନାହିଁ। ହେଲେ ସଚେତନତା ଓ ସାମାଜିକ ଦୂରତା ହିଁ ଜୀବନ ରକ୍ଷକ ହୋଇପାରିବ ବୋଲି ଘୋଷଣା କରାଯାଇଛି । ଭାରତରେ ଲକ୍‌ଡାଉନ ୪.୦ ଘୋଷଣା କରାଯାଇଛି। ଦିନକୁ ଦିନ ସଂକ୍ରମଣ ମଧ ବଢ଼ିବାରେ ଲାଗିଛି । ଏଭଳି ପରିସ୍ଥିତିରେ ଓଡ଼ିଶା ସରକାର କରୋନା ସହ ଲଢ଼ିବା ପାଇଁ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରିଛନ୍ତି। ଏଣୁ ଜିଲାପାଳ କ୍ଷମତା ପ୍ରୟୋଗ କରି ସରପଞ୍ଚମାନେ ନିଜ ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରୁଛନ୍ତି । ଏହି କ୍ରମରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିରଜାପାଲି ପଞ୍ଚାୟତ ସରପଞ୍ଚ ସଂସାରି ଭୋଇ କ୍ଷମତା ପ୍ରୟୋଗ କରିଛନ୍ତି। ସମଗ୍ର ପଞ୍ଚାୟତକୁ ସେ ବୁଧବାର ମଧାହ୍ନ ୧୨ଟାରୁ ଗୁରୁବାର ସକାଳ ୭ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ପରିସ୍ଥିତିକୁ ଦେଖି ଶଟ୍‌ଡାଉନ ଘୋଷଣା ସମୟ ବଢ଼ିପାରେ ବୋଲି ମଧ କହିଛନ୍ତି। ସୂଚନାଯୋଗ୍ୟ, ସିର୍ଜପାଲି ପଞ୍ଚାୟତକୁ ମଙ୍ଗଳବାର ରାତିରେ ୫୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଆସିଛନ୍ତି ।

## ରେଳଧାରଣାରେ ଗଲା ଯୁବକଙ୍କ ଜୀବନ

**ବାମରା,୨୦।୫ (ଡି.ଏନ.ଏ.)**

ମଙ୍ଗଳବାର ବାମରା ଦେଇ ଯାଇଥିବା ରେଳଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସ୍ଥାନୀୟ ମୁଣ୍ଡାଡ଼ିପାର କୈଳାସ ବେହେରା (୨୧)।ଗତ କିଛି ବର୍ଷ ତଳେ କୈଳାସଙ୍କ ମା'ବାପାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ କୈଳାସ ନିଜର ଏକମାତ୍ର ଭଉଣୀ(୧୭)ଙ୍କ ସହ ରହୁଥିଲେ । କିନ୍ତୁ ସେ କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ। ବଡ ଭାଇଙ୍କ ମୃତ୍ୟୁ ପରେ ଅସହାୟ ଭଉଣୀର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ମହାରାଷ୍ଟ୍ର, ଆନ୍ଧ୍ରରୁ ପହଞ୍ଚିଲା ୨ ଶ୍ରମିକ ସ୍ପେଶାଲ ଟ୍ରେନ୍

**ବଲାଙ୍ଗୀର ଅଫିସ, ୨୦।୫**

ବଲାଙ୍ଗୀର ରେଲୱେ ଷ୍ଟେସନ୍‌ରେ ବୁଧବାର ଦୁଇଟି ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସି ପହଞ୍ଚିଛି। ମହାରାଷ୍ଟ୍ରର ମୁମ୍ବାଇ ଉପନଗର ଲୋକମାନ୍ୟ ତିଲକ ଟର୍ମିନସଠାରୁ ଆସିଥିବା ଏହି ଟ୍ରେନ୍ ପୂର୍ବାହ୍ଣ ପ୍ରାୟ ସାଢ଼େ ୧୦ଟାରେ ପହଞ୍ଚିଥିଲା। ଏହି ଟ୍ରେନ୍‌ରେ ବଲାଙ୍ଗୀର ଜିଲାର ୧୫୪ ପ୍ରବାସୀ ସମେତ ଅନ୍ୟ ୨୩ ଜିଲାର ସମୁଦାୟ ୫୫୨ ଜଣ ଏଠାରେ ଓହ୍ଲାଇଥିଲେ। ସମସ୍ତଙ୍କ ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଇ ସମସ୍ତ ପ୍ରବାସୀଙ୍କ ବିଭିନ୍ନ ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟରମାନଙ୍କୁ ନିଆଯାଇଥିଲା। ସନ୍ଧ୍ୟା ପ୍ରାୟ ୮ଟାରେ ଆଉ ଏକ ଶ୍ରମିକ ସ୍ପେଶାଲ ଟ୍ରେନ୍ ତେଲେଙ୍ଗାନାର ବୋଲାରମ୍‌ଠାରୁ ଆସି ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ପହଞ୍ଚିଥିଲା। ଏହି ଟ୍ରେନ୍‌ରେ ଆସିଥିବା ସମସ୍ତ ପ୍ରବାସୀଙ୍କୁ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଭିନ୍ନ ଜିଲାକୁ ପଠାଯିବ ବୋଲି ଜଣାପଡିଛି। ନିୟମିତ ଟ୍ରେନ୍ ଆସିବା ଓ ଏହି କାରଣରୁ ବଲାଙ୍ଗୀର ସହରର ବିଭିନ୍ନ ରାସ୍ତାଘାଟରେ କର୍ଫ୍ୟୁ ଲଗାଯିବାକୁ ନେଇ ବଲାଙ୍ଗୀରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ବୁଧବାର କେବଳ ରେଳଷ୍ଟେଶନ୍ ଅଞ୍ଚଳରେ ୧୪୪ ଧାରା ଓ କର୍ଫ୍ୟୁ ଲଗାଯାଇଥିଲା। ଗୁରୁବାର ଆଉ ଏକ ଶ୍ରମିକ ସ୍ପେଶାଲ ଟ୍ରେନ୍ ତାମିଲନାଡୁର ଥିରୁଭଲ୍ଲାର ଷ୍ଟେଶନ୍‌ରୁ ଆସି ପୂର୍ବାହ୍ଣ ୧୦ଟା ୧୦ରେ ବଲାଙ୍ଗୀର ପହଞ୍ଚିବ ।

## ଅଜଣା ରୋଗରେ ପୁଅ ୭ ବର୍ଷ ହେଲା ଛଟପଟ

**ବିନିକା,୨୦।୫(ଡି.ଏନ୍.ଏ.)**

**ଗରିବ ମା' ବାପାଙ୍କୁ ଘାରିଛି ଚିକିତ୍ସା ଚିନ୍ତା**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମେଘଲା ଗ୍ରାମର ୨୨ ବର୍ଷୀୟ ଆଦିବାସୀ ଯୁବକ ରାଜେଶ ରାୟ । ଦିନ ଥିଲା ସେ ଅନ୍ୟମାନଙ୍କ ପରି ଚଲାବୁଲା କରି ପାରୁଥିଲେ । ସାଙ୍ଗସାଥୀଙ୍କ ମେଳରେ ପାଠ ପଢିବା ଠାରୁ ଆରମ୍ଭ କରି ସବୁ କାମ ଏକାକୀ କରୁଥିଲେ। ହେଲେ ବିଧିର ବିଡମ୍ବନା। ଅଜଣା ରୋଗ ଜୀବନର ସବୁ ଖୁସିକୁ ଛଡାଇ ନେଲା ଯେମିତି। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଆଜକୁ ୭ ବର୍ଷ ହେଲା ଉପଯୁକ୍ତ ଚିକିତ୍ସା ନ ପାଇ ସେ ଭାଗ୍ୟକୁ ଆଦରି ପଡି ରହିଛନ୍ତି ।

ମେଘଲା ଗ୍ରାମ ଝାଙ୍କରପଡାର ସମ୍ପତି ରାୟ (୪୮)। ପରିବାର କହିଲେ ସ୍ତ୍ରୀ ସୁବଳୟା, ଦୁଇ ଝିଅ ସୁରେଶ୍ୱରୀ , ଚିନ୍ମୟୀ ଓ ଏକମାତ୍ର ପୁଅ ରାଜେଶ । ଘରଡିହକୁ ଛାଡି ଦେଲେ ଜମିବାଡି କିଛି ନାହିଁ । ଉଭୟ ସ୍ୱାମୀ ସ୍ତ୍ରୀ ମୂଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ୫ ପ୍ରାଣୀ କୁଟୁମ୍ବ ଚଳେ । ୭ ବର୍ଷ ତଳେ ଏହି ଗରିବ ପରିବାର ଉପରେ ବିପତ୍ତି ମାଡି ଆସିଲା । ଏକମାତ୍ର ପୁଅ ଅଜଣା ରୋଗରେ ପୀଡିତ ହେବାରୁ ହସଖୁସିର ସଂସାର ଉଜୁଡି ଗଲା । ରାଜେଶ ନିଜ ମାମୁଘର ବିନିକା ବ୍ଲକ ଭଣ୍ଡାର ଗ୍ରାମ ପଞ୍ଚାୟତ ପାପୀ ଗ୍ରାମରେ ରହି ସିଂଘିଯୁବା ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ । ଦିନେ ବିଦ୍ୟାଳୟକୁ ଯାଇ ଫେରିବା ବାଟରେ ସିଂଘିଯୁବା ଇନ୍ଦ୍ରା କଲୋନୀ ନିକଟରେ ଚେତା ହରାଇ ତଳେ ପଡି ଯାଇଥିଲେ । ସେ ପଡିଯିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ମାମୁଁ ଘର ଲୋକଙ୍କୁ ଖବର ଦେଇଥିଲେ । ପରେ ମାମୁଘର ଓ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବରପାଲିର ଜଣେ ଭେଷଜ ବିଶେଷଜ୍ଞଙ୍କ ନିକଟକୁ ନେଇ ଦେଖାଇଥିଲେ। ସମ୍ପୃକ୍ତ ଡାକ୍ତର ଜଣକ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ବୁର୍ଲା ମେଡିକାଲକୁ ରେଫର କରିଥିଲେ । ସେଠାରେ ରାଜେଶଙ୍କୁ ମେଡିସିନ୍ ୱାର୍ଡରେ ଭର୍ତ୍ତି କରାଯାଇ ଚିକିତ୍ସା କରାଗଲା । ମାତ୍ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହେଲାନାହିଁ। ପରେ ବୁର୍ଲା ହସ୍‌ପିଟାଲର ଡାକ୍ତର ରାଜେଶଙ୍କୁ କଟକ ବଡ ମେଡିକାଲକୁ ନେବା ପାଇଁ ରେଫର କଲେ । ମାତ୍ର ଚିକିତ୍ସା ପାଇଁ ଅର୍ଥ ସାଜିଥିଲା ବାଧକ । ଅର୍ଥ ନ ଥିବାରୁ ଠିକ ସମୟରେ ଚିକିତ୍ସା ମିଳିଲା ନାହିଁ । ରୋଗ ବଢି ବଢି ଚାଲିଲା। ଏବେ ଯୁବାବସ୍ଥାରେ ବି ରାଜେଶ ଚାଲି ପାରୁନାହାନ୍ତି । ସବୁ ଅଙ୍ଗପ୍ରତ୍ୟଙ୍ଗ ଫୁଲି ଯାଇଛି । ଭୋକ ବି ହେଉନାହିଁ। ଦିନକରେ ୨ରୁ ୩ ଥର ଅଚେତ ହେଉଛନ୍ତି । ପୁଅର ଏଭଳି ଅବସ୍ଥା ଦେଖି ମା' ବାପା ଭାଙ୍ଗି ପଡିଛନ୍ତି। ଯାହା ପୁଞ୍ଜି ଥିଲା ପୁଅର ଚିକିତ୍ସା ବାବଦରେ ସରିଲାଣି । ରାଜେଶଙ୍କ କିପରି ଚିକିତ୍ସା ହୋଇପାରିବ ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ପରିବାର ଲୋକେ ତଥା ଗ୍ରାମବାସୀ ନିବେଦନ କରିଛନ୍ତି।


ମା'ବାପାଙ୍କ ସହ ରାଜେଶ ।

## କାଠଗଣ୍ଡି ଜବତ କଲା ବନ ବିଭାଗ

ଲୋଇସିଂହା,୨୦।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ବନ ବିଭାଗର ମୋଇବାଲ ସ୍କ୍ୱାଡ୍ ଓ ବନ କର୍ମଚାରୀ ଲୋଇସିଂହା ରେଞ୍ଜ ଅଧୀନ ଆଗଲପୁର ବ୍ଲକ୍ ନଅଗାଁ(କ) ଅଧୀନ ଡୁଡୁକାମୁଣ୍ଡା ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି କାଠଗଣ୍ଡି ଜବତ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ହେଲେ ବନ ବିଭାଗ କାହାରିକୁ ଗିରଫ କରିପାରିନାହିଁ। ଏସିଏଫ ବାବଜୀ ଚରଣ ରଉଳ, ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସୁନୀଲ ମିଶ୍ର, ଫରେଷ୍ଟର ମଧୁସୂଦନ ଗଡୁଆ ପ୍ରମୁଖ କର୍ମଚାରୀଙ୍କ ସହ ଚଢାଉ କରିଥିଲେ।

## ସଂକ୍ଷେପରେ

### ଗଛରେ ପିଟିହେଲା ଟ୍ରାକ୍ଟର, ଶ୍ରମିକ ମୃତ

ଲାଞ୍ଜିଗଡ଼, ୨୦।୫(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧର ଏକ କ୍ରଶରରୁ ଚିପ୍ସ ନେଇ ଜଗନ୍ନାଥପୁର ଯାଉଥିବା ଏକ ଟ୍ରାକ୍ଟର ଭାଟଗୁଡ଼ା ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ହେଲେ ଜଲମେ ମାଝି(୨୦)। ଲାଞ୍ଜିଗଡ଼ ଥାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ପଠାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର(ନଂ.ଓଡି୦୮ଜେ୪୧୪୦)କୁ ଜବତ କରିବା ସହ ଡ୍ରାଇଭର ଓ ମାଲିକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି । ଏ ନେଇ ଥାନାରେ ଏକ ମାମଲା(ନଂ.୨୦/୨୦)ରୁଜୁ ହୋଇଥିବା ଏସ୍ଆଇ ବିପିନ କୁଲଦୀପ କହିଛନ୍ତି ।

### ଜୀବନ ଫେରି ଆସିବା ଆଶାରେ ମୃତଦେହ ପଡ଼ିରହିଲା

ସୁନ୍ଦରଗଡ଼,୨୦।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଥାନା ଅନ୍ତର୍ଗତ ତାଟକିଯୋର ଗ୍ରାମରେ ମଙ୍ଗଳବାର ରାତିରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତା ମହିଳାଙ୍କ ନାମ ଇନ୍ଦିରା ଡନସନା (୩୮)। ସେ ରାତିରେ ତଳେ ଶୋଇଥିବା ବେଳେ ଏକ ଚିତ ସାପ ତାଙ୍କୁ କାମୁଡି ଦେଇଥିଲା। ସକାଳୁ ପରିବାର ଲୋକେ ଏ କଥା ଜାଣିବା ପରେ ତାଙ୍କୁ ବଞ୍ଚାଇବା ଆଶାରେ ଝଡାଫୁଙ୍କା ଓ ଗୁଣି ଗାରେଡିର ଆଶ୍ରା ନେଇଥିଲେ । ହେଲେ ଏସବୁ ଚେଷ୍ଟା ବିଫଳ ହେବା ପରେ ପୋଲିସକୁ ବୁଧବାର ସନ୍ଧ୍ୟାରେ ପରିବାର ଲୋକେ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି ।

### ମିଳୁନି ପାଠ୍ୟ ପୁସ୍ତକ ସୂଚନା, ଅଭିଭାବକ ସଂଘ ଡିଇଓଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୦।୫: ପାଠ୍ୟ ପୁସ୍ତକଗୁଡ଼ିକର ସୂଚନା ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ୱେବସାଇଟ୍, ହ୍ୱାଟ୍ସଅପ୍ କିମ୍ବା ଇ-ମେଲ ଯୋଗେ ଯୋଗାଇ ଦେବାକୁ ଓଡ଼ିଶା ମାନବାଧିକାର କମିଶନ ଏବଂ ରାଜ୍ୟ ଗଣଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ ରହିଛି । ମାତ୍ର ବରଗଡ଼ ଜିଲାର କେତେକ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି । ଓଡ଼ିଶା ଅଭିଭାବକ ସଂଘ, ବରଗଡ଼ ଜିଲା ଏଭଳି ଅଭିଯୋଗ ଆଣି ବୁଧବାର ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଫେରାଦ ହୋଇଥିଲା । ଡିଇଓ ମିତ୍ରଭାନୁ କଚ୍ଛପଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ପଦକ୍ଷେପ ନେବାକୁ ସଂଘ ଦାବି କରିଛି । ସଂଘଆବାହକ ବିମଳ କୁମାର ଦାଶ, ସୁଜିତ ମିଶ୍ର, ମହେଶ୍ୱର ପଣ୍ଡା, ରମେଶ କୁମାର ପତି ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ୧୪୪ ଧାରା ଜାରି କଲେ ବିଜେପୁର ସରପଞ୍ଚ

ଟିଟିଲାଗଡ଼, ୨୦।୫ (ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ବିଜେପୁର ପଞ୍ଚାୟତ ସରପଞ୍ଚ ସୁଚିତ୍ରା ନାଗ ବୁଧବାର ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ବିଜେପୁର ସଙ୍ଗରୋଧ କେନ୍ଦ୍ର ଦୁଇଟିର ୧୦୦ ମିଟର ପରିଧି ଅଞ୍ଚଳରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ୧୪୪ ଧାରା ଜାରି କରିଛନ୍ତି। ବିଭିନ୍ନ ରାଜ୍ୟରୁ ଫେରିଥିବା ୧୨୬ ଜଣ ପ୍ରବାସୀ ଶ୍ରମିକ ସମ୍ପ୍ରତି ବିଜେପୁର ଗ୍ରାମରେ ଥିବା ସରକାରୀ ହାଇସ୍କୁଲ ଏବଂ ସମବାୟ ବିଭାଗ ଧାନ ଗୋଦାମରେ ଅବସ୍ଥାନ କରୁଛନ୍ତି। କେନ୍ଦ୍ରରେ ରହିଥିବା ଗର୍ଭବତୀ ମହିଳା, ଶିଶୁଙ୍କ ପାଇଁ ବିଶେଷ ସତର୍କତା ଗ୍ରହଣ କରାଯାଇଛି। ଅଯଥା ଭିଡକୁ ଏଡାଇବା ପାଇଁ ୧୪୪ ଧାରା ଜାରି କରିଥିବା ସରପଞ୍ଚ ନାଗ କହିଛନ୍ତି।

### ଭୀମଭୋଇ ମେଡିକାଲରେ ଆରମ୍ଭ ହେଲା କୋଭିଡ ଟେଷ୍ଟ

ବଲାଙ୍ଗୀର ଅଫିସ, ୨୦।୫: ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ବୁଧବାରଠାରୁ କୋଭିଡ-୧୯ର ଆର୍‌ଟି ପିସିଆର ଟେଷ୍ଟ ଆରମ୍ଭ ହୋଇଛି । ମେଡିକାଲ କଲେଜ ଡିନ୍ ଡା ଲଳିତ କୁମାର ମେହେର ଏନେଇ ସୂଚନା ଦେଇଛନ୍ତି । ଦୁଇଦିନ ତଳେ ଏଠାରେ କୋଭିଡ-୧୯ ସ୍ୱାବ୍ ପରୀକ୍ଷା ପାଇଁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆଜିଠାରୁ ଆରଟି ପିସିଆର ଟେଷ୍ଟ ଆରମ୍ଭ ହୋଇଛି ।

# ୩.୪୮ ଲକ୍ଷ ହେକ୍ଟର ଜମିରେ ଖରିଫ ଫସଲ

## କୃଷି କୌଶଳ ନିର୍ଦ୍ଧାରଣ କମିଟିର ବୈଠକ

ବରଗଡ଼ ଅଫିସ୍,୨୦।୫

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ) ସମ୍ମିଳନୀ କକ୍ଷରେ ବୁଧବାର ଖରିଫ ୨୦୨୦ ପାଇଁ କୃଷି କୌଶଳ ନିର୍ଦ୍ଧାରଣ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଖରିଫ ଚାଷ ଉପରେ ଆଲୋଚନା ହେବା ସହିତ ବିଭିନ୍ନ ପ୍ରସ୍ତାବ ନିଆଯାଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ପ୍ରଥମେ ରବିଋତୁରେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହା ସହିତ ଖରିଫ୍-୨୦୨୦ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଲକ୍ଷ୍ୟ ଉପରେ ସେ ସୂଚନା ପ୍ରଦାନ କରିଥିଲେ । ଖରିଫ୍-୨୦୨୦ରେ ୨ଲକ୍ଷ ୪୭ହଜାର ୨୬୮ ହେକ୍ଟର ଜମିରେ ଧାନଚାଷ, ୩୬ ହଜାର ୨୬୫ ହେକ୍ଟର ଜମିରେ ଡାଲିଜାତୀୟ ଫସଲ, ୧୪ହଜାର ୨୧୨ ହେକ୍ଟର ଜମିରେ ତୈଳବୀଜ, ୩୯ହଜାର ୧୨୮ ହେକ୍ଟର ଜମିରେ ପନିପରିବା ସମେତ ମୋଟ୍ ୩ଲକ୍ଷ ୪୮ହଜାର ୭୪୭ ହେକ୍ଟର ଜମିରେ ଖରିଫ୍ ଚାଷ ହେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଫସଲ ପର୍ଯ୍ୟାୟ ପରିବର୍ତ୍ତନରେ ୫୩୮ ହେକ୍ଟର ଜମିରେ ଧାନ ବଦଳରେ ଅଣଧାନ ଫସଲ ଅର୍ଥାତ୍ ଚିନାବାଦାମ, ମକା, ମାଣ୍ଡିଆ, ମୁଗ ଆଦି ଫସଲ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା ।

ସେହିପରି ଗତ ରବିଋତୁରେ ଚିନାବାଦାମ ଓ ମୁଗ ଫସଲ ଉତ୍ପାଦିତ ଦ୍ରବ୍ୟକୁ ମଣ୍ଡି ଖୋଲି ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟ ଯଥା ଚିନାବାଦାମ କ୍ୱିଣ୍ଟାଲ ପ୍ରତି ୫୦୯୦ ଟଙ୍କା ଏବଂ ମୁଗ କ୍ୱିଣ୍ଟାଲ ପ୍ରତି ୭୦୫୦ ଟଙ୍କାରେ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚାଷୀମାନଙ୍କଠାରୁ ମାର୍କଫେଡ୍ କ୍ରୟ କରାଯିବାର ବ୍ୟବସ୍ଥା ହୋଇଥିବା ସୂଚନା ଦିଆଯାଇଥିଲା । ଏହାଦ୍ୱାରା ଚାଷୀମାନେ ଅଣଧାନ ଫସଲରେ ଅଭାବୀବିକ୍ରିର ସମ୍ମୁଖୀନ ହେବେ ନାହିଁ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀ ସୂଚନା ଦେଇଥିଲେ । ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଇବା ଲକ୍ଷ୍ୟରେ ବର୍ତ୍ତମାନ ସୁଦ୍ଧା ୧୦ ସେବା ସମବାୟ ସମିତି ଏବଂ ୨୩ଟି ପ୍ରାଇଭେଟ୍ ଡିଲର ମାଧ୍ୟମରେ ୪୫୫୨ କ୍ୱିଣ୍ଟାଲ ବିହନ ଯୋଗାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ମୋଟ୍ ୧୬ହଜାର କ୍ୱିଣ୍ଟାଲ ପ୍ରାମାଣିକ ବିହନ ଯୋଗାଇବାର ଲକ୍ଷ୍ୟ ରହିଛି । ସେହିପରି ବର୍ତ୍ତମାନ ସୁଦ୍ଧା ୨୩ହଜାର ୪୦୦ ମେଟ୍ରିକ ଟନ୍ ୟୁରିଆ ସମେତ ମୋଟ୍ ୭୦ହଜାର ୫୩୦ ମେଟ୍ରିକ ଟନ୍ ବିଭିନ୍ନ ସାର ଯୋଗାଇବାର ଲକ୍ଷ୍ୟ ରହିଛି ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ବିଭୂତି ଭୂଷଣ ମିଶ୍ର, ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

## କଳାହାଣ୍ଡି ଜିଲାରେ ପୁଣି ୧୧ କରୋନା ରୋଗୀ ଚିହ୍ନଟ

ଭବାନୀପାଟଣା,୨୦।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ପୁଣି ୧୧ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ବୁଧବାର ଚିହ୍ନଟ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ମୋଟ ରୋଗୀଙ୍କ ସଂଖ୍ୟା ୧୩ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଲାଞ୍ଜିଗଡ଼ ବ୍ଲକର ୭ ଜଣ ଓ ଭବାନୀପାଟଣା ବ୍ଲକର ୪ଜଣ ରହିଛନ୍ତି। ସେଥିମଧ୍ୟରୁ ୧୦ ଜଣ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ରେ ରହୁଥିବା ପ୍ରବାସୀ ଓ ଅନ୍ୟ ଜଣେ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ବୋଲି ଜଣାପଡିଛି। ଟିଏମ୍‌ସିରେ ରହୁଥିବା ପ୍ରବାସୀମାନେ ମହାରାଷ୍ଟ୍ର, ଗୁଜରାଟ ଓ ଛତିଶଗଡ଼ରୁ ଫେରିଥିଲେ। ସମସ୍ତ ଆକ୍ରାନ୍ତଙ୍କୁ ଭବାନୀପାଟଣା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜଗୁଲାଲ ଅଗ୍ରୱାଲ ସୂଚନା ଦେଇଛନ୍ତି । ପୂର୍ବରୁ ଜିଲାର ଗୋଲାମୁଣ୍ଡା ବ୍ଲକରୁ ୨ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଚିକିତ୍ସା ପରେ ଉଭୟ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଜିଲାରେ ଗୋଟିଏ ଦିନରେ ୧୧ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାବାସୀଙ୍କ ଚିନ୍ତା ବଢ଼ିଛି ।

## ‘ସ୍ମୃତିରେ ସୁବାସ ଚୌହାନ’


‘ସ୍ମୃତିରେ ସୁବାସ ଚୌହାନ’ ପୁସ୍ତକକୁ ଉନ୍ମୋଚନ କରାଯାଉଛି ।

ପଦ୍ମପୁର,୨୦।୫(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାସ ଚୌହାନଙ୍କ ଏକାଦଶାହ ବୁଧବାର କରୋନା କଟକଣା ଯୋଗୁ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ବରଗଡ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଦହିତା ନିକଟସ୍ଥ ସୁବାସଙ୍କ ପୈତୃକ ଗ୍ରାମ ଆମ୍ବବାହାଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ‘ସ୍ମୃତିରେ ସୁବାସ ଚୌହାନ’ ଶୀର୍ଷକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସ୍ମରଣିକାକୁ ସୁବାସଙ୍କ ମା’ସୁମତି ଚୌହାନ ଉନ୍ମୋଚନ କରିଥିଲେ। ଏଥିରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ସ୍ମରଣିକା ପ୍ରକାଶକ କୋଶଲ ଫାଉଣ୍ଡେଶନ ଅଧ୍ୟକ୍ଷ ଇଂ. ଦେବବ୍ରତ ମିଶ୍ର, ସ୍ମରଣିକାର ସମ୍ପାଦକ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଓ ସୁବାସ ଚୌହାନଙ୍କ ଭାଇ ପୀତବାସ ଚୌହାନ ଉପସ୍ଥିତ ଥିଲେ । ପରେ ସୁବାସଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ କୌଣସି ନେତା, ମନ୍ତ୍ରୀ, ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା ।

# ନୂଆପଡ଼ାରେ ପହଞ୍ଚିଲା ପ୍ରବାସୀ ଶ୍ରମିକ ଟ୍ରେନ୍


ଶ୍ରମିକମାନେ କ୍ୟାମ୍ପରୁ ଖାଦ୍ୟ ଗ୍ରହଣ କରୁଛନ୍ତି ।

ନୂଆପଡ଼ା ଅଫିସ,୨୦।୫

- ନୂଆପଡ଼ାର ୪୬୮, କଳାହାଣ୍ଡିର୪୧୧ ଶ୍ରମିକ ଓହ୍ଲାଇଲେ
- ଅନିର୍ଦ୍ଦିଷ୍ଟ ସମୟ ପାଇଁ ସହର ଶଟ୍‌ଡାଉନ୍

ସ୍ୱତନ୍ତ୍ର ପ୍ରବାସୀ ଶ୍ରମିକ ଟ୍ରେନ୍ ବୁଧବାର ନୂଆପଡ଼ାରେ ପହଞ୍ଚିଛି । ଏଥିରେ ନୂଆପଡ଼ାର ୪୬୮ ଓ କଳାହାଣ୍ଡିର ୪୧୧ ଶ୍ରମିକ ଫେରିଛନ୍ତି । ଏଥିପାଇଁ ନୂଆପଡ଼ା ସହରକୁ ବୁଧବାର ଅନିର୍ଦ୍ଦିଷ୍ଟ ସମୟ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଥିଲା। ସହରର ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଅପରାହ୍ନ ୧ଟାରୁ ବନ୍ଦ ରହିଥିଲା । ସହରର ପ୍ରମୁଖ ଛକରେ ପୋଲିସ କଡ଼ା ପହରା ଦେଇଥିଲା । ଅପରାହ୍ନ ୪ଟାରେ ଏହି ଟ୍ରେନ ଆସି ନୂଆପଡା ରେଳଷ୍ଟେଶନରେ ପହଞ୍ଚିବା ପରେ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟାରିକେଡ କରାଯାଇ ଶ୍ରମିକମାନଙ୍କୁ ସ୍ୱାଗତ କରାଯାଇଥିଲା । ଆସିଥିବା ଶ୍ରମିକମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପରେ ବସ୍ ଯୋଗେ ସେମାନଙ୍କୁ ତାଙ୍କ ଜିଲା ଓ ବ୍ଲକକୁ ପଠାଇବାର ବ୍ୟବସ୍ଥା କରାଯାଇଥିଲା । ବିଳମ୍ବିତ ରାତି ଯାଏ ଏହି ପ୍ରକ୍ରିୟା ଚାଲିଥିଲା । ଜିଲାପାଳ ମଧୁସ୍ମିତା ସାହୁ, ଏସ୍‌ପି ବିନୀତ କୁମାର ଅଗ୍ରୱାଲ, ଉପଜିଲାପାଳ ତରଣୀସେନ ନାଏକ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟମାଧବ ପାଣିଗ୍ରାହୀ, ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ପ୍ରମୁଖ ଶ୍ରମିକମାନଙ୍କ ପ୍ରତ୍ୟାବର୍ତ୍ତନ ବ୍ୟବସ୍ଥାର ତଦାରଖ କରିଥିଲେ । ସମସ୍ତ ଶ୍ରମିକଙ୍କୁ ସ୍ୱତନ୍ତ୍ର ସଙ୍ଗରୋଧ କେନ୍ଦ୍ରରେ ରଖାଯିବାର ବ୍ୟବସ୍ଥା କରାଯାଇଥିବା ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରକାଶ କରିଛନ୍ତି ।

## ମରଣାନ୍ତକ ଆକ୍ରମଣ, ୨ ଗିରଫ

ବେଦବ୍ୟାସ, ୨୦।୫ (ଡି.ଏନ.ଏ.)

ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡିର କିଶାନପଡାରେ ଗତ ସୋମବାର ସନ୍ଧ୍ୟାରେ ୨ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ କଲୁଙ୍ଗା କିଶାନପଡାର ଇଗ୍‌ନିସ ମାଝି ଓ ଦେବେନ୍ଦ୍ର ବାରୁଆ ଗୁରୁତର ହୋଇଥିଲେ। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ କଲୁଙ୍ଗା ମୁସଲିମ୍ ବସ୍ତିର ରୋହିତ ବାଗ (୧୯), ମନୀଷ ତନ୍ତି (୨୦) ।

## ପ୍ରବାସୀଙ୍କ ଭିଡ଼, ସଂକ୍ରମଣ ଭୟ


ବଲାଙ୍ଗୀର ମେନ୍ ରୋଡ ଫଳ ମାର୍କେଟରେ ସାମାଜିକ ଦୂରତା ପାଳନ ହେଉନାହିଁ।

ବଲାଙ୍ଗୀର ଅଫିସ, ୨୦।୫

ବଲାଙ୍ଗୀର ସହରର ବିଭିନ୍ନ ରାସ୍ତାରେ ରାଜ୍ୟ ବାହାର ପ୍ରବାସୀ ଖୋଲାଖୋଲି ବୁଲୁଛନ୍ତି। ବସ୍ ଓ ଅନ୍ୟ ଯାନବାହନରେ ସେମାନେ ସହରରେ ପହଞ୍ଚୁଛନ୍ତି। ସେମାନଙ୍କୁ ଆଣୁଥିବା ବସ୍ ଓ ଯାନବାହନଗୁଡିକ କୌଣସି ନିର୍ଦ୍ଦିଷ୍ଟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ନ ଛାଡି ସହରର ବିଭିନ୍ନ ରାସ୍ତାରେ ଛାଡି ପଳାଉଛନ୍ତି। ଏଭଳି କ୍ଷେତ୍ରରେ ପ୍ରବାସୀମାନେ କେଉଁଠିକୁ ଯିବେ ଜାଣି ନ ପାରି ଇତସ୍ତତଃ ବୁଲୁଥିବା ଦେଖାଯାଉଛି । ପ୍ରବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓହ୍ଲାଇବା ପରେ କେଉଁଠିକି ଯିବେ ଜାଣି ପାରୁ ନ ଥିବାରୁ ଟାଉନ୍ ଥାନା ଓ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ପଚାରୁଛନ୍ତି। ଏବେ ଅବସ୍ଥା ଏପରି ହୋଇଛି ଯେ, ଟାଉନ୍ ଥାନା ଓ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ପ୍ରବାସୀଙ୍କ ବସ୍‌ଷ୍ଟାଣ୍ଡ ଭଳି ପ୍ରତୀତ ହେଲେଣି। ପ୍ରଶାସନ ପାଖରେ ବସ୍‌ଗୁଡିକରେ ଆସୁଥିବା ପ୍ରବାସୀଙ୍କ ସମ୍ପୂର୍ଣ୍ଣ ଓ ଠିକ୍ ସୂଚନା ନାହିଁ । ଫଳରେ ସେମାନେ ଏମାନଙ୍କୁ ପରିଚାଳନା ଠିକ୍ ଭାବେ କରିପାରୁ ନାହାନ୍ତି। ବଲାଙ୍ଗୀର ରେଳଷ୍ଟେଶନ୍‌କୁ ନିୟମିତ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସୁଥିବାରୁ ପ୍ରବାସୀଙ୍କ ପ୍ରତ୍ୟାଗମନ ବ୍ୟବସ୍ଥାରେ ପୂରା ପ୍ରଶାସନ ଘାଣ୍ଟି ହେଉଛି । ପ୍ରଶାସନ ଗୋଟିଏ ସମୟରେ ଟ୍ରେନ୍ ଓ ବସ୍ ପରିଚାଳନା କରିପାରୁନାହିଁ । ୨୨ ତାରିଖ ଦିନ ସାବିତ୍ରୀ ଅମାବାସ୍ୟା ଥିବାରୁ ଦୁଇଦିନ ହେଲାଣି ଫଳ ମାର୍କେଟରେ ଭିଡ ଜମୁଛି । ଏଠାରେ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ଭଳି ଗୁରୁତ୍ୱପୂର୍ଣ୍ଣ କୋଭିଡ ନିୟମାବଳୀକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପ୍ରବଳ ଭିଡ ଯୋଗୁ ଏହାର ସୁଯୋଗ ନେଇ ଅନ୍ୟ ରାଜ୍ୟରୁ ଆସି ବଲାଙ୍ଗୀର ପହଞ୍ଚିଥିବା ପ୍ରବାସୀମାନେ ମଧ୍ୟ ଫଳ ଦୋକାନକୁ ପଶି କିଣାକିଣି କରୁଥିବା ଚର୍ଚ୍ଚା ହୋଇଛି । ଫଳରେ ଏଠାରେ କରୋନା ସଂକ୍ରମଣ ବଢ଼ି ଚାଲିଛି ବୋଲି କେତେକ ଆଶଙ୍କା ପ୍ରକଟ କରିଛନ୍ତି । ସେହିଭଳି ବଲାଙ୍ଗୀର ମାର୍କେଟରେ ପ୍ରତ୍ୟହ ଯେଭଳି ଭିଡ ପରିଲକ୍ଷିତ ହେଉଛି, ଏଠାରେ କୌଣସି ପ୍ରକାର ଲକ୍‌ଡାଉନ୍ ନିୟମ ଆଉ ନାହିଁ ଏହା ଯେକେହି ଖୋଲା ଆଖିରେ ଦେଖିପାରିବ । ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ପୋଲିସ ମଧ୍ୟ ଏଦିଗରେ ଆଉ ଧ୍ୟାନ ଦେଉନାହାନ୍ତି। କିଛି ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ଛାଡିଦେଲେ ଆଉ କୌଣସି କାମ ଦାୟିତ୍ୱର ସହ ନ କରି ହାଲୁକା ହୋଇପଡିଥିବା ଦେଖାଯାଉଛି । ଏଭଳି କ୍ଷେତ୍ରରେ ଅଣସଂକ୍ରମିତ ବଲାଙ୍ଗୀରବାସୀଙ୍କୁ ସବୁଠୁ ବେଶି ସଂକ୍ରମଣ ଭୟ ଘାରିଲାଣି ।

## କାନ୍ଥ ପଡ଼ି ଆଈ ମୃତ, ୨ନାତୁଣୀ ଗୁରୁତର

ତୁଣ୍ଡଲା,୨୦।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ସିରଜାପାଲି ସଦର ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଛି । ଘରର କାନ୍ଥ ପଡି ଚଞ୍ଚଳ ସାହୁ (୭୦) ନାମକ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ୨ ନାତୁଣୀ ଝରଣା ସାହୁ (୧୭ ) ଓ ପଦ୍ମା ସାହୁ (୧୫) ଆହତ ହୋଇଛନ୍ତି। ଉଭୟଙ୍କୁ କେସିଙ୍ଗା ସରକାରୀ ଡାକ୍ତରଖାନା ନିଆଯାଇଛି । ପଲମ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ତଦନ୍ତ ଆରମ୍ଭ କରିଛନ୍ତି । ଚଞ୍ଚଳଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

## ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା


ଜିଲାପାଳଙ୍କୁ ନ୍ୟାଶନାଲ ଫ୍ରଣ୍ଟ ଅଫ୍ ଟ୍ରେଡ୍ ୟୁନିୟନ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ନୂଆପଡ଼ା ଅଫିସ,୨୦।୫

କରୋନା କଟକଣା ଯୋଗୁ ଶ୍ରମିକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ସରକାର ଶ୍ରମିକଙ୍କ ସକାଶେ ବିଭିନ୍ନ ପ୍ୟାକେଜ ଘୋଷଣା କରିଛନ୍ତି । ହେଲେ ଏଥିରେ ବହୁ ଶ୍ରମିକ ବିରୋଧୀ ନୀତି ରହିଛି ବୋଲି ଅଭିଯୋଗ ଆଣିଛି ନ୍ୟାଶନାଲ ଫ୍ରଣ୍ଟ ଅଫ୍ ଟ୍ରେଡ୍ ୟୁନିୟନ । ନୂଆପଡା ଜିଲା ଶାଖା ତରଫରୁ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ସଭାପତି ଯଦୁମଣି ପାଣିଗ୍ରାହୀ ବୁଧବାର ପୂର୍ବାହ୍ନରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସରକାର ଯେଉଁ ୨୦ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି ଏଥିରେ ଶ୍ରମିକମାନଙ୍କୁ ସିଧାସଳଖ ସୁବିଧା ସୁଯୋଗ ଦେବା ଭଳି କୌଣସି ଯୋଜନା ରଖାଯାଇନାହିଁ। ଶ୍ରମିକଙ୍କ ସ୍ୱାର୍ଥ ବଦଳରେ ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଦିନରେ ଶ୍ରମିକଙ୍କ କାର୍ଯ୍ୟ ସମୟକୁ ୬ରୁ ୧୨ଘଣ୍ଟାକୁ ଅପସାରିତ କରାଯାଇଛି । ସମ୍ବିଧାନ ପ୍ରଦତ୍ତ ମୌଳିକ ସୁବିଧାକୁ କ୍ଷୁଣ୍ଣ କରାଯାଇଛି । ସେହିଭଳି ଶ୍ରମିକମାନଙ୍କୁ ବିଭିନ୍ନ ଯୋଜନାରୁ ବଞ୍ଚିତ କରାଯାଇଛି । ଏ ସଂକ୍ରାନ୍ତରେ ବିଶେଷ ଧ୍ୟାନ ଦେବାକୁ ଦାବି କରାଯାଇଛି। ଆଲୋଚନା ପରେ ଜିଲାପାଳ ଏ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## କ୍ଷୁଦ୍ର ବ୍ୟବସାୟୀଙ୍କୁ ମନା, ମଲ୍ ଖୋଲିବାକୁ ଅନୁମତି ମିଳୁଛି

ଟିଟିଲାଗଡ଼, ୨୦।୫ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ଲକ୍‌ଡାଉନ ସମୟରେ ପ୍ରଶାସନ ପକ୍ଷରୁ ଗାରମେଣ୍ଟସ ମଲ୍ ଖୋଲିବାକୁ ଅନୁମତି ଦିଆଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସହରର ଅନେକ ଦୋକାନୀଙ୍କୁ ଅଦ୍ୟାବଧି ରିହାତି ମିଳିନାହିଁ। ମଙ୍ଗଳବାର ୩୦ଜଣ ଚାପାନ, ଆଖୁରସ ଦୋକାନୀ ଏମ୍‌ପିଙ୍କ ନଗର ପ୍ରତିନିଧି ଗୁଲାବ ସୋନିଙ୍କ ନେତୃତ୍ୱରେ ଦୋକାନ ଖୋଲିବା ଅନୁମତି ନେଇ ଉପଜିଲାପାଳ ସୁଧାକର ନାୟକଙ୍କଠାରେ ଫେରାଦ ହୋଇଥିଲେ। ହେଲେ ଗାଇଡଲାଇନ ଦେଖାଇ ଉପଜିଲାପାଳ କୌଣସି ଅନୁମତି ଦିଆଯିବ ନାହିଁ ବୋଲି କହିଥିଲେ। ଅପରପକ୍ଷରେ ସହରରେ ବହୁ ରାଷ୍ଟ୍ରୀୟ କମ୍ପାନୀର ଗାର୍ମେଣ୍ଟସ ମଲ ଖୋଲିବା ପରେ ପ୍ରଶାସନର ଏଭଳି ଦୋହାର ମାନଦଣ୍ଡକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପୌର ନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନଙ୍କୁ ଯୋଗାଯୋଗ କରିବାର ଉପଜିଲାପାଳଙ୍କ ସହ ପରାମର୍ଶ ପରେ ଯାହା କିଛି ନିଷ୍ପତି ନିଆଯିବ ବୋଲି କହିଛନ୍ତି।

# ଚିନ୍ତା ବଢ଼ାଉଛି ବ୍ରାହ୍ମଣୀ ସେତୁ ମରାମତି

## ଟିମଜୋର ସେତୁକୁ ବିକଳ୍ପ ଭାବେ ବ୍ୟବହାର କରିବାକୁ ଜୁଏଲଙ୍କ ପ୍ରସ୍ତାବ

ରାଉରକେଲା ଅଫିସ,୨୦।୫

ବହୁ ପୁରୁଣା ପାନପୋଷ ବ୍ରାହ୍ମଣୀ ସେତୁରେ ବାରମ୍ବାର ଫାଟ ସୃଷ୍ଟି ହେବା ଘଟଣା ସହରବାସୀ ତଥା ଜାତୀୟ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢାଇ ଦେଇଛି। ଏହାକୁ ମରାମତି କରିବାକୁ ହେଲେ ଅନ୍ତତଃ ୫ ଦିନ ଯାଏ ଯାନବାହନ ଚଳାଚଳ ବନ୍ଦ ହେବା ଆବଶ୍ୟକ। ଯାହା ଏତେ ସହଜ ନୁହେଁ। ଏମିତି ଅବସ୍ଥାରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଏକ ବିକଳ୍ପ ଚିନ୍ତାକରି ଜିଲାପାଳ ନିଖିଲ ପଓନ କଲ୍ୟାଣଙ୍କ ସହ ଆଲୋଚନା କରିଛନ୍ତି। ତାଙ୍କ ପ୍ରସ୍ତାବ ଅନୁସାରେ ବ୍ରାହ୍ମଣୀ ସେତୁର ଉପର ମୁଣ୍ଡରେ ନବ ନିର୍ମିତ ଟିମଜୋର ସେତୁକୁ କିଛି ଦିନ ପାଇଁ ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ। ତେବେ ଏହି ବ୍ରିଜର ଉଭୟ ପାର୍ଶ୍ୱ ଆପ୍ରୋଚ ରୋଡ ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରିନି। ଜମିଜମା ଗଣ୍ଡଗୋଳ ନେଇ ଏହା ଅଟକି ରହିଛି। ଏନେଇ ପ୍ରଶାସନ ଚାହିଁଲେ ସାମାଧାନର ରାସ୍ତା ବାହାରି ପାରିବ ବୋଲି ଜୁଏଲ ଆଶାବ୍ୟକ୍ତ କରିଛନ୍ତି। ଏହା ସମ୍ଭବ ହେଲେ ଲାଠିକଟାରୁ ଟିମଜୋର ପର୍ଯ୍ୟନ୍ତ ଓ ଟିମଜୋରରୁ ବୀରକେରା ଦେଇ କାଲୁଙ୍ଗା ଯାଏ ନୂତନ ପୋଲ ଉପରେ ଗାଡି ଚଳାଚଳ କରିପାରିବ। ଆବଶ୍ୟକ ସ୍ଥଳେ କୋଇଡା ପଟୁ ଯାତାୟାତ କରୁଥିବା ଭାରିଯାନ ନରେନ୍ଦ୍ର ଗୁରୁଣ୍ଡିଆ ରାସ୍ତା ଦେଇ କାଲୁଙ୍ଗା ପର୍ଯ୍ୟନ୍ତ ଛଡାଯାଇପାରିବ। ଫଳରେ ୫ ଦିନ ଯାଏ ବ୍ରାହ୍ମଣୀ ସେତୁ ଉପରେ ଗାଡି ଚଳାଚଳ ବନ୍ଦ ରଖି ଏହାକୁ ମରାମତି କରାଯାଇପାରିବ। କେବଳ ହାଲୁକା ଯାନଗୁଡିକୁ ପୁରୁଣା ବ୍ରାହ୍ମଣୀ ସେତୁ ଦେଇ ଚଳାଇବାକୁ ଅନୁମତି ଦିଆଯାଇ ପାରିବ। ଏହାଦ୍ୱାରା ସେତୁର ସ୍ଥାୟିତ୍ୱ ନେଇ ଆଶଙ୍କା ଦୂର ହେବା ସହ ନୂତନ ବ୍ରିଜ ଶେଷ କରାଯିବାରେ କୌଣସି ଅସୁବିଧା ରହିବ ନାହିଁ। ଏଣୁ ଟିମଜୋର ସେତୁର ଆପ୍ରୋଚ ରୋଡ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବା ଉପରେ ଏମ୍‌ପି ଜୁଏଲ ଗୁରୁତ୍ୱାରୋପ କରିଛନ୍ତି।


ବ୍ରାହ୍ମଣୀ ସେତୁ ।

# ଢେଙ୍କାନାଳକୁ ଲେଉଟିଲା କରୋନା

- ୪୧ଦିନ ପରେ ଦ୍ୱିତୀୟ ପଜିଟିଭ୍ ଚିହ୍ନଟ
- ଚେନ୍ନାଇରୁ ଫେରି ସଙ୍ଗରୋଧରେ ଥିଲେ
- କଣ୍ଟେନମେଣ୍ଟ ଜୋନ୍ ହେଲା କ୍ୱାରାଣ୍ଟାଇନ୍ ସେଣ୍ଟର



**ଢେଙ୍କାନାଳ ଅଫିସ, ୨୦।୫**

ଢେଙ୍କାନାଳକୁ ଲେଉଟିଛି କରୋନା। ପ୍ରଥମ ସଂକ୍ରମଣ ମାମଲାର ୪୧ଦିନ ପରେ ଦ୍ୱିତୀୟ ପଜିଟିଭ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ୧୮ବର୍ଷୀୟ ଯୁବକ। ତାଙ୍କ ଘର ସଦର ବ୍ଲକ କଙ୍କଡ଼ାହାଡ଼ ପଞ୍ଚାୟତରେ। ସେ ଚେନ୍ନାଇରୁ ଫେରିବା ପରେ ସଙ୍ଗରୋଧରେ ଥିଲେ। ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସମ୍ପୃକ୍ତ ଯୁବକ ଜଣକ ତାଙ୍କ ବାପାଙ୍କୁ ଭେଟିବା ପାଇଁ ଚେନ୍ନାଇ ଯାଇଥିଲେ। ସେଠାରୁ ଗତ ୧୪ ତାରିଖରେ ୮ଜଣଙ୍କ ସହ ଏକ ଗାଡ଼ିରେ ଢେଙ୍କାନାଳ ଫେରିଥିଲେ। ନାମ ପଞ୍ଜୀକରଣ ପରେ ତାଙ୍କୁ ତାଳବରକୋଟସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ଗତ ୧୭ ତାରିଖରେ ସଙ୍ଗରୋଧ କେନ୍ଦ୍ରରେ ଥିବା ୯୭ ଜଣଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯାଇଥିଲା। ବୁଧବାର ଏହାର ରିପୋର୍ଟ ଆସିଥିଲା, ଯେଉଁଥିରେ ସମ୍ପୃକ୍ତ ଯୁବକ ହିଁ ଏକମାତ୍ର ପଜିଟିଭ୍ ଥିବା ଜଣାପଡ଼ିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଯୁବକ ଜଣକ ରହୁଥିବା ସଙ୍ଗରୋଧ କେନ୍ଦ୍ରକୁ କଣ୍ଟେନ୍‌ମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରାଯିବା ସହ ସାନିଟାଇଜ୍ କରାଯାଇଛି। ସମସ୍ତ ଅନ୍ତେବାସୀଙ୍କ ଥ୍ରୋଟ୍ ସ୍ୱାବ୍ ପୁଣିଥରେ ପରୀକ୍ଷଣ ଲାଗି ପଠାଯାଇଛି।

ପଜିଟିଭ୍ ଚିହ୍ନଟ ଯୁବକ ଜଣକ ଚେନ୍ନାଇରୁ ଆସି ସିଧାସଳଖ କ୍ୱାରାଣ୍ଟାଇନ୍‌ରେ ଥିବାରୁ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାବାସୀ ଆତଙ୍କିତ ନ ହୋଇ ଗାଇଡ୍‌ଲାଇନ୍ ଅନୁଯାୟୀ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ବ୍ୟକ୍ତିଗତ ପରିଚ୍ଛନ୍ନତା, ପରିବେଶ ସଫାସୁତରା ରଖିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା, ଅଯଥାରେ ବାହାରେ ନ ବୁଲିବା ପାଇଁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୯ରେ ସହରରୁ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଆକ୍ରାନ୍ତ ମହିଳା ଜଣକ ସୁସ୍ଥ ହୋଇ ଫେରିଛନ୍ତି।

## କ୍ୱାରାଣ୍ଟାଇନ୍‌ରୁ ବାହାରିଲେ ୪ ମହିଳା

**ଅନୁଗୋଳ ଅଫିସ, ୨୦।୫**

ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ବୁଧବାର ୪ ମହିଳା ଘରକୁ ଫେରିଛନ୍ତି। ସେମାନଙ୍କ ନମୁନା ନେଗେଟିଭ୍ ଆସିବା ପରେ ସମସ୍ତଙ୍କୁ କ୍ୱାରାଣ୍ଟାଇନ୍ ଅବଧି ପ୍ରମାଣପତ୍ର ଦିଆଯିବାସହ ପରିବାର ଲୋକଙ୍କ ସହିତ ଛଡ଼ାଯାଇଛି। ସମ୍ପୃକ୍ତ ମହିଳାମାନେ ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ପଞ୍ଚାୟତର। ସେମାନଙ୍କ ମଧ୍ୟରୁ ଦୁଇଜଣ ତାମିଲନାଡୁ ଏବଂ ଓ ଅନ୍ୟ ଦୁଇଜଣ ବାଙ୍ଗାଲୋରରୁ ଫେରିଥିଲେ। ଗତ ୬ ତାରିଖଠାରୁ ସମସ୍ତେ କ୍ୱାରାଣ୍ଟାଇନ୍‌ରେ ଥିଲେ।

# ୧ରୁ କାର୍ଯ୍ୟକ୍ଷମ ହେବ ଏମ୍‌ସିସି

- ହୁଲୁରିସିଂହାରୁ ଆରମ୍ଭ ହେବ
- ଘରୁ ଅଳିଆ ଉଠାଇବ ଗାଡ଼ି



**ଅନୁଗୋଳ ଅଫିସ, ୨୦।୫:** ଅନୁଗୋଳ ସହରରେ ମାଇକ୍ରୋ କମ୍ପୋଷ୍ଟିଂ ସିଷ୍ଟମ (ଏମ୍‌ସିସି) ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ଗୋଟିଏ ସ୍ଥାନରେ ଏମ୍‌ସିସି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟ ଦୁଇଟି ସ୍ଥାନରେ କାର୍ଯ୍ୟ ୮୦% ଶେଷ ହୋଇଥିବା ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଜୁନ୍ ପହିଲାରୁ ହୁଲୁରିସିଂହା ଏମ୍‌ସିସି କାର୍ଯ୍ୟକ୍ଷମ ହେବ। ସେହିପରି ଅନ୍ୟ ଦୁଇଟିକୁ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି।

ସହରର ଅଳିଆରୁ ଏଣିକି ଜୈବିକ ସାର ପ୍ରସ୍ତୁତ ହେବ। ଏ ନେଇ ୩ ଏମ୍‌ସିସି ନିର୍ମାଣ କରାଯାଉଛି। ସେଥିମଧ୍ୟରୁ ହୁଲୁରିସିଂହାରେ ଏମ୍‌ସିସି କାର୍ଯ୍ୟ ଶେଷ ହୋଇଛି। ମିଶ୍ରପଡ଼ା ଓ ହେମସୁରପଡ଼ାର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ହୁଲୁରିସିଂହାରେ ପ୍ରାଥମିକ ପର୍ଯ୍ୟାୟରେ ଡେମୋ ପାଇଁ ଦୁଇଟି ଗାଡ଼ି ବୁଧବାରଠାରୁ ଗଡ଼ିଛି। ଲୋକଙ୍କୁ ସଚେତନ କରିବା ସହ ଅଳିଆକୁ ଏଣେ ତେଣେ ନ ପକାଇବା ପାଇଁ କୁହାଯାଉଛି। ପ୍ରତି ଏମ୍‌ସିସି ପାଇଁ ଦୁଇଟି ଗାଡ଼ି ଯୋଗାଇ ଦିଆଯିବ। ଲୋକଙ୍କ ଘର ସମ୍ମୁଖରେ ଗାଡ଼ିଗୁଡ଼ିକ ପ୍ରତିଦିନ ସକାଳୁ ପହଞ୍ଚି ଅଳିଆ ସଂଗ୍ରହ କରିବ। ସ୍ୱଚ୍ଛସାଥୀ ଓ ସଫେଇ କର୍ମଚାରୀ ସଂଗୃହୀତ ଅଳିଆକୁ ଏମ୍‌ସିସି ପ୍ଲାଣ୍ଟକୁ ଆଣିବେ। ଏହାପରେ ଏଥିରୁ ଜୈବିକ ସାର ପ୍ରସ୍ତୁତ କରାଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।

ଏ ନେଇ ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି ଯେ, ପ୍ରାଥମିକ ପର୍ଯ୍ୟାୟରେ ଏବେ ଗାଡ଼ି ବିଭିନ୍ନ ଅଞ୍ଚଳରେ ବୁଲି ଅଳିଆ ସଂଗ୍ରହ କରୁଛି। ଜୁନ୍ ୧ରୁ ହୁଲୁରିସିଂହା ଅଞ୍ଚଳରେ ହୋଇଥିବା ଏମ୍‌ସିସି କାର୍ଯ୍ୟକାରୀ ହେବ। ପ୍ରକାଶଥାଉ କି, ଅନୁଗୋଳ ସହରର ମିଶ୍ରପଡ଼ାଠାରେ ଏମ୍‌ସିସି ନିର୍ମାଣ ସମୟରେ ଲୋକେ ବିରୋଧ କରିଥିଲେ। ସେମାନଙ୍କୁ ବୁଝାଶୁଝା କରି ପ୍ରଶାସନ ବିଫଳ ହେବା ପରେ ପୋଲିସ ଲଗାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ରିଲିଫ୍ ପାଣ୍ଠିକୁ ଦାନ



**ବଇଣ୍ଡା, ୨୦।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ଡେବେରାପାଲି ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧୬ ହଜାର ୨୫୫ ଟଙ୍କା ପ୍ରଦାନ କରିଛନ୍ତି। ଗ୍ରାମର ହେମନ୍ତ କୁମାର ମିଶ୍ର, ମନୋଜ କୁମାର ମହାପାତ୍ର, ହରମୋହନ ମହାପାତ୍ର, ଅରବିନ୍ଦ ସାହୁ ପ୍ରମୁଖ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ଭେଟି ଏହି ଟଙ୍କା ପ୍ରଦାନ କରିଥିଲେ।

### ଦୁର୍ଘଟଣାରେ ନବ ବିବାହିତଙ୍କ ମୃତ୍ୟୁ

**ମାଧପୁର, ୨୦।୫:** ଆଠମଲ୍ଲିକ-ମାଧପୁର ରାଜ୍ୟ ରାଜପଥର ଲାଉପାଳ କେନାଲ ନିକଟରେ ବୁଧବାର ଏକ ବାଇକ୍ (ଓଆର ୧୯ ଏଲ ୨୮୭୫) ଦୁର୍ଘଟଣାରେ କୈରିଘଣ୍ଟି ଗ୍ରାମର ଛବି ପ୍ରଧାନଙ୍କ ମୃତ୍ୟୁ ଘଟିଛି। ସେ ୮ ଦିନ ତଳେ ବିବାହ କରିଥିଲେ। ଏଥିରେ ତାଙ୍କ ଭଣଜା ଚାରମାଳ ଥାନା ରେଢ଼ାଖୋଲ ଅଞ୍ଚଳର ସ୍ୱାଧୀନ ସାହୁ (୧୩) ଗୁରୁତର ହୋଇଛନ୍ତି। ଉଭୟେ ମାଧପୁର ହାଟକୁ ଆସି ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

### ମୃତଦେହ ଉଦ୍ଧାର

**ବନ୍ତଳା, ୨୦।୫(ଡି.ଏନ.ଏ.):** ବନ୍ତଳା ଥାନା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ନୂଆବଡ଼କେରା ମାଡିଳିଆ ପୋଲ ନିକଟରୁ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳିନାହିଁ। ମୃତଦେହ ବ୍ୟବଚ୍ଛେଦ ସହିତ ପୋଲିସ ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଗୀତା ସାହୁ କହିଛନ୍ତି।

### ମଦ ବ୍ୟବସାୟୀଙ୍କୁ ପୋଲିସ ଜିମା

**ବଇଣ୍ଡା/ଆଠମଲ୍ଲିକ, ୨୦।୫ (ଡି.ଏନ.ଏ.):** ଚୋରା ମଦ କାରବାର କରୁଥିବା ଅଭିଯୋଗରେ କିଶୋରନଗର ବ୍ଲକ ବଡବାହାଳ ଗ୍ରାମର ରସାନନ୍ଦ ପ୍ରଧାନଙ୍କୁ ଏସ୍‌ଏଚ୍‌ଜି ସଦସ୍ୟ ପୋଲିସ ଜିମା ଦେଇଥିଲେ। ପୋଲିସ ୧୦ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଛି। ଏ ନେଇ ନଂ. ୯୮/୨୦ରେ ମାମଲା ରୁଜୁ କରାଯାଇଛି। ରସାନନ୍ଦ ଚୋରାରେ ମଦ ରାନ୍ଧି ଗ୍ରାମାଞ୍ଚଳକୁ ଚାଲାଣ କରୁଥିବାବେଳେ ମହିଳାମାନେ ସେଠାରେ ପହଞ୍ଚିଯାଇଥିଲେ। ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ ଦାସ, ଏଏସଆଇ କୁନି ବାରିକ ଘଟଣାସ୍ଥଳକୁ ଯାଇ ରସାନନ୍ଦଙ୍କୁ ଗିରଫ କରିଥିଲେ।

### ସାହିତ୍ୟିକ ସୁରେନ୍ଦ୍ରନାଥ ମିଶ୍ରଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୨୦।୫:** ସାହିତ୍ୟିକ ତଥା ଭୁବନଶ୍ରୀ ପତ୍ରିକାର ସମ୍ପାଦକ ସୁରେନ୍ଦ୍ରନାଥ ମିଶ୍ର (୮୪)ଙ୍କ ବୁଧବାର ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ପରଲୋକରେ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଭିଡିଓ କନଫରେନ୍ସି ମାଧମରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ପ୍ରତାପ ବରାଳ, ସହ ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଜିଲା କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଭୀମ ଭୋଇଙ୍କ ପ୍ରତି କୁତ୍ସାରଚନା ନେଇ ମାମଲା

**ଢେଙ୍କାନାଳ ଅଫିସ, ୨୦।୫:** ଭୁବନେଶ୍ୱରର ଜଣେ ଲେଖକ ନିଜ ପୁସ୍ତକରେ ମହିମାଧର୍ମର ପ୍ରଚାରକ ସନ୍ଥକବି ଭୀମ ଭୋଇଙ୍କ ପ୍ରତି କୁତ୍ସାରଚନା କରିଥିବା ଅଭିଯୋଗ ଆସିବା ପରେ ଏହାକୁ ନେଇ ଢେଙ୍କାନାଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ଜିଲା ଭାଜପା ପକ୍ଷରୁ ସମ୍ପୃକ୍ତ ଲେଖକ ଏବଂ ତାଙ୍କର ଜଣେ ସହଯୋଗୀଙ୍କ ବିରୋଧରେ ବୁଧବାର ଗଁଦିଆ ଥାନାରେ ଏତଲା ଦିଆଯାଇଛି। ଉଭୟଙ୍କୁ ଗିରଫ କରିବାକୁ ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ରତିକାନ୍ତ ସାହୁ ପ୍ରମୁଖ ଦାବି କରିଛନ୍ତି।

# ସର୍ତ୍ତରେ ଖୋଲିବ ଶୋ’ ରୁମ୍



ଏକ ଶୋ’ ରୁମ୍‌ରେ ଯାଞ୍ଚ କରାଯାଉଛି।

- ରହିବନି ଟ୍ରାଏଲ ରୁମ୍
- ଗ୍ରାହକ ଜିନିଷ ଛୁଇଁବା ମନା

**ଅନୁଗୋଳ ଅଫିସ, ୨୦।୫**

ଅନୁଗୋଳ ସହରରେ ସର୍ତ୍ତଭିତ୍ତିରେ ଖୋଲିପାରେ ଶୋ’ ରୁମ୍। ବ୍ୟବସାୟୀମାନେ ସର୍ତ୍ତପାଳନ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଲେ ଶୋ’ ରୁମ୍ ସହ ବଡ଼ ବଡ଼ ଦୋକାନ ଖୋଲିବାରେ କୌଣସି ସମସ୍ୟା ନାହିଁ ବୋଲି ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି। ବୁଧବାର ପୂର୍ବାହ୍ନରେ ଉପଜିଲାପାଳଙ୍କ ନେତୃତ୍ୱରେ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଥାନାଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରମୁଖ ସହରରେ ଖୋଲିଥିବା ଦୋକାନଗୁଡ଼ିକ କିପରି ସେବା ଯୋଗାଉଛନ୍ତି ତାହାର ଅନୁଧ୍ୟାନ କରିଥିଲେ। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ନିୟମ ଆଦି ପାଳନ କରାଯାଉଛି କି ନା ତାହାର ଯାଞ୍ଚ କରିଥିଲେ।

ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୋରୁମ୍‌ଗୁଡ଼ିକ ଖୋଲିବାକୁ ହେଲେ ବ୍ୟବସାୟୀଙ୍କୁ କେତେକ ନିର୍ଦ୍ଦେଶାବଳୀ ମାନିବାକୁ ପଡ଼ିବ। ପୂର୍ବଭଳି ସେଠାରେ ଟ୍ରାଏଲ୍ ରୁମ୍ ଖୋଲାଯାଇପାରିବ ନାହିଁ। ଗ୍ରାହକମାନେ ବୁଲିବୁଲି କରି ପୋଷାକପତ୍ର ଏବଂ ଅନ୍ୟ ଆବଶ୍ୟକ ସାମଗ୍ରୀକୁ ଛୁଇଁପାରିବେ ନାହିଁ। ଶୋ’ ରୁମ୍ କର୍ମଚାରୀ ଗ୍ରାହକଙ୍କ ପସନ୍ଦ ମୁତାବକ ପୋଷାକ ଦେଖାଇବେ। ସାମାଜିକ ଦୂରତ୍ୱ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ। ଶୋ’ରୁମ୍‌ର କ୍ଷମତା ଅନୁସାରେ ଗ୍ରାହକ ପ୍ରବେଶ କରିବେ। ଗ୍ରାହକଙ୍କ ଅପେକ୍ଷା କରିବା ଲାଗି ବ୍ୟବସ୍ଥା କରିବାକୁ ପଡ଼ିବ। ଏସବୁ ବ୍ୟବସ୍ଥା କରି ସାରିବା ପରେ ଶୋ’ରୁମ୍ କର୍ତ୍ତୃପକ୍ଷ ପ୍ରଶାସନକୁ ଅବଗତ କରାଇବେ। ପରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ବୋଲି ଉପଜିଲାପାଳ କହିଛନ୍ତି। ଶୋ’ରୁମ୍‌ଗୁଡ଼ିକ ବନ୍ଦ ଥିବାରୁ ବହୁ କର୍ମଚାରୀ ଜୀବିକା ହରାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶୋ’ରୁମ୍ ଖୋଲିବାକୁ ଯୋଜନା ଚାଲିଛି। ଯଦି ବ୍ୟବସାୟୀମାନେ ନିୟମ ଅବମାନନା କରିବେ, ତା’ହେଲେ ପୁଣିଥରେ ଏହାକୁ ବନ୍ଦ କରିଦିଆଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

## ୨୦ ଟନ୍ କୋଇଲା ଜବତ

**ଭୁବନ, ୨୦।୫(ଡି.ଏନ.ଏ.):** ଇଟାଭାଟିକୁ କୋଇଲା ଯୋଗାଉଥିବା ଏକ ଟ୍ରକ୍‌କୁ ଭୁବନ ପୋଲିସ ଜବତ କରିଛି। ଗାଡ଼ିରୁ ୨୦ ଟନ୍ କୋଇଲା ଜବତ କରାଯାଇଛି। ଚାଳକ ମୋଟଙ୍ଗା ଥାନା ମହାନନ୍ଦିଆ ଗ୍ରାମର ଅସିତ କୁମାର ବରାଳ (୨୯)ଙ୍କୁ ଗିରଫ କରାଯାଇଛି। ଥାନାଧିକାରୀ ନିର୍ମଳା ଗୋଛାୟତଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଥିଲା।

## ୭ ଚୋରା ମଦ ବ୍ୟବସାୟୀ ଗିରଫ

**ଅନୁଗୋଳ ଅଫିସ, ୨୦।୫:** ଚୋରା ମଦ କାରବାର ଅଭିଯୋଗରେ ଅନୁଗୋଳ ଅବକାରୀ ବିଭାଗ ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଆଠମଲ୍ଲିକ ଅଞ୍ଚଳର ୨, ତାଳଚେରର ୪ ଏବଂ ଛେଳିଆପଡ଼ା ଅଞ୍ଚଳର ଜଣେ ଅଛନ୍ତି। ମୋଟ ୩୩୮ ଲିଟର ମଦ ଏବଂ ଏକ ବାଇକ୍ ଜବତ କରାଯାଇଛି। ଅନ୍ୟ ଏକ ଘଟଣାରେ ଗୋଟିଏ କାର୍ ସିଜ୍ କରାଯାଇଥିବା ଅବକାରୀ ଏସ୍‌ପି କ୍ରିଷ୍ଣା ନାୟକ ସୂଚନା ଦେଇଛନ୍ତି।

## ୟୁପି ଗଲେ ୮୫ ପ୍ରବାସୀ

**ଅନୁଗୋଳ ଅଫିସ, ୨୦।୫:** ଅନୁଗୋଳରେ ଅଟକିଥିବା ୮୫ ପ୍ରବାସୀଙ୍କୁ ବୁଧବାର ଉତ୍ତରପ୍ରଦେଶ ପଠାଯାଇଛି। ସମ୍ବଲପୁରରୁ ଯାଉଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ସେମାନଙ୍କୁ ଗନ୍ତବ୍ୟସ୍ଥଳକୁ ପଠାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବାହ୍ନରେ ସେମାନଙ୍କୁ ଦୁଇଟି ସ୍ୱତନ୍ତ୍ର ବସ୍‌ରେ ଅନୁଗୋଳରୁ ସମ୍ବଲପୁର ଷ୍ଟେଶନରେ ଛଡ଼ାଯିବା ପରେ କାନପୁର ଅଭିମୁଖେ ଯାଉଥିବା ଟ୍ରେନ୍‌ରେ ବସାଯାଇଥିଲା।



ଏକ ମାଲବାହୀ ଗାଡ଼ିରେ ପ୍ରବାସୀ ଶ୍ରମିକମାନେ ଅନୁଗୋଳ ଦେଇ କଟକ ଅଭିମୁଖେ ଯାଉଛନ୍ତି।

## ପାଉଁଶ ଟ୍ରକ୍ ଚଳାଚଳ, ପାର୍କିଂକୁ ବିରୋଧ

**କଣିହାଁ, ୨୦।୫(ଡି.ଏନ.ଏ.)**

କଣିହାଁ ବ୍ଲକସ୍ଥିତ ବିଭିନ୍ନ ପ୍ରକଳ୍ପରୁ ଶତାଧିକ ପାଉଁଶ ବୋଝେଇ ଟ୍ରକ୍ ଚଳାଚଳ କରିବା ଏବଂ ଭାରିଯାନଗୁଡ଼ିକ ଏନ୍‌ଟିପିସି ବଜାର ଉପରେ ପାର୍କିଂ କରିବାକୁ ବ୍ୟବସାୟୀମାନେ ବିରୋଧ କରିଛନ୍ତି। ଏଥିଯୋଗୁ ଅନେକ ସମସ୍ୟା ଉପୁଜୁଥିବାରୁ ସକାଳ ୫ଟାରୁ ରାତି ୯ଟା ଯାଏ ପାଉଁଶ ବୋଝେଇ ଗାଡ଼ି ଚଳାଚଳ ବନ୍ଦ କରିବାକୁ ଏନ୍‌ଟିପିସି ବଜାର ବଣିକ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଟାଉନ ଥାନାକୁ ଲିଖିତ ଦାବିପତ୍ର ଦିଆଯିବା ସହ ବିଡିଓ ଏବଂ ତହସିଲଦାରଙ୍କୁ ଅବଗତ କରାଯାଇଛି। ଦାବି ପୂରଣ ନ ହେଲେ ସଂଘ ଆସନ୍ତା ୨୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ଶଶାଙ୍କ ଶେଖର ପାଣି, ଉପସଭାପତି ସୁନୀଲ ଅଗ୍ରୱାଲ, ସମ୍ପାଦକ ଲଳିତ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନ୍‌ଟିପିସି ଟାଉନ ଥାନା ଆଇଆଇସି ଦୀପିକା ଦେବୀରାୟଙ୍କୁ ପଚାରିବାରେ କହିଛନ୍ତି, ଅଭିଯୋଗ ହୋଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ଏ ନେଇ ଆଲୋଚନା କରାଯିବ।

## ବାର୍‌ହା ଆକ୍ରମଣରେ ମା’ ପୁଅ ଗୁରୁତର

**ଅନୁଗୋଳ ଅଫିସ, ୨୦।୫**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବିଲେଇନାଳୀ ନିକଟରେ ବୁଧବାର ବାର୍‌ହା ଆକ୍ରମଣରେ ମା’ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିଜୁଳି ନାଏକ (୪୫) ଏବଂ ଅମୂଲ୍ୟ ନାଏକ(୨୮)। ଏକ ଶଗଡ଼ରେ ଖତ ବୋଝେଇ କରୁଥିବାବେଳେ ସେମାନଙ୍କୁ ଏକ ବାର୍‌ହା ଆକ୍ରମଣ କରିଥିଲା। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଅଟକିଲେ ୪୧ ଶ୍ରମିକ

**ଅନୁଗୋଳ ଅଫିସ, ୨୦।୫**

ବାତ୍ୟା ଅମ୍ଫାନ୍ ପାଇଁ ପଶ୍ଚିମବଙ୍ଗର ୨୪ ଏବଂ ଭଦ୍ରକର ୧୭ ପ୍ରବାସୀ ଅନୁଗୋଳରେ ଅଟକିଛନ୍ତି। ସ୍ଥାନୀୟ ବାଳିକା ହାଇସ୍କୁଲସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ସେମାନଙ୍କୁ ରଖାଯାଇଛି।

ମଙ୍ଗଳବାର ମହାରାଷ୍ଟ୍ରରୁ ୨୪ ପ୍ରବାସୀଙ୍କୁ ନେଇ ପଶ୍ଚିମବଙ୍ଗ ଯାଉଥିବା ଏକ ବସ୍ ଲୁହାମୁଣ୍ଡାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବସ୍ କର୍ମଚାରୀଙ୍କ ସହ ୧୦ ଜଣ ଆହତ ହୋଇଥିଲେ। ବସ୍ ସହ ଧକ୍କା ହୋଇଥିବା ଟ୍ୟାଙ୍କର ଚାଳକଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଏକ ବସ୍‌ରେ ସମ୍ପୃକ୍ତ ଶ୍ରମିକଙ୍କୁ ପଠାଇବାକୁ ଉଦ୍ୟମ ଚାଲିଥିଲା। ତେବେ ବାତ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ସେମାନଙ୍କୁ ଅଟକାଇଥିଲେ। ସେହିପରି ଭଦ୍ରକର ୧୭ ଜଣ ପ୍ରବାସୀଙ୍କୁ ତାମିଲନାଡୁ ଏବଂ ବାଙ୍ଗାଲୋରରୁ ଫେରିଥିବା ସୂଚନା ମିଳିଛି। ପ୍ରବାସୀଙ୍କ ସମସ୍ତ ଖର୍ଚ୍ଚ ରେଡ୍‌କ୍ରସ୍ ପାଣ୍ଠିରୁ ବହନ କରାଯିବ। ବାତ୍ୟାସ୍ଥିତିରେ ସୁଧାର ଆସିଲା ପରେ ସମସ୍ତଙ୍କୁ ସେମାନଙ୍କ ଅଞ୍ଚଳକୁ ପଠାଇ ଦିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି। ଏମାନଙ୍କ ବ୍ୟତୀତ ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅନୁଗୋଳର ୧୧ ଏବଂ ବିହାରର ୫ ଜଣ ପ୍ରବାସୀ ଅଛନ୍ତି।

## ଓକିଲ ସଂଘ କାର୍ଯ୍ୟକାରୀ କମିଟି ଗଠିତ

**ଢେଙ୍କାନାଳ ଅଫିସ, ୨୦।୫**

ଓଡ଼ିଶା ବାର କାଉନସିଲ୍‌ର ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲା ଓକିଲ ସଂଘର ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି। ପୂର୍ବତନ ସଭାପତି ଗଣେଶ୍ୱର ରଥଙ୍କୁ ଏହାର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ପ୍ରଦୀପ୍ତ ତ୍ରିପାଠୀ, ଜୟନ୍ତ ମିଶ୍ର, ସୁଶାନ୍ତ ପାଣିଗ୍ରାହୀ, ଅକ୍ଷୟ ଭୋଇ ସଦସ୍ୟ ଭାବେ ଚୟନ ହୋଇଛନ୍ତି। ସେହିପରି ପୂର୍ବତନ ସଭାପତି ପ୍ରତାପ ନାରାୟଣ ତ୍ରିପାଠୀ, ଶିବସାଇ ମହାପାତ୍ରଙ୍କୁ ନୂତନ ସଦସ୍ୟ ଭାବେ ମନୋନୀତ କରାଯାଇଛି। ପତିତପାବନ ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଏହି କମିଟି ଆସନ୍ତା ନିର୍ବାଚନ ଯାଏ ସଂଘର କାର୍ଯ୍ୟ ସମ୍ପାଦନ କରିବ ବୋଲି ପୂର୍ବତନ ସମ୍ପାଦକ ଟଙ୍କଧର ବେହେରା ଜଣାଇଛନ୍ତି।

# ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା

**ଢେଙ୍କାନାଳ ଅଫିସ, ୨୦।୫**

- ଢେଙ୍କାନାଳ ଜିଲାରେ ୧୪୬.୧ ମିମି ରେକର୍ଡ
- ବିଦ୍ୟୁତ୍ ବିଭ୍ରାଟ ନେଇ ବଢ଼ିଲା ଜନଅସନ୍ତୋଷ
- ବିନା କାରଣରେ ବିଜୁଳି ନ କାଟିବାକୁ ନିର୍ଦ୍ଦେଶ

ଢେଙ୍କାନାଳ ଜିଲାରେ ପଡ଼ିଛି ବାତ୍ୟା ଅମ୍ଫାନ୍‌ର ପ୍ରଭାବ। ମଙ୍ଗଳବାର ରାତି ସାଢ଼େ ୮ଟାରୁ ବୁଧବାର ସକାଳ ସାଢ଼େ ୮ଟା ମଧ୍ୟରେ ଜିଲାରେ ୧୪୬.୧ ମିଲିମିଟର ବର୍ଷା ହୋଇଛି। ଗଁଦିଆରେ ସର୍ବାଧିକ ୩୦ ମି.ମି. ଏବଂ ଭୁବନରେ ସର୍ବନିମ୍ନ ୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଢେଙ୍କାନାଳ ସଦର ମହକୁମାରେ ୨୮.୪, ଓଡ଼ାପଡ଼ାରେ ୧୪, ହିନ୍ଦୋଳରେ ୧୮, କାମାକ୍ଷାନଗରରେ ୨୭, ପରଜଙ୍ଗରେ ୮ ଏବଂ କଙ୍କଡ଼ାହାଡ଼ରେ ୧୫.୬ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀ ଓ ଆପତ୍‌କାଳୀନ ବିଭାଗ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ସୂଚନା ଦେଇଛନ୍ତି। ତେବେ ବର୍ଷା ଯୋଗୁ ଜିଲାରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପଟେ ବୁଧବାର ବିନା କୌଣସି କାରଣରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ବିଭ୍ରାଟକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏପରି ଅଯଥାରେ ବିଦ୍ୟୁତ୍ କାଟ ନ କରିବା ପାଇଁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସେସୁ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ରାତିରୁ ଆରମ୍ଭ ହୋଇଥିବା ବର୍ଷା ବୁଧବାର ଅପରାହ୍ନ ସାଢେ ୨ଟା ଯାଏ ଜାରି ରହିଥିଲା। ଏହା ପରେ ପାଗ ବଦଳିଥିଲା। ତେବେ ଝଡ଼ବର୍ଷା, ବିଜୁଳି ଘଡ଼ଘଡ଼ି ବିନା ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ କରାଯାଇଥିଲା। ଲୋ-ଭୋଲ୍‌ଟେଜ୍ ସମସ୍ୟା ସାଙ୍ଗକୁ ଏପରି ବିଦ୍ୟୁତ୍ ବିଭ୍ରାଟ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଉପଭୋକ୍ତାମାନେ ବାରମ୍ବାର ସେସୁ କର୍ତ୍ତୃପକ୍ଷଙ୍କୁ ଫୋନ୍ କରିଥିଲେ ମଧ୍ୟ ଉତ୍ତର ମିଳି ନ ଥିଲା। ଓଲଟି ସେସୁ ପକ୍ଷରୁ ଏନ୍‌ଜେନ୍ ଉପରେ ଦୋଷ ଲଦାଯାଇଥିଲା। ଠିକା ଏନ୍‌ଜେନ୍ କର୍ମଚାରୀଙ୍କ ଚୁକ୍ତି ଅବଧି ପୂରିଯାଇଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଦର୍ଶାଇ ବୁଦ୍ଧିଜୀବୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳଙ୍କ ହସ୍ତକ୍ଷେପ ପରେ ସେସୁ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ପଠାଇ ଅପରାହ୍ନ ୩ଟା ସୁଦ୍ଧା ସହରରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିଥିଲେ। ଚୁକ୍ତି ଅବଧି ସରିଥିବା ଏନ୍‌ଜେନ୍ କର୍ମଚାରୀଙ୍କ ଥଇଥାନ ନେଇ ଆଲୋଚନା ଚାଲିଛି। ଜରୁରୀ ସମୟରେ ସହଯୋଗ କରିବା ଲାଗି ସେମାନଙ୍କୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ସେସୁ ନିର୍ବାହୀଯନ୍ତ୍ରୀ ସତ୍ୟବ୍ରତ ମହାନ୍ତି କୁହନ୍ତି, ଏନ୍‌ଜେନ୍ କର୍ମଚାରୀମାନେ କାମ କରୁ ନ ଥିବା ସମସ୍ୟା ବଢ଼ିଛି। ତଥାପି ସେସୁ କର୍ମଚାରୀଙ୍କୁ ନେଇ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରାଯିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି।



## ଅନୁଗୋଳରେ ୪୫.୨ ମିଲିମିଟର

**ଅନୁଗୋଳ ଅଫିସ, ୨୦।୫–** ଅନୁଗୋଳ ଜିଲାରେ ଅମ୍ଫାନ୍‌ର ପ୍ରଭାବ ଦେଖିବାକୁ ମିଳିଛି। ମଙ୍ଗଳବାର ବିଳମ୍ବିତ ରାତିରୁ ସହ ଝିପିଝିପି ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିଥିଲା। ତେବେ ଜିଲାରେ ସେପରି କିଛି କ୍ଷୟକ୍ଷତିର ରିପୋର୍ଟ ନ ଥିବା ସୂଚନା ମିଳିଛି। ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ମୋଟ ୪୫.୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାଲଲହଡ଼ାରେ ସର୍ବାଧିକ ୧୯ ମିମି ବର୍ଷା ହୋଇଥିବାବେଳେ ବଁଅରପାଳରେ ୧୪.୬ ମିମି, ଅନୁଗୋଳରେ ୬.୮ ମିମି, ତାଳଚେର ୪ ମିମି, କିଶୋରନଗରରେ ୦.୮ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଅନ୍ୟପକ୍ଷରେ ଛେଣ୍ଡିପଦା, କଣିହାଁ ଓ ଆଠମଲ୍ଲିକରେ ବର୍ଷା ହୋଇ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ରାୟଗଡ଼ାର ୮୬ ସ୍ୱାବ୍ ରିପୋର୍ଟ ନେଗେଟିଭ

ରାୟଗଡ଼ା ଅଫିସ: ରାୟଗଡ଼ା ଜିଲାରୁ ପରୀକ୍ଷା ପାଇଁ ଯାଇଥିବା ଆଉ ୮୬ ଜଣଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ ଆସିଛି। ମେ ୧୫ରେ ୧୩ତମ ପର୍ଯ୍ୟାୟରେ ଏହି ସମସ୍ତ ନମୁନା ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିକୁ ପଠାଯାଇଥିଲା। ଉଲ୍ଲେଖଯୋଗ୍ୟ, ଜିଲାରୁ ଏଯାବତ୍ ୬୬୭ ସନ୍ଦିଗ୍ଧଙ୍କ ନମୁନା ପରୀକ୍ଷା କରାଯାଇଥିବାବେଳେ ସମସ୍ତ ରିପୋର୍ଟ ନେଗେଟିଭ ରହିଥିବା ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ନିୟମ ନ ମାନିବାରୁ ଢାବା ସିଲ୍



ମାଲକାନଗିରି,୨୦।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାର ନିୟନ୍ତ୍ରଣ ବଜାର କମିଟି ଚେକ୍ ଗେଟ୍ ନିକଟରେ ଥିବା ଫାମିଲି ଢାବାକୁ ବୁଧବାର ପୋଲିସ ସିଲ୍ କରିଛି। କେନ୍ଦ୍ର ଓ ରାଜ୍ୟ ସରକାର ଢାବା ଏବଂ ହୋଟେଲରେ ଖାଦ୍ୟ ଖାଇବା ପାଇଁ ଅନୁମତି ଦେଇନାହାନ୍ତି। ଗ୍ରାହକମାନେ କେବଳ ପାର୍ସଲ ନେଇପାରିବେ ବୋଲି ଅନୁମତି ଥିଲା। ମାତ୍ର ଏହି ଢାବାରେ ବୁଧବାର ଅନେକ ଲୋକ ବସି ଖାଉଥିବା ଫଟୋ ଭାଇରାଲ ହେବା ପରେ ହୋଟେଲକୁ ସିଲ୍ କରାଯାଇଛି ବୋଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି।

### ମହିଳାଙ୍କ ମୃତଦେହ ଉଦ୍ଧାର

ପାରଳାଖେମୁଣ୍ଡି,୨୦।୫(ସ୍ୱ.ପ୍ର.)- ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଭାନ୍ଧାଠାରେ ବଂଶଧାରା ନଦୀରେ ବୁଡ଼ିଯାଇଥିବା ଜଣେ ମହିଳାଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ତାଙ୍କ ନାମ ଯାଗାନି ଶବର (୫୦)। ସୋମବାର ଯାଗାନି ନିଜ ଗ୍ରାମ ଭମଫରାସ୍ଥିତ ନଦୀଘାଟରେ ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ନଦୀରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ଗୁଣୁପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜିଥିଲେ। ବୁଧବାର ଭାନ୍ଧାଠାରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। କାଶୀନଗର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଛି। କେସ୍ ନଂ. ୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୧୪ଶହ ରିପୋର୍ଟ ନେଗେଟିଭ

ନବରଙ୍ଗପୁର,୨୦।୫(ବି.ପ୍ର.)- ନବରଙ୍ଗପୁର ଜିଲାରୁ ୧୭୪୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ଯାଇଥିବା ବେଳେ ସେଥିମଧ୍ୟରୁ ୧୪ଶହ ନେଗେଟିଭ ରହିଛି। ୩୪୦ ରକ୍ତ ନମୁନାର ରିପୋର୍ଟ ଏଯାଏ ଆସି ନଥିବା ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ରବିମଣ୍ଡି ଉଦ୍‌ଘାଟିତ



ଜୟପୁର,୨୦।୫(ନି.ପ୍ର.)-କୋରାପୁଟ ଜିଲା କୋଟପାଡ ବ୍ଲକ ବବେୟାସ୍ଥିତ ରବି ମଣ୍ଡିକୁ ଜିଲାପାଳ ମଧୁସୂଦନ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଧାନ କିଣିବା ପାଇଁ ଜୟପୁର ଉପଖଣ୍ଡରେ ୪୭ ଓ କୋରାପୁଟ ଉପଖଣ୍ଡରେ ୧୬ଟି ଏପରି ମୋଟ ୬୩ଟି ମଣ୍ଡି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୭ ଲକ୍ଷ ୪୧ ହଜାର ୭୯୧ କୁଇଣ୍ଟାଲ ଧାନ କିଣିବାକୁ ପ୍ରଶାସନ ପ୍ରସ୍ତୁତ ହୋଇଛି। ଚାଷୀଙ୍କଠାରୁ ୧୯ଟି ଲ୍ୟାମ୍ପ ଓ ୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରିବେ। ଜିଲାରେ ୧୨୩୭୭ ଜଣ ଚାଷୀ ଧାନ ବିକ୍ରି କରିବାକୁ ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ପାଇଁ ୧୪୮୨୪ ଟି ଟୋକେନ ଅନଲାଇନରେ ଆସିଛି। ରବି ମଣ୍ଡିରେ ଧାନ କିଣିବାକୁ ବଲାଙ୍ଗୀର ଜିଲାର ମିଲର ଭାଗ ନେଇଛନ୍ତି। ଜିଲା ଯୋଗାଣ ଅଧିକାରୀ ତୁଳା ରାମ ନାୟକ ସହ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ମାଲଗାଁ ସଙ୍ଗରୋଧ କେନ୍ଦ୍ରକୁ ଗଲେ ୭୩ ପ୍ରବାସୀ

ଚନ୍ଦାହାଣ୍ଡି,୨୦।୫(ଡି.ଏନ୍.ଏ.)- ଆନ୍ଧ୍ରପ୍ରଦେଶରୁ ବସ୍ ଯୋଗେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକକୁ ୭୩ ଜଣ ପ୍ରବାସୀ ଶ୍ରମିକ ମଙ୍ଗଳବାର ଆସିଛନ୍ତି। ସେମାନଙ୍କୁ ବିଡିଓ ଧର୍ମରାଜ ମାଝି ଓ ଜିପିଇଓ ସୁରେନ୍ଦ୍ର ମହାନ୍ତିଙ୍କ ଉପସ୍ଥିତିରେ ମାଲଗାଁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ମଙ୍ଗଳବାର ସୁଦ୍ଧା ମୋଟ ୪୦୭ ପ୍ରବାସୀ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ କଳ୍ପେଶ ସୁନାଙ୍କ ତତ୍ତ୍ୱାବଧାନରେ ଏମ୍‌ଏଚ୍‌ଡବ୍ଲ୍ୟୁ ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ ପ୍ରବାସୀଙ୍କ ସ୍ୱାସ୍ଥ୍ୟ ତାପମାତ୍ରା ଯାଞ୍ଚ କରିଥିଲେ। ନୋଡାଲ ଅଧିକାରୀ ପ୍ରେମଲାଲ ନାଗେଶ, ସରପଞ୍ଚ ଉର୍ବଶୀ ନାୟକ, ଫାର୍ମାସିଷ୍ଟ ରମେଶ ଦାସ, ଦିଗାମ୍ବର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ମ୍ୟାପ୍‌ରେ ମାଲକାନଗିରି

**ଦାଦା, ପୁତୁରା ସଂକ୍ରମିତ ରିପୋର୍ଟ ଆସିଲା**

- ପୁତୁରା ୧ବର୍ଷର ଶିଶୁ
- ବାହାରକୁ ଯିବା ଆସିବା ନେଇ ଲାଗିଲା କଟକଣା
- ଭୟଭୀତ ନ ହେବାକୁ ଜିଲାପାଳଙ୍କ ପରାମର୍ଶ

କାଲିମେଲା/ମାଲକାନଗିରି, ୨୦।୫(ଡି.ଏନ୍.ଏ.)

ମଙ୍ଗଳବାର ସୁଦ୍ଧା ଗ୍ରୀନ୍ ଜୋନ୍‌ରେ ଥିବା ମାଲକାନଗିରି ଜିଲାର ରୂପରେଖ ବୁଧବାର ବଦଳିଯାଇଛି। ଜିଲା କରୋନା ମ୍ୟାପ୍‌ରେ ସାମିଲ ହୋଇଛି। ଜିଲାରେ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଉଭୟେ କାଲିମେଲା ବ୍ଲକ ନାଲାଗୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୭୨ ଗ୍ରାମର ଦାଦା ଓ ପୁତୁରା ବୋଲି ଜଣାପଡ଼ିଛି। ଜଣେ ୨୬ ବର୍ଷର ଯୁବକ ହୋଇଥିବା ବେଳେ ଆଉ ଜଣେ ୧ ବର୍ଷର ଶିଶୁ ବୋଲି ଜଣାପଡ଼ିଛି। ଖବରରୁ ପ୍ରକାଶ ଯେ, ଏମାନେ ଦୁହେଁ ତାମିଲନାଡୁର ଚେନ୍ନାଇରୁ ଫେରି କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୨ ଗ୍ରାମର ନୋଡାଲ ବିଦ୍ୟାଳୟ ଏବଂ ବିବେକାନନ୍ଦ ବିଦ୍ୟାପୀଠରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଉଭୟଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ତା'ର ରିପୋର୍ଟ ଆସିବା ପରେ ଉଭୟେ ସଂକ୍ରମିତ ଥିବା ଜଣାପଡ଼ିଥିଲା। ବର୍ତ୍ତମାନ ଚିକିତ୍ସା ପାଇଁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଶିଶୁର ମାଆଙ୍କୁ ମଧ୍ୟ ଭୁବନେଶ୍ୱର ପଠାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳକୁ ବଫର ଜୋନ୍ ଭାବେ ଘୋଷଣା କରାଯାଇଛି। ମଙ୍ଗଳବାର ରାତି ୯ଟାରୁ ଏମ୍‌ଭି-୭୨ସ୍ଥିତ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହା ଆସନ୍ତା ୨୬ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଜୋନ ଅଞ୍ଚଳରେ ୧୦୦ ମିଟର ମଧ୍ୟରେ କୌଣସି ଲୋକଙ୍କ ପ୍ରବେଶ ନିଷେଧ ହୋଇଛି। କୌଣସି ବାହାର ଲୋକ ଉକ୍ତ ଅଞ୍ଚଳକୁ ଆସିବା ଏବଂ ଉକ୍ତ ଅଞ୍ଚଳର କୌଣସି ଲୋକ ବାହାରକୁ ଯିବା ଉପରେ କଟକଣା ଜାରି ହୋଇଛି। ସମ୍ପୃକ୍ତ ଗ୍ରାମର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଛି। ତେବେ ଡାକ୍ତରଖାନା, ଔଷଧ ଦୋକାନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଏମ୍‌ଭି-୭୯ ଥାନା ଅଧିକାରୀ ହରିଶଚନ୍ଦ୍ର ଗୋଲରିଙ୍କ ନେତୃତ୍ୱରେ ଏମ୍‌ଭି-୭୨ ଅଞ୍ଚଳରେ ପୋଲିସ ମୁତୟନ ହୋଇଛି। ଲୋକଙ୍କୁ ଘରୁ ନ ବାହାରିବା ପାଇଁ କୁହାଯାଇଛି। ଏନେଇ ଜନସାଧାରଣ ଭୟଭୀତ ନ ହେବାକୁ ଜିଲାପାଳ ମନୀଷ ଅଗ୍ରୱାଲ ପରାମର୍ଶ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ ୨ ଆକ୍ରାନ୍ତ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ତାହାର ତାଲିକା ମେଡିକାଲ ଅଫିସରଙ୍କ ତତ୍ତ୍ୱାବଧାନରେ କରାଯିବ। ସମ୍ପୃକ୍ତ ପଞ୍ଚାୟତର ଏଏନ୍‌ଏମ୍, ଆଶାକର୍ମୀମାନେ ଏହି ତାଲିକା କରିବେ। ଯେଉଁମାନେ ତାଲିକାଭୁକ୍ତ ହେବେ ସେମାନଙ୍କୁ ମଧ୍ୟ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ଏହାର ତଦାରଖ ପାଇଁ ମାଲକାନଗିରି ଉପଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ କଣ୍ଟେନମେଣ୍ଟ ଜୋନ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ସେହିପରି ଜରୁରୀ ସାମଗ୍ରୀର ଯୋଗାଣ ଏବଂ କଣ୍ଟେନମେଣ୍ଟ ଜୋନ୍‌ର ରକ୍ଷଣାବେକ୍ଷଣ ପାଇଁ କାଲିମେଲା ବିଡିଓ ଉମାଶଙ୍କର ଦଳାଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରିମଳ ବ୍ୟବସ୍ଥା ପାଇଁ କାଲିମେଲା ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ମେଡିକାଲ ଅଧିକାରୀ ଅବିଦ ହୁସେନ ଖାନ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଏମ୍‌ଭି-୭୨ ସଙ୍ଗରୋଧ କେନ୍ଦ୍ରରେ ବର୍ତ୍ତମାନ ୧୦୭ ଜଣ ପ୍ରବାସୀ ଶ୍ରମିକ ରହିଛନ୍ତି। ସେଥିରୁ ଚେନ୍ନାଇରୁ ଫେରିଥିବା ୯୦ ଜଣ ଥିବା ବେଳେ ହାଇଦ୍ରାବାଦରୁ ଫେରି ୧୭ ଜଣ ରହିଛନ୍ତି। ୧୦୭ ଜଣଙ୍କ ମଧ୍ୟରେ ୧୦ ଜଣ ମହିଳା ଅଛନ୍ତି।



ଏମ୍‌ଭି-୭୨ ଅଞ୍ଚଳରେ ମୁତୟନ ହୋଇଥିବା ପୋଲିସ।

## ୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନ:ଗଜପତି ଜିଲାରେ ନୂଆ ଗାଇଡ୍‌ଲାଇନ

ପାରଳାଖେମୁଣ୍ଡି,୨୦।୫(ସ୍ୱ.ପ୍ର.)

୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନକୁ ନେଇ ଗଜପତି ଜିଲାରେ ଜିଲାପାଳ ଅନୁପମ ଶାହା ନୂତନ ଗାଇଡ୍‌ଲାଇନ ଏକ ଭିଡିଓ ବାର୍ତ୍ତାରେ ଜାରି କରିଛନ୍ତି। ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୋକାନ ଖୋଲାଯିବ। କିନ୍ତୁ ଏଥିରେ ସାମାଜିକ ଦୂରତା ରକ୍ଷା କରାଯିବ। ସମସ୍ତେ ମାସ୍କ ପରିଧାନ କରିବେ, ସାମାଜିକ ଦୂରତା ରକ୍ଷା ଏବଂ ବାରମ୍ବାର ହାତ ସଫା କରିବାପାଇଁ ଏହି ଭିଡିଓ ବାର୍ତ୍ତାରେ ଅନୁରୋଧ କରିଛନ୍ତି। ତେବେ ରେଷ୍ଟୁରାଣ୍ଟରେ କେହି ଖାଦ୍ୟପଦାର୍ଥ ବସି ଖାଇପାରିବେ ନାହିଁ କେବଳ ପାର୍ସଲ ନେଇପାରିବେ ବୋଲି ଅନୁମତି ଦିଆଯାଇଛି। ସୁଇମିଂ ପୁଲ୍, ପାର୍ଲର, ମଲ୍, ସିନେମା ହଲ୍ ଖୋଲିପାରିବେ ନାହିଁ। ସମସ୍ତ ସ୍କୁଲ, କଲେଜ ବନ୍ଦ ରଖିବାପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହିପରି କ୍ରୀଡ଼ାଭିତ୍ତିକ କ୍ଷେତ୍ରରେ ଯେଉଁମାନେ କ୍ରୀଡ଼ାବିତ୍ ସେମାନେ ଖେଳିପାରିବେ, କିନ୍ତୁ ଦର୍ଶକଙ୍କୁ ଯିବା ପାଇଁ ବାରଣ କରାଯାଇଛି ବୋଲି ଭିଡିଓ ବାର୍ତ୍ତାରେ କୁହାଯାଇଥିଲା।

## ୨୪୨ ଜଣଙ୍କ ସ୍ୱାବ୍ ସଂଗ୍ରହ



ସ୍ୱାବ ସଂଗ୍ରହ କରାଯାଉଛି।

ଚନ୍ଦାହାଣ୍ଡି,୨୦।୫(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକକୁ ବୁଧବାର ସୁଦ୍ଧା ୪୮୨ ପ୍ରବାସୀ ଶ୍ରମିକ ଫେରିଛନ୍ତି। ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ବୁଧବାର ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କ ନେତୃତ୍ୱରେ ଜିଲାସ୍ତରୀୟ ଟିମ୍ ଆସି ୩ଟି ସଙ୍ଗରୋଧ କେନ୍ଦ୍ରରୁ ସ୍ୱାବ୍ ସଂଗ୍ରହ କରିଥିଲେ। ବିଡିଓ ଧର୍ମରାଜ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କଳ୍ପେଶ ସୁନା, ଦିନେଶ ପ୍ରହରାଜ, ମାଇକ୍ରୋବାଇଲୋଜିଷ୍ଟ ଅର୍ଦ୍ଧେନ୍ଦୁ ପ୍ରହରାଜ ପ୍ରମୁଖ ତିଲିମାଲି, ଫଟକି, ବନ୍ଧକୋନା, ଗମ୍ଭାରୀଗୁଡାର ୨୨୬ ଜଣ ପ୍ରବାସୀ ଶ୍ରମିକ ଓ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ ୧୬ ଜଣଙ୍କ ସ୍ୱାବ୍ ସଂଗ୍ରହ କରିଥିଲେ।

## ଗୀତ ଗାଇ ଆଦିବାସୀଙ୍କୁ ସଚେତନ କରୁଛନ୍ତି ଫରେଷ୍ଟର

ଜୟପୁର,୨୦।୫(ଡି.ଏନ୍.ଏ.):



ପ୍ରଶାନ୍ତ ସାମନ୍ତରାୟ

କାରୋନା ଆଣିଛି ଦୁଃଖ । ସଚେତନତା ହେଉଛି ଏଥିରୁ ବର୍ତ୍ତିବାର ଏକମାତ୍ର ଉପାୟ। କୋରାପୁଟ ଜିଲାର ଉପାନ୍ତ ଅଞ୍ଚଳର ଆଦିବାସୀଙ୍କୁ ସଚେତନ କରୁଛନ୍ତି ଜୟପୁର ରେଞ୍ଜ୍‌ର ଫରେଷ୍ଟର ପ୍ରଶାନ୍ତ ସାମନ୍ତରାୟ। ଆଦିବାସୀ ଗୀତ ଗାଇ ସେ କରୋନା ଭୂତାଣୁ ସମ୍ପର୍କରେ ସଚେତନ କରୁଛନ୍ତି। ଅବିଭକ୍ତ କୋରାପୁଟ ଜିଲାର ସଙ୍ଗୀତଜ୍ଞ ଓ ଗୀତିକାର ହିରେନ୍ଦ୍ର ବେନିଆଙ୍କ ତତ୍ତ୍ୱାବଧାନରେ ଅଡିଓ ଏବଂ ଭିଡିଓ ରେକର୍ଡିଂ କରାଯାଇ ମାଇକ୍ ଜରିଆରେ ଏହାକୁ ପ୍ରଚାର କରାଯାଉଛି। ବିଭିନ୍ନ ସୋସିଆଲ ମିଡିଆରେ ମଧ୍ୟ ଏହି ଗୀତକୁ ଶେୟାର କରାଯାଉଛି। ଏହି ଗୀତ ଏବେ ଆଦିବାସୀଙ୍କ ମଧ୍ୟରେ ଆଦୃତ ହୋଇଛି। ଗୀତ ମାଧ୍ୟମରେ ସେ କରୋନା ଭୂତାଣୁ ସଂକ୍ରମଣର କାରଣ, ଲକ୍ଷଣ ଏବଂ ଏହାର ଚିକିତ୍ସା ବିଷୟରେ ବୁଝାଇଛନ୍ତି। ଉଲ୍ଲେଖଯୋଗ୍ୟ, ଫରେଷ୍ଟର ସାମନ୍ତରାୟ ଜଣେ ଲୋକପ୍ରିୟ ଗାୟକ। ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାରଭାବେ ସେ ଅବିଭକ୍ତ କୋରାପୁଟ ଜିଲାରେ ବେଶ୍ ପରିଚିତ। କାର୍ଯ୍ୟବ୍ୟସ୍ତତା ଯୋଗୁ ସେ ଦୀର୍ଘ ଦିନ ଧରି ସଙ୍ଗୀତଠାରୁ ଦୂରେଇ ରହିଥିଲେ। ଏବେ କରୋନା ଭଳି ସଙ୍କଟଜନକ ପରିସ୍ଥିତିରେ ସେ ପୁଣି ସଙ୍ଗୀତ ଦୁନିଆକୁ ସଚେତନତାର ବାର୍ତ୍ତା ଧରି ଫେରିଛନ୍ତି।

## ଏଆଇସିସି ସଦସ୍ୟ ଗିରଫ

ଜୟପୁର, ୨୦।୫(ଡି.ଏନ୍.ଏ. )

ଫେସ୍‌ବୁକ ସୋସିଆଲ ମିଡିଆରେ ମିଥ୍ୟା ପ୍ରଚାର ଅଭିଯୋଗରେ ମଙ୍ଗଳବାର ଅଟକ ଥିବା ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ରଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ପରେ ଏସ୍‌ଡିଜେଏମ୍ ଜନ୍ମେଜୟ ପଲେଇ ତାଙ୍କ ଜାମିନ ମଞ୍ଜୁର କରିଥିବା ତାଙ୍କ ଓକିଲ ବିଜୟ ଜେନାଦେଓ କହିଛନ୍ତି। ଜୟପୁର ମହାନ୍ତିସାହିର ଆଇନଜୀବୀ ଅରବିନ୍ଦ ସାହୁ ଏନେଇ ୩ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ମହାରାଷ୍ଟ୍ରରୁ ଫେରି ସମସ୍ତ ନିୟମ ଅନୁଯାୟୀ ସେ ତାଙ୍କ ଘରେ ଥିଲେ। ମାତ୍ର ତାଙ୍କ ବିରୋଧରେ ସୋସିଆଲ ମିଡିଆରେ ମିଥ୍ୟା ଅପପ୍ରଚାର କରାଯାଇଥିଲା। ତେବେ ତାଙ୍କ ବିରୋଧରେ କେତେକ ରାଜନୈତିକ ବ୍ୟକ୍ତି ଚକ୍ରାନ୍ତକରି ଏପରି କରିଥିବା ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କୁ ପଚାରିବାରୁ ସେ କହିଲେ ଯେ, ରବୀନ୍ଦ୍ର ମୁଖ୍ୟ ଅଭିଯୁକ୍ତ ଥିଲେ। ତାଙ୍କୁ ଗିରଫ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୨ ଜଣଙ୍କୁ ଖୋଜାଚାଲିଛି ବୋଲି ଗିଧି କହିଛନ୍ତି।

## ମହିଳାଙ୍କୁ ଆତ୍ମନିର୍ଭରଶୀଳ କରୁଛି 'ସକ୍ଷମ'



ମହିଳାମାନେ ମାସ୍କ ତିଆରି କରୁଛନ୍ତି।

ଟିକିରି,୨୦।୫:

ଆଦିବାସୀ ମହିଳା ଓ ଯୁବତୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଉତ୍କଳ ଆଲୁମିନା ଲିମିଟେଡ୍ ପକ୍ଷରୁ 'ସକ୍ଷମ' କାର୍ଯ୍ୟକ୍ରମ ଚାଲିଛି। ଏଥିରେ ମହିଳାମାନଙ୍କୁ ସିଲେଇ ଓ ବସ୍ତ୍ର ତିଆରି ତାଲିମ ଦିଆଯାଇଛି। ଏହାଦ୍ୱାରା ପାରିପାର୍ଶ୍ୱିକ ୮ଟି ଗ୍ରାମର ୩୦ ମହିଳା ଟିକିରିସ୍ଥିତ ବସ୍ତ୍ର ଉତ୍ପାଦନ ୟୁନିଟ୍‌ରେ ନିୟୋଜିତ ଅଛନ୍ତି। କରୋନା ମହାବିପତ୍ତି ସମୟରେ ମାସ୍କ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ହୋଇଥିବାବେଳେ ଏହି ମହିଳା ଓ ଯୁବତୀମାନେ ଏବେ ଅଧିକ ମାସ୍କ ସିଲେଇକୁ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ କପଡ଼ା ଓ ଜିନିଷ କମ୍ପାନୀ ଯୋଗାଇ ଦେଉଛି। କମ୍ପାନୀ ପକ୍ଷରୁ ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ଲୋକଙ୍କୁ ମାଗଣାରେ ପ୍ରଦାନ କରିବା ପାଇଁ ୬୦ହଜାର ମାସ୍କ ଅର୍ଡର ଦିଆଯାଇଥିବାବେଳେ ଇତିମଧ୍ୟରେ ଏହି ମହିଳା ଓ ଯୁବତୀମାନେ ୫୦ ହଜାର ମାସ୍କ ସିଲେଇ ଶେଷ କରିଛନ୍ତି। କମ୍ପାନୀ ପାରିଶ୍ରମିକ ଦେଇ ମହିଳାମାନଙ୍କ ଠାରୁ ଏହି ମାସ୍କ କିଣିନେଉଛି। ଉଭୟ ଜିଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରେ ମାସ୍କଗୁଡ଼ିକୁ ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ସେହିପରି 'କୌଶଲ୍ୟା' କାର୍ଯ୍ୟକ୍ରମରେ ୪ ଗ୍ରାମର ୨୪ ଯୁବତୀଙ୍କୁ ସିଲେଇ ଓ ଚାନ୍ଦୁଆ ତିଆରି ତାଲିମ ଦିଆଯାଇଛି। ଏହି ଦୁଇ କାର୍ଯ୍ୟକ୍ରମରେ ମହିଳାମାନଙ୍କ ଆର୍ଥିକ ଉନ୍ନତି ଘଟିବା ସହ ସେମାନେ ସାମାଜିକ ମାନ୍ୟତା ପାଇବାରେ ସକ୍ଷମ ହୋଇଛନ୍ତି ବୋଲି ଉତ୍କଳ ଆଲୁମିନା ଲିମିଟେଡ୍‌ର ସଭାପତି ଏନ୍. ନାଗେଶ କହିଛନ୍ତି।

## ତେଲଙ୍ଗାନାରୁ ଫେରିଲେ ୧୬୦ ପ୍ରବାସୀ

**ଦକ୍ଷିଣ ଓଡ଼ିଶାର ୬ ଜିଲାକୁ ଗଲେ ଶ୍ରମିକ**

ରାୟଗଡ଼ା ଅଫିସ,୨୦।୫:

ପ୍ରବାସୀ ଓଡ଼ିଆଙ୍କୁ ନେଇ ବୁଧବାର ଆଉ ଏକ ଟ୍ରେନ୍ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଛି। ତେଲଙ୍ଗାନାରୁ ବାହାରିଥିବା ଏହି ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍‌ରୁ ୧୬୦ ଶ୍ରମିକ ରାୟଗଡ଼ାରେ ଓହ୍ଲାଇଥିଲେ। ଏମାନଙ୍କ ମଧ୍ୟରେ ରାୟଗଡ଼ା ଜିଲାର ୧୫ ଜଣ, ଗଜପତିର ୪୦, କନ୍ଧମାଳର ୭, କୋରାପୁଟର ୨୪, ନବରଙ୍ଗପୁରର ୩୧ ଏବଂ ମାଲକାନଗିରି ଜିଲାର ୪୩ ଶ୍ରମିକ ରହିଛନ୍ତି। ଟ୍ରେନ୍ ରାୟଗଡ଼ାରେ ପହଞ୍ଚିବା ପରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆର୍‌ଡିଏ ଅମ୍ରିତ୍ ରତୁରାଜ, ଗୁଣପୁର ଉପଜିଲାପାଳ ବି.ଏସ୍. ବଳିରାମ, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପ୍ରବାସୀ ଶ୍ରମିକମାନଙ୍କୁ ସ୍ୱାଗତ କରିଥିଲେ। ପରେ ଉପସ୍ଥିତ ଥିବା ସମ୍ପୃକ୍ତ ଜିଲାର ଅଧିକାରୀମାନେ ଶ୍ରମିକମାନଙ୍କୁ ନିଜ ଜିଲାକୁ ନେଇ ଯାଇଥିବା ଜଣାପଡ଼ିଛି। ସେହିପରି ଜିଲା ସୀମା ଅତିକ୍ରମ କରି ବାହାର ରାଜ୍ୟରୁ ଆସିଥିବା କେତେଜଣ ଶ୍ରମିକ ବିଭିନ୍ନ ଅଭ୍ୟର୍ଥନା କେନ୍ଦ୍ରରେ ରହିଥିଲେ। ସେମାନଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ୧୩ଟି ସ୍ୱତନ୍ତ୍ର ବସ୍ ଯୋଗେ ନିଜ ଜିଲା ବଲାଙ୍ଗୀର ଓ ନୂଆପଡ଼ାକୁ ପଠାଯାଇଥିବା ଜଣାପଡ଼ିଛି।

## ସମ୍ପାଦକ, କୋଷାଧ୍ୟକ୍ଷ ମନୋନୀତ

ଜୟପୁର,୨୦।୫(ଡି.ଏନ୍.ଏ. )

କୋରାପୁଟ ଜିଲା ଆଇନଜୀବୀ ସଂଘର ୫ଜଣିଆ ମଧ୍ୟବର୍ତ୍ତିକାଳୀନ କମିଟି ଗତ ୧୧ରେ ଗଠିତ ହୋଇଥିଲା। ଏହାର ଅଧ୍ୟକ୍ଷ ଭାବେ ସରୋଜ ଦାଶ ମନୋନୀତ ହୋଇଥିଲେ। ବୁଧବାର କମିଟିର ଏକ ବୈଠକରେ ସମ୍ପାଦକ ରୂପେ ସଚ୍ଚିଦାନନ୍ଦ ମିଶ୍ର ଏବଂ କୋଷାଧ୍ୟକ୍ଷ ରୂପେ ରବୀନ୍ଦ୍ରନାଥ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ଏନେଇ ରାଜ୍ୟ ଆଇନଜୀବୀ ସଂଘକୁ ଅବଗତ କରାଯାଇଛି।

## ବିଭିନ୍ନ ଦାବି ନେଇ ମଜଦୁର ସଂଘର ଦାବିପତ୍ର

ରାୟଗଡା ଅଫିସ,୨୦।୫:

ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଂଘ ରାୟଗଡ଼ା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ନିର୍ଦ୍ଧାରିତ ଦୈନିକ ୧୨ ଘଣ୍ଟା କାର୍ଯ୍ୟ ସମୟ ବୃଦ୍ଧିନିଷ୍ପତ୍ତି ପ୍ରତ୍ୟାହାର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ଗୁଜରାଟ ଭଳି ଶ୍ରମ ଆଇନରୁ ବିରତ ରହିବା, ସମସ୍ତ ପ୍ରବାସୀଙ୍କୁ ଫେରାଇ ଆଣିବା ବ୍ୟବସ୍ଥା, ନିଜ କାର୍ଯ୍ୟସ୍ଥଳକୁ ଫେରିବାକୁ ଚାହୁଁଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କୁ ଗସ୍ତ ଖର୍ଚ୍ଚ ପ୍ରଦାନ, ଅଣସଂଗଠିତ ଶ୍ରମିକ ଉଠା ଦୋକାନ, ବୁଲା ବିକାଳି, ପେପର ହକର୍‌ଙ୍କୁ ୧୫ ହଜାର ସହାୟତା ରାଶି ପ୍ରଦାନ, ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକଙ୍କୁ ଛଟେଇ ନ କରିବା ଆଦି ୮ ଦଫା ଦାବି ନେଇ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଡେପୁଟି କଲେକ୍ଟର ସୁବ୍ରତ ପାଣିଗ୍ରାହୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ସଂଘର ସଭାପତି ଯୋଗେଶ୍ୱର ଦାଶ, ଜିଲା ସମ୍ପାଦକ ଖଗେଶ୍ୱର ସିଂଙ୍କ ସମେତ ଶ୍ରମିକ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

## ଶ୍ରମିକ ବେକାର, ମେଶିନ କରୁଛି କାର୍ଯ୍ୟ

ମାଲକାନଗିରି, ୨୦।୫ (ଡି.ଏନ୍.ଏ.)



ମାଲକାନଗିରି ଜିଲାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ବାହାର ରାଜ୍ୟରୁ ଆସି ସଙ୍ଗରୋଧ କେନ୍ଦ୍ରରେ ରହିଲା ପରେ ନିଜ ନିଜ ଗ୍ରାମକୁ ଯାଇ ଘରେ ବେକାର ହୋଇ ବସିଛନ୍ତି। ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ କାମ ଯୋଗାଇଦେବାକୁ ଗୁରୁତ୍ୱ ଦେଇ ଏହି କ୍ଷେତ୍ରକୁ କଟକଣାରୁ ମୁକ୍ତ କରିଛନ୍ତି। ମାତ୍ର ମାଲକାନଗିରି ଜିଲାରେ ଶ୍ରମିକଙ୍କୁ କାମ ନ ଦେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ମେଶିନ ଦ୍ୱାରା କରାଯାଉଥିବା ଅଭିଯୋଗ ହେଉଛି। ଜିଲାର ୭ଟି ଯାକ ବ୍ଲକରେ ଶତାଧିକ ପୋକ୍‌ଲିନ ମେଶିନ ପୋଖରୀ ଖୋଳା କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି। ପାଣ୍ଡ୍ରିପାଣି ସଦର ମହକୁମାରେ ଗଙ୍ଗାଧର ସିଡା ନାମକ ଜଣେ ବ୍ୟକ୍ତି ମେଶିନ ଦ୍ୱାରା କାମ କରାଉଥିବା ଜଣାପଡ଼ିଛି। ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ମେଶିନ ଦ୍ୱାରା କାମ କରିବାକୁ ତାଙ୍କୁ କହିଥିବା ସେ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ସ୍ଥାନୀୟ ଶ୍ରମିକଙ୍କ ଦ୍ୱାରା ଏହି କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହେଉଛି। ଏହିସବୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ଜବ୍‌କାର୍ଡ ଥାଇ ମିଳୁନି ସହାୟତା

- ୨୦ ପରିବାରଙ୍କୁ ମିଳିନି ଅର୍ଥ ଶ୍ରମ କାର୍ଯ୍ୟାଳୟଠାରେ ଧାରଣା ଦେବୁ
- ପଞ୍ଚାୟତ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ

ଦଶମନ୍ତପୁର,୨୦।୫ ( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତ ରହିଆମ୍ବ ଗ୍ରାମରେ ଜବ୍‌କାର୍ଡ ଥାଇ ମଧ୍ୟ କେତେକ ପରିବାର ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଖବରରୁ ଜଣାପଡ଼ିଛି ଏହି ଗ୍ରାମରେ ୧୦୦ ପରିବାର ବାସ କରନ୍ତି। ପ୍ରତ୍ୟେକ ପରିବାରର ଜବ୍‌କାର୍ଡ ରହିଛି। ସମସ୍ତେ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ସ୍ୱୀକୃତ। ଏହା ସତ୍ତ୍ୱେ ଗ୍ରାମର ୨୦ପ୍ରତିଶତ ପରିବାର ସରକାର ପ୍ରଦାନ କରିଥିବା ସହାୟତା ୧୫ଶହ ଲେଖାଏ ଟଙ୍କା ପାଇନାହାନ୍ତି। ୨୦୧୫ରେ ପ୍ରତ୍ୟେକ ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିଜ ନାମ ପଞ୍ଜୀକରଣ କରିଥିଲେ। ପ୍ରତ୍ୟେକ ପରିବାର ନିକଟରେ ଜବ୍‌କାର୍ଡ ରହିଛି। କେବଳ କରୋନା ସମୟରେ ମିଳିଥିବା ସହାୟତାରୁ ଏହି ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି ତା'ନୁହେଁ ଏହା ପୂର୍ବରୁ ମଧ୍ୟ ଏହି ଯୋଜନାରେ ଅନ୍ୟ ଶ୍ରମିକମାନେ ପାଉଥିବା ସହାୟତା ଓ ସୁବିଧା ପାଉନାହାନ୍ତି ବୋଲି ଗ୍ରାମର ସୁନ୍ଦର ଖସଲା, ନବୀନ ହିଆଲ, ପବିତ୍ର ଟାକ୍ରି, ଜିରୋ ବାଘ, ମନୋଜ କୁମାର ସୁନା, ରାଜେନ୍ଦ୍ର ଖସଲା, ମଞ୍ଜୁଳା ବାଘ, ତାରାମଣି ମୁଦୁଲି, ସୁନାଦେଈ ମୁଦୁଲିଙ୍କ ସମେତ ଅନ୍ୟମାନେ କହିଛନ୍ତି। ଆମକୁ ସହାୟତା ନ ମିଳିଲେ ଆଗାମୀ ଦିନରେ ଜୟପୁରସ୍ଥିତ ଶ୍ରମ ବିଭାଗ କାର୍ଯ୍ୟାଳୟଠାରେ ଧାରଣା ଦେବୁ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଶ୍ରମ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ ଯେ, ୨୦୧୭ ମଧ୍ୟରେ ଯେଉଁ ଶ୍ରମିକ ପରିବାର ୩ ବର୍ଷ ଯାଏ ବର୍ଷକୁ ୫୦ଟଙ୍କା ଲେଖାଏ ପୈଠ କରି ଆସୁଥିବେ ସେହି ଶ୍ରମିକଙ୍କ ପ୍ରାପ୍ୟ ଅର୍ଥ ନିଜ ପଞ୍ଚାୟତରେ ହିଁ ରହିଥିବ। ସେମାନେ ନିଜ ପଞ୍ଚାୟତ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ବୋଲି ପାଣିଗ୍ରାହୀ କହିଥିଲେ। ସୂଚନାଯୋଗ୍ୟ ଯେ, ପଞ୍ଜୀକୃତ ନିର୍ମାଣ ଶ୍ରମିକମାନେ ଦୁର୍ଘଟଣାଜନିତ ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା, ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା, ଶିକ୍ଷାବୃତ୍ତି, ବିବାହ, ପ୍ରସୂତିକାଳୀନ, ଯନ୍ତ୍ରପାତି କ୍ରୟ ଋଣ, ସାଇକେଲ ଋଣ, କୁଶଳତା ଅଭିବୃଦ୍ଧି, ପକ୍କାଘର ଯୋଜନା ଏବଂ ବିଶ୍ରାମକାଳୀନ ସହାୟତା ପାଇଥାନ୍ତି।



ଗ୍ରାମବାସୀଙ୍କ ନିକଟରେ ଜବ୍‌କାର୍ଡ ରହିଥିବା ଦେଖାଉଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ମେ ୨୧/୨୦୨୦ Thursday, May 21/2020

## ସଂକ୍ଷେପରେ

### 'ଓଲା'ରୁ ଛଟେଇ ହେଲେ ୧୪ଶହ କର୍ମଚାରୀ

ନୂଆଦିଲ୍ଲୀ,୨୦।୫: କରୋନା ମହାମାରୀ ସଂକ୍ରମଣ ଭୟାବହତାକୁ ନଜରରେ ରଖି ସରକାର ଦେଶରେ ଘରୋଇ ଯାନବାହନ ଚଳାଇବା ଉପରେ ରୋକ ଲଗାଇଥିଲେ। ଫଳରେ କ୍ୟାବ୍ ସେବା ଯୋଗାଣକାରୀ କମ୍ପାନୀ ଓଲା ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହୋଇଛି। ଓଲା ଗତ ୨ମାସ ମଧ୍ୟରେ ୯୫% ରାଜସ୍ୱ ହରାଇବା ଯୋଗୁ ସମସ୍ୟାରେ ରହିଛି। କମ୍ପାନୀ ବିଭିନ୍ନ କାରଣ ଦର୍ଶାଇ ବର୍ତ୍ତମାନ ଏହାର ପ୍ରାୟ ୧୪ଶହ କର୍ମଚାରୀ ଛଟେଇ କରିଛି। କିଛି ମାସ ହେଲା ଯାତ୍ରୀସେବା ଯୋଗାଣରେ ସମସ୍ୟା ଉପୁଜୁଥିବାରୁ କମ୍ପାନୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କମ୍ପାନୀର ସିଇଓ ଭାବେଶ ଅଗ୍ରୱାଲ ସୂଚନା ଦେଇଛନ୍ତି। ଲକ୍‌ଡାଉନ ଜାରି ଥିବାରୁ ବର୍ତ୍ତମାନ କାରବାରରେ ଅସ୍ଥିରତା ଦେଖାଦେଇଛି। କୋଭିଡ୍ ସଂକ୍ରମଣ ଥମୁ ନ ଥିବାରୁ ଘରୋଇ ଗାଡ଼ି ଚଳାଚଳ ଉପରେ କଟକଣା ଲାଗିଛି। ଗ୍ରାହକ ମଧ୍ୟ ପୂର୍ବପରି ଆଉ ଗାଡ଼ି ବୁକିଂ କରୁନାହାନ୍ତି। କମ୍ପାନୀ ବ୍ୟାପକ କ୍ଷତିରେ ଚାଲୁଥିବାରୁ କର୍ମଚାରୀମାନଙ୍କ ବେତନଠାରୁ ଆରମ୍ଭକରି ଅନ୍ୟାନ୍ୟ ସୁବିଧା ଯୋଗାଣରେ ଅସୁବିଧା ସୃଷ୍ଟି ହେଉଛି।

### ରାଜ୍ୟଗୁଡ଼ିକର ଅଂଶ ବାବଦ କେନ୍ଦ୍ର ଦେଲା ୪୬ ହଜାର କୋଟି

ନୂଆଦିଲ୍ଲୀ,୨୦।୫ : କେନ୍ଦ୍ରୀୟ ଟିକସ କ୍ଷେତ୍ରରେ ରାଜ୍ୟଗୁଡ଼ିକର ଅଂଶ ବାବଦ ମେ ମାସ ଲାଗି କେନ୍ଦ୍ର ସରକାର ୪୬, ୦୩୮.୭୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୨୦୨୦-୨୧ର ଟିକସ ସଂଗ୍ରହ ଅନୁପାତକୁ ବିଚାର କରି ଏପ୍ରିଲ ମାସ ଭଳି ସରକାର ଅର୍ଥ ପ୍ରଦାନ କରିଛନ୍ତି। ଆକଚୁଆଲ ଭଳି ଏହାକୁ ପ୍ରଦାନ କରାଯାଇ ନ ଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ଲଢେଇ ଲାଗି ନଗଦ ଆବଶ୍ୟକତାକୁ ଧ୍ୟାନରେ ରଖି ଏଭଳି ଯୋଜନା ହାତକୁ ନିଆଯାଇଛି। ୨୦୨୦-୨୧ରେ ଟିକସରେ ରାଜ୍ୟଗୁଡ଼ିକର ଅଂଶ ପ୍ରାୟ ୭.୮୪ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ପ୍ୟାକେଜ ଜିଡିପିର ମାତ୍ର ୧%

ନୂଆଦିଲ୍ଲୀ,୨୦।୫



- କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥା ଲାଗି ପର୍ଯ୍ୟାପ୍ତ ନୁହେଁ
- କରୋନା ପ୍ରଭାବକୁ କମ୍ କରିପାରିବନି
- ଚାହିଦା ଫେରାଇବାରେ ଯୋଗଦାନ ରଖିବନି
- ଅଧିକାଂଶ ଋଣ କିମ୍ବା କେନ୍ଦ୍ରୀୟ ବ୍ୟାଙ୍କର ପଦକ୍ଷେପ

କରୋନା କ୍ଷତିଗ୍ରସ୍ତ ଅର୍ଥବ୍ୟବସ୍ଥାରେ ସୁଧାର ଆଣିବା ଲାଗି ୨୦ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଏକ ପ୍ୟାକେଜ ସରକାର ଘୋଷଣା କରିଛନ୍ତି। ୨୦.୯୭ ଲକ୍ଷ କୋଟି ଟଙ୍କାର ଏହି ପ୍ୟାକେଜକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୫ ଭାଗରେ ବିସ୍ତୃତ ଭାବେ ବିବୃତି ପ୍ରଦାନ କରିଛନ୍ତି। ଏହା ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ପ୍ରାୟ ୧୦% ହେବ ବୋଲି ସରକାର କହିଛନ୍ତି। ଏଭଳି ସ୍ଥିତିରେ ସରକାରଙ୍କ ଆଶ୍ୱସ୍ତି ପ୍ୟାକେଜ ମୋଟ ଜିଡିପିର ୧୦% ହେବ ନାହିଁ। କେବଳ ୧% ହେବ ବୋଲି ବଜାର ବିଶେଷଜ୍ଞ ମତ ପୋଷଣ କରିଛନ୍ତି।

ପ୍ୟାକେଜକୁ ନେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଏହା ମଧ୍ୟରେ ରିଜର୍ଭ ବ୍ୟାଙ୍କର ଲିକ୍ୟୁଡିଟି ପଦକ୍ଷେପ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ମଧ୍ୟ ସାମିଲ ହୋଇଛି। ଏହି ଯୋଜନାକୁ ଲକ୍‌ଡାଉନ ଆରମ୍ଭ ସମୟରେ ଲୋକଙ୍କ ଲାଗି ସରକାର ଘୋଷଣା କରିଥିଲେ। ମାତ୍ର ପ୍ୟାକେଜ ସମ୍ପର୍କରେ ପ୍ରାୟ ୧୨ ବ୍ୟାଙ୍କ, ବ୍ରୋକରେଜ ଅନୁଷ୍ଠାନ, ରେଟିଂ ଏଜେନ୍ସି ସରକାରଙ୍କ ମତ ତୁଳନାରେ ଭିନ୍ନ ମତ ପୋଷଣ କରିଛନ୍ତି। ସେମାନେ କହିଛନ୍ତି ଯେ, କରୋନା ଭାଇରସ୍ ଯୋଗୁ ଅର୍ଥ ବ୍ୟବସ୍ଥାର ଅଣ୍ଟା ଭାଙ୍ଗିଯାଇଛି। ଏହାକୁ ସମ୍ଭାଳିବା ଲାଗି ସରକାରଙ୍କ ଘୋଷଣା ମଧ୍ୟରୁ ପ୍ରାୟ ୧% ହିଁ ପ୍ରକୃତ ପକ୍ଷେ କାର୍ଯ୍ୟ କରିବ, ଯାହା ଅର୍ଥ ବ୍ୟବସ୍ଥା ପାଇଁ ପର୍ଯ୍ୟାପ୍ତ ନୁହେଁ।

ଏହି ପ୍ରସଙ୍ଗରେ ଫିଚ୍ ଗ୍ରୁପ୍ ପକ୍ଷରୁ ଫିଚ୍ ସଲ୍ୟୁସନର ରିସ୍କ ଆଣ୍ଡ ଇଣ୍ଡଷ୍ଟ୍ରି ରିସର୍ଚ୍ଚର ଏକ ରିପୋର୍ଟରେ ମଧ୍ୟ ତର୍ଜମା କରାଯାଇଛି। ଏଥିରେ କୁହାଯାଇଛି ଯେ, ସରକାର ପ୍ୟାକେଜକୁ ଜିଡିପିର ୧୦% ଦର୍ଶାଉଥିଲେ ମଧ୍ୟ ଏହାଦ୍ୱାରା ପ୍ରକୃତ ପକ୍ଷେ ବିତ୍ତୀୟ ଏବଂ ଅର୍ଥନୈତିକ ପ୍ରଭାବ ଅର୍ଥବ୍ୟବସ୍ଥା ଉପରେ କମ୍ ରହିବ। ପ୍ୟାକେଜରେ ପୂର୍ବରୁ ଘୋଷଣା ହୋଇଥିବା ପଦକ୍ଷେପ ଏବଂ ମୁଦ୍ରାନୀତିଗତ ପ୍ରୋତ୍ସାହନକୁ ସାମିଲ କରାଯାଇଛି। ଅତିରିକ୍ତ ପ୍ରୋତ୍ସାହନ ବ୍ୟବସ୍ଥା କଥା ବିଚାରକଲେ ଏହା ପ୍ରାୟ ଜିଡିପିର ୧% ହିଁ ହେବ ବୋଲି ଏହି ଏଜେନ୍ସି ଆକଳନରେ କହିଛି।

ଏହାବାଦ୍ ମୁଡିସ୍ ଇନ୍‌ଭେଷ୍ଟର୍ସ ସର୍ଭିସ ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ, ସରକାର ୨୦ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଅଧୀନରେ ଆର୍ଥିକ ଅନୁଷ୍ଠାନଗୁଡ଼ିକ ଲାଗି ଘୋଷଣା କରିଥିବା ପଦକ୍ଷେପ ସେମାନଙ୍କ ଆସେଟ ରିସ୍କ କ୍ଷେତ୍ରରେ କିଛି ସହାୟତା କରିପାରେ। ମାତ୍ର କରୋନା ଯୋଗୁ ଅର୍ଥବ୍ୟବସ୍ଥା ଉପରେ ରହିଥିବା ସଙ୍କଟ ଏବଂ ନକାରାତ୍ମକ ପ୍ରଭାବକୁ କମ୍ କରିବାରେ ସହାୟକ ହେବ ନାହିଁ। ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଚାହିଦାକୁ ଫେରାଇ ଆଣିବାରେ ପ୍ୟାକେଜ ବେଶି ଯୋଗଦାନ ରଖିବ ନାହିଁ। ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରାଗଲା ନାହିଁ ଯାହା ଅଭିବୃଦ୍ଧିକୁ ପଛକୁ ଟାଣିପାରେ। ଉକ୍ତ ଏଜେନ୍ସି ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ସରକାରଙ୍କ ୨୦ ଲକ୍ଷ କୋଟି ଟଙ୍କାର ଘୋଷଣା ମଧ୍ୟରୁ ଆର୍‌ବିଆଇର ପଦକ୍ଷେପ କେବଳ ୪%। ସଂସ୍କାର ପଦକ୍ଷେପରୁ ଅର୍ଥ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ବିତ୍ତୀୟ ପ୍ରଭାବ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ରହିବ ଯାହା ମୋଟ ଜିଡିପିର ୧% ବୋଲି ଏସ୍‌ବିଆଇ ରିସର୍ଚ୍ଚର ଗ୍ରୁପ୍ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟକାନ୍ତି ଘୋଷ ସୂଚନା ଦେଇଛନ୍ତି।

### ବିଭିନ୍ନ ଏଜେନ୍ସିଙ୍କ ଆକଳନ

| ଏଜେନ୍ସି | ଜିଡିପି ତୁଳନାରେ ଖର୍ଚ୍ଚ (%)ରେ |
|---|---|
| ଗୋଲ୍ଡ ମ୍ୟାନ ସ୍ୟାଚ୍ | ୧.୩% |
| ମୋତିଲାଲ ଓସ୍‌ୱାଲ | ୧.୩% |
| ଓବିଏସ୍ | ୧.୨% |
| ବିଓଏଫ୍ଏ | ୧.୧% |
| ଫିଚ୍ | ୧% |
| ଏଚ୍ଏସ୍‌ବିସି | ୧% |
| ଏସ୍‌ବିଆଇ | ୧% |
| ବର୍ନଷ୍ଟେଇନ | ୦.୯% |
| ଏଡେଲୱିସ | ୦.୮୪% |
| ସିଏଲ୍ଏସ୍ଏ | ୦.୮ |
| ନୋମୁରା | ୦.୮% |
| ବର୍କଲେସ୍ | ୦.୭୫% |

ଏପଟେ ଏହି ପ୍ରସଙ୍ଗ ଉପରେ ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସରକାରଙ୍କ ପଦକ୍ଷେପ ନେଇ ବିବୃତି ରଖିଛନ୍ତି। ସେ କହିଛନ୍ତି ଯେ, ବିଶ୍ୱର ବିଭିନ୍ନ ଦେଶ ସେମାନଙ୍କ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଗ୍ରହଣ କରାଯାଇଥିବା ସହଯୋଗ ପଦକ୍ଷେପକୁ ମଧ୍ୟ ପ୍ୟାକେଜରେ ସାମିଲ କରିଛନ୍ତି। ସେଭଳି ଢଙ୍ଗରେ ଭାରତ ମଧ୍ୟ ଏହାକୁ ପ୍ୟାକେଜରେ ସାମିଲ କରିଛି। ଏହା ଏକ ଗ୍ଲୋବାଲ ପ୍ରାକ୍ଟିସ। ଅପରପକ୍ଷରେ କ୍ୟାପିଟାଲ ମାର୍କେଟ କମ୍ପାନୀ ସିଏଲ୍ଏସ୍ଏ କହିଛି ଯେ, ୨୦.୯୭ ଲକ୍ଷ କୋଟି ଟଙ୍କାର ଚୂଡ଼ାନ୍ତ ପ୍ୟାକେଜ ମଧ୍ୟରୁ କେବଳ ୧.୭୭ ଲକ୍ଷ କୋଟି(୮.୪) ୨୦୨୧ର ବିତ୍ତୀୟ ନିଅଣ୍ଟକୁ ପ୍ରଭାବିତ କରିବ। ଏହା ମୋଟ ଜିଡିପିର ୦.୮%। ସେହିଭଳି ପ୍ୟାକେଜରେ ହୋଇଥିବା ନୂଆ ଘୋଷଣା ଏହାର ୪୨% ବା ମୋଟ ଜିଡିପିର ମାତ୍ର ୦.୩୪%। ବଳକା ୫୮% ପୁରୁଣା ପଦକ୍ଷେପକୁ ଏହା ମଧ୍ୟରେ ମିଶାଇ ଦିଆଯାଇଛି, ଯାହାକୁ ପୂର୍ବରୁ ମଧ୍ୟ ଘୋଷଣା କରାଯାଇଥିଲା। ସେହିଭଳି ୟୁବିଏସ୍ ସିକ୍ୟୁରିଟିଜ ଇଣ୍ଡିଆର ଅର୍ଥନୀତିଜ୍ଞ ତନ୍ୱୀ ଗୁପ୍ତା ଜୈନ କହିଛନ୍ତି, କ୍ରେଡିଟ ଗ୍ୟାରେଣ୍ଟି ଏବଂ ଲିକ୍ୟୁଡିଟି ସହାୟତା ମୋଟ ପ୍ୟାକେଜର ତିନିଚତୁର୍ଥାଂଶ ହେବ। ଏହା ମୁଦ୍ରାନୀତିଗତ ପଦକ୍ଷେପ ୧୫% ଏବଂ ବିତ୍ତୀୟ ପଦକ୍ଷେପ କେବଳ ୧୦% ରହିଛି। କୋଭିଡ୍-୧୯ ସହାୟତା ପ୍ୟାକେଜରେ ରାଜକୋଷକୁ ବହୁତ କମ୍ ପ୍ରଭାବ ଆଣିବ। କାରଣ ଅଧିକାଂଶ ସରକାରଙ୍କ ଖର୍ଚ୍ଚ ରହି ନ ଥିବାରୁ ଏହା କେବଳ ମୋଟ ଜିଡିପିର ୧.୨% ରହିବ।

# ଋଣ ଗ୍ୟାରେଣ୍ଟି ଯୋଜନାର ସଂଶୋଧନକୁ ମଞ୍ଜୁରୀ



ନୂଆଦିଲ୍ଲୀ,୨୦।୫: ଦେଶର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଗୁଡ଼ିକ ଲାଗି ସରକାର ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଋଣ ଯୋଗାଇ ଦେବେ। କେନ୍ଦ୍ର କ୍ୟାବିନେଟ ଏହି ଯୋଜନାକୁ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍ (ଇସିଏଲ୍‌ଜିଏସ୍) ଦ୍ୱାରା ୯.୨୫% ସୁଧହାରରେ ଏହି ଋଣ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ଯୋଗାଇ ଦିଆଯିବ। କରୋନା ପ୍ରଭାବ ଯୋଗୁ ଦେଶର ଏମ୍ଏସ୍ଏମ୍ଇ କ୍ଷତିଗ୍ରସ୍ତ ହୋଇଥିବାରୁ ଶିଳ୍ପଗୁଡ଼ିକୁ ସହାୟତା କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ୨୦ ଲକ୍ଷ କୋଟି ଟଙ୍କାର କୋଭିଡ୍-୧୯ ପ୍ୟାକେଜ ମଧ୍ୟରେ ଏହି ଯୋଜନା ପ୍ରମୁଖରେ ରହିଛି। ସେହିଭଳି ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପଗୁଡ଼ିକୁ ସଙ୍ଗଠିତ ରୂପ ପ୍ରଦାନ କରିବା ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହାବାଦ ପ୍ରଧାନମନ୍ତ୍ରୀ ବୟୋବନ୍ଧନ ଯୋଜନାର ମିଆଦ ବୃଦ୍ଧିକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ୨୦୨୦ ମାର୍ଚ୍ଚ ୩୧ ଯାଏ ରହିଥିବା ଏହି ଯୋଜନାକୁ ୩ ବର୍ଷ ବୃଦ୍ଧି କରାଯାଇ ୨୦୨୩ ମାର୍ଚ୍ଚ ୩୧ କରାଯାଇଥିବା ଜଣାପଡ଼ିଛି।

**୯.୨୫% ସୁଧହାରରେ ଋଣ ପାଇବେ ଏମ୍ଏସ୍ଏମ୍ଇ**

# ୧୫,୩୪୦ କୋଟିର ଜିଏସ୍‌ଟି କ୍ଷତିପୂରଣ



ନୂଆଦିଲ୍ଲୀ, ୨୦।୫: ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ୧୫,୩୪୦ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କ୍ଷତିପୂରଣ ପ୍ରଦାନ କରିଛନ୍ତି। ଲକ୍‌ଡାଉନ ଯୋଗୁ ଜିଏସ୍‌ଟି ରାଜସ୍ୱ ସଂଗ୍ରହ ଉନ୍ନତ ହୋଇ ନ ଥିବା ସତ୍ତ୍ୱେ ମଧ୍ୟ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଜାରି କରାଯାଇଛି ବୋଲି ସରକାର କହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୧.୨୦ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ ଏହି ବାବଦରେ ପ୍ରଦାନ କରିଛନ୍ତି। ସେହିଭଳି ୨୦୧୮-୧୯ରେ ୬୯,୨୭୫ କୋଟି ଏବଂ ୨୦୧୭-୧୮ରେ ୪୧,୧୪୬ କୋଟି ଟଙ୍କା ସରକାର ଏହି ବାବଦକୁ ପ୍ରଦାନ କରିଥିବା ଜଣାପଡ଼ିଛି।

## ଖେଳ ଖବର

### କୋଭିଡ୍ ଭ୍ୟାକ୍ସିନ୍ ପରେ ଅନ୍ତର୍ଜାତୀୟ ହକି

ଲାଉସାନେ, ୨୦।୫ (ପି.ଟି.): କରୋନା ଭାଇରସ୍ ମହାମାରୀରୁ ଆରୋଗ୍ୟ ଲାଭ କରିବା ଲାଗି ଭ୍ୟାକ୍ସିନ୍ ବାହାରିବା ପରେ ଯାଇ ଅନ୍ତର୍ଜାତୀୟ ହକି ଆରମ୍ଭ ହୋଇ ପାରେ ବୋଲି ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି (ଏଫ୍ଆଇଏଚ୍) ଘୋଷଣା କରିଛି। ବିଭିନ୍ନ ସ୍ତରରେ ଖେଳ ଆରମ୍ଭ କରିବା ଲାଗି ଖେଳର ଗଭର୍ଣ୍ଣିଂବଡି ୫ଟି ପର୍ଯ୍ୟାୟ ପ୍ରକ୍ରିୟା ସ୍ଥିର କରିଛି। ଏଫ୍ଆଇଏଚ୍ କହିଛନ୍ତି, ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ନେଇ ବିଶ୍ୱ ପ୍ରତିଯୋଗିତା କେବଳ ଅନ୍ତିମ ପର୍ଯ୍ୟାୟ ପ୍ରକ୍ରିୟା ପରେ ଆରମ୍ଭ ହୋଇପାରିବ ହେଲେ ଏଥିପାଇଁ ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ। ନେଦରଲାଣ୍ଡ ଓ ବେଲଜିୟମ ଇତିମଧ୍ୟରେ ସତର୍କତାର ସାମାଜିକ ଦୂରତ୍ୱ ବଜାୟ ରଖି ସେମାନଙ୍କ ଟ୍ରେନିଂ ଆରମ୍ଭ କରିଛନ୍ତି। ଏହାକୁ ପ୍ରଥମ ପର୍ଯ୍ୟାୟ କୁହାଯାଇପାରେ। ପରେ ଆଞ୍ଚଳିକ ପ୍ରତିଯୋଗିତା, ଦୁଇ ପଡୋଶୀ ଦେଶ ମଧ୍ୟରେ ମ୍ୟାଚ ଏବଂ ଟ୍ରାନ୍ସ-କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟ ଏବଂ ଶେଷରେ ଭ୍ୟାକ୍ସିନ୍ ବାହରିବା ଦରକାର। ତା'ପରେ ଯାଇ ସ୍ୱାଭାବିକ ପ୍ରତିଯୋଗିତା କଥା ବିଚାର କରାଯାଇପାରେ ବୋଲି ଏଫ୍ଆଇଏଚ୍ କହିଛି। ଆୟୋଜକମାନଙ୍କୁ ହକି ୱାର୍କଫୋର୍ସ ଏବଂ ଖେଳପ୍ରେମୀଙ୍କ ସୁରକ୍ଷା ପାଇଁ ଆୟୋଜକ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ।

### ସେପ୍ଟେମ୍ବର-ନଭେମ୍ବରରେ ହୋଇପାରେ ଆଇପିଏଲ୍

ନୂଆଦିଲ୍ଲୀ,୨୦।୫: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେପ୍ଟେମ୍ବର-ନଭେମ୍ବରରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ କରିବା ଲାଗି ବିଚାର କରୁଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରକୃତରେ ଏହି ଟି୨୦ ଟୁର୍ନାମେଣ୍ଟ ଚଳିତବର୍ଷ ମାର୍ଚ୍ଚ ୨୯ରୁ ହୋଇଥାନ୍ତା। କିନ୍ତୁ କରୋନାଭାଇରସ୍‌ର ଯୋଗୁ ବିସିସିଆଇ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସସ୍‌ପେଣ୍ଡ କରିଛି। ଯଦି ଏହି ଟୁର୍ନାମେଣ୍ଟକୁ ବାତିଲ କରାଯାଏ ତେବେ ବିସିସିଆଇ ବିପୁଳ କ୍ଷତି ସହିବ। ଦେଶରେ କରୋନା ସଂକ୍ରମଣ ହ୍ରାସ ପାଇଲେ ଆଇପିଏଲ୍‌କୁ ସେପ୍ଟେମ୍ବର ୨୫ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଆୟୋଜନ କରିବା ଲାଗି ଭାରତୀୟ କ୍ରିକେଟ ବୋର୍ଡ ସରକାରଙ୍କୁ ପ୍ରସ୍ତାବ ଦେଇପାରେ।

# ବେଙ୍ଗାଲୁରୁ ସ୍ଥାନାନ୍ତର ହେବେନି ଖେଳାଳି

ନୂଆଦିଲ୍ଲୀ,୨୦।୫ (ପି.ଟି.)




ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଜଣେ କରୋନା ଭାଇରସ୍ ପଜିଟିଭ୍‌ସମ୍ପନ୍ନ କର୍ମଚାରୀ ତଥା ରୋଷେୟା ମୃତ୍ୟୁବରଣ କରିଛନ୍ତି। ତେବେ ଏହା ସତ୍ତ୍ୱେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଚଳାଇଥିବା ଭାରତୀୟ ପୁରୁଷ ଓ ମହିଳା ଦଳର ଖେଳାଳିମାନଙ୍କୁ ସ୍ଥାନାନ୍ତର କରାଯିବ ନାହିଁ ବୋଲି ହକି ଇଣ୍ଡିଆ ତରଫରୁ ସ୍ପଷ୍ଟ କରାଯାଇଛି। କରୋନା ପଜିଟିଭ୍ ଥିବା ସମ୍ପୃକ୍ତ ରୋଷେୟାଙ୍କ ସହ ଖେଳାଳିମାନଙ୍କ ମଧ୍ୟ କୌଣସି ସମ୍ପର୍କ ନାହିଁ ଓ ସେମାନେ କୌଣସି ପ୍ରକାର ଏହି ବ୍ୟକ୍ତିଙ୍କ ସହ ସମ୍ପର୍କରେ ଆସିନାହାନ୍ତି ବୋଲି ହକି ଇଣ୍ଡିଆ କହିଛି।

ରୋଷେୟା ଜଣକ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ତେବେ ସେ କରୋନା ପଜିଟିଭ୍ ଥିବା ପରେ ଜଣାପଡିଥିଲା ବୋଲି ସାଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କିନ୍ତୁ ଏଥିରେ ଭୟଭୀତ ହେବାର କିଛି କାରଣ ନାହିଁ। କାରଣ ଖେଳାଳି ରହୁଥିବା ସ୍ଥାନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଯିବା ଆସିବା ନ ଥିଲା ବୋଲି ସେ କହିଛନ୍ତି। ତେଣୁ ଏଠାରୁ ଖେଳାଳି ସ୍ଥାନାନ୍ତର ହେବାର ପ୍ରଶ୍ନ ଉଠୁନାହିଁ। ଭିତ୍ତିଭୂମି ଓ ସୁବିଧା ସୁଯୋଗ ଦୃଷ୍ଟିକୋଣରୁ ଦେଶରେ ବେଙ୍ଗାଲୁରୁ ସବୁଠାରୁ ଶ୍ରେଷ୍ଠ ସ୍ଥାନ ବୋଲି ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ କହିଛନ୍ତି। ଅନ୍ୟପଟେ ସାରା ଦେଶରେ ଲକ୍‌ଡାଉନ ଜାରି ରହିଥିବାରୁ ଖେଳାଳିଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ବ୍ୟବହାରିକ ଭାବେ ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ମାର୍ଚ୍ଚ ୧୦ ତାରିଖ ପରଠାରୁ ରୋଷେୟା ଜଣକ ଗେଟ ଏରିଆକୁ କେବେ ବି ଯାଇ ନାହାନ୍ତି। ବୟସାଧିକ୍ୟ ହେତୁ ତାଙ୍କୁ ମାର୍ଚ୍ଚ ୧୦ ତାରିଖଠାରୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସେ ହୃଦ୍‌ଘାତ୍‌ରେ ପ୍ରାଣ ହରାଇଥିଲେ ବୋଲି ସାଇର ଅଧିକାରୀ ଜଣକ କହିଛନ୍ତି। ରୋଷେୟା ଜଣକ ତାଙ୍କର ଜଣେ ସମ୍ପର୍କୀୟଙ୍କ ପିଲା ଜନ୍ମ ହେବାର ସମ୍ଭାବନା ଥିବା ଯୋଗୁ ହସ୍ପିଟାଲ ଯାଇଥିଲେ ଓ ହୃଦ୍‌ଘାତ୍ କାରଣରୁ ପ୍ରାଣ ହରାଇଥିଲେ। ନିୟମ ଅନୁସାରେ ତାଙ୍କର କୋଭିଡ୍-୧୯ ପରୀକ୍ଷା ହୋଇଥିଲା ଓ ସେ ପଜିଟିଭ୍ ବୋଲି ଜଣାପଡିଥିଲା।

ସାଇ କ୍ୟାମ୍ପସ୍ ଗେଟ ଏରିଆ, ସେକ୍ଟର-ଏ ଓ ସେକ୍ଟର ବି'ରେ ବିଭକ୍ତ। ଖେଳାଳିମାନେ ସେକ୍ଟର ବି'ରେ ରହିଥାନ୍ତି। ଖେଳାଳିମାନେ ଗତ ଦୁଇମାସ ହେବ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି ବୋଲି ସେ କହିଛନ୍ତି। ରୋଷେୟାଜଣକ ୬୫ ଦିନ ହେବ କ୍ୟାମ୍ପସ ବାହାରେ ରହୁଛନ୍ତି। ମାର୍ଚ୍ଚ ୧୫ରେ ସେ କ୍ୟାମ୍ପସ ଆସିଥିଲେ। ତେବେ ସେ ଗେଟ ଏରିଆରେ ରହିଥିଲେ। ଏହା ସତ୍ତ୍ୱେ ସମ୍ପୃକ୍ତ ରୋଷେୟାଙ୍କ ସହ ସମ୍ପର୍କରେ ଆସିଥିବା ସମ୍ଭାବନାକୁ ଦୃଷ୍ଟିରେ ରଖି ୪-୫ ଜଣ ଲୋକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି ବୋଲି ଅଧିକାରୀ ଜଣକ କହିଛନ୍ତି।

# ମାଇକେଲ ହୋଲ୍‌ଡିଂଙ୍କ ଅଭିଯୋଗ

ଲଣ୍ଡନ, ୨୦।୫ (ପି.ଟି.)



ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦାନ ଆକାରରେ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ (ସିଡବ୍ଲ୍ୟୁଆଇ)କୁ ଦେଇଥିବା ଅଧା ନିୟୁତ ଡଲାରର ଠିକଣା ଉପଯୋଗ କରିନାହିଁ। ଏହି ଅଭିଯୋଗ କରିଛନ୍ତି ଦେଶର ମହାନ୍ ଫାଷ୍ଟ ବୋଲର ମାଇକେଲ ହୋଲ୍‌ଡିଂ। ଏକ ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ୟାନେଲ କେର୍ ଫୋଷ୍ଟର (ପିକେଏଫ୍)ର ଅଡିଟ୍ ରିପୋର୍ଟକୁ ସେ ଉପସ୍ଥାପନ କରିଥିଲେ। କ୍ୟାରିବିୟନରେ କ୍ରିକେଟ ପରିଚାଳନାରେ ଅନେକ ତ୍ରୁଟି ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ୨୦୧୩-୧୪ରେ ବିସିସିଆଇ ଅଧା ନିୟୁତ ଆମେରିକୀୟ ଡଲାର ଦାନ କରିଥିଲା। ଏହି ଅର୍ଥକୁ ବିଶେଷ କରି ପୂର୍ବତନ ଖେଳାଳିମାନଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ଲାଗି କହିଥିଲା। ମାତ୍ର ତାହା କରାଯାଇ ନାହିଁ। ମୁଁ ଜଣେ ପୂର୍ବତନ ଖେଳାଳି, ଦାନ ଅର୍ଥରୁ ମୋତେ କିଛି ମିଳୁ ବୋଲି ମୁଁ ଦାବି କରୁନାହିଁ। କିନ୍ତୁ ବହୁ ପୂର୍ବତନ ଖେଳାଳି ଅଛନ୍ତି, ଯେଉଁମାନେ ଏ ବିଷୟରେ କିଛି ଜାଣନ୍ତି ନାହିଁ ଅବା ଟଙ୍କାଟିଏ ହେଲେ ପାଇ ନାହାନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡଠାରୁ ମିଳିଥିବା ଏହି ଅର୍ଥକୁ କେଉଁ ବାଟେ ଖର୍ଚ୍ଚ କରାଯାଇଛି ସେ ସମ୍ପର୍କରେ ମୁଁ ଖୁବ୍‌ଶୀଘ୍ର ଜଣାଇବି ବୋଲି କହିଛନ୍ତି ୬୬ ବର୍ଷୀୟ ହୋଲ୍‌ଡିଂ। ସିଡବ୍ଲ୍ୟୁଆଇ ଅଡିଟ୍ ରିପୋର୍ଟକୁ କାହିଁକି ସାଧାରଣରେ ପ୍ରକାଶ କଲା ନାହିଁ ସେ ନେଇ ପ୍ରଶ୍ନ ଉଠାଇଥିଲେ। ରିପୋର୍ଟରେ ଯାହା ଉଲ୍ଲେଖ କରାଯାଇଛି, ଯଦି ଅଧିକ ପ୍ରକାଶ କରିବି ତେବେ ମୁଁ ନିଜେ ଉତ୍ତେଜିତ ହୋଇପଡ଼ିବି।

# କେରଳ ବ୍ଲାଷ୍ଟର୍ସ ଛାଡ଼ିଲେ ଝିଙ୍ଗାନ୍



କୋଚି, ୨୦।୫ (ପି.ଟି.): ଜାତୀୟ ଫୁଟ୍‌ବଲ ଟିମ୍ ଡିଫେଣ୍ଡର ସନ୍ଦେଶ ଝିଙ୍ଗାନ ବୁଧବାର କେରଳ ବ୍ଲାଷ୍ଟର୍ସ ଦଳ ଛାଡ଼ିଛନ୍ତି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଏହି ଦଳ ସହିତ ସେ ୬ବର୍ଷ ଧରି ସଂଶ୍ଳିଷ୍ଟ ଥିଲେ। ୨୦୧୫ରେ ପଦାର୍ପଣ ପରଠାରୁ ଝିଙ୍ଗାନ ଭାରତ ତରଫରୁ ୩୬ଟି ମ୍ୟାଚ ଖେଳି ସାରିଲେଣି। ଆସନ୍ତା ଆଇଏସ୍ଏଲ୍ ସିଜନ ପୂର୍ବରୁ କ୍ଲବ ସହିତ ଆପୋସ ବୁଝାମଣାରେ ସେ ଅଲଗା ହୋଇଛନ୍ତି। ୨୦୧୪ରୁ ଝିଙ୍ଗାନ୍ ବ୍ଲାଷ୍ଟର୍ସ ଦଳର ଡିଫେନ୍ସ ପୋଜିଶନରେ ଖେଳି ଆସୁଛନ୍ତି। ତାଙ୍କର ପ୍ରଭାବୀ ପ୍ରଦର୍ଶନକୁ ପାଥେୟ କରି ବ୍ଲାଷ୍ଟର୍ସ ଦୁଇଥର ଆଇଏସ୍ଏଲ୍ (୨୦୧୪ ଓ ୨୦୧୬) ଫାଇନାଲରେ ପ୍ରବେଶ କରି ପାରିଛି। ଚଣ୍ଡିଗଡ଼ରେ ଜନ୍ମିତ ୨୬ ବର୍ଷୀୟ ଝିଙ୍ଗାନ୍ ବ୍ଲାଷ୍ଟର୍ସ ଦଳର ସମର୍ଥକଙ୍କ ଜଣେ ଲୋକପ୍ରିୟ ଖେଳାଳି। କ୍ଲବ ତରଫରୁ ସେ ୭୬ ମ୍ୟାଚ୍ ଖେଳିଛନ୍ତି। ଇଞ୍ଜୁରି ଯୋଗୁ କିନ୍ତୁ ସେ ୨୦୧୯-୨୦ ସିଜନରେ ସେ ଖେଳି ପାରି ନ ଥିଲେ। ଆଇଏସଏଲର ୧୦ଟି ଦଳ ମଧ୍ୟରେ ବ୍ଲାଷ୍ଟର୍ସ ୭ମ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ଆସନ୍ତା ସିଜନ ପାଇଁ କେରଳ ବ୍ଲାଷ୍ଟର୍ସ ମୋହନ ବାଗାନକୁ ଆଇ-ଲିଗ୍ ବିଜୟୀ କରିଥିବା କୋଚ୍ କିବୁ ଭିକୁନାଙ୍କୁ ନିଯୁକ୍ତି ଦେଇଛି।

### ପ୍ରଣବ, ଶିବନାଥଙ୍କ ନାମ ସୁପାରିସ

କୋଲକାତା, ୨୦।୫ (ପି.ଟି.): ସମ୍ମାନଜନକ ଅର୍ଜୁନ ପୁରସ୍କାର ପାଇଁ ବ୍ରିଜ୍ ଫେଡେରେଶନ ଅଫ୍ ଇଣ୍ଡିଆ ଏସିଆନ ଗେମ୍ସର ଦୁଇ ସ୍ୱର୍ଣ୍ଣ ବିଜେତା ଶିବନାଥ ସରକାର ଓ ପ୍ରଣବ ବର୍ଦ୍ଧନଙ୍କ ନାମ ସୁପାରିସ କରିଛି। ଜାକର୍ତ୍ତା ଏସିଆନ ଗେମ୍ସ ବ୍ରିଜ୍ ଇଭେଣ୍ଟରେ ବର୍ଦ୍ଧନ ଓ ସରକାର ଯୋଡ଼ି ସ୍ୱର୍ଣ୍ଣ ଜିତିଥିଲେ। ବର୍ଦ୍ଧନଙ୍କ ବିଶେଷତ୍ୱ ହେଲା ସେ ଭାରତର ବୁଢ଼ାରୁ ବୟସ୍କ ଏସିଆଡ୍ ଚାମ୍ପିୟନ। ଗତବର୍ଷ ଭୁଲ୍ ବଶତଃ ଆମ ଦୁଇଜଣଙ୍କ ନାମ ସୁପାରିସ ହୋଇ ପାରି ନ ଥିଲା। ଚଳିତବର୍ଷ ବ୍ରିଜ୍ ଫେଡେରେଶନ ଅଫ୍ ଇଣ୍ଡିଆ ଏହି ଦୁଇଜଣଙ୍କ ନିକଟକୁ ଏକ ଫର୍ମ ପଠାଇଥିଲା ଏବଂ ଦୁଇ ଦିନମଧ୍ୟରେ ପୂରଣ କରି ଦାଖଲ କରିବା ଲାଗି କହିଥିଲା।

# ଜୁନ୍‌ରୁ ଆରମ୍ଭ ହୋଇପାରେ କ୍ରିକେଟ

ନୂଆଦିଲ୍ଲୀ,୨୦।୫




କୋଭିଡ୍-୧୯ ସଂକ୍ରମଣ କାରଣରୁ ଗତ ଦୁଇମାସ ହେବ ସାରା ବିଶ୍ୱ ତଥା ଦେଶରେ କ୍ରିକେଟ ପୂରା ଠପ୍ ହୋଇଛି। ବର୍ତ୍ତମାନ ଏକ ଖୁସି ଖବର ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦେଶରେ ଆସନ୍ତାମାସରୁ କ୍ରିକେଟ ଆରମ୍ଭ କରିପାରେ। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ କ୍ରିକେଟ ଆରମ୍ଭ ହେବାର ସମ୍ଭାବନା ରହିଛି। ଗତ ଦୁଇଦିନ ହେବ ବୋର୍ଡ ଅଧିକାରୀ ଓ ମ୍ୟାନେଜର ଏ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି। ଫଳରେ ଜୁନ୍‌ରୁ କ୍ରିକେଟ ଖେଳିବା ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଶା କରାଯାଉଛି।

ବୋର୍ଡ ମଧ୍ୟ କେନ୍ଦ୍ର ସରକାର ସହିତ ଏ ନେଇ ଆଲୋଚନା କରୁଛି। ସବୁ ପ୍ରକାର ପ୍ରୟାସ ଆରମ୍ଭ କରାଯାଉଥିଲେ ମଧ୍ୟ ଭାରତକୁ ନେଇ ଅନ୍ତର୍ଜାତୀୟ କ୍ରିକେଟ କେବେ ଆରମ୍ଭ ହେବ ସେ ନେଇ କିଛି ଗ୍ୟାରେଣ୍ଟି ଦେଇ ହେବନାହିଁ ବୋଲି କୁହାଯାଇଛି। କରୋନା ଭାଇରସ ସଂକ୍ରମଣ ପାଇଁ ଭାରତରେ ଗତ ମାର୍ଚ୍ଚ ମାସ ମଧ୍ୟ ଭାଗରୁ କ୍ରିକେଟ ବନ୍ଦ ରହିଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ ମଧ୍ୟ ଏହି କାରଣରୁ ଅଧାରୁ ବନ୍ଦ ରହିଥିଲା। ଏହାପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା।

ଏବେ ଆଇପିଏଲ୍ ଆୟୋଜନ ନେଇ ବିସିସିଆଇ ଚିନ୍ତା କରିବା ଆରମ୍ଭ କରିଛି। ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ଲିଗ୍ ପାଇଁ ବୋର୍ଡ ୱିଣ୍ଡୋ ଖୋଜିବା ଆରମ୍ଭ କରିଛି। ପାଖାପାଖି ୪, ୦୦୦ କୋଟି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିସିସିଆଇ ଇତିମଧ୍ୟରେ ପ୍ରସାରଣକାରୀ ସଂସ୍ଥା ଓ ପ୍ରାୟୋଜକଙ୍କଠାରୁ ୨,୦୦୦ କୋଟି ଟଙ୍କା ନେଇ ସାରିଛି। ଏପରିସ୍ଥିତିରେ ୮ଟି ଦଳକୁ ନେଇ ଆଇପିଏଲ ଆୟୋଜନ କରିବା ବୋର୍ଡ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସଦୃଶ ହୋଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ